ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଓଡ଼ିଆ ସ୍ନାତକୋତ୍ତର କାର୍ଯ୍ୟକ୍ରମ

ପାଠ୍ୟକ୍ରମ -୧୩
ତୁଳନାତ୍ମକ ସାହିତ୍ୟ

ବ୍ଲକ୍

## ୩ ସ୍ରଷ୍ଟା ଓ ସୃଷ୍ଟିର ତୁଳନା (ପଦ୍ୟ)

### ପ୍ରଥମ ଏକକ

(କ) ମଧୁସୂଦନ ରାଓ : କୁସୁମାଞ୍ଜଳି /
ରବୀନ୍ଦ୍ରନାଥ ଠାକୁର - ଗୀତାଞ୍ଜଳି (ବଙ୍ଗଳା)

### ଦ୍ୱିତୀୟ ଏକକ

(କ) କୁନ୍ତଳା କୁମାରୀ ସାବତ
(ଖ) ମହାଦେବୀ ବର୍ମା (ହିନ୍ଦୀ)

## ବିଶେଷଜ୍ଞ ପରିଷଦ

**ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ**
ଅଧ୍ୟକ୍ଷ
ପ୍ରତିଷ୍ଠାତା ନିର୍ଦ୍ଦେଶକ, କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ, ମହୀଶୁର ।

**ଡକ୍ଟର (ଶ୍ରୀମତୀ) ସଂଘମିତ୍ରା ମିଶ୍ର**
ସଦସ୍ୟ
ଅବସରପ୍ରାପ୍ତ ପ୍ରଫେସର, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର

**ଡକ୍ଟର ବିଜୟ କୁମାର ମହାନ୍ତି**
ସଦସ୍ୟ
ଅବସରପ୍ରାପ୍ତ ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର ।

**ଡକ୍ଟର ବସନ୍ତ କୁମାର ପଣ୍ଡା**
ସଦସ୍ୟ
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର ।

**ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ**
ସଦସ୍ୟ
ପରିଦର୍ଶୀ ପ୍ରଫେସର, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ ।

**ଡକ୍ଟର ଅନାଦି ଚରଣ ଗାଁଣ**
ସଦସ୍ୟ
ପ୍ରଫେସର ଓ ବିଭାଗ ମୁଖ୍ୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, କେନ୍ଦୁଝର କ୍ୟାମ୍ପସ, କେନ୍ଦୁଝର ।

**ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରା**
ସଦସ୍ୟ
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର ।

**ଡକ୍ଟର ଦିଲ୍ଲୀପ କୁମାର ନାୟକ**
ଆବାହକ
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା ।

ଲେଖକ : **ଡକ୍ଟର ଦିଲ୍ଲୀପ କୁମାର ସ୍ୱାଇଁ,**
ବିଭାଗୀୟ ମୁଖ୍ୟ, ସ୍ନାତକୋତ୍ତର ଓଡ଼ିଆ, ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ (ପ୍ରଥମ ଏକକ)

ଲେଖକ : **ଡକ୍ଟର ଜୟନ୍ତ କରଶର୍ମା,**
ବିଭାଗୀୟ ମୁଖ୍ୟ, ହିନ୍ଦୀ ବିଭାଗ, ସରକାରୀ ମହିଳା ସ୍ୱଂୟଶାସିତ ମହାବିଦ୍ୟାଳୟ, ସମ୍ବଲପୁର (ଦ୍ୱିତୀୟ ଏକକ)

**ଡ଼ି.ଟି.ପି : ରାଧାକାନ୍ତ ସୁନା,** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟଳୟ, ସମ୍ବଲପୁର ।

**ପ୍ରଚ୍ଛଦ ଓ ଅଳଙ୍କରଣ : ଲିପିନା ସାହୁ,** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟଳୟ, ସମ୍ବଲପୁର ।

## ପ୍ରକାଶକ

**ଡକ୍ଟର ମାନସ ରଞ୍ଜନ ପୂଜାରୀ**
କୁଳସଚିବ
*ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ*

© OSOU, 2020. **Tulanamtaka Sahitya** is made available under a Cre-ative Commons Attribution-ShareAlike 4.0http : creative commons.org/ licences/ by-sa/4.0

# ପ୍ରଥମ ଏକକ : ମଧୁସୂଦନ ରାଓ : କୁସୁମାଞ୍ଜଳି
# ରବୀନ୍ଦ୍ରନାଥ ଠାକୁର : ଗୀତାଞ୍ଜଳି (ବଙ୍ଗଳା)

**ବିଷୟ ଗଠନ :**

୧.୧ ପଠନର ଉଦ୍ଦେଶ୍ୟ
୧.୨ ଶିକ୍ଷଣୀୟ ବିଷୟ
୧.୩ ସ୍ରଷ୍ଟା ପରିଚୟ : ମଧୁସୂଦନ ରାଓ
୧.୪ 'କୁସୁମାଞ୍ଜଳି'ର ପୃଷ୍ଠଭୂମି
୧.୫ 'କୁସୁମାଞ୍ଜଳି'ର ପାଠ୍ୟ ବିଶ୍ଳେଷଣ
୧.୬ ସ୍ରଷ୍ଟା ପରିଚୟ : ରବୀନ୍ଦ୍ରନାଥ ଠାକୁର
୧.୭ 'ଗୀତାଞ୍ଜଳି'ର ପୃଷ୍ଠଭୂମି
୧.୮ 'ଗୀତାଞ୍ଜଳି'ର ପାଠ ବିଶ୍ଳେଷଣ
୧.୯ ମଧୁସୂଦନ ରାଓ ଓ ରବୀନ୍ଦ୍ରନାଥ ଠାକୁର
୧.୧୦ 'କୁସୁମାଞ୍ଜଳି' ଓ 'ଗୀତାଞ୍ଜଳି'
୧.୧୧ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୧.୧୨ ସହାୟକ ଗ୍ରନ୍ଥସୂଚୀ

## ୧.୧ ପଠନର ଉଦ୍ଦେଶ୍ୟ

ଆଧୁନିକ ଓଡ଼ିଆ ସାହିତ୍ୟରେ ମଧୁସୂଦନ ରାଓ ବଙ୍ଗଳା ସାହିତ୍ୟରେ ରବୀନ୍ଦ୍ରନାଥ ଠାକୁର ଦୁଇଜଣ ପ୍ରତିଷ୍ଠିତ ପ୍ରତିଭା। ଋଷିଭାବାପନ୍ନ ଏ ଦୁଇ କବିଙ୍କ ବିରଳ କୃତିତ୍ୱ ହେଉଛି କୁସୁମାଞ୍ଜଳି ଓ ଗୀତାଞ୍ଜଳି। ତୁଳନାତ୍ମକ ଅଧ୍ୟୟନ ମାଧ୍ୟମରେ ଉଭୟ ସୃଷ୍ଟିର ସାଫଲ୍ୟ ଓ ସଂପର୍କ ନିରୂପଣ କରିବା ଏହି ପଠନର ଉଦ୍ଦେଶ୍ୟ।

## ୧.୨ ଶିକ୍ଷଣୀୟ ବିଷୟ

ଏହି ଏକକରେ ବିଦ୍ୟାର୍ଥୀମାନେ ନିମ୍ନ ପ୍ରସଙ୍ଗଗୁଡ଼ିକ ଜାଣିପାରିବେ :

- ନବଜାଗରଣର ପୃଷ୍ଠଭୂମି ଓ ବ୍ରାହ୍ମଧର୍ମ
- ମଧୁସୂଦନଙ୍କ ଜୀବନ ଓ ସୃଜନ ଧାରା
- ଭାରତୀୟ ଉପନିଷେଦୀୟ ମୂଲ୍ୟବୋଧ
- ବଙ୍ଗଳା ସାହିତ୍ୟ ଓ ରବୀନ୍ଦ୍ରନାଥ
- ଗୀତାଞ୍ଜଳିର ଆଧାତ୍ମିକ ସ୍ୱରୂପ
- ଓଡ଼ିଆ ଓ ବଙ୍ଗଳା ସାହିତ୍ୟର ତୁଳନାତ୍ମକ ଚିତ୍ର

## ୧.୩ ସ୍ରଷ୍ଟା ପରିଚୟ : ମଧୁସୂଦନ ରାଓ

କବି ମଧୁସୂଦନ ରାଓ ଆଦିପର୍ବର ଆଧୁନିକ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଜଣେ ନବୀନ ଯୁଗର ବାର୍ତ୍ତାବହ । କବି ରାଧାନାଥ ରାୟ ଓ ଫକୀରମୋହନଙ୍କ ପରି ମଧୁସୂଦନ ନିଜର ଅପୂର୍ବ କାବ୍ୟ ଦକ୍ଷତା ଦ୍ୱାରା ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି । ଓଡ଼ିଆ ସାହିତ୍ୟକୁ ସେ ବହୁମତେ ଋଦ୍ଧିମନ୍ତ କରିନ୍ତି । ପାଠ୍ୟପୁସ୍ତକ ରଚନା, ମୌଳିକ ପ୍ରବନ୍ଧ ରଚନା, ଗଦ୍ୟ ରଚନା, ଶିଶୁ ସାହିତ୍ୟ, ଅନୁବାଦ କ୍ଷେତ୍ରରେ ନିଜର ଦକ୍ଷତା ପ୍ରଦର୍ଶନ କରିଛନ୍ତି । ରାଧାନାଥ ପାଶ୍ଚାତ୍ୟ ସାହିତ୍ୟକୁ ଅନୁସରଣ କରି ସେ ସମୟରେ କବିତା ରଚନା କରୁଥିବା ବେଳେ ମଧୁ ରାଓ ଭାରତୀୟ ବେଦାନ୍ତ ଦର୍ଶନକୁ ଆଧାର କରି କବିତା ରଚନା କରିଛନ୍ତି । ପାଶ୍ଚାତ୍ୟ ଶିକ୍ଷା, ସଂସ୍କୃତି ଓ ସାହିତ୍ୟର ଉନବିଂଶ ଶତାବ୍ଦୀର ଶେଷ ଦଶକରେ ଓଡ଼ିଶାକୁ ପ୍ରବେଶ ଘଟୁଥିବାରୁ ମଧୁ ରାଓଙ୍କ ଭାରତୀୟ ସଂସ୍କୃତି, ଆଧ୍ୟାତ୍ମିକ ତତ୍ତ୍ୱକୁ ନେଇ କବିତା ରଚନା କରିବା ଅତ୍ୟନ୍ତ ଶୁଭଙ୍କର ସାବ୍ୟସ୍ତ ହୋଇଛି ।

ମଧୁସୂଦନ ରାଓଙ୍କ ଜନ୍ମ ୧୮୫୩ ମସିହା ଜାନୁଆରି ୨୯ ତାରିଖ ବସନ୍ତ ପଞ୍ଚମୀ ଦିନ ପୁରୀଠାରେ ହୋଇଥିଲା । ପିତାଙ୍କ ନାମ ଭାଗୀରଥୀ ରାଓ ମାତାଙ୍କ ନାମ ଅମ୍ବିକା ବାଈ । ମଧୁସୂଦନଙ୍କ ପରିବାର ମରହଟ୍ଟା ଥିଲେ । ଇଂରେଜମାନେ ଓଡ଼ିଶା ଅଧିକାର କରିବା ପୂର୍ବରୁ ମରହଟ୍ଟାମାନେ ଓଡ଼ିଶାରେ ଶାସନ କରୁଥିଲେ । ଏହି ମରହଟ୍ଟାମାନଙ୍କ ମଧ୍ୟରୁ କେତେକ ପରିବାର ସ୍ଥାୟୀ ଭାବରେ ଓଡ଼ିଶାରେ ବାସ କରି ରହିଯାଇଥିଲେ । ମଧୁସୂଦନଙ୍କ ପରିବାର ସେଥିରୁ ଅନ୍ୟତମ । ମରାଠୀ ପରିବାରର ହୋଇଥିଲେ ମଧ୍ୟ ଭାଗୀରଥୀ ରାଓ ଓଡ଼ିଆ ମଣିଷ ପରି ଜୀବନଯାପନ କରୁଥିଲେ । ଜଣେ ଓଡ଼ିଆ ଭାବରେ ମଧୁସୂଦନଙ୍କ ଶୈଶବ କାଳ ଅତିବାହିତ ହେବାକୁ ଲାଗିଲା । ପାଞ୍ଚବର୍ଷ ବୟସରୁ ମଧୁ ରାଓଙ୍କ ମାତୃବିୟୋଗ ହୋଇଥିବା ବେଳେ ସେ ପିତାଙ୍କ ପ୍ରତ୍ୟକ୍ଷ ଯତ୍ନରେ ବଡ଼ ହେବାକୁ ଲାଗିଲେ । ମାତ୍ର ଏକାର ବର୍ଷ ବୟସରେ ପଦ୍ମାବାଈ ନାମକ ଏକ ଝିଅ ସହିତ ମଧୁସୂଦନଙ୍କର ବାଲ୍ୟବିବାହ ହୋଇଥିଲା । ସେ ଏସବୁ କଥା ଭୁଲି ଶିକ୍ଷାଗ୍ରହଣରେ ମନୋନିବେଶ କରିଥିଲେ । ଗୋପ ଚାଟଶାଳୀରୁ ତାଙ୍କର ବିଧିବଦ୍ଧ ବିଦ୍ୟା ଅଧ୍ୟୟନ ଆରମ୍ଭ ହୋଇଥିଲା । ଏହି ସମୟରେ ସ୍କୁଲ ପରିଦର୍ଶନ ପାଇଁ ଇନ୍‌ସପେକ୍ଟର ଉଡ୍ରୋ ସାହବ ଆସିଥିଲେ । ମଧୁସୂଦନଙ୍କ ବିଚକ୍ଷଣ ପ୍ରତିଭା ତାଙ୍କୁ ମୁଗ୍ଧ କରିଥିଲା । ଛାତ୍ରଟିର ଉଜ୍ଜଳ ଭବିଷ୍ୟତ ଲକ୍ଷ୍ୟ କରି ତାଙ୍କୁ ପୁରୀ ଜିଲ୍ଲା ସ୍କୁଲରେ ଅଧ୍ୟୟନ କରାଇବା ନେଇ ମଧୁସୂଦନଙ୍କ ପିତାଙ୍କୁ ପରାମର୍ଶ ଦେଲେ । ଉଡ୍ରୋ ସାହେବ ପରିଭ୍ରମଣ ସମୟର ମଧୁରାଓଙ୍କ ବାପାଙ୍କର ଅତିଥି ହୋଇଥିଲେ । ଦାରିଦ୍ର୍ୟ ହେତୁ ସଙ୍କୋଚ ପ୍ରକାଶ କରୁଥିବା ଭାଗୀରଥୀ ରାଓଙ୍କ ମନକଥା ଜାଣି ପାରି ଉଡ୍ରୋ ସାହେବ ବିନା ଅର୍ଥରେ ପୁରୀ ସ୍କୁଲରେ କିପରି ମଧୁରାଓ ପାଠ ପଢ଼ିବେ ତାର ବ୍ୟବସ୍ଥା କରିଦେଲେ । ପୁରୀସ୍କୁଲରେ ମଧୁ ରାଓଙ୍କ ଭାଗ୍ୟ ବଦଳିବାକୁ ଲାଗିଲା । ଏଇଠି ତାଙ୍କର ସାକ୍ଷାତ ହେଲା ବିଶିଷ୍ଟ କବି ରାଧାନାଥ ରାୟଙ୍କ ସହିତ । ରାଧାନାଥ ଥିଲେ ମଧୁସୂଦନଙ୍କ ଶିକ୍ଷକ । ରାଧାନାଥ-ମଧୁସୂଦନଙ୍କ ମିଳନ ଆଗାମୀ ସମୟ ପାଇଁ ଓଡ଼ିଆ ସାହିତ୍ୟର ଭାଗ୍ୟ ନିର୍ମାଣ କଲା । ମଧୁସୂଦନ ୧୮୭୧ ମସିହାରେ ଏଫ୍.ଏ ପାଶ କଲେ । ଛାତ୍ର ଜୀବନରେ ପ୍ରଥମ ହେବା ଓ ବୃତ୍ତି ପାଇବା ତାଙ୍କ ପାଇଁ ଏକ ନିୟମିତ କାର୍ଯ୍ୟ ଥିଲା । ସେ ଜଣେ ସଫଳ ମେଧାବୀ ଛାତ୍ରଥିଲେ ବୋଲି ଜଣାପଡ଼େ ।

ମଧୁସୂଦନଙ୍କର କର୍ମମୟ ଜୀବନ ଆରମ୍ଭ ହୋଇଥିଲା ଶିକ୍ଷକ ଭାବରେ ଓ ଶେଷରେ ହୋଇଥିଲା ଶିକ୍ଷା ବିଭାଗର ପ୍ରଶାସକ ରୂପରେ । ପୁରୀ ଜିଲ୍ଲା ସ୍କୁଲରେ ଶିକ୍ଷକତା କରି ମଧୁରାଓଙ୍କ ଶିକ୍ଷକ ଜୀବନ ଆରମ୍ଭ ହୋଇଥିଲା । ଯାଜପୁର ଓ ବାଲେଶ୍ୱରରେ ମଧୁ ରାଓ ଜଣେ ଆଦର୍ଶ ଶିକ୍ଷକ ଭାବରେ ସଫଳତାର ସହ କାର୍ଯ୍ୟ କରିଥିଲେ । ୧୮୮୦ ମସିହାରେ କଟକଠାରେ ଡେପୁଟି ଇନ୍‌ସପେକ୍ଟର ଅଫ୍ ସ୍କୁଲ ଭାବରେ ଅବସ୍ଥାପିତ ହୋଇ ମଧୁରାଓ ପ୍ରଶାସନିକ କାର୍ଯ୍ୟଧାରାକୁ ଆସିଥିଲେ । ଏହାପରେ ୧୮୯୧ ମସିହାରେ କଟକ କଲେଜିଏଟ୍ ସ୍କୁଲର ପ୍ରଧାନ ଶିକ୍ଷକ ଓ ୧୯୦୭ ମସିହାରେ ସ୍କୁଲ ଇନ୍‌ସିପେକ୍ଟର ଭାବରେ କାର୍ଯ୍ୟ କରିଥିଲେ । ୧୯୦୯ ମସିହାରେ ମଧୁରାଓ ସରକାରୀ ଚାକିରୀରୁ ଅବସର ଗ୍ରହଣ କରି ସାଧାରଣ ଜୀବନରେ ଜନସେବା, ସାହିତ୍ୟ ଓ ସଙ୍ଗଠନ କାର୍ଯ୍ୟରେ ନିଜକୁ ନିୟୋଜିତ କଲେ । ଜଣେ ଶିକ୍ଷକ ଥିବାରୁ ଓଡ଼ିଶାର ଶିକ୍ଷାର ସମସ୍ୟା ବିଷୟରେ ସେ ଭଲ ଭାବରେ ଅବଗତ ଥିଲେ । ଅବସରପରେ 'ଭିକ୍ଟୋରିଆ ହାଇସ୍କୁଲ' ଯାହା ମଧୁବାବୁଙ୍କର ପ୍ରତ୍ୟକ୍ଷ ପ୍ରେରଣାରେ ସୃଷ୍ଟି ହୋଇଥିଲା, ତାର ଉନ୍ନତି କଳ୍ପେ କାର୍ଯ୍ୟ କଲେ ।

କବି ମଧୁସୂଦନ ରାଓ ମୂଳତଃ ଜଣେ ଧର୍ମଭାବାପନ୍ନ ପୁରୁଷ । ପରମେଶ୍ୱରଙ୍କ ପାଖରେ ନିଜକୁ ସମର୍ପଣ କରିଦେବା ଓ ତାଙ୍କ ଅପାର କରୁଣାରେ ନିଜଜୀବନକୁ ମାଧୁର୍ଯ୍ୟ ମଣ୍ଡିତ କରିବା ତାଙ୍କ ଜୀବନ ଓ ସାହିତ୍ୟର ଆଦର୍ଶ । ବ୍ୟକ୍ତିଗତ ଜୀବନ ଓ ସାରସ୍ୱତ ଜୀବନରେ ଏପରି କ୍ୱଚିତ ମେଳକ କରିଲକ୍ଷିତ ହୋଇଥାଏ । ମଧୁସୂଦନଙ୍କ ପରିବାର ବିଭୂ ଆଶ୍ରିତ ଥିଲେ । ଘରେ ଧର୍ମ ଚର୍ଚ୍ଚାଠାରୁ ଆରମ୍ଭ କରି ସାଧୁସଙ୍ଗ କରିବା ତାଙ୍କ କରିବାର ବିଧି ଥିଲା । ମଧୁରାଓ ଶୈଶବରୁ ଏହି ସବୁ ଘଟଣା ସଂପର୍କରେ ଆସି ଈଶ୍ୱର ସମର୍ପିତ ହୋଇପାରିଥିଲେ । କବି ନନ୍ଦକିଶୋର ବଳ ନିଜର 'ରାୟ ମଧୁସୂଦନ ରାଓ ବାହାଦୂର' ପ୍ରବନ୍ଧରେ କହିଛନ୍ତି; "ଦିନେ ରାତ୍ରୀରେ ଯୁବକ ସ୍ୱପ୍ନ ଦେଖିଲେ – ଜ୍ୟୋସ୍ନା ବିଧୌତ ଆକାଶ ମଣ୍ଡଳ, ତଳେ ଉତ୍ତାଳ ତରଙ୍ଗମୟ ଗମ୍ଭୀର ଗର୍ଜନକାରୀ ଘୋର ସମୁଦ୍ର ତଟରେ ସେ ସମାସୀନ । ଦେଖୁଁ ଦେଖୁଁ ସ୍ଥାନଟି ଜନଶୂନ୍ୟ ହୋଇଗଲା । ଭୟ ଆସି ପ୍ରାଣକୁ ଗ୍ରାସ କଲା । ନିଃଶବ୍ଦ ନିଶୀଥ ସମୟରେ ନିର୍ଜନ ମରୁଭୂମି ତୁଲ୍ୟ ବେଳାଭୂମିରେ ଯୁବକ ଆତଙ୍କରେ ଡାକିଲେ, "ହେ ପ୍ରଭୋ ! ମୋତେ ରକ୍ଷାକର" । ଅଦୂରରେ ବିଭୂତି ଭୂଷିତ ଦଣ୍ଡମଣ୍ଡିତ ଦୀର୍ଘକାୟ ବିରାଟ ପୁରୁଷ ଉଭା ହୋଇ ହସ୍ତ ସଙ୍କେତରେ ଯୁବକଙ୍କୁ ଅନୁସରଣ କରିବାକୁ ଆଦେଶ ଦେଲେ । ଯୁବକ ନିର୍ଭୟରେ ଆଶ୍ୱାସ ପ୍ରାପ୍ତ ହୋଇ ଅଗ୍ରସର ହେଲେ । ଶେଷରେ ଦୀର୍ଘାକାର ପୁରୁଷ ବଡ଼ ଦେଉଳରେ ମିଶି ଏକାକାର ହୋଇଗଲେ ।" ଯୁବାକାଳରେ ଏପରି ସ୍ୱପ୍ନଦେଖୁଥିବା ମଧୁରାଓ ଜାଣିପାରିଥିଲେ ଯେ, ସେ ପରମ ପୁରୁଷଙ୍କ ସହ ସଂଯୋଜିତ ହୋଇଯାଇଛନ୍ତି । ଏହି ପରମଙ୍କ ନିର୍ଦ୍ଦେଶରେ ହିଁ ସମଗ୍ର ସଂସାର ଆତଯାତ ହୋଇଛି । ତାଙ୍କରି ପାଦପଦ୍ମରେ ନିଜକୁ ସମର୍ପଣ କରି ଜୀବନରେ ଶୁଷ୍କତା ଅବଲମ୍ବନ କରିବା ସହିତ ପବିତ୍ର କାର୍ଯ୍ୟ କରିଯିବା ଉଚିତ ବୋଲି ଯୁବକ ମଧୁସୂଦନ ବିଚାର କରୁଥିଲେ । ହିନ୍ଦୁ ଧର୍ମର ପୁତ୍ତଳିକାବାଦ ଓ କୁସଂସ୍କାର ପ୍ରତି ସେ ସଚେତନ ଥିଲେ । ମିଶନାରୀଙ୍କ ଖ୍ରୀଷ୍ଟଧର୍ମ ପ୍ରଚାର ଓ ହିନ୍ଦୁଧର୍ମର କୁସଂସ୍କାର ତାଙ୍କୁ ସମାନ ଭାବରେ ପୀଡ଼ା ହେଉଥିଲା । ଏଥିପାଇଁ ବଙ୍ଗଳାରୁ ସୃଷ୍ଟ ବ୍ରାହ୍ମଧର୍ମ ପ୍ରତି ସେ ଆକୃଷ୍ଟ ହୋଇ ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ । ହିନ୍ଦୁ ଧର୍ମରେ ସଂସ୍କାର ଆଣିବା ପାଇଁ ଯେଉଁ ଧର୍ମ ଆନ୍ଦୋଳନ ବଙ୍ଗଳାରୁ ଆରମ୍ଭ ହୋଇଥିଲା ଓଡ଼ିଶାରେ ତାର ପ୍ରଚାର ଓ ପ୍ରସାର ପାଇଁ ମଧୁରାଓ ନେତୃତ୍ୱ ନେଇଥିଲେ ।

ରାଜା ରାମମୋହନ ରାୟ ୧୮୩୦ ମସିହାରେ 'ବ୍ରହ୍ମସମାଜ' ପ୍ରତିଷ୍ଠା କରି ହୁନ୍ଦୁଧର୍ମକୁ କୁସଂସ୍କାର ମୁକ୍ତ କରିବା ସହିତ ଖ୍ରୀଷ୍ଟିୟାନଧର୍ମର ପ୍ରସାର ରୋକିବା ପାଇଁ ପ୍ରୟାସ କରିଥିଲେ। ରାମମୋହନଙ୍କ ବ୍ରହ୍ମସମାଜ ପରବର୍ତ୍ତୀ ସମୟରେ ଦେବେନ୍ଦ୍ରନାଥ ଠାକୁରଙ୍କ ଦ୍ୱାରା 'ଆଦିବ୍ରାହ୍ମ ସମାଜ' ଓ କେଶବଚନ୍ଦ୍ର ସେନଙ୍କ ଦ୍ୱାରା 'ଭାରତବର୍ଷୀୟ ବ୍ରାହ୍ମ ସମାଜ' ନାମରେ ଦୁଇ ଭାଗରେ ବିଭକ୍ତ ହୋଇଗଲା। ଆଦିବ୍ରାହ୍ମ ସମାଜ ଭାରତୀୟ ବେଦାନ୍ତ ଦର୍ଶନ ଓ ଉପନିଷେଦୀୟ ଆଦର୍ଶ ଉପରେ ପ୍ରତିଷ୍ଠିତ ହେଲା ବେଳେ 'ଭାରତବର୍ଷୀୟ ବ୍ରାହ୍ମସମାଜ' ଖ୍ରୀଷ୍ଟ, ଇସ୍‌ଲାମ, ବୌଦ୍ଧ, ଜୈନ ଇତ୍ୟାଦି ସବୁ ଧର୍ମର ସାରତତ୍ତ୍ୱକୁ ନେଇ ଏକ ସଂସ୍କାରଶୀଳ ଆଭିମୁଖ୍ୟକୁ ଗ୍ରହଣ କଲା। 'ଭାରତବର୍ଷୀୟ ବ୍ରାହ୍ମ ସମାଜ'ର ସାମାଜିକ ସଂସ୍କାର ଆଭିମୁଖ୍ୟ ଯୋଗୁ ଏହା ଅଧିକ ଗ୍ରହଣୀୟ ହେଲା। ମଧୁରାଓ ଏହି ଶାଖାସହ ଯୋଡ଼ି ହେଲେ। 'ଭାରତବର୍ଷୀୟ ବ୍ରାହ୍ମ ସମାଜ' ୧୧.୦୧.୧୮୬୬ ମସିହାରେ ପ୍ରତିଷ୍ଠା ହୋଇଥିଲେ ମଧ୍ୟ ୧୮୭୦ ମସିହାରେ ଓଡ଼ିଶାରେ ଏହା ପ୍ରତିଷ୍ଠା ପାଇଲା। ୧୮୭୦ ମସିହାରେ ମଧୁସୂଦନ ରାଓ ଓ ପ୍ୟାରୀମୋହନ ଆଚାର୍ଯ୍ୟ ବ୍ରାହ୍ମ ଧର୍ମ ଗ୍ରହଣ କରିଥିଲେ। ମଧୁସୂଦନ 'ଉତ୍କଳ ବ୍ରାହ୍ମ ସମାଜ'ର ସଂପାଦକ ରୂପେ କାର୍ଯ୍ୟ କଲେ। ଓଡ଼ିଶାର ବୁଦ୍ଧିଜୀବି ଓ ଶିକ୍ଷିତମାନଙ୍କୁ ଏହି ଧର୍ମକୁ ଆକୃଷ୍ଟ କରାଇ ମଧୁରାଓ ଓଡ଼ିଶାରେ ଧର୍ମୀୟ ନବଜାଗରଣ ନେତୃତ୍ୱ ନେଲେ। ରାମମୋହନ ରାୟ ଓ କେଶବ ଚନ୍ଦ୍ର ସେନଙ୍କ ପରି ମଧୁରାଓ ଓଡ଼ିଶାରେ କୁସଂସ୍କାର ବିରୁଦ୍ଧରେ କାର୍ଯ୍ୟ କରିଛନ୍ତି। ସେ 'ଧର୍ମବୋଧିନୀ' 'ବ୍ରାହ୍ମ' 'ନବ ସଂବାଦ' ଆଦି ପତ୍ରିକାର ସଂପାଦନା କରି ବ୍ରାହ୍ମଧର୍ମର ଆଦର୍ଶ ଓ ଆଭିମୁଖ୍ୟକୁ ପ୍ରଚାର କରିଛନ୍ତି। ଦୁର୍ଭିକ୍ଷ ପୀଡିତ ଓଡ଼ିଶାରେ ମିଶନାରୀମାନେ କାୟାବିସ୍ତାର କରୁଥିବା ବେଳେ ବ୍ରାହ୍ମଧର୍ମ ସେମାନଙ୍କର ପଥରୋଧ କରିଛି। ଛତରଖିଆ ସାଧାରଣ ମଣିଷଙ୍କୁ ବ୍ରାହ୍ମଣମାନେ ଶୋଷଣ କରି ମନ୍ଦିର ପ୍ରବେଶ ନିଷେଧ କରୁଥିବା ବେଳେ ବ୍ରାହ୍ମଧର୍ମ ପୁତ୍ତଳିକାବାଦ ଓ ପୁରୋହିତବାଦ ବିରୋଧରେ ସ୍ୱର ଉତ୍ତୋଳନ କରିଛି। ଓଡ଼ିଶାର ପୁର୍ନନିର୍ମାଣ ପର୍ବ (୧୮୫୦-୧୯୦୦)ରେ ମଧୁରାଓ ଧର୍ମଭିତ୍ତିକ ନାବଜାଗରଣର ନେତୃତ୍ୱ ନେଇଛନ୍ତି। ଜାତିପ୍ରଥା, ବିଧବା ବିବାହ, ଧର୍ମାନ୍ଧତା, ଘୃଣା, ହିଂସା ଓ ଅସହିଷ୍ଣୁତା ପ୍ରତି ସଚେତନତା ସୃଷ୍ଟି କରିଛନ୍ତି। ନଅଙ୍କ ଦୁଃର୍ଭିକ୍ଷ ବିପର୍ଯ୍ୟସ୍ତ ଓଡ଼ିଶା ପାଇଁ ଏକ ବିକଳ୍ପ ଜୀବନ ମାର୍ଗ ମଧୁରାଓ ନିର୍ମାଣ କରିଛନ୍ତି। ତାଙ୍କର ବ୍ରାହ୍ମଧର୍ମ ଦୀକ୍ଷା ମଣିଷ ପାଇଁ ଅମୃତର ଉପମା ସୃଷ୍ଟିକରେ। 'କୁସୁମାଞ୍ଜଳି'ର ଅନେକ କବିତାରେ ଏହାର ସୂଚନା ରହିଛି।

"ଜଣାଅ ମାନବ ସନ୍ତାନେ
ଉଚ୍ଚକୂଳ ତାହାର
ସେ ଯେ ବ୍ରହ୍ମସୁତ ଏ ବାର୍ତ୍ତା
କର ଭବେ ବିସ୍ତାର।"
କବି ଅନ୍ୟତ୍ର କହିଛନ୍ତି,
"ଯେ ଜନ ଧର୍ମ ଆଚରଇ
ଧନ୍ୟ ଧନ୍ୟ ସେ ପାପଜୟୀ
ଧନ୍ୟ ବିଧାନ ବିଧାତାର
ତା ପାଦେ କୋଟି ନମସ୍କାର।"

ଏହା ହିଁ କବିଙ୍କ ଜୀବନର ଓ କବିତାର ଆଦର୍ଶ। ମଧୁସୂଦନଙ୍କ 'ଶିକ୍ଷକ ବ୍ୟକ୍ତିତ୍ୱ ବ୍ରାହ୍ମ ବ୍ୟକ୍ତିତ୍ୱ' ହିଁ ତାଙ୍କ କାବ୍ୟ ବ୍ୟକ୍ତିତ୍ୱ। ଓଡ଼ିଆ ସାହିତ୍ୟ ନବଜାଗରଣରେ ମଧୁରାଓଙ୍କ ଆଧ୍ୟାତ୍ମିକ ଜାଗରଣ ଭୂମିକା ସର୍ବଦା ସ୍ମରଣୀୟ।

ମଧୁସୂଦନ ରାଓଙ୍କ ସାହିତ୍ୟ ସାଧନା ଖୁବ ଉଚ୍ଚକୋଟୀର। ସାହିତ୍ୟର ବିଭିନ୍ନ ବିଭାଗରେ ସେ ଲେଖନି ଚାଳନା କରି ଅମର ସାହିତ୍ୟ ସୃଷ୍ଟି କରିଯାଇଛନ୍ତି। ପାଠ୍ୟପୁସ୍ତକ ରଚନା ଓ ଶିଶୁ ସାହିତ୍ୟ ସୃଷ୍ଟିରୁ 'ପ୍ରବନ୍ଧମାଳା', 'ଅବଧାନବନ୍ଧୁ', 'ଛାନ୍ଦମାଳା', 'ବର୍ଣ୍ଣବୋଧ', 'ବାଳବୋଧ', 'ସାହିତ୍ୟ ମଞ୍ଜରୀ' 'ସାହିତ୍ୟ କୁସୁମ' ଆଦି ପାଠ୍ୟପୁସ୍ତକ ଓ ଓଡ଼ିଆ ସାହିତ୍ୟଗୁଡ଼ିକ ସାହିତ୍ୟର ଅମ୍ଳାନ ସଂପଦ ରୂପେ ପ୍ରତିଷ୍ଠା ପାଇଛି। ମଧୁସୂଦନଙ୍କ କବିତାଗୁଡ଼ିକ ଓଡ଼ିଶାର ବିଦ୍ୟାଳୟମାନଙ୍କରେ ପ୍ରାର୍ଥନା ଭାବରେ ଗାନ ରାଯାଉଥିଲା। ଏଥିରୁ ତାଙ୍କ କବିତାଗୁଡ଼ିକର ଶୈକ୍ଷିକ ମୂଲ୍ୟବୋଧ ଜଣାପଡ଼ିଥାଏ। 'ଛାନ୍ଦମାଳା'ରେ ଥିବା 'ସ୍ତବ' କବିତାଟି ଏହି ମର୍ମରେ ସ୍ମରଣ କରାଯାଇ ପାରିବ।

"ହେ ଆନନ୍ଦମୟ କୋଟି ଭୁବନ ପାଳକ
ଅଧମ ଅକ୍ଷମ ମୁହିଁ ଅବୋଧ ବାଳକ
ଜ୍ଞାନଦାତା ଭଗବାନ
ଦିଅ ମୋତେ ଶୁଭବୁଦ୍ଧି ଦିଅ ଦିବ୍ୟଜ୍ଞାନ।"

ଜଣେ ଶିକ୍ଷକ ଭାବରେ ମଧୁସୂଦନ ଅନୁଭବ କରିଥିଲେଯେ ଶିଶୁମାନଙ୍କର ଜ୍ଞାନ, ଚରିତ୍ର ଗଠନ ହୋଇ ପାରିଲେ ସେମାନେ ସତ୍‌ମାର୍ଗର ଯାତ୍ରୀ ହୋଇପାରିବେ, ଅତଏବ ତାଙ୍କ କବିତାରେ ଏହି ପରମାର୍ଥିକ ଅନୁଚିନ୍ତା ପ୍ରକାଶ ପାଇଛି। ଶିଶୁ ସାହିତ୍ୟ ରଚନା କରି ଶିଶୁମାନଙ୍କ କୋମଳମତିକୁ ଗୀତମାଧରେ ଛୁଇଁବାର ପ୍ରୟାସ କରିଛନ୍ତି। ମଧୁରାଓଙ୍କ ସାହିତ୍ୟ ଜୀବନର ଆରମ୍ଭ ହୋଇଛି ଓଡ଼ିଆ ଭାଷା ସାହିତ୍ୟର ଆବଶ୍ୟକତା ପାଇଁ। ଅନ୍ୟପକ୍ଷରେ କବି ଆଧୁନିକ ଗୀତକବିତାର ବିଭିନ୍ନ ପ୍ରକରଣରେ ସଫଳତାର ସହ କବିତା ରଚନା କରିଛନ୍ତି। ବିଶେଷ ଭାବରେ ସମ୍ବୋଧନ ଗୀତିକା ରଚନାରେ କବିଙ୍କ ତୁଳନା ନାହିଁ। କବିଙ୍କ 'ପଦ୍ମ' 'ଆକାଶପ୍ରତି' ଦୁଇଟି ସଫଳ ସମ୍ବୋଦନ ଗୀତିକା। କବିଙ୍କ ରଚିତ 'କୁସୁମାଞ୍ଜଳି' (୧୯୦୩), 'ବସନ୍ତଗାଥା' (୧୯୦୧), 'ଉତ୍କଳଗାଥା'(୧୯୦୩), 'ହିମାଚଳେ ଉଦୟ ଉତ୍ସବ'(୧୯୧୧) ଆଦି କବିତାଗୁଡ଼ିକ କବିଙ୍କ ଉତ୍ତରିତ କାବ୍ୟମାନସର ପରିଚୟ ପ୍ରଦାନ କରେ। 'ଉତ୍କଳଗାଥା' ର କବିତାଗୁଡ଼ିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ଓଡ଼ିଆ ଭାଷା ପ୍ରୀତିକୁ ନେଇ ଏକ ବିଶେଷ କବିତା ଗ୍ରନ୍ଥ 'କୀର ମୋହନଙ୍କ 'ଉତ୍କଳ ଭ୍ରମଣଂ' ପରେ ଓଡ଼ିଆପଣକୁ ନେଇ ଏହା ଏକ ଗୁରୁତ୍ୱପୂର୍ଣ୍ଣ ରଚନା। କବି ଓଡ଼ିଆମାନଙ୍କର ନୀତିଗତି ଦେଖି କିପରି କ୍ଷୋଭ ପ୍ରକାଶ କରିଛନ୍ତି ଲକ୍ଷ୍ୟ କରନ୍ତୁ;

"ବିଶାଳ ବିସ୍ତାର ତବ, ମା ଉତ୍କଳଭୂମି
ଦେଖି ଆସିଲି ମୁଁ ଚାରି ଆଡ଼େ ଘୁମିଘୁମି
କୋଟିଏ ସନ୍ତାନ ମା'ଗୋ ଧରିଅଛ କୋଳେ
ଗୋଟିଏ ମନୁଷ୍ୟ କିନ୍ତୁ ନଦେଖିଲି ଡ଼ୋଳେ।"

ମାତୃଭୂମି ପରି ମାତୃଭାଷା ପ୍ରତି ମଧ କବିଙ୍କର ଗଭୀର ମମତ୍ୱବୋଧ ଥିଲା । ମାତୃଭୂମି ଓ ମାତୃଭାଷାକୁ ସେ ଏକ ବୋଲି ମଣୁଥିଲେ ।

"ମାତୃଭୂମି ମାତୃଭାଷା ଉଭୟେ ଜନନୀ
ସେବି ତାଙ୍କୁ ଭକ୍ତିଭରେ ଦିବସ ରଜନୀ
ଏମାନବ ଜନ୍ମ ହେଉ ସଫଳ ମୋହର
ଏ ଭିକ୍ଷା କରନ୍ତୁ, ପ୍ରଭୁ ମହେଶ୍ୱର ।"

ମଧୁସୂଦନଙ୍କ 'ବସନ୍ତଗାଥା' ସନେଟ୍ ରଚନା ଶୈଳୀର ସ୍ୱତନ୍ତ୍ର କବିତା । ଓଡ଼ିଆ କବିତାରେ ସନେଟ୍ ରଚନାକୁ ଲୋକପ୍ରିୟ କରିଛନ୍ତି ମଧୁସୂଦନ ରାଓ । ବ୍ୟକ୍ତି ଚରିତ୍ର ଓ କାହାଣୀର ବର୍ଣ୍ଣନା ଚଉଦଧାଡ଼ିରେ ଗୀତିମୟତା ସହ ମଧୁରାଓ ଏ ସବୁକୁ ରଚନା କରିଛନ୍ତି ।

'ବସନ୍ତଗାଥା'ରେ ଥିବା ନବବର୍ଷ, ଶ୍ରୀପଞ୍ଚମୀ, ଜରା ଆକ୍ରମଣ, ନବଜାତ ଶିଶୁଦର୍ଶନରେ, ହୃଦୟ ସଙ୍ଗୀତ ପାପୀର ତାସ, କ୍ଷମା ସାଗର ଆଦି ସନେଟ୍ ଗୁଡ଼ିକ କବିଙ୍କ ବ୍ରାହ୍ମଦର୍ଶନରେ ପୂର୍ଣ୍ଣ । ସେହିପରି ପ୍ୟାରୀମୋହନ ଆଚାର୍ଯ୍ୟ ଫକୀରମୋହନ ସେନାପତି ପ୍ରଭୃତି ସମଧର୍ମୀ ବ୍ୟକ୍ତିଙ୍କୁ ନେଇ ସୁନ୍ଦର ସନେଟ୍‌ର ସଂଯୋଜନା ବସନ୍ତ ଗାଥାରେ କରାଯାଇଛି ।

ଜଣେ କବି ଭାବରେ ଖ୍ୟାତି ଅର୍ଜନ କରିଥିବା ମଧୁସୂଦନ ଅନେକ ଗୁରୁତ୍ୱପୂର୍ଣ୍ଣ ଗଦ୍ୟ ରଚନା କରିଛନ୍ତି । 'ହମମାଳା', 'ପ୍ରଣୟର ଅଦ୍ଭୁତ ପରିଣାମ' ତାଙ୍କ ଦୁଇଟି ଗଳ୍ପ । 'ପ୍ରବନ୍ଧମାଳା'ରେ ସଂକଳିତ ପ୍ରବନ୍ଧଗୁଡ଼ିକ ମଧୁରାଓଙ୍କ ତତ୍ତ୍ୱଦର୍ଶୀ ଦୃଷ୍ଟିକୋଣର ପରିଚୟ ଦେଇଥାଏ । ଜଣେ ଶିଶୁ ଲେଖକ, ପାଠ୍ୟପୁସ୍ତକ ରଚକ, କବି ଓ ଗଦ୍ୟ ସ୍ରଷ୍ଟା ଭାବରେ ଓଡ଼ିଆ ସାହିତ୍ୟରେ କବି ଯଥେଷ୍ଟ ସୁଖ୍ୟାତିର ଅଧିକାରୀ । ଉଇଲିୟମ କୁପରଙ୍କ ରଚିତ 'Alexander selkrik' କବିତାର ଓଡ଼ିଆ ଅନୁବାଦ 'ନିର୍ବାସିତର ବିଳାପ' ରଚନା କରି ମଧୁରାଓ ନିଜ ଅନୁବାଦ ପ୍ରତିଭାର ପରିଚୟ ପ୍ରଦାନ କରିଛନ୍ତି । ପ୍ରକୃତରେ ସେଥିଲେ ଓଡ଼ିଆ ଭାଷା ଓ ସାହିତ୍ୟର ସୁପୁତ୍ର । ୧୯୧୨ ମସିହା ଡ଼ିସେମ୍ବର ୨୮ ତାରିଖରେ କବିଙ୍କର ତିରୋଧାନ ହୋଇଛି । ମଧୁରାଓଙ୍କୁ ସଂବୋଧନ କରି ଫକୀର ମୋହନ ରଚନା କରିଥିବା କବିତାଟି କବିଙ୍କ ବ୍ୟକ୍ତିତ୍ୱ ସଂପର୍କରେ ଯଥାର୍ଥ ଚିତ୍ର ପ୍ରଦାନ କରିଥାଏ ।

"କେତେ ତପସ୍ୟାର ଫଳେ ଉତ୍କଳ ଜନନୀ
ଲଭିଥିଲେ ଏକମାତ୍ର ପୁତ୍ର ଗୁଣମଣି
ଉତ୍କଳରେ ଯାହା ନାମ ଖ୍ୟାତ ଗ୍ରାମେ ଗ୍ରାମେ
ସେ ମଧୁସୂଦନ ବର୍ତ୍ତମାନ ସ୍ୱର୍ଗଧାମେ
ପର ଉପକାର ପାଇଁ ସତ୍ୟ ହିଁ ଜୀବନ
ବାକ୍ୟର ଦୃଷ୍ଟାନ୍ତ ତହିଁ ଶ୍ରୀମଧୁସୂଦନ ।"

## ୧.୪ କୁସୁମାଞ୍ଜଳିର ପୃଷ୍ଠଭୂମି

'କୁସୁମାଞ୍ଜଳି' ୧୯୦୩ ମସିହାରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇଥିବାବେଳେ ଏଥିରେ ଥିବା ୧୧ଟି କବିତା ଏହାର ଯଥେଷ୍ଟ ପୂର୍ବର ରଚନା କରାଯାଇଥିଲା। କବିଙ୍କ 'ଜୀବନଜନ୍ତା (୧୮୩୮) ପ୍ରକାଶ ପଇବାପରେ ୧୮୩୦ ମସିହାରେ ମଧୁରାଓ ବ୍ରାହ୍ମଧର୍ମ ସହିତ ଯୋଡ଼ିହେବାରୁ ତାଙ୍କ ଜୀବନଦର୍ଶନ ସାହିତ୍ୟ ସୃଷ୍ଟି ମାନଙ୍କରେ ପ୍ରତିଫଳିତ ହେବାକୁ ଲାଗିଲା। ବ୍ରାହ୍ମ ଧର୍ମରେ ସମଗ୍ର ପୃଥିବୀକୁ ଏକ ବ୍ରାହ୍ମ ମନ୍ଦିର ରୂପେ ଗ୍ରହଣ କରାଯାଏ। ବ୍ରହ୍ମ ଉପାସନା ଦ୍ୱାରା ମଣିଷ ନିଜ ଭିତରେ ଥିବା ସମସ୍ତ ଅଜ୍ଞାନତା, ପାପବୋଧ ଓ କୁସଂସ୍କାରକୁ ଦୂର କରିବାକୁ ସମର୍ଥ ହୋଇଥାଏ। ମଧୁରାଓ ତାଙ୍କ କବିତାମାନଙ୍କରେ ମଣିଷର ଜୀବନ ପ୍ରବାହକୁ ଅନ୍ଧକାରରୁ ଆଲୋକମାର୍ଗକୁ ପରିଚାଳନା କରିଛନ୍ତି। ବ୍ୟକ୍ତିର ପବିତ୍ରତା, ନିଷ୍ଠା ଓ ସାଧୁତାହିଁ ତାଙ୍କୁ ଈଶ୍ୱର ଦର୍ଶନ କରାଇବା ବୋଲି ବିଶ୍ୱାସ କରିଛନ୍ତି। ଏହି ସବୁ ବ୍ରାହ୍ମ ମୂଲ୍ୟବୋଧ ଗୁଡ଼ିକ ମଧୁରାଓଙ୍କୁ ସଂସ୍କାରଶୀଳ କବିତା ରଚନା କରିବା ପାଇଁ ପ୍ରେରଣା ଯୋଗାଇଛି। ମଣିଷ ଥରେ ସଂକୀର୍ଣ୍ଣତା ରୂପକ ଅଜ୍ଞାନତାରୁ ମୁକ୍ତ ହୋଇଗଲେ ମଧୁମୟ ସୃଷ୍ଟିକୁ ଅନୁଭବ କରିପାରିବ ବୋଲି କହିଛନ୍ତି। କ୍ଷଣିକ ଆନନ୍ଦ ଓ ସଂସାର ମାୟାରେ ମଜ୍ଜି ମଣିଷ ଜୀବନର ପରମ ସତ୍ୟଠାରୁ ଦୂରେଇ ଆସିଛି। ବିଶ୍ୱ ନିୟତିର ଏହି ଦୁର୍ବାର ବାସ୍ତବତାକୁ ବୁଝିବା ପାଇଁ ମଧୁରାଓ ତାଙ୍କ କବିତାକୁ ଅସ୍ତ୍ରରୂପରେ ବ୍ୟବହାର କରିଛନ୍ତି। ମଧୁରାଓ ଜଣେ ସଚ୍ଚୋଟ ବ୍ରାହ୍ମଧର୍ମାବଲମ୍ବୀ ଥିଲେ। ଅତଏବ ବ୍ରାହ୍ମଧର୍ମର ଦର୍ଶନଗୁଡ଼ିକ ତାଙ୍କ କବିତାର ମୂଳଭିତ୍ତି ଭାବରେ ଠିଆ ହୁଅନ୍ତି। ବ୍ୟକ୍ତିଗତ ଜୀବନରେ ଜଣେ ନିଷ୍ଠାପର ଆଦର୍ଶ ଶିକ୍ଷକ ଭାବରେ ସମଗ୍ର ଓଡ଼ିଶାରେ ସୁନାମ ଅର୍ଜନ କରିଥିଲେ। ମଧୁରାଓଙ୍କ କବିତାରେ ତାଙ୍କର ଶୈକ୍ଷିକ ବ୍ୟକ୍ତିତ୍ୱ ମଧ ପ୍ରକଟିତ ହୋଇଛି। ଅତଏବ ଶିକ୍ଷକ ମଧୁରାଓଙ୍କ ଆଦର୍ଶ ଓ ବ୍ରାହ୍ମ ମଧୁସୂଦନଙ୍କ ଦର୍ଶନ ମିଶି ତାଙ୍କ କବିତାର ପୃଷ୍ଠଭୂମି ସୃଷ୍ଟି ହୋଇଛି।

## ୧.୫ କୁସୁମାଞ୍ଜଳି : ପାଠ୍ୟ ବିଶ୍ଳେଷଣ

'କୁସୁମାଞ୍ଜଳି' କବିତା ସଙ୍କଳନରେ ସମୁଦାୟ ୧୧ଟି କବିତା ରହିଛି। କବି ମଧୁସୂଦନ ରାଓ ଏହି ପୁସ୍ତକକୁ ତାଙ୍କର ଗୁରୁ କବିବର ରାଧାନାଥ ରାୟଙ୍କୁ ଉତ୍ସର୍ଗ କରିଛନ୍ତି। ଏହି ସଙ୍କଳନରେ ଥିବା 'ନବବସନ୍ତ ଭାବନା', 'ଏ ସୃଷ୍ଟି ଅମୃତମୟ ହେ', ' ନବଯୁଗର ଅଭିଷେକ', 'ଧରଣୀ ପ୍ରତି ସମୁଦ୍ରର ଭକ୍ତି', 'ଆଶା', 'ଆତ୍ମସମର୍ପଣ', 'ଭାରତ ଭାବନା', 'ଉଦ୍‌ବୋଧନ', 'ଋଷିପ୍ରାଣେ ଦେବାବତରଣ', 'ମହାଦେବୀ ଭିକ୍‌ଟୋରିୟା', 'ଶୋକ ଲହରୀ' ଆଦି ୧୧ଟି କବିତା କବିଙ୍କ ସର୍ଜନଶୀଳତାର ଭିନ୍ନ ଉଚ୍ଚତାକୁ ପ୍ରତିପାଦନ କରେ। ଜଣେ ଋଷିପ୍ରାଣ କବିଙ୍କ ପରି ମଧୁରାଓ ପ୍ରକୃତି ସହିତ ମଣିଷ ଓ ଈଶ୍ୱରଙ୍କର ସଂପର୍କକୁ ସମନ୍ୱିତ କରି ସୃଷ୍ଟିର ଅମୃତମୟଧାରାକୁ ଉନ୍ମୋଚନ କରିଛନ୍ତି। ଅନିତ୍ୟ ଜୀବନରେ ନିତ୍ୟ ନୂତନ ପ୍ରକୃତି କିପରି ଜୀବନକୁ ଆହ୍ଲାଦିତ କରୁଛି ମୁଖ୍ୟତଃ ଏହା କବି ପ୍ରକାଶ କରିଛନ୍ତି। ନିମ୍ନରେ କବିତାଗୁଡ଼ିକୁ ଆଲୋଚନା କରାଯାଇଛି।

**ନବବସନ୍ତ ଭାବନା :** ଏହି କବିତାରେ ଚାରୋଟି ପର୍ଯ୍ୟାୟ ରହିଛି। ବସନ୍ତ ଋତୁ ଶ୍ରେଷ୍ଠଋତୁ ହୋଇଥିବାରୁ ତାର ଆଗମନରେ ବିଶ୍ୱ ସୁନ୍ଦର ଦିଶୁଛି। ମାଟିରୁ ଆକାଶ ବସନ୍ତର ଶୋଭାଯାତ୍ରା ଚାଲିଥିଲା ବେଳେ ମଣିଷ ମନଦୁଃଖରେ

ବସିଛି । କବି ଏହି କବିତାରେ ପ୍ରଥମ ପର୍ଯ୍ୟାୟରେ ବସନ୍ତର ସୌନ୍ଦର୍ଯ୍ୟ ବର୍ଣ୍ଣନା କଲାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ମଣିଷର ବିଷାଦିତ ଅବସ୍ଥାର ଚିତ୍ର ପ୍ରଦାନ କରିଛନ୍ତି । କବିତାର ତୃତୀୟ ପର୍ଯ୍ୟାୟରେ ବିଷାଦବୃତ୍ତରୁ ଓହରି ମଣିଷ ଆତ୍ମ ସମୀକ୍ଷା କଲା ପରେ ଇଶ୍ୱରଙ୍କ ସହ ଯୋଡ଼ି ହେବାପାଇଁ ଚେଷ୍ଟା କରିଛି । ଚତୁର୍ଥ ପର୍ଯ୍ୟାୟରେ ତାର ହୃଦୟରେ ପରିବର୍ତ୍ତନ ସୃଷ୍ଟି ହୋଇଛି । ସେ ଅନୁଭବ କରିଛି ବିଶ୍ୱ କେତେ ସୁନ୍ଦର । ସବୁ ନିରାଶ ଭିତରୁ ଆଶାବାଦର ସ୍ୱର ଗୁଂଜରି ଉଠିଛି । କବିତାର ଏହି ବିକାଶଧାରାକୁ ଲକ୍ଷ୍ୟ କରିବା ।

(୧)

ହସନ୍ତି ଆହାକି ଉଲ୍ଲାସେ
ଜଳେ କି ଅବା ସ୍ଥଳେ
ପଲକେ ପଲ୍ଲବ ଦୁକୂଳ
ପିନ୍ଧି ଧରଣୀରାଣୀ

(୨)

କିନ୍ତୁ କାହିଁକିରେ ହୃଦୟ
ଆଧି-ବ୍ୟାଧି-ଆଳୟେ
ଜରାଜୀର୍ଣ୍ଣ ମୃତ ପରାୟେ
ପଡ଼ି ରହିଛି ଭୟେ

(୩)

ଏ ଘୋର ଦୁର୍ଗତି ବିଷୟ
ଜଳେ ଭାଳିଲି ବସି,
ଚୌଦିଗ ଦିଶିଲା ଅନ୍ଧାର
ବୁଦ୍ଧି ନପାରେ ପଶି

(୪)

ଆଶା-ପାରିଜାତ ଫୁଟିବ
ହୃଦ-ନନ୍ଦନବନେ
ଜ୍ଞାନ-ଭକ୍ତି-କର୍ମ-ସୌରଭ
ବ୍ୟାପିଯିବ ଜୀବନେ ।

ବସନ୍ତ ଆଗମନରେ ବିଶ୍ୱରେ ଯେଉଁ ପରମାର୍ଥିକ ଆନନ୍ଦ ବିଚରଣ କରେ ସେଥିରେ ପ୍ରକୃତି ପରିବ୍ୟକ୍ତି ଯଦି ଯୋଡ଼ି ହୋଇଥାଏ ଦିବ୍ୟ ସଂତୋଷ ପାଇବ ବୋଲି କବି ପ୍ରକାଶ କରିଛନ୍ତି । ଅତଏବ ବସନ୍ତର ଧରାଆଗମନ (୧) ବ୍ୟକ୍ତିର ମାୟିକ ବିଷାଦ (୨) ବିଶ୍ୱ-ବସନ୍ତ-ବ୍ରହ୍ମାଣ୍ଡ ସହ ଯୋଡ଼ି ହେବାର ନିଷ୍ପତି (୩) ନିରାଶାରୁ ଆଶାର

ଉଦୟ (୪) ଏହିକ୍ରମରେ ସମଗ୍ର କବିତାଟି ବିସ୍ତରାଲାଭ କରିଛି। ଏ କବିତାର ବାର୍ତ୍ତା ହେଉଛି ଜୀବନର ସମସ୍ତ ମାୟା, ଲୋଭ, ମୋହ, କ୍ଷମତା (ଯାହାସବୁ ଦୁଃଖର କାରଣ) ତାକୁ ଫୋପାଡ଼ି ପରମେଶ୍ୱରଙ୍କ ସର୍ଜନାକୁ ଅନୁଭବ କରିବା। ମଣିଷ ଥରେ ଏହି ପରିମଣ୍ଡଳ ଭିତରକୁ ପ୍ରବେଶ କଲେ ତା ଭିତରେ ଥିବା ସମସ୍ତ ଅନ୍ଧାର ଦୂର ହୋଇଯାଏ। 'ନବ-ବସନ୍ତ-ଭାବନା' କବିତା କବିତା ବ୍ୟକ୍ତିକୁ ନିରାଶାରୁ ଆଶା ଆଡ଼କୁ ଓ ଅନ୍ଧକାରରୁ ଆଲୋକ ଆଡ଼କୁ ଅଗ୍ରସର କରାଏ। ଏହାହିଁ ମଧୁରାଓଙ୍କ କବିତାର ସ୍ୱରୂପ। ଏହା ତାଙ୍କ ଜୀବନର ବ୍ରତ। ବ୍ୟକ୍ତି କେବେବି ବିଶ୍ୱଚେତନାରୁ ପୃଥକ ନୁହେଁ, ଏହି ସତ୍ୟର ଅବତାରଣା ଉପରେ କବିତାଟି ରଚିତ।

**ଏ ସୃଷ୍ଟି ଅମୃତମୟ ହେ :** ଏହି କବିତାରେ କବି ପରମେଶ୍ୱରଙ୍କ ସୃଷ୍ଟି କେତେ ଅମୃତମୟ ସେ ସଂପର୍କରେ ଉପସ୍ଥାପନା କରିଛନ୍ତି। ପର୍ବତ, ଅରଣ୍ୟ, ନଦୀ, ସମୁଦ୍ର, ଶସ୍ୟକ୍ଷେତ୍ର, ପୁଷ୍ପ, ପକ୍ଷୀ ସବୁଠି ଅମୃତର ସମ୍ଭାର। ମଣିଷ ଅମୃତ ପିପାସୀ ହୋଇ ସେ ସବୁକୁ ପାନକରି ନିଜ ଜୀବନକୁ ସୁଧାମୟ କରିବା ପାଇଁ କବି ଆହ୍ୱାନ ଦେଇଛନ୍ତି।

"ମଧୁମୟ ସୃଷ୍ଟି ସୁଧାମୟ ସୃଷ୍ଟି
ଏ ସୃଷ୍ଟି ଅମୃତମୟ ହେ
ଜାଗ ନରନାରୀ ଅମୃତ ସନ୍ତତି
ପିଅସେ ଅମୃତ ପୟହେ
ପିଇସେ ଅମୃତ ଦିବସ ଶର୍ବରୀ
ଗାଅ ଅମୃତର ଜୟହେ।"

ମଣିଷ ଥରେ ପରମେଶ୍ୱରଙ୍କ ସନ୍ନିକଟ ହୋଇପାରିଲେ ତା ଜୀବନର ସମସ୍ତ ଧୂମିଳତା ଦୂର ହୋଇଯିବ। ଭଗବାନ ଗରଳକୁ ଅମୃତରେ ପରିଣତ କରିଦିଅନ୍ତି। କବି ସଂସାରକୁ ତୁଚ୍ଛତା ଭିତରେ ସୀମାବଦ୍ଧ ନହୋଇ ମହାନ ସୃଷ୍ଟିର ପ୍ରକୃତିକ ସୌନ୍ଦର୍ଯ୍ୟକୁ ଅନୁଭବ କରିବାକୁ ପରାମର୍ଶ ଦିଅନ୍ତି।

"ଗରଲୁ ଅମୃତ କରନ୍ତି ବାହାର
ଅନନ୍ତ ଅମୃତାଳୟ ହେ
ପରମ ଜନକ ପରମ ଜନନୀ
ତାଙ୍କ ପଦେ ବରାଭୟ ହେ
ସେହି ବରାଭୟ ଆନନ୍ଦାମୃତର
ହୁଅ ଶିଶୁସ୍ତନକ୍ଷୟ ହେ।"

କବିତାରେ ଏସ୍ୱର ଜଣେ କବିର ନୁହେଁ ପରନ୍ତୁ ଜଣେ ଯୋଗୀରୁ ପରମେଶ୍ୱର ପ୍ରୀତିର ତନ୍ମୟ ଜଣେ ସିଦ୍ଧ ସାଧକଙ୍କର ସ୍ୱର। ମଧୁରାଓଙ୍କ କବିତାରେ ଯେଉଁ ଅମୃତର ପ୍ରବାହ ଘଟିଛି ପରବର୍ତ୍ତୀ ସମୟରେ ଏ ଅମୃତର ଉଚ୍ଛ୍ୱାସ ଗଙ୍ଗାଧର ମେହେରଙ୍କ କବିତାରେ ଦେଖାଦେଇଛି। ଜୀବନର ଅନ୍ଧାରକୁ ପରିତ୍ୟାଗ କରି ଅମୃତ ସନ୍ଧାନୀ ହେବା ପାଇଁ ଏକବିତାରେ ଆହ୍ୱାନ ଦିଆଯାଇଛି।

**ନବଯୁଗର ଅଭିଷେକ :** ଏହା ଏକ ସଂସ୍କାର ମୂଳକ କବିତା । ଊନବିଂଶ ଶତକରେ ଭାରତୀୟ ଜୀବନଧାରାରେ ଯେଉଁସବୁ ସାମାଜିକ ଆଧାତ୍ମିକ ପରିବର୍ତ୍ତନ ଦେଖା ଯାଉଥିଲା, ଏକବିତା ସେହି ପୃଷ୍ଠଭୂମି ଉପରେ ରଚିତ । ମଧୁରାଓ ୧୯୭୦ ମସିହାରେ ପ୍ରତ୍ୟକ୍ଷ ଭାବରେ ବ୍ରାହ୍ମଧର୍ମ ସହ ଯୋଡ଼ି ହେଲେ । ଭାରତୀୟ ବ୍ରାହ୍ମ ସମାଜ ହିନ୍ଦୁ ଧର୍ମ କୁ ସଂସ୍କାରମୁକ୍ତ କରିବାକୁ ଯେଉଁ ସବୁ ପ୍ରୟାସ କରୁଥିଲେ, ତାର ସ୍ୱରୂପ ଏହି କବିତା ଭିତରେ ଲକ୍ଷ୍ୟ କରାଯାଇପାରିବ । । ସେତେବେଳ ଶିକ୍ଷିତ ଯୁବକମାନେ ବ୍ରାହ୍ମ ଧର୍ମ ପ୍ରତି ଆକୃଷ୍ଟ ହେଉଥିଲେ । ଜାତିପ୍ରଥା, ବିଧବା ପ୍ରଥା ଓ ପୁରୋହିତ ପ୍ରଥା ବିରୁଦ୍ଧରେ ବ୍ରାହ୍ମଧର୍ମ ଜାଗରଣ ସୃଷ୍ଟି କରୁଥିଲା । ବିଶେଷ କରି ଏକ ଜାତିହୀନ ସମାଜ ଗଠନ କରିବା ପାଇଁ ବୁଦ୍ଧିଜୀବି ମହଲରେ ସଚେତନତା ଆରମ୍ଭ ହେଉଥିଲା । ମନ୍ଦିର ଭିତରକୁ ସିନା ହରିଜନମାନେ ପ୍ରବେଶ କରିପାରିବେନାହିଁ କିନ୍ତୁ ବ୍ରାହ୍ମମନ୍ଦିରକୁ ସମସ୍ତେ ପ୍ରବେଶ କରିପାରୁଥିଲେ । ମଣିଷର ଜାତି ନାହିଁ । ସମସ୍ତେ ଈଶ୍ୱରଙ୍କ ସନ୍ତାନ ଏକଥା ବ୍ରାହ୍ମମାନେ ବିଶ୍ୱାସ କରୁଥିଲେ । ମଧୁରାଓଙ୍କର ଏହି କବିତାରେ ବ୍ରାହ୍ମ ସମାଜର ଏହି ନୂତନ ପ୍ରଗତିଶୀଳ ଦୃଷ୍ଟିକୋଣର ପ୍ରକାଶ ଘଟିଛି ।

"କାଳର ଉଦୟ ଅଟଳ
ନବଯୁଗ ଭାସ୍କର ;
ଏ ବ୍ରାହ୍ମ ମୁହୂର୍ତ୍ତେ ଜାଗହେ
ନରନାରୀ ନିକର ।
x x x
ଜଣାଅ ମାନବ ସନ୍ତାନେ
ଉଚ୍ଚକୂଳ ତାହାର,
ସେଯେ ବ୍ରହ୍ମ-ସୁତ ଏବାର୍ତ୍ତା
କରଭବେ ବସ୍ତାର ।
ବ୍ରହ୍ମ-ସୁତ ବ୍ରହ୍ମ-ତନୟା
ନର-ନାରୀ-ନିକର
କରଏ ସମ୍ବାଦ ଘୋଷଣା
ସତ୍ୟ ଶିବ ସୁନ୍ଦର ।"

ସବୁ ମଣିଷ ବ୍ରହ୍ମସୁତ ।ଯିଏ ବ୍ରହ୍ମସୁତ ସିଏ ନିଶ୍ଚୟ ଉଚ୍ଚକୂଳ ସମ୍ଭୁତ । ଅତଏବ, କବି ଏଠାରେ ଜାତିପ୍ରଥାକୁ ବିରୋଧ କରିବା ସହିତ ଏହି ନୂତନ ଆହ୍ୱାନରେ ସାମିଲ୍ ହେବା ପାଇଁ ପରାମର୍ଶ ଦେଇଛନ୍ତି । 'ନବଯୁଗ' ଅର୍ଥାତ୍ ଶିକ୍ଷା ଓ ସଭ୍ୟତାର ଯୁଗ । ସାମାଜିକ କୁସଂସ୍କାର ଓ ବ୍ରାହ୍ମଣବାଦ ବିରୋଧରେ ବ୍ରାହ୍ମ ଧର୍ମର ସଂସ୍କାର ଆନ୍ଦୋଳନର ନବଯୁଗ । ମଧୁରାଓଙ୍କ ଏ କବିତା ସଂସ୍କାର ମନନଶୀଳତାର କବିତା । ସାମାଜିକ ଭେଦଭାବ ଭୁଲି ନବୀନ ଯୁଗକୁ ଆହ୍ୱାନ କରିବା ପାଇଁ କବି ଏଥିରେ ପରାମର୍ଶ ଦେଇଛନ୍ତି । ଊନବିଂଶ ଶତାବ୍ଦୀର ଶେଷ କୋଡ଼ିଏ ବର୍ଷରେ ବଙ୍ଗଳା – ଓଡ଼ିଆ ସମାଜରେ ଯେଉଁ ସବୁ ପରିବର୍ତ୍ତନ ଶିକ୍ଷିତ ଗୋଷ୍ଠିର ଅଭ୍ୟୁଦୟ ଦ୍ୱାରା ହୋଇଥିଲା ତାର ଚିତ୍ର ଏହି କବିତାରେ ରହିଛି । ମଧୁରାଓଙ୍କ ବ୍ରାହ୍ମବାଦୀ ଦୃଷ୍ଟିର ଏହା ଏକ ସଫଳ ପ୍ରୟୋଗାତ୍ମକ କବିତା ।

**ଧରଣୀ ପ୍ରତି ସମୁଦ୍ରର ଉକ୍ତି :** ଏହି କବିତାରେ ସମୁଦ୍ର ନିଜର ଅଭିବ୍ୟକ୍ତି ଧରଣୀପ୍ରତି ପ୍ରକାଶ କରିଛି । ଧରଣୀ ସଚରାଚରେ ସବୁଠାରୁ ଶ୍ରେଷ୍ଠ ବୋଲି ବିବେଚିତ ହେଉଥିବା ବେଳେ ସମୁଦ୍ର ନିଜକୁ ଧରଣୀ ଠାରୁ ଶ୍ରେଷ୍ଠ ବୋଲି ଘୋଷଣା କରିଛି । ଧରଣୀର ବୈଭବ ଓ ଉପଲବ୍ଧି ସମୁଦ୍ର ଯୋଗୁଁ ସମ୍ଭବ ହୋଇଛି ବୋଲି ସମୁଦ୍ର ପ୍ରକାଶ କରିଛି ।

"ଧରଣୀ ତୁ ମୋର ସୁତା,
ମୋ ଲାଗି ବିଭବ ଯୁତା
କାହୁଁ ପାଇଲୁ ଏତେ ଧନ ମାନ୍ୟ
ସୁବର୍ଣ୍ଣ ମଣି ମୁକୁତା ?
* * *
ମୋହର ସଲିଳ ବରଷଇ ଘନ
ଆରୋହି ବାୟୁ-ବାହନ
ମୋହରି ରସେ ତୁ ରସା
ଶସ୍ୟ-ଶ୍ୟାମଳା ସୁରସା
ପତ୍ର ପୁଷ୍ପଫଳେ ହୋଇଛୁ ମଣ୍ଡିତା
ମୋ ଲାଗି ତୋର ସୁଦଶା ।"

ମଧୁରାଓଙ୍କ ଅନ୍ୟାନ୍ୟ କବିତା ପରି ଏହି କବିତାଟି ଉଚ୍ଚକୋଟୀର ନୁହେଁ । ଏହା ଏକ ଶିଶୁ କବିତା ପରି ମନେହୁଏ । ସାଗର ଓ ପୃଥିବୀ ଈଶ୍ୱରଙ୍କର ଦୁଇଟି ଆଦି ସୃଷ୍ଟି । ଜଣେ ଅନ୍ୟ ଜଣକର ସାହଚର୍ଯ୍ୟରେ ବିକଶିତ ହୁଏ । ସମୁଦ୍ରର ପୃଥିବୀ ପ୍ରତି ନିଜର ବକ୍ତବ୍ୟ ଓ ଯୁକ୍ତିକୁ ଏଥିପାଇଁ ସହଜରେ ଗ୍ରହଣ କରିହୁଏ ନାହିଁ । ମନେହୁଏ କବିଙ୍କର ରହିଯାଇଥିବା ଏକ ଶିଶୁ କବିତା ଏହି ସଂକଳନରେ କେବଳ ସଙ୍କଳିତ ହୋଇଯାଇଛି ।

**ଆଶା :** ସମାଜ ରୂପକ ଭୈରବ ବନରେ ପଥିକ ରୂପୀ ମଣିଷ ପଥଭ୍ରଷ୍ଟ ହୋଇଛି । ମାୟା ସଂସାରର ମୋହରେ ସେ ଜୀବନର ଆନନ୍ଦବୋଧକୁ ହରେଇ ବସିଛି । ମଣିଷ ଈର୍ଷା, କ୍ରୋଧ, ମୋହ, ମାୟା, ଦ୍ୱେଷର ଅଧିନ ହୋଇ ଜୀବନର ପ୍ରକୃତ ଲକ୍ଷ୍ୟ ପଥରୁ ଅଲଗା ହୋଇଯାଇଛି । ମାଆ ଠାରୁ ବିଚ୍ଛିନ୍ନ ହୋଇ ଶିଶୁଟି ଯେପରି ଅନ୍ଧାରରେ କ୍ରନ୍ଦନକରେ ପଥଭ୍ରଷ୍ଟ ମଣିଷ କୌଣସି ଆଶ୍ରା ନ ପାଇ ଅନୁରୂପ ଯନ୍ତ୍ରଣା ଅନୁଭବ କରେ । ମାୟା ସଂସାର ଭିତରେ ବନ୍ଦୀ ମଣିଷ ଜଗତ ସ୍ରଷ୍ଟାଙ୍କ ସୁନ୍ଦର ବିଶ୍ୱକୁ ଅନୁଭବ କରିପାରେ ନାହିଁ । ଯେତେବେଳେ ସେ ଅନ୍ୟ କିଛି ଉପାୟ ନ ପାଏ ସେତେବେଳେ ମାତୃ ଶକ୍ତିଙ୍କ ପାଖରେ ମୁକ୍ତି ପାଇ ପୁନଶ୍ଚ କୃପା ଭିକ୍ଷା କରେ ।

"କାନ୍ଦିଣ ବୋଲଇ ମାଗୋ ଜଗତଜନନି !
ଏକଲୀଳା ତୋର !
କାହିଁକି ଝଟିକା-ମୟୀ ଏ ଘୋର ରଜନୀ
ଏ ଅରଣ୍ୟ ଘୋର ?

କାହିଁ ଛାଡ଼ିଗଲୁ ମାଗୋ ! ଏ ଭୀଷଣ ବନେ
ଦୁର୍ବଳ ତନୟେ !
ପଥ ନଜାଣଇ, ନାହିଁ ସାମର୍ଥ ଚରଣେ,
ସ୍ତବଧ ମୁଁ ଭୟେ ।"

ମଣିଷ ଶୈଶବର ସୁନ୍ଦର ଜୀବନ ଯାପନ କରୁଥିବା ବେଳେ ବଡ଼ ହେଲା ପରେ ତା ଭିତରେ ସମସ୍ତ ମାୟା, ଅହଂକାରର ପ୍ରବେଶ ଘଟେ । ଏହି ମାୟା ଅନ୍ଧାରରୁ ମୁକ୍ତି ପାଇବା ପାଇଁ 'ଆଶା' କବିତାରେ ଦୟିନୀ ପ୍ରକାଶ ପାଇଛି । ମଣିଷର ସ୍ମରଣ ମାତ୍ରେ ମହାଦେବୀଙ୍କର ଆର୍ବିଭାବ ଘଟିଛି । ନିଜର ସଖୀମାନଙ୍କ ସହିତ ବେଶଭୂଷା ହୋଇ ମା ଧରାବତରଣ କରିଛନ୍ତି । ମାଁଙ୍କର ଆସିବା ମାତ୍ରେ ପୁଣି ଜଙ୍ଗଲରେ ଆଶାର କିରଣ ସୃଷ୍ଟିହୋଇଛି । ସମଗ୍ର ବିଶ୍ୱ ମାଙ୍କର ବନ୍ଦାପନା ପାଇଁ ଆଗେଇ ଆସିଛି । ଭ୍ରଷ୍ଟ ମଣିଷ ନିଜର ଭୁଲ୍‌ବୁଝିପାରି ମାଁଙ୍କର ବନ୍ଦନାଗାଇଛି ।

"ଆଜର ଦେଖଇ ପାନ୍ଥ ବେଢ଼ିଚଉପାଶେ
ସ୍ୱର୍ଣ୍ଣବୀଣାକରେ
ଜ୍ୟୋତିର୍ମୟ ଦେବଦଳ ଗାଆନ୍ତି ଉଲ୍ଲାସେ
ମହାପ୍ରେମଭରେ
ଜୟଜଗଦମ୍ବାନେତ୍ର ପ୍ରଭାମୂର୍ତ୍ତିମତୀ
ଆଶା ପ୍ରଭାମୟୀ
ବ୍ରହ୍ମାଣ୍ଡପାବିନି ମାତଃ ଜୟଭଗବତି
ଜୟ ପୁଣ୍ୟମୟି ! ।"

ଏ କବିତାରେ ଅନ୍ଧାରର ଆଲୋକ ଆଡ଼କୁ ଅଗ୍ରସର ହେବାର ବାର୍ତ୍ତା ରହିଛି । ମଣିଷ ନିଜର ପାପବୋଧ ଓ ଭୟ ଭିତରୁ ବାହାରି ପରମେଶ୍ୱରୀଙ୍କ କୃପାପ୍ରାର୍ଥି ହେଲେ ଜୀବନର ପ୍ରକୃତ ଆନନ୍ଦ ପ୍ରାପ୍ତିର ଆଶା ସଞ୍ଚାର ହେବ ବୋଲି କବିତାରେ କୁହାଯାଇଛି ।

**ଆତ୍ମସମର୍ପଣ :** ଏହି କବିତାରେ କବିଙ୍କ ଈଶ୍ୱରଙ୍କ ଠାରେ ଆତ୍ମନିବେଦନର ସ୍ୱର ଶୁଣିବାକୁ ମିଳେ । ଏସଂସାର ହେଉଛି ଈଶ୍ୱରଙ୍କ ବିଧାନ । ଆମେ ଯେଉଁ ଶରୀର ଧାରଣ କରିଛେ ସେଠି ଈଶ୍ୱର ସବିତା ରୂପରେ ବିରାଜମାନ କରିଛନ୍ତି । ସୂର୍ଯ୍ୟଙ୍କ ତେଜ ଓ ଶକ୍ତିବିନା ଯେପରି ଏ ବିଶ୍ୱ ସୃଷ୍ଟିର ପରିକଳ୍ପନା କରାଯାଇ ପାରିବନାହିଁ, ସେହିପରି ଈଶ୍ୱରଙ୍କ କରୁଣା ବିନା ମଣିଷ ଜୀବନର କଳ୍ପନା କରାଯାଇ ପାରିବ ନାହିଁ । କବି କହନ୍ତି ;

"ଏ ପ୍ରାଣ ବୀଜର ଅଟହେ ସବିତା
ତୁମ୍ଭ ପ୍ରେମାଲୋକେ ସିନା
ହେବ ଅଙ୍କୁରିତ ପୁଷ୍ପିତଫଳିତ
କାହିଁଗତି ତୁମ୍ଭ ବିନା ।

ମନଲୋଚନରେ ଜ୍ଞାନଲୋକ ତୁମ୍ଭେ
ସର୍ବ ଦର୍ଶନନିଦାନ
ତୁମ୍ଭେ ପରିପୂର୍ଣ୍ଣ ଆନନ୍ଦସ୍ୱରୂପ
ମୁଁ ସେ ଆନନ୍ଦ ସନ୍ତାନ।"

ଯାହାର ହୃଦୟରେ ଆନନ୍ଦ ସ୍ୱରୂପ ଈଶ୍ୱର ବିରାଜମାନ କରୁଛନ୍ତି ସେ କେବେ ଦୁଃଖି ହୋଇ ପାରିବ ନାହିଁ। ନିଜକୁ ଅତିକ୍ଷୁଦ୍ର ମନେକରି ଈଶ୍ୱରଙ୍କ ବୃହତ୍ତର ସତ୍ତାର ମଣିଷ ଏକ ଅଂଶ ବୋଲି କବି ଏହି କବିତାରେ ଘୋଷଣା କରିଛନ୍ତି। ମୁଁ ପକ୍ଷୀ, ତୁମେ ଆକାଶ। ମୁଁ କ୍ଷୁଦ୍ର ଶିଶୁ – ତୁମେ ଜନନୀ, ମୁଁ ଛୋଟ ଉର୍ମି –ତୁମେ ମହାସିନ୍ଧୁ, ଏପରି ମଧୁର ବୃଷ୍ଟି ରୋପନ କରି ମଣିଷ ଈଶ୍ୱରଙ୍କ କରୁଣା ଭିକ୍ଷା କରିଛି।

"ଏ କ୍ଷୁଦ୍ରପ୍ରାଣର ପ୍ରେମପ୍ରତିଦାନ
ପାଦପଦ୍ମେ ପ୍ରାଣବଳି
ଅର୍ପିଇ ଆନନ୍ଦେ ଘେନ ମହାପ୍ରଭୁ
ଘେନ ଏ ଦୁଃଖୀର ଅଳି।"

ମଧୁସୂଦନ ପ୍ରକୃତରେ ଜଣେ ଭକ୍ତି କବି। ଈଶ୍ୱରଙ୍କ ଚରଣରେ ଥରେ ସମର୍ପିତ ହୋଇଗଲେ ମଣିଷର ସବୁ ଅବସାଦ ଦୂର ହୋଇଯାଏ ବୋଲି କବି ଏହି କବିତାରେ ପ୍ରକାଶ କରିଛନ୍ତି।

ଭାରତ ଭାବନା: ଏହି କବିତାଟି କବିଙ୍କ ଜାତୀୟବାଦୀ ଚେତନାର ପରିଚୟ ବହନକରେ। ସମଗ୍ରଭାରତକୁ ମାତା ରୂପେ ସଂବୋଧନ କରି ଏହାର ଅତୀତ ଗୌରବର ସୌରଭ କବି ପ୍ରକାଶ କରିଛନ୍ତି। କବି ବର୍ତ୍ତମାନର ଭାରତ ସହ ଅତୀତର ଭାରତକୁ ତୁଳନା କରି ନିଜର କ୍ଷୋଭ ପ୍ରକାଶ କରିଛନ୍ତି। ଋଷିମୁନିଙ୍କର ଦେଶ ଆଜିର ତାର ପବିତ୍ରତାକୁ ମନେ ପକାଇ ପାରୁନାହିଁ। ଭାରତର ପର୍ବତ, ନଦୀ, ଜଙ୍ଗଲ, ଝରଣା ସବୁଠି ଈଶ୍ୱରଙ୍କ ପ୍ରତିରୂପ ବିରାଜମାନ କରୁଛି। ଦେବଭୂମି ଭାରତବର୍ଷର ବିଶେଷତ୍ୱ ପ୍ରକାଶ କରି କବି କହିଛନ୍ତି;

"ଥିଲା ଦିନ ଯେବେ ଏହି ଭାରତ ଧାମରେ
ପବିତ୍ରତା ମୂର୍ତ୍ତିମତୀ ସରଳତାମୟୀ
ଦୟାରୂପେ ଅବତୀର୍ଣ୍ଣା ଋଷିଜନ ଘରେ
ଋଷିକନ୍ୟା ଋଷିପଲ୍ଲୀ ଦିବ୍ୟ ତେଜୋମୟୀ
ଉଶ୍ୱାସିଲେ ପାପାକ୍ରାନ୍ତ ମେଦିନୀର ଭାରା"

ଭାରତ ବର୍ଷର ଏହି ପବିତ୍ର ସ୍ୱରୂପ ଆଜି ବିରଳ। ବଶୀନ୍ଦ୍ର, ବଶିଷ୍ଟ, ଅତ୍ରି, ଅଙ୍ଗିରା, ବ୍ୟାସ ଆଦି ଋଷିଙ୍କର ଭାରତଭୂମି ବଦଳିବାରେ ଲାଗିଛି। ପୁନ୍ୟତୋୟା ସରସ୍ୱତୀ ଆଜି ନୀରବ।

ଏକଦା ବୌଦ୍ଧଧର୍ମ ଭାରତର ଗୌରବ ବୃଦ୍ଧିକରିବା ସହିତ ବିଶ୍ୱରେ ଏହା ଭାରତର ମର୍ଯ୍ୟାଦା ବୃଦ୍ଧି କରିଥିଲା। ହିମାଚଳ ଶିଖରରେ ସୂର୍ଯ୍ୟକିରଣ ସୁନାର ରଶ୍ମି ବିତରଣ କରୁଥିଲା। ଆଜି ଇନ୍ଦ୍ରପ୍ରସ୍ଥ, ହସ୍ତିନା ଭଗ୍ନ। ଦ୍ରୋଣ, କର୍ଣ୍ଣ, ଭୀଷ୍ମ, ଅର୍ଜୁନ, ଭୀମ ଆଦି ବୀରମାନଙ୍କ କଥା ଲୋକେ ମନେ ରଖିଛନ୍ତି। ଚନ୍ଦ୍ରଗୁପ୍ତ ଓ ଅଶୋକ ଆଦି ବୀରମାନେ ଭାରତବର୍ଷର ମହିମା ବୃଦ୍ଧି କରିଯାଇଛନ୍ତି।

"ବୌଦ୍ଧଧର୍ମ ବୈଜୟନ୍ତୀ ବିଜୟ ଉଲ୍ଲାସେ
ନବଧର୍ମ ନବରାଜ୍ୟ ସ୍ଥାପିତ ଭାରତେ
ଧାଇଁଲା ସରବ ଦିଗେ ଜିଣିବାର ଆଶେ
ସିଂହଳ, ତାତାର, ଚୀନ, ଜାପାନ, ତଦ୍ଧତେ।
ଆହା କିବା ପ୍ରଭାମୟ ଭାରତ ଭବନ
ଥିଲା ସେହିକାଳେ, ଯେବେ ଶାସିଲେ ଧରଣୀ
ଗୁପ୍ତବଂଶ-ଅବତଂସ ବୌଦ୍ଧ ଭୂପଗଣେ
ଯବନ ବଜୟୀ ଚନ୍ଦ୍ରଗୁପ୍ତ ବୀରାଗ୍ରଣୀ
ଦେବପ୍ରିୟ ପ୍ରିୟଦର୍ଶୀ ଲୋକନାଥ ଅଶୋକ ନୃମଣି।"

ଭାରତର ଦୃତ ଗୌରବ ସଂପର୍କରେ ଏହି କବିତାରେ ଆଲୋଚନା କରାଯାଇଥିବାରୁ ଏହାର ନାମ 'ଭାରତ ଭାବନା' ରଖାଯାଇଛି। କବି ମଧୁରାଓଙ୍କ ଭାରତୀୟତା ବୋଧ ଏହି କବିତାରେ ପ୍ରକାଶ ପାଇଛି।

ଉଦ୍‌ବୋଧନ: ଏହି କବିତାରେ କବିଙ୍କ ଦେଶପ୍ରେମ ସହ ବିଭୁବୋଧର ସଙ୍ଗମ ଘଟିଛି। 'ଭାରତ ଭାବନ' ଓ 'ହିମାଚଳେ ଉଦୟ ଉତ୍ସବ' କବିତା ମଝିରେ ଏହା ଏକ ସାମୟିକ ବିରତି ପରେ ମନେହୁଏ। ଏହି କବିତାରେ ବିଶେଷ ନୂତନତା ନଥିଲା ବେଳେ କବି ମା ଭାରତୀଙ୍କର ଜନନୀ ରୂପ ସଂପର୍କରେ ପ୍ରକାଶ କରିଛନ୍ତି। ସଂସାର ମାୟାରେ ମା ଭାରତୀଙ୍କୁ ପାଶୋରି ଦେଇ ଥିବା ମଣିଷ ଆଜି ତାର ଲୁହରେ ମା ଭାରତୀଙ୍କ ପାଦବନ୍ଦନା କରିବା ପାଇଁ ପ୍ରସ୍ତୁତ ହୋଇଛି। କବି କହିଛନ୍ତି ;

"ଆସ ମା କରୁଣାମୟୀ ବିଶ୍ୱଶୋଭାରାଣୀ
ବିରାଜ ଏ ପ୍ରାଣେ ଆଜି ବିଶ୍ୱସ୍ୱରାବାଣୀ
ଫେଡ଼ି ଅତୀତର ଦ୍ୱାର
ଆଦିମ ଆର୍ଯ୍ୟ ସଂସାର
ତୋ ଆଦିମ ଲୀଳାଭୂମି ଦେଖାଅ ମା ଆଣି
ଦେଖ ସେହି ପୁଣ୍ୟା ଲେଖା ଏ ପ୍ରାଣ ବଖାଣି।"

ଭାରତ ବର୍ଷର ପ୍ରାଚୀନ ସଂସ୍କୃତିର ସ୍ୱରୂପକୁ ଉନ୍ମୋଚନ କରି କବି ଏଠାରେ ଭାରତମାତାର ଅତୀତ ଗୌରବ ଫେରାଇ ଆଣିବା ପାଇଁ ଯତ୍ନ କରିଛନ୍ତି। କବିଙ୍କର ଏ ଉଦ୍‌ବୋଧନ ଭାରତମାତା ପାଇଁ ଯେତିକି ଓଡ଼ିଆମାନଙ୍କ ପାଇଁ ତତୋଽଧିକ।

**ଋଷି ପ୍ରାଣେଦେବାବତରଣ :** ଏହି କବିତା ୧୮୯୪ ଖ୍ରୀଷ୍ଟାବ୍ଦରେ ୪୧ ବର୍ଷ ବୟସରେ ଲେଖିଥଲେ ବୋଲି କାଳନ୍ଦୀଚରଣ ପାଣିଗ୍ରାହୀ କହିଛନ୍ତି। ଏତେ କମ ବୟସରେ ପରମାର୍ଥିକ ନିର୍ବିକଳ୍ପୀୟ ଅନୁଭବକୁ ଆହ୍ୱାନ କରିବା ସହଜ କଥା ନୁହେଁ। ଏହି କବିତା ବଙ୍ଗଳାରେ ଅନୁବାଦ ଦେବା ପରେ ଏହାକୁ ରବୀନ୍ଦ୍ରନାଥ ଠାକୁର ପ୍ରଶଂସା କରିଥିଲେ। ମଧୁରାଓଙ୍କ ଆଦର୍ଶ ଶିକ୍ଷକ ବ୍ୟକ୍ତିତ୍ୱ ଓ ବ୍ରାହ୍ମଧର୍ମର ଦର୍ଶନଗୁଡ଼ିକ ମିଶି ଏହି କବିତାର ଭିତ୍ତିଭୂମି ପ୍ରସ୍ତୁତ ହୋଇଛି। ଆର୍ଯ୍ୟ ଋଷିମାନଙ୍କର ପ୍ରାଣରେ ଦେବାବତରଣ କିପରି ଘଟିଛି ଓ ଏହାର ପାରିପାର୍ଶ୍ୱିକ ବିମୁଗ୍ଧ ଦୃଷ୍ଟିରେ ସମଗ୍ର କବିତା ଆଚ୍ଛାଦିତ। ମଧୁସୂଦନଙ୍କ ଏହା ଅନ୍ୟତମ ଶ୍ରେଷ୍ଠ ସୃଜନ। ମହାନ ଭାରତୀୟ ପରଂପରାର ନୈସର୍ଗିକ ଚିତ୍ର ସହ ବୈଦିକ ଭାରତ ବର୍ଷର ଐଶୀବୋଧ ଏହି କବିତାରେ ଉନ୍ମୋଚିତ ହୋଇଛି। ଜଣେ ଭାବୁକ ଅପେକ୍ଷା ଋଷି ମଣିଷ ପରି କବିଙ୍କ ଚିନ୍ତାଧାରାର ବିଚ୍ଛୁରଣ ଘଟିଛି। ଭାରତ ବର୍ଷ ଏକ ପ୍ରାଚୀନ ସଭ୍ୟତା ଓ ଆଦିଦେବଭୂମି ଏକବିତାରେ ସେସବୁ ସୁନ୍ଦରତାର ସହିତ ବିଶ୍ଳେଷଣ କରାଯାଇଛି। ସରସ୍ୱତୀ ନଦୀକୂଳରେ ଉଷାକାର ବର୍ଣ୍ଣନାରୁ କବିତାର ଆରଂଭ ହୋଇଛି ;

"ପ୍ରଶାନ୍ତ ନିଶାନ୍ତ କାଳ ବିରାଜ ଉଜ୍ଜ୍ୱଳେ
ଉଷାର ତୁଷାର ଶୁଭ ଲଲାଟ ମଣ୍ଡଳେ
ସ୍ୱର୍ଗର କୌସ୍ତୁଭ ମଣି ଶୁକ୍ର ସୁଶୋଭନ
ପରାଚୀ ଦିଗନ୍ତ ପଟେ ଛବି ଅତୁଳନ
ଉଦୀଚୀ ଆକାଶେ ଦୂରେ ମହାଜ୍ୟୋତିମୟ
ତୁଷାର କିରୀଟେ ରାଜେ ଗିରୀନ୍ଦ୍ର-ଆଳୟ।"

ପୂର୍ବ ଆକାଶର ଅପୂର୍ବ ଛବି ବର୍ଣ୍ଣନା କରିବାକୁ ଯାଇ କବି ଉଷାର ଧବଳ ଲଲାଟ ପଟ୍ଟରେ ସ୍ୱର୍ଗର କୌସ୍ତୁଭ ମଣି ଶୁକ୍ର ଶୋଭା ପାଇବାର ଦୃଶ୍ୟ କଳନା କରିଛନ୍ତି। ହିମାଦ୍ରି ତୁଷାର ଧବଳ କାନ୍ତିରେ ମୁକୁଟ ପରିଧାନକରି ଉଷାକୁ ସ୍ୱାଗତ କରୁଛନ୍ତି। ଦିଗବଧୂମାନେ ଶିଶିର ରୂପକ ଜଳରେ ଉଷାର ପାଦଧୌତ କରୁଛନ୍ତି। ସରସ୍ୱତୀ ନଦୀକୂଳରେ ଠିଆହୋଇ ଆର୍ଯ୍ୟଋଷି ଉଷାର ଏହି ଅପୂର୍ବ ଆଗମନକୁ ଆଲିଙ୍ଗନ କରିବା ସହିତ ଭାବରାଜ୍ୟରେ ବୁଡ଼ିଯାଉଥିଲେ। ଆର୍ଯ୍ୟଋଷିଙ୍କ ହୃଦୟରେ ସେହି ଦୃଶ୍ୟ ଦର୍ଶନ କରିବା ମାତ୍ରକେ ମହାଭାବର ବିକାଶ ହେଲା। ଦେବକନ୍ୟା ଉଷାର ଏହି ଅପୂର୍ବରୂପ ଦର୍ଶନରେ ଜୀବନର ଜଡ଼ସତ୍ତା ଅପସରିଯାଇ ମହାଅମୃତ ସତ୍ତା ବିକଶିତ ହେଲା।

"ଅମୂର୍ତ୍ତ ମୁରତି ଆହା ରୂପ ନିରୁପମ
ଅନନ୍ତ ଅନକ ବ୍ୟାପି ସ୍ଥାବର ଜଙ୍ଗମ
ଦେଶ-କାଳାତୀତ ଦୃଶ୍ୟ କଳ୍ପନା-ଅତୀତ
ଅଥଚ ଜ୍ୟୋତିର ଜ୍ୟୋତି ଚକ୍ଷୁଅଗ୍ରେ ସ୍ଥିତ।"

ରୂପ ଭିତରେ ଅରୂପର ଦର୍ଶନ କରି ଋଷିପ୍ରାଣ ପୁଲକିତ ହେବା ସହ ପ୍ରକାଣ୍ଡ ଜ୍ୟୋତିରୂପ ଦର୍ଶନରେ ନିଜକୁ ଧନ୍ୟ କରୁଛନ୍ତି । ବାମରୁ ଦକ୍ଷିଣ, ପୂର୍ବରୁ ପଶ୍ଚିମ, ମାଟିରୁ ଆକାଶ ସବୁଠି ସେହି ମହାଜ୍ୟୋତିର ସ୍ଫୁଲିଙ୍ଗ । ଏ ଜ୍ୟୋତିରେଖା ମଣିଷକୁ ମାଧବ ସହିତ ଯୋଡ଼ିଦିଏ । ମଣିଷ ଭିତରର ଅନ୍ଧକାରକୁ ଦୂର କରି ନୂତନ ସମ୍ଭାବନା ସୃଷ୍ଟି କରେ । ଏପରି ଏକ ଅବସ୍ଥାରେ ଆର୍ଯ୍ୟ ଋଷି ବ୍ୟକ୍ତିରୁ ବିଶ୍ୱ ଆଡ଼କୁ ଧାବିତ ହୋଇଗଲେ, ସେ ଏକ ସୂକ୍ଷ୍ମ ଚେତନାରେ ପରିଣତ ହେଲେ । ମହାଶୂନ୍ୟରେ ପରମ ବ୍ରହ୍ମାଙ୍କ ଦର୍ଶନ କଲେ । ଜଗତ କଲ୍ୟାଣ ପାଇଁ ତାଙ୍କ କଣ୍ଠରୁ ଝରି ଆସିଲା ;

"ଜାଣି ଅଛି ପରାତ୍ପର ଏପ୍ରାଣ ବିଧାତା  
ଅଟ ହେ ପ୍ରତ୍ୟକ୍ଷ ତୁମ୍ଭେ ବିଶ୍ୱପିତାମାତା  
ଏକ ଅଦ୍ୱିତୀୟ ପ୍ରଭୁ ସର୍ବମୂଳାଧାର  
ଏକମାତ୍ର ପରମାତ୍ମା ବ୍ରହ୍ମ ନିରାକାର  
ଜୟହେ ମଙ୍ଗଳମୟ ମହାମହେଶ୍ୱର  
ଜୟ ଜୟ ସତ୍ୟରୂପ ପରମ ସୁନ୍ଦର ।"

ସରସ୍ୱତୀ ନଦୀକୂଳର ସେ ଅପୂର୍ବ ଉଷା କାଳରେ ମହାଦେବଙ୍କୁ ଦର୍ଶନ କରି ଆର୍ଯ୍ୟଋଷି ତାଙ୍କର ସ୍ତୁତି କରିବା ଆରମ୍ଭ କରିଛନ୍ତି । ଏ ସ୍ତୁତି ନିଜ ପାଇଁ ବା ଭାରତର ପାଇଁ ନୁହେଁ – ସମଗ୍ର ଜଗତ କଲ୍ୟାଣ ପାଇଁ ଅଭିପ୍ରେତ ଅଟେ । 'ଋଷିପ୍ରାଣେ ଦେବାବତରଣ' ଏ ଦୃଷ୍ଟିରୁ ଏକ ଉର୍ବର କବିତା । ଭାରତୀୟ ବୈଦିକ ସଭ୍ୟତା, ଅପୂର୍ବ ପ୍ରକୃତିରାଜି ସହ ପରମାର୍ଥଙ୍କୁ ଏକାକାର କରି ଜୀବନକୁ ଆଲୋକିତ କରିବାର ଏହା ଏକ ସଂସ୍କାର ମାର୍ଗ । ଏକବିତା ପଢ଼ିଲେ ଏହା କବିତା ଅପେକ୍ଷା ମନ୍ତ୍ର ପରି ଅଧିକ ଜଣାପଡ଼େ ।

**ମହାଦେବୀ ଭିକ୍ଟୋରିୟା :** ଏକବିତା ବ୍ରିଟିଶ ସାମ୍ରାଜ୍ଞୀ ମହାରାଣୀ ଭିକ୍ଟୋରିୟାଙ୍କ ମୃତ୍ୟୁରେ ରଚନା କରାଯାଇଛି । ଏହା ଏକ ଶୋକ କବିତା । ମଧୁରାଓଙ୍କ କବିତାର ଧାରାରୁ ବାହାରି ଏହା ଭିନ୍ନ ପର୍ଯ୍ୟାୟର କବିତା । ଉନବିଂଶ ଶତକର ଶେଷ ଦଶକରେ ଭାରତରେ ଓ ଓଡ଼ିଶାରେ ଇଂରେଜ ଶାସନ ବିରୁଦ୍ଧରେ ଜାତୀୟଭାବନାର ଏକ ପୃଷ୍ଠଭୂମି ପ୍ରସ୍ତୁତ ହେଉଥିଲା । ଓଡ଼ିଆ ସମାଜ ବା ସାହିତ୍ୟରେ ଏହାର ବିଶେଷ ପ୍ରଭାବ ପରିଲକ୍ଷିତ ହୋଇନଥିଲା । ମଧୁରାଓ ସରକାରୀ ଚାକିରି କରୁଥିବାରୁ ଅନ୍ୟ ସରକାରୀ କର୍ମଚାରୀମାନଙ୍କ ପରି ସେ ହୁଏତ ଏପରି ଏକ କବିତା ରଚନା କରିବା ପାଇଁ ଅନିଚ୍ଛାସତ୍ତ୍ୱେ ରଚନା କରିଛନ୍ତି । ମଧୁରାଓଙ୍କ ସମକାଳୀନ କବିମାନେ ମଧ୍ୟ ଏପରି କବିତା ରଚନା କରିଛନ୍ତି । ଇଂରେଜ ଶାସିତ ବିଶ୍ୱର ଉପନିବେଶ ମାନଙ୍କରେ ମହାରାଣୀଙ୍କ ମୃତ୍ୟୁରେ ଶୋକ ଦିବସ ପାଳନ କରାଯାଉଥିଲା । ଏସିଆ, ୟୁରୋପ, ଆମେରିକା, ଅଷ୍ଟ୍ରେଲିଆ, ଆଫ୍ରିକା ଛଡ଼ା ଦକ୍ଷିଣମେରୁ ଓ ଉତ୍ତର ମେରୁ ଅଞ୍ଚଳରେ ଏହି ମୃତ୍ୟୁ ସଂବାଦ ଶୋକର ଛାୟା ସୃଷ୍ଟି କରିଥିଲା । ମଧୁରାଓ ରାଣୀଙ୍କୁ ଭାରତ ସାମ୍ରାଜ୍ଞୀ ବୋଲି ସମ୍ବୋଧନ କରି କବିତାରେ ପ୍ରକାଶ କରିଛନ୍ତି ;

"ଅର୍ଦ୍ଧଧରଣୀର ଅଧି-ଈଶ୍ୱରୀ  
ବ୍ରିଟିଶ ସାମ୍ରାଜ୍ୟ-ଲକ୍ଷ୍ମୀ ଶଙ୍କରୀ  
ଭାରତ ସାମ୍ରାଜ୍ଞୀ ଶ୍ରୀ ମହାରାଣୀ

ରାଜ ରାଜେଶ୍ୱରୀ ନାରୀ ଇନ୍ଦ୍ରାଣୀ
ସର୍ବ ମନୁଜ ବନ୍ଦିତା,
ସତୀ-ଶିରୋମଣି ସାମ୍ରାଜ୍ଞୀଜନନୀ
ପୁଣ୍ୟମୟୀ ଅନିନ୍ଦିତା।”

ଏହି କବିତାରେ ଭିକ୍ଟୋରିଆଙ୍କୁ ସତୀଶିରୋମଣି, ସୁଗୃହିଣୀ, ଲକ୍ଷ୍ମୀ, ପାର୍ବତୀ, ଇନ୍ଦ୍ରାଣୀ ନାମରେ ସଂବୋଧନ କରିଛନ୍ତି। ରାଣୀଙ୍କ ଦେହାନ୍ତ ସହିତ ବିଶ୍ୱରୁ ‘ଭିକ୍ଟୋରିୟା-ଯୁଗ’ ଶେଷ ହେଲା ବୋଲି କହିଛନ୍ତି। ଶୋକ କବିତ ରୂପରେ ଏହା ଏକ ସୁନ୍ଦର କବିତା। ମୃତବ୍ୟକ୍ତିର ବ୍ୟକ୍ତିତ୍ୱ, ଗୁଣ ସ୍ମରଣ କରାଯିବା ସହ ସମାଜ ଓ ସଭ୍ୟତା ସହିତ ତାଙ୍କର ସଂପୃକ୍ତିକୁ ଆକଳନ କରାଯାଇଛି।

**ଶୋକ ଲହରୀ :** ବାମଣ୍ଡାର ରାଜା ସାର୍ ବାସୁଦେବ ସୁଢ଼ଳଦେବଙ୍କ ବିୟୋଗରେ ଏହି ଶୋକ କବିତାଟି ରଚିତ। ଉତ୍କଳ ଗୌରବ ବାମଣ୍ଡା ନରେଶ ବାସୁଦେବ ସୁଢ଼ଳ ଦେବ ଯଥାର୍ଥରେ ଥିଲେ ନବ ଉତ୍କଳର ନିର୍ମାତା। କଳା, ସାହିତ୍ୟ, ସଙ୍ଗୀତ ଓ ସମର କ୍ଷେତ୍ରରେ ନେତୃତ୍ୱ ନେଇଥିବା ବାମଣ୍ଡା ରାଜଦରବାର ବାସୁଦେବ ସୁଢ଼ଳ ଦେବଙ୍କୁ ‘ଉତ୍କଳ ଗଗନ-ରବି’ ରୂପେ ଚତ୍ରଣ କରି ତାଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗଗୁଡ଼ିକୁ ସ୍ମରଣ କରିଛନ୍ତି।

“ରାଜକର୍ମ-କୋଳାହଳ ମଧ୍ୟେଥାଇ ସଦା
କେମନ୍ତେ ହେ କହ କର୍ମିବର
ଭେଟିଲ, ସେବିଲ ଦେବୀ ଭାରତୀବରଜା ?
ସୌଭାଗ୍ୟେ ଲଭିଲ ତାଙ୍କ ବର।

* * *

ଉତ୍କଳ ସାହିତ୍ୟାକାଶେ ଉଇଁ ଶୁଭକ୍ଷଣେ
ଭାଷା-ଯୋଗେ ଭବିଷ୍ୟ ମିଳନେ
ସୂଚିଲ ହେ ଦୂରଦର୍ଶୀ ଅରୁଣ ଯେସନେ
ସୂଚେ ମଧ୍ୟନ୍ଦିନ ଆଗମନେ।”

ବାମଣ୍ଡା ରାଜ ଦରବାରକୁ ‘ବୁଧ-ହଂସ-କେଳି-ସର’ ବୋଲି କୁହାଯାଏ। ପଣ୍ଡିତ ଓ କବିମାନଙ୍କର ଏଠାରେ ଖୁବ୍ ଆଦର ଥିଲା। ନିଜେ ବାସୁଦେବ ସୁଢ଼ଳ ଦେବ ଜଣେ ସୁକବି ଥିଲେ। ଦରବାରରେ ଶାସ୍ତ୍ରଚର୍ଚ୍ଚା ସହ ସାହିତ୍ୟ ପତ୍ରିକା ‘ସମ୍ବଲପୁର ହିତୈଷିଣୀ’ ପ୍ରକାଶ ପାଉଥିଲା। ଓଡ଼ିଆ ଭାଷା ସୁରକ୍ଷା, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସାହିତ୍ୟ ସୃଷ୍ଟି ପାଇଁ ପ୍ରେରଣା ଓ ପ୍ରୋତ୍ସାହନ ଦେବାରେ ବାସୁଦେବ ସୁଢ଼ଳ ଦେବ ଖ୍ୟାତି ଅର୍ଜନ କରିଥିଲେ। ‘ଶୋକ ଲହରୀ’ ସେହି ମହାନ ବ୍ୟକ୍ତିତ୍ୱଙ୍କ ପ୍ରତି ଏକ ଲୁହମୟ ଶ୍ରଦ୍ଧାଞ୍ଜଳି।

'କୁସୁମାଞ୍ଜଳି' ସଂକଳନରେ ଥିବା ଏଗାରଟି କବିତା ଅଧ୍ୟୟନରୁ ଜଣାପଡ଼େଯେ କବି ମଧୁସୂଦନଙ୍କ ବ୍ୟକ୍ତିତ୍ୱର ଦାର୍ଶନିକ ଦିଗଟିର ପ୍ରଭାବ ଏହି କବିତାରେ ସ୍ପଷ୍ଟ।ପୂର୍ବରୁ କରାଯାଇଥିବା ଆଲୋଚା ଭିତ୍ତିରେ ଏହି ସଂକ୍ଳନର କେତୋଟି ବୈଶିଷ୍ଟ୍ୟ ନିରୂପଣ କରାଯାଇପାରିବ।

୧. ଜୀବନର ମୋହ ମାୟା ପାର୍ଥିବ ତୁଚ୍ଛତାକୁ ଭୁଲି ପରମେଶ୍ୱରଙ୍କ ନିକଟରେ ନିଜକୁ ସମର୍ପଣ କରବା ହିଁ କୁସୁମାଞ୍ଜଳିର ମୁଖ୍ୟ ସ୍ୱର।

୨. ବ୍ରାହ୍ମଧର୍ମର ବ୍ୟକ୍ତିସଂସ୍କାର, ସମାଜ ସଂସ୍କାର ସହ ବ୍ରହ୍ମଦର୍ଶୀ ତତ୍ତ୍ୱ କୁସୁମାଞ୍ଜଳିର କବିତା ମାନଙ୍କରେ ପରିଲକ୍ଷିତ ହୁଏ।

୩. ଈଶ୍ୱର ଅଣାକାର। ଧର୍ମ-ଜାତି-ଭୂଗୋଳ ବାହାରେ ସେ ନିରାକାର ବ୍ରହ୍ମଜ୍ୟୋତି। ପ୍ରକୃତିର ନୈସର୍ଗିକ ଦୃଶ୍ୟବୋଧରେ ଜୀବର ଆତ୍ମପ୍ରତ୍ୟୟ ଜାଗିଉଠେ। ମଣିଷର ରୂପାନ୍ତର ଆସେ। ପ୍ରକୃତି ପାଲଟି ଯାଏ ପରମେଶ୍ୱର। କୁସୁମାଞ୍ଜଳିର ଅନେକ କବିତାରେ ଏ ସ୍ୱରଟି ସ୍ପଷ୍ଟ।

୪. ଏ ସୃଷ୍ଟି ଅମୃତମୟ – ଏହାହିଁ କବିତାର ଦର୍ଶନ।

୫. ବ୍ୟକ୍ତିର ଅହଂକାର ଓ ଉପଭୋଗର ବିଳୟ ହେଲେ ତା'ଭିତରେ ଦେବତ୍ୱ ଉଦୟ ହୁଏ – ଏମନ୍ତ କୁସୁମାଞ୍ଜଳିର କବିତାମାନଙ୍କରେ ପ୍ରତିଫଳିତ।

୬. ଶୋକକବିତା ଓ ଛନ୍ଦକବିତାର ସମାବେଶରେ କୁସୁମାଞ୍ଜଳିକୁ ସାର୍ଥକ ଗୀତିକବିତା ସଂକଳନ ଭାବରେ ବିଚାର କରାଯାଇପାରିବ।

## ୧.୬ ସ୍ରଷ୍ଟା ପରିଚୟ : ରବୀନ୍ଦ୍ରନାଥ ଠାକୁର

ଭାରତୀୟ ସାହିତ୍ୟକୁ ବିଶ୍ୱଦରବାରରେ ପ୍ରତିଷ୍ଠା ଦେଇଥିବା ସର୍ବକାଳୀନ ଶ୍ରେଷ୍ଠ ସର୍ଜନବ୍ୟକ୍ତି ହେଉଛନ୍ତି ରବୀନ୍ଦ୍ରନାଥ ଠାକୁର। ବଙ୍ଗଳା ଭାଷାରେ ଲେଖାଲେଖି କରୁଥିବା ରବୀନ୍ଦ୍ରନାଥ ନିଜସ୍ୱ ପ୍ରତିଭା ବଳରେ ଭାଷା, ଭୂଖଣ୍ଡର ସୀମା ଅତିକ୍ରମ କରି ବିଶ୍ୱ ସାହିତ୍ୟର ଜଣେ କ୍ଲାସିକ ବ୍ୟକ୍ତିତ୍ୱ ଭାବରେ ପ୍ରତିଷ୍ଠିତ। ଭାରତୀୟ ଆଧାତ୍ମିକ ମୂଲ୍ୟବୋଧ, ଦର୍ଶନ, ସନ୍ଥପରଂପରା ଓ ଜୀବନର ଅମୃତ ମାର୍ଗ ନିରୂପଣରେ ରବୀନ୍ଦ୍ରନାଥଙ୍କ ରଚନା ଗୁଡ଼ିକ ବିଶ୍ୱ ପାଠକ ସମୁଦାୟଙ୍କୁ ପ୍ରଭାବିତ କରିଆସିଛି। ବ୍ରିଟିଶ ଶାସିତ ଭାରତରେ ନବଜାଗରଣର ଆଦ୍ୟପର୍ବରେ ରବୀନ୍ଦ୍ରନାଥ ନିଜର ରଚନାଗୁଡ଼ିକ ଦ୍ୱରା ଭାରତୀୟ ଭାବନାକୁ ଅଧିକ ବସ୍ତାର ରୂପ ପ୍ରଦାନ କରିଛନ୍ତି। ରବୀନ୍ଦ୍ରନାଥ କଳିକତାସ୍ଥ ନିଜର ପୈତୃକ ଘର ଯୋଡ଼ାଶଙ୍ଗରେ ମଇ ୭ ତାରିଖ ୧୮୬୧ ମସିହାରେ ଜନ୍ମଗ୍ରହଣ କରିଥିଲେ। ପିତା ଦେବେନ୍ଦ୍ରନାଥ ଠାକୁର ଓ ମାତା ଶାରଦା ଦେବୀଙ୍କର ଚତୁର୍ଦ୍ଦଶ ସନ୍ତାନ ରୂପେ ରବୀନ୍ଦ୍ରନାଥ ଜନ୍ମ ଗ୍ରହଣ କରିଥିଲେ। ରବୀନ୍ଦ୍ରନାଥଙ୍କ ପିତାମହ ଦ୍ୱାରକାନାଥ ଠାକୁର ଜଣେ ଜମିଦାର ଥିଲେ। କଳିକତାରେ ସେ 'ପ୍ରିନ୍ସ' ରୂପେ ପ୍ରତିଷ୍ଠା ପାଇଥିଲେ। ରବୀନ୍ଦ୍ରନାଥଙ୍କ ପିତା ଦେବେନ୍ଦ୍ରନାଥ ଭାରତୀୟ ପରଂପରାରେ ବିଶ୍ୱାସ କରୁଥିଲା। ପାଶ୍ଚାତ୍ୟ ଶିକ୍ଷା ଓ ଆଧୁନିକ ସଂସ୍କୃତିର ସେ ବିରୋଧି ଥିଲେ। ଦେବେନ୍ଦ୍ରନାଥ ପରବର୍ତ୍ତୀ ସମୟରେ ହିନ୍ଦୁ ଧର୍ମର ରକ୍ଷଣଶୀଳତାକୁ

ତ୍ୟାଗକରି ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ। ଏସବୁ ସତ୍ତ୍ୱେ ଠାକୁର ଘର ସଂସ୍କୃତି ରକ୍ଷଣଶୀଳ ଥିଲା। ରବୀନ୍ଦ୍ରନାଥଙ୍କ ବାଳକ ବେଳ ଏହି ରକ୍ଷଣଶୀଳତାର ପାଚେରୀ ଭିତରେ କଟିଥିଲା। ଗୃହ ଶିକ୍ଷକ ଓ ଚାକରମାନଙ୍କର ପରିଚର୍ଯ୍ୟାରେ କ୍ରମଶଃ ରବୀନ୍ଦ୍ରନାଥ ବଡ଼ ହେଲେ। ଠାକୁର ଘରର ଏହି ରକ୍ଷଣଶୀଳ ସଂସ୍କୃତି ଓ ଜୀବନଧାରା ତାଙ୍କର ଅନେକ ଗଳ୍ପ, ଉପନ୍ୟାସରେ ଦେଖିବାକୁ ମିଳେ। ୧୮୮୩ ମସିହା ଡ଼ିସେମ୍ବର ମାସ ୯ ତାରିଖ ଦିନ ରବୀନ୍ଦ୍ରନାଥ ମୃଣାଳିନୀଦେବୀଙ୍କୁ ବିବାହ କରନ୍ତି। ରବୀନ୍ଦ୍ରନଙ୍କର ସନ୍ତାନ ଭାବରେ ରେଣୁକା ଠାକୁର, ସମୀନ୍ଦ୍ରନାଥ ଠାକୁର, ମୀରା ଠାକୁର, ରଥୀନ୍ଦ୍ରନାଥ ଠାକୁର ଓ ମାଧୁରୀଲତା ଠାକୁର ଜନ୍ମ ହୋଇଥିଲେ। ରବୀନ୍ଦ୍ରଙ୍କୁ ଯେତେବେଳ ୪୧ ବର୍ଷ ସେତେବେଳେ ତାଙ୍କର ପତ୍ନୀ ବିୟୋଗ ଘଟିଲା। ଏକ ପକ୍ଷରେ ପତ୍ନୀ ବିୟୋଗ ଓ ଅନ୍ୟପକ୍ଷରେ ସନ୍ତାନମାନଙ୍କର ସ୍ୱାସ୍ଥ୍ୟହାନୀ ନେଇ ରବୀନ୍ଦ୍ରନାଥ ବିଚଳିତ ହୋଇ ପଡ଼ିଲେ। ଯନ୍ତ୍ରଣା ଓ ପାରିବାରିକ ଚାପ ଭିତରେ ରବୀନ୍ଦ୍ରନାଥ ସର୍ଜନଶୀଳତା, ଭାରତରେ ଶିକ୍ଷାବିସ୍ତାର ଓ ଜାତୀୟ ଆନ୍ଦୋଳନକୁ ଗୁରୁତ୍ୱ ଦେଉଥିଲେ। ରବୀନ୍ଦ୍ରନାଥଙ୍କ ଅବଶିଷ୍ଟ ଜୀବନ ସାହିତ୍ୟ ସୃଷ୍ଟି, ଶିକ୍ଷା ପ୍ରସାର ଓ ଜାତୀୟ ଆନ୍ଦୋଳନରେ ସଂପୃକ୍ତି ଯୋଗୁଁ ବ୍ୟାପକତା ଲାଭ କରିଛି।

ରବୀନ୍ଦ୍ରନାଥଙ୍କ ସାହିତ୍ୟ ରଚନାକୁ ଲକ୍ଷ୍ୟକଲେ ଜଣାଯିବଯେ, ସେ କବିତା, ଗୀତ, ନାଟକ, ପ୍ରବନ୍ଧ, କଥାସାହିତ୍ୟ, ଚିତ୍ରକଳା ଓ ସଙ୍ଗୀତକାର ଭାବରେ ପ୍ରସିଦ୍ଧି ଅର୍ଜନ କରିଛନ୍ତି। ଏପରି ବହୁବିଧ ପ୍ରତିଭା ସଂପନ୍ନ ଲେଖକ ସରସ୍ୱତୀ କ୍ୱଚିତ୍ ସୃଷ୍ଟି କରିଥାନ୍ତି। ରବୀନ୍ଦ୍ର ସଙ୍ଗୀତ ସମସ୍ତ ବଙ୍ଗାଳୀ ମାନଙ୍କର ଅତ୍ୟନ୍ତ ପ୍ରିୟ, ଏହାଛଡ଼ା ଭାରତର ବିଭିନ୍ନ ପ୍ରାନ୍ତର ଲୋକ ରବୀନ୍ଦ୍ର ସଙ୍ଗୀତକୁ ଭଲପାଆନ୍ତି। ଗୀତ ରଚନା ମାଧ୍ୟମରେ ହିଁ ରବୀନ୍ଦ୍ରଙ୍କ ସାହିତ୍ୟ ପ୍ରତିଭାର ପରିଚୟ ମିଳିଥିଲା। 'ଆମର ସୋନର ବାଙ୍ଗଲା' (୧୯୦୫) ଗୀତ ବଙ୍ଗଭଙ୍ଗ ସମୟରେ ଜାତୀୟ ସଙ୍ଗୀତ ଭାବରେ ଗାନ କରାଯାଇଥିଲା। ଏହାମଧ୍ୟ ବଙ୍ଗଳା ଦେଶର ଜାତୀୟ ସଙ୍ଗୀତ ଭାବରେ ମାନ୍ୟତା ପାଇଛି। ବଙ୍ଗ ପ୍ରଦେଶର ଲୋକମାନଙ୍କ ମଧ୍ୟରେ ଜାତୀୟତା ବୋଧ ସୃଷ୍ଟି ପାଇଁ ଏହି ଗୀତର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ। କବିଙ୍କ ରଚିତ 'ଏକ୍‌ଲା ଚଲୋରେ' (୧୯୦୫) ଗୀତଟି ଭାରତ ଓ ବିଦେଶରେ ଏକ ବହୁ ଅଦୃତ ରବୀନ୍ଦ୍ର ସଙ୍ଗୀତ।

ନିଜେ ନିଜକୁ କେବେବି ଏକୁଟିଆ ନଭାବି ଯେ କୌଣସି କାର୍ଯ୍ୟର ଆରମ୍ଭ କରିବା ଉଚିତ୍। ଥରେ କାମ ଆରମ୍ଭ ହୋଇଗଲା ପରେ ଅନ୍ୟମାନେ ସେଥିରେ ଯୋଡି ହୋଇ ଯାଆନ୍ତି। 'ଏକ୍‌ଲା ଚଲୋ' ସ୍ଲୋଗାନ୍‌ଟି ଜାତୀୟତା ବୋଧର ଅପୂର୍ବ ଉନ୍ମାଦନା ଶ୍ରୋତାଙ୍କ ଭିତରେ ସୃଷ୍ଟି କରିଥିଲା। କବିଙ୍କ ଦ୍ୱାରା ରଚିତ 'ବ୍ରହ୍ମ ସଙ୍ଗୀତ' (୧୯୦୯) 'ଜନଗଣମନ' (୧୯୧୧) ଓ 'ଗୀତବିତାନ' (୧୯୩୧) ତାଙ୍କ ସଙ୍ଗୀତ ପ୍ରତିଭାର ବିପୁଳ ପରିଚୟ ଦେଇଥାଏ। ଭାରତର ଜାତୀୟ ସଙ୍ଗୀତର ମାନ୍ୟତା ପାଇଥିବା 'ଜନଗଣମନ' ରଚନା କରି କବି ନିଜର ଦେଶାତ୍ମବୋଧର ପରିଚୟ ଦେଇଛନ୍ତି। ରବୀନ୍ଦ୍ର ସଙ୍ଗୀତ ଆଜି ମଧ୍ୟ ଆନ୍ତର୍ଜାତୀୟ ସ୍ତରରେ ଆଦର ପାଇଆସୁଛି। କବି ଭାବରେ ରବୀନ୍ଦ୍ରନାଥ ବିଶ୍ୱବିଖ୍ୟାତ୍। ବ୍ରହ୍ମଧର୍ମ ସହ ଜଡ଼ିତ ଏହି କବି ନିଜ କବିତାରେ ଆତ୍ମା-ପରାତ୍ମା ଓ ବ୍ରହ୍ମାଣ୍ଡ ସହ ବ୍ୟକ୍ତିର ସୂକ୍ଷ୍ମସଂପର୍କ ବାରମ୍ବାର କବିତାରେ ବିଶ୍ଳେଷଣ କରିଛନ୍ତି। ରବୀନ୍ଦ୍ରଙ୍କ କବିତାଗୁଡ଼ିକରେ ମଧ୍ୟ ସଙ୍ଗୀତର ମୂର୍ଚ୍ଛନା ଦେଖିବାକୁ ମିଳେ। କବିଙ୍କ ବନଫୁଲ (୧୮୮୦) ପ୍ରଭାତ ସଙ୍ଗୀତ (୧୮୮୧) ମାନସୀ (୧୮୯୦) ସୋନାରତୀର (୧୮୯୪) ଗୀତିମାଲ୍ୟ (୧୯୧୪) ଗୀତାଞ୍ଜଳି (୧୯୧୦) ବଳକା (୧୯୧୨)

ସଂଧ୍ୟା ସଙ୍ଗୀତ (୧୮୮୧) ଶ୍ୟାମଳୀ (୧୯୩୬) ପୁନଶ୍ଚ (୧୯୩୨) ଆକାଶ ପ୍ରଦୀପ (୧୯୩୯) ଆଦି କବିତାଗୁଡ଼ିକ ତାଙ୍କ ପ୍ରତିଭା ପରିଚୟ ବହନ କରେ। ରବୀନ୍ଦ୍ରଙ୍କ ଅଧିକାଂଶ କବିତା ବିଭୂଚେତନା ମଣ୍ଡିତ। ଜଡ଼ଜଗତର ସଙ୍କୁଚିତ ଜୀବନ ତ୍ୟାଗ କରି ଏକ ମହତ୍ତର ସତ୍ତାର ଅନ୍ୱେଷଣରେ ତାଙ୍କ କବିତାଗୁଡ଼ିକ ଗତିଶୀଳ। ଆଦି ଭୌତିକ ଭାବବୋଧ, ଜାତୀୟବାଦୀ ଦୃଷ୍ଟି ସହ ଏକ ପାରତ୍ରିକ ଚିନ୍ତନକିୟା ରବୀନ୍ଦ୍ରଙ୍କ କବିତାରୁ ଲକ୍ଷ୍ୟ କରାଯାଏ। କବିଙ୍କ 'ଗୀତାଞ୍ଜଳି' ୧୯୧୩ ମସିହାରେ ନୋବେଲ ପୁରସ୍କାର ପାଇବା ପରେ କବିଙ୍କ ଆଦିଭୌତିକ ଭାବବୋଧକୁ ସମଗ୍ର ବିଶ୍ୱରେ ପରିଚୟ ମିଳିଛି। ରବୀନ୍ଦ୍ରଙ୍କ ସଙ୍ଗୀତକୁ କବିତାରୁ ଅଲଗା ଭାବରେ ବିବେଚନା କରାଯାଇପାରିବ ନାହିଁ।

ଗଦ୍ୟ ସାହିତ୍ୟ ରଚନା କ୍ଷେତ୍ରରେ ରବୀନ୍ଦ୍ର ନୂତନ ଶୈଳୀ, ବର୍ଣ୍ଣନା କଳା ଓ ଚରିତ୍ର ଚିତ୍ରଣ କରିଛନ୍ତି। ବିଶେଷକରି ଗଳ୍ପ ଓ ଉପନ୍ୟାସ ରଚନାରେ ରବୀନ୍ଦ୍ରଙ୍କ ସମ୍ବେଦନଶୀଳ ସ୍ରଷ୍ଟା ହୃଦୟର ପରିଚୟ ମିଳେ। ରବୀନ୍ଦ୍ରନାଥଙ୍କ ଗଳ୍ପ ରଚନାର ସିଦ୍ଧି ଭାବରେ ପାଠକ ତାଙ୍କର ପୋଷ୍ଟମାଷ୍ଟର (୧୮୯୧) ସମ୍ପତ୍ତି ସମର୍ପଣ (୧୮୯୧) ଏକ୍‌ଟା ଆଶର ଗୋଲାପ (୧୮୯୨) କାବୁଲିବାଲା (୧୮୯୨) ଜୀବିତ ଓ ମୃତ (୧୮୯୨) ଛୋଟ ଗଳ୍ପ (୧୮୯୪) କଥାଚତୁଷ୍ଟୟ (୧୮୯୪) ବିଚିତ୍ର ଗଳ୍ପ (୧୮୯୪) ଗଳ୍ପଦଶକ (୧୮୯୫) ଶେଷର ରାତ୍ରୀ (୧୯୧୪) ଅପରିଚିତ (୧୯୧୬) କଥା ଓ କାହାଣୀ (୧୮୯୮) ଗଳ୍ପଗୁଚ୍ଛ (୧୯୦୦), ଗଳ୍ପ (୧୯୦୧) ଗୁପ୍ତଧନ (୧୯୦୭) ଗଳ୍ପଗୁଡ଼ିକୁ ଆଜିପର୍ଯ୍ୟନ୍ତ ମନେରଖିଛନ୍ତି। ପ୍ରାରମ୍ଭିକ ଅବସ୍ଥାରେ ଯେଉଁ ପାରିବାରିକ ଜମିଦାରୀ ପରିବେଶରେ ରବୀନ୍ଦ୍ରନାଥ ବଡ଼ ହୋଇଥିଲେ ତା'ର ପାରିପାର୍ଶ୍ୱିକ ଘଟଣା ଚରିତ୍ରକୁ ନେଇ ଗଳ୍ପ ରଚନା କରିଛନ୍ତି। ପରବର୍ତ୍ତୀ ସମୟରେ ଅଭାବୀମଣିଷର ଚିତ୍ରଣ, ନାରୀ ସମସ୍ୟା, ଇଂରେଜ ଶାସିତ ଭାରତ ବର୍ଷର ଚିତ୍ର ଆଦି ତାଙ୍କ ଗଳ୍ପମାନଙ୍କରେ ପ୍ରକାଶ ପାଇଛି। ମାନବିକ ସଂବେଦନା ଓ କରୁଣା ରବୀନ୍ଦ୍ରଙ୍କ ଗଳ୍ପ ରଚନାର ଦୁଇଟି ବଳିଷ୍ଠଦିଗ। ଏଥିପାଇଁ ବୋଧହୁଏ ପାଠକ ଆଜି ମଧ୍ୟ 'କାବୁଲିବାଲା' ଗଳ୍ପ ପାଠକଲେ ଲୁହ ଛଳଛଳ ହୋଇ ପଡ଼େ। ଜଣେ ଉପନ୍ୟାସିକ ଭାବରେ ରବୀନ୍ଦ୍ରନାଥ ଭାରତରେ ପ୍ରସିଦ୍ଧ। ତାଙ୍କ ଉପନ୍ୟାସରେ ବଙ୍ଗଳା ସଭ୍ୟତା ଓ ସଂସ୍କୃତିର ଚିତ୍ର ଦେଖିବାକୁ ମିଳିଥାଏ। ରାଜଘରାନା, ଜମିଦାର ସଂସ୍କୃତି, ବ୍ରାହ୍ମଧର୍ମର ସଂସ୍କାର ଓ ସାଧାରଣ ମଣିଷର ଜୀବନଚିତ୍ରରେ ଉପନ୍ୟାସଗୁଡ଼ିକ ବର୍ଣ୍ଣିଳ। ପ୍ରେମ ଦୃଷ୍ଟି, ସୌନ୍ଦର୍ଯ୍ୟବୋଧ ଓ କାରୁଣ୍ୟର ସମନ୍ୱୟରେ ରବୀନ୍ଦ୍ରଙ୍କ ଉପନ୍ୟାସ ଗୁଡ଼ିକ ଭାରତୀୟ ସାହିତ୍ୟର ଅମୂଲ୍ୟ ସମ୍ପଦ ରୂପେ ପରିଗଣିତ ହୋଇଛି। ରବୀନ୍ଦ୍ରଙ୍କ ରଚିତ ନଷ୍ଟନୀଡ଼ (୧୯୦୧) ଚୋଖେରବାଲି (୧୯୦୧) ନୌକାଡୁବି (୧୯୦୬) ଗୋରା (୧୯୦୯) ଘରବାହିରେ (୧୯୦୧) ଆଦି ଉପନ୍ୟାସଗୁଡ଼ିକ ଆଜି ମଧ୍ୟ ପାଠକ ପାଇଁ ପସନ୍ଦଯୋଗ୍ୟ ଉପନ୍ୟାସ ହୋଇପାରିଛନ୍ତି। ନାଟକ ରଚନା କ୍ଷେତ୍ରରେ ମଧ୍ୟ ରବୀନ୍ଦ୍ରନାଥଙ୍କ ପ୍ରତିଭାର ଉତ୍କର୍ଷକୁ ଲକ୍ଷ୍ୟ କରାଯାଇ ପାରିବ। ବିଶ୍ୱକବିଙ୍କ ଦ୍ୱାରା ରଚିତ ବାଲ୍ମିକୀ ପ୍ରତିଭା (୧୮୮୧) କାଳମୃଗୟା (୧୮୮୨) ବିସର୍ଜନ (୧୮୯୦) ଚିତ୍ରାଙ୍ଗଦା (୧୮୯୨) ରାଜା (୧୯୧୦) ଡାକଘର (୧୯୧୨) ଅଚଳାୟତନ (୧୯୧୨) ମୁକ୍ତାଧାରା (୧୯୨୨) ରକ୍ତକରବୀ (୧୯୨୬) ଚାଣ୍ଡାଳିକା (୧୯୩୩) ଆଦି ନାଟକ ଗୁଡ଼ିକ ଭାରତୀୟ ନାଟକ ଇତିହାସରେ ଗୋଟିଏ ଗୋଟିଏ ନୂତନ ସଂଯୋଜନା। ଜୀବନର ବସ୍ତୁବାଦୀ ସଂକୀର୍ଣ୍ଣତାରୁ ଉର୍ଦ୍ଧ୍ୱକୁ ଯାଇ ବ୍ରହ୍ମାଣ୍ଡୀୟ ସତ୍ତାର ସୂକ୍ଷ୍ମତା ଅନୁଭବ କରିବାର ବାର୍ତ୍ତା ଅନେକ ନାଟକରେ ରହିଛି। ଯେଉଁ ସବୁ ପ୍ରସଙ୍ଗ ଗୁଡ଼ିକ ରବୀନ୍ଦ୍ରନାଥ ଗୀତ, କବିତା, ଗଳ୍ପ, ଉପନ୍ୟାସ ଓ ନାଟକରେ

ଉତ୍‌ଥାପନ କରିପାରୁ ନଥିଲେ, ସେହିସବୁ ପ୍ରସଙ୍ଗଗୁଡ଼ିକୁ ପ୍ରବନ୍ଧ ମାଧ୍ୟମରେ ପ୍ରକାଶ କରୁଥିଲେ। ଭାରତୀୟ ଶିକ୍ଷା ବ୍ୟବସ୍ଥା, ଜାତୀୟତାବୋଧକୁ ନେଇ ରବୀନ୍ଦ୍ରନାଥ ଅନେକ ମୌଳିକ ପ୍ରବନ୍ଧର ରଚନା କରିଛନ୍ତି। ଭାରତୀୟ ଆଧ୍ୟାତ୍ମିକ ବୁନିଆଦି, ସଭ୍ୟତା ଓ ସଂସ୍କୃତି ସଂପର୍କରେ ବିଭିନ୍ନ ଦେଶରେ ବକ୍ତବ୍ୟ ପ୍ରଦାନ କରିଛନ୍ତି। ଅତଏବ ରବୀନ୍ଦ୍ରନାଥ ଜଣେ ସାଧାରଣ ସର୍ଜନଶୀଳ ବ୍ୟକ୍ତିତ୍ୱ ନଥିଲେ, ସେଥିଲେ ଜଣେ ସାମାଜିକ କର୍ମୀ-ଲେଖକ (Social activist cum Writer), ଭାରତୀୟ ସ୍ୱରାଜ୍ୟ ଆନ୍ଦୋଳନ, ବଙ୍ଗଭଙ୍ଗ ଆନ୍ଦୋଳନ ଠାରୁ ଆରମ୍ଭ କରି ଭାରତରେ ଦେଶୀୟ ଶିକ୍ଷା ବ୍ୟବସ୍ଥା ପ୍ରଚଳନ ନିମନ୍ତେ ରବୀନ୍ଦ୍ରନାଥ ସ୍ୱର ଉତ୍ତୋଳନ କରିଥିଲେ। ହିନ୍ଦୁ ସମାଜର ରକ୍ଷଣଶୀଳତା, ବ୍ରାହ୍ମଣବାଦର ସଂକୀର୍ଣ୍ଣତା, କୁସଂସ୍କାର ଓ ଅନ୍ଧବିଶ୍ୱାସ ବିରୁଦ୍ଧରେ ତାଙ୍କର ରଚନାଗୁଡ଼ିକ ନୂଆ ସମାଜ ନିର୍ମାଣ କରିବା ପାଇଁ ଆଗ୍ନେୟ ଅସ୍ତ୍ର କରି କାର୍ଯ୍ୟ କରୁଥିଲା। ବଙ୍ଗଳା ସମାଜର ରକ୍ଷଣଶୀଳ ଜମିଦାରୀ ବ୍ୟବସ୍ଥା ବିରୁଦ୍ଧରେ ଓ ନାରୀ ସ୍ୱାଧୀନତା ସପକ୍ଷରେ ରବୀନ୍ଦ୍ରନାଥଙ୍କ ରଚନା ବଙ୍ଗଳା ସମାଜରେ ନବଜାଗରଣ ସୃଷ୍ଟି କରିଥିଲା। ରବୀନ୍ଦ୍ରନାଥଙ୍କ ସର୍ଜନ ପ୍ରତିଭାର ଗଭୀରତାକୁ ଏହି ମର୍ମରେ ସ୍ମରଣ କରାଯାଇ ପାରିବ।

ରବୀନ୍ଦ୍ରନାଥ ଠାକୁରଙ୍କ ସର୍ଜନଶୀଳ ସତ୍ତାର ଅନ୍ୟତମ ବୃହତ୍ତମ ପରିଚୟ ଥିଲା ଶାନ୍ତିନିକେତନ ଶିକ୍ଷାଶ୍ରମ। ୧୯୦୧ ମସିହା ୨୧ ଡ଼ିସେମ୍ବର ଦିନ ରବୀନ୍ଦ୍ରନାଥ ଏହାକୁ ପ୍ରତିଷ୍ଠା କରିଥିଲେ। ପାଶ୍ଚାତ୍ୟଶିକ୍ଷା ବ୍ୟବସ୍ଥାକୁ ବିରୋଧ କରି ଭାରତୀୟ ବ୍ୟବସ୍ଥା ବିଧିରେ ଶିକ୍ଷା ପ୍ରଦାନ କରିବା ଥିଲା ରବୀନ୍ଦ୍ରନାଥଙ୍କ ଉଦ୍ଦେଶ୍ୟ। ଶାନ୍ତିନିକେତନ ବିଦ୍ୟାଳୟ ପରିସରରେ ଏକ ପ୍ରାର୍ଥନା ସଭା (The mandir) ପ୍ରତିଷ୍ଠା କରାଗଲା। ଗୁରୁ-ଶିଷ୍ୟ ପରଂପରା ଅନୁକ୍ରମେ ଗୁରୁକୂଳ ଭିତ୍ତିରେ ଏଠାରେ ତୃଣତରୁମୂଳେ ଶିକ୍ଷାଦାନ କରାଯାଉଥିଲା। ପ୍ରକୃତି ଓ ପରମେଶ୍ୱରଙ୍କ ସହ ସଂଲଗ୍ନ ହୋଇ ଜୀବନର ମହତ୍ତର ଲକ୍ଷ୍ୟ ପ୍ରାପ୍ତି କରିବା ଶିକ୍ଷାର ଉଦ୍ଦେଶ୍ୟ ଏହା ରବୀନ୍ଦ୍ରନାଥ ପ୍ରମାଣ କରିବାକୁ ଚାହୁଁଥିଲେ। ରବୀନ୍ଦ୍ରନାଥ ଶାନ୍ତିନିକେତନ ପରିସରରେ ସପରିବାରେ ଅବସ୍ଥାନ କରୁଥିଲେ। ଏଠାରେ ରହଣି କାଳରେ ତାଙ୍କର ପତ୍ନୀ ବିୟୋଗ ଘଟିଥିଲା। ନିଜ ଜୀବନର ବିଷାଦ ଓ ବିପର୍ଯ୍ୟୟ ସତ୍ତ୍ୱେ ଏହାକୁ ଏକ ଜାତୀୟ ବିଦ୍ୟାଳୟ ଭାବରେ ରବୀନ୍ଦ୍ରନାଥ ଗଢ଼ି ତୋଳିଥିଲେ। ବିଭିନ୍ନ ସମୟରେ ମହାତ୍ମାଗାନ୍ଧୀ ଏହି ବିଦ୍ୟାଳୟ ଭ୍ରମଣରେ ଆସି ଅବସ୍ଥାନ କରୁଥିଲେ। ସ୍ୱଦେଶୀ ଆନ୍ଦୋଳନ ପୃଷ୍ଠଭୂମିରେ 'ଶାନ୍ତିନିକେତନ' ଭାରତୀୟ ଶିକ୍ଷା ଓ ସଂସ୍କୃତିର ପ୍ରତୀକ ଭାବରେ ପରାଧିନ ଭାରତରେ ଗର୍ବର ସହ ଠିଆ ହୋଇ ରହିଲା। ଶାନ୍ତିନିକେତନର କାନ୍ତ କମନୀୟ ଛାୟା ଶୀତଳ ପରିବେଶରେ ବସି ରବୀନ୍ଦ୍ରନାଥ ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟି କରିଯାଇଛନ୍ତି। କବିଗୁରୁଙ୍କ ସ୍ଥାପିତ ସେହି ଦିନର ଶାନ୍ତିନିକେତନ ବିଦ୍ୟାଳୟ ଆଜି ଆନ୍ତର୍ଜାତୀୟ ସ୍ତରରେ ସୁଖ୍ୟାତି ଅର୍ଜନ କରିଛି। ରବୀନ୍ଦ୍ରନାଥଙ୍କ ଏହି ମାନସ ଅନୁଷ୍ଠାନ ଭାରତୀୟ ଶିକ୍ଷା ଓ ସଂସ୍କୃତିର ଆଦର୍ଶ ଅନୁଷ୍ଠାନ ଭାବରେ ସମଗ୍ର ବିଶ୍ୱକୁ ଆଲୋକିତ କରିଚାଲିଛି।

ରବୀନ୍ଦ୍ରନାଥଙ୍କ ସାହିତ୍ୟିକ ଜୀବନକୁ ଅନୁଧ୍ୟାନକଲେ ଜଣାଯିବଯେ ଭାରତୀୟ ସନ୍ଥ ପରଂପରାର ଏକ ଆଲୋକରେଖା ରବୀନ୍ଦ୍ରନାଥଙ୍କଠାରେ ପ୍ରତିଫଳିତ। ଗଭୀର ନୈରାଶ୍ୟ ଭିତରେ ଜୀବନରେ ଆଶାବାଦର ପ୍ରବାହ ତାଙ୍କ ସାହିତ୍ୟ ଦର୍ଶନର ମୂଳକଥା। ରବୀନ୍ଦ୍ରନାଥ ଜଣେ ଗଠନ ମୂଳକ ସ୍ରଷ୍ଟା। ନବୀନ ଯୁଗର ବାର୍ତ୍ତାବହ। ଜଣେ ମାର୍ଗଦର୍ଶକ। ଦେଶକୁ ସଂସ୍କାରମୁକ୍ତ, ସ୍ୱାଧୀନ ଓ ସ୍ୱାବଲମ୍ବୀ କରିବାକୁ ହେଲେ ନିଜକୁ ହିଁ ଆରମ୍ଭ କରିବାକୁ ପଡ଼ିଥାଏ – ଏହାହିଁ ରବୀନ୍ଦ୍ର ଦର୍ଶନ। ଭାରତର କଳା, ସଂସ୍କୃତି, ଶିକ୍ଷା, ସାହିତ୍ୟ, ରାଜନୀତି ଓ ସାଧାରଣ ଜୀବନରେ ଗଭୀର ପ୍ରଭାବ ରଖିଥିବା ରବୀନ୍ଦ୍ରନାଥଙ୍କ ଲକ୍ଷ୍ୟ, ଆଦର୍ଶ ଓ ଅନୁଚିନ୍ତାକୁ ତାଙ୍କ ରଚିତ ଏହି ଗୀତିକାରୁ ଜଣିହେବ

"ଯଦି ତୋର ଡ଼ାକ ଶୁଣି କେହି ନ ଆସେ ତେବେ ଏକ୍‌ଲା ଚାଲରେ।
ଏକଲା ଚାଲ, ଏକଲା ଚାଲ, ଏକଲା ଚାଲରେ।
ଯଦି କେହି କଥା ନକହେ, ଆରେ ଆରେ ଏ ଅଭାଗା
ଯଦି ସଭିଏଁ ରହନ୍ତି ମୁଖ ଫେରାଇ, ସଭିଏଁ କରନ୍ତି ଭୟ
ତେବେ ପରାଣ ଖୋଲି
ରେ ତୁହି ମୁଖ ଫୁଟାଇ ତୋର ମନର କଥା ଏକଲା ବୋଲରେ
ଯଦି ସଭିଏଁ ଫେରି ଯାଆନ୍ତି ଆରେ ଆରେ ଏ ଅଭାଗା
ଯଦି ଗହନ ପଥେ ଯିବାର କାଳେ କେହି ଫେରି ନଚାହେଁ
ଦେବେ ପଥର କଣ୍ଟା
ରେ ତୁହି ରକ୍ତମଖା ଚରଣ ତଳେ ଏକଲା ଜଳରେ।
ଯଦି ଆଲୁଅ ନଧରି ଆରେ ଆରେ ଏ ଅଭାଗା
ଯଦି ଝଡ଼ ବାଦଲେ ଅନ୍ଧାର ରାତେ ଦୁଆର ଦେଇ ଘରେ
ତେବେ ବଜ୍ରାନଳେ
ଆପଣା ବୁକୁ ପଞ୍ଜରାଜାଳି ଏକଲା ଜ୍ୱଲରେ।

*(ମୂଳ କବିତା : ଏକ୍‌ଲା ଚାଲୋରେ। - ରବୀନ୍ଦ୍ରନାଥ*
*ଓଡ଼ିଆ ଅନୁବାଦ : ବିନୋଦଚନ୍ଦ୍ର ନାୟକ*
*ଉତ୍ସ: ରବୀନ୍ଦ୍ରନାଥ ଠାକୁରଙ୍କ ଜୀବନୀ ଗ୍ରନ୍ଥ*
*ଶିଶିର କୁମାର ଘୋଷ, ସାହିତ୍ୟ ଅକାଦେମି,)*

## ୧.୭ ଗୀତାଞ୍ଜଳିର ପୃଷ୍ଠଭୂମି

ରବୀନ୍ଦ୍ରନାଥ ଠାକୁରଙ୍କ 'ଗୀତାଞ୍ଜଳି' ୧୯୧୦ ମସିହାରେ ବଙ୍ଗଳା ଭାଷାରେ ପ୍ରକାଶ ପାଇଥିଲା। ରବୀନ୍ଦ୍ରନାଥ ନିଜେ ଏହାର ଇଂରାଜୀ ଅନୁବାଦ କରି ୧୯୧୨ ମସିହାରେ ପ୍ରଥମେ 'ଭାରତୀୟ ସମାଜ' ଦ୍ୱାରା ଓ ପରବର୍ତ୍ତୀ ସମୟରେ ମ୍ୟାକ୍‌ମିଲାନ ଦ୍ୱାରା ଏହାକୁ ପ୍ରକାଶ କରାଇଥିଲେ। ସବୁଠାରୁ ଉଲ୍ଲେଖନୀୟ କଥା ହେଉଛିଯେ, ସେ ସମୟରେ ପ୍ରଖ୍ୟାତ କବି ଉଇଲିୟମ ବଟ୍‌ଲର୍ ୟେଟସ୍ (WB Yeats) ଗୀତାଞ୍ଜଳି ଦ୍ୱାରା ପ୍ରଭାବିତ ହୋଇ ଏହାର ମୁଖବନ୍ଧ ରଚନା କରିଥିଲେ। ୟେଟସଙ୍କ ଦ୍ୱରା 'ଗୀତାଞ୍ଜଳି'ର ମୁଖବନ୍ଧ ରଚନା ହେବାଯୋଗୁଁ ଏହା ୟୁରୋପରେ ଆଦୃତ ହେବାକୁ ଲାଗିଲା। ବିଭିନ୍ନ ପତ୍ରିକା ଓ ସାହିତ୍ୟ ସମାଲୋଚକ ମାନେ 'ଗୀତାଞ୍ଜଳି' ସଂପର୍କରେ ଅନୁକୂଳ ମନ୍ତବ୍ୟ ପୋଷଣ କଲେ। ୟେଟସ୍ ଗୀତାଞ୍ଜଳି ସଂପର୍କରେ ଏକ ସଭାରେ ବକ୍ତବ୍ୟ ରଖି କହିଥିଲେ – "ମୋର ସମସାମୟିକ ଲେଖକମାନଙ୍କ ମଧ୍ୟରେ ମୁଁ କାହାରିକୁ ଜାଣେ ନାହିଁ, ଯିଏ ଇଂରେଜୀ ଭାଷାରେ ଏଭଳି କିଛି ଲେଖଛନ୍ତି, ଯାହା 'ଗୀତାଞ୍ଜଳି' ଗୀତିକାବ୍ୟ ସଙ୍ଗେ ତୁଳନା କରାଯାଇପାରେ।

ଏହି କବିତାଗୁଡ଼ିକ ଆକ୍ଷରିକ ପଦ୍ୟତର୍ଜମା ମାତ୍ର। କିନ୍ତୁ ଏଗୁଡ଼ିକ ପଢ଼ିଲାବେଳେ, ଏମାନଙ୍କ ମଧ୍ୟରେ ଭାଷା ଓ ଭାବର ଅପୂର୍ବ ସମାବେଶ ଦେଖି ଆଶ୍ଚର୍ଯ୍ୟ ହୁଏ।" (ଗୀତାଞ୍ଜଳିର ଓଡ଼ିଆ ଅନୁବାଦକ ଅଧ୍ୟାପକ ଗୋପାଳଚନ୍ଦ୍ର ମିଶ୍ରଙ୍କ ପୁସ୍ତକରୁ ଏହା ଉଦ୍ଧୃତ।) ପ୍ରାଚ୍ୟ ଭୂଖଣ୍ଡର କୌଣସି ସାହିତ୍ୟିକଙ୍କୁ ନୋବେଲ ପୁରସ୍କାର ସେ ପର୍ଯ୍ୟନ୍ତ ମିଳି ନଥିଲା। ବ୍ରିଟିଶ ଉପନିବେଶର ଜଣେ ରାଷ୍ଟ୍ରଭକ୍ତ ଲେଖକକୁ ନୋବେଲ ପୁରସ୍କାର ଦେବାପାଇଁ ନୋବେଲ ଏକାଡେମୀ ଘୋଷଣା କରି ରବୀନ୍ଦ୍ରନାଥଙ୍କ ପ୍ରତିଭାର ବ୍ୟାପ୍ତି ଓ ଗଭୀରତାକୁ ସମ୍ମାନ ଦେଲେ। ୧୯୧୩ ମସିହାରେ ରବୀନ୍ଦ୍ରନାଥ ଗୀତାଞ୍ଜଳି ପାଇଁ ନୋବେଲ ପୁରସ୍କାର ପ୍ରାପ୍ତ ହେଲେ।

'ଗୀତାଞ୍ଜଳି'ର କବିତା ଗୁଡ଼ିକ ଭକ୍ତି ରଚନା ମୂଳକ ଓ ପ୍ରାଚ୍ୟ ବେଦାନ୍ତ ଦର୍ଶନରେ ସମୃଦ୍ଧ ଏପରି କବିତା ରଚନା ପଛରେ ବିଂଶ ଶତାବ୍ଦୀର ସାମାଜିକ-ସଂସ୍କୃତିକ ଓ ରାଜନୀତିକ ପାଣିପାଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ୧୯୦୫ର ବଙ୍ଗଭଙ୍ଗ ଆନ୍ଦୋଳନ ପରେ ରବୀନ୍ଦ୍ରନାଥ ନିଜଦ୍ୱାରା ସ୍ଥାପିତ ଶାନ୍ତିନିକେତନରେ ଶିକ୍ଷା ବିସ୍ତାର ପାଇଁ କାର୍ଯ୍ୟ କରୁଥିଲେ। ପାଶ୍ଚାତ୍ୟ ଶିକ୍ଷା ଓ ଜୀବନଶୈଳୀ ଭାରତୀୟମାନଙ୍କର ସଂସ୍କୃତିରେ ସହାୟତା ହୋଇ ପାରିବ ନାହିଁ ବୋଲି ସେ ଚିନ୍ତା କରୁଥିଲେ। ଶାନ୍ତିନିକେତନର ଭାରତୀୟ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନ କରାଯାଉଥିଲା। ଉଇଲିୟମ କେରୀଙ୍କ ଦ୍ୱାରା ଖ୍ରୀଷ୍ଟଧର୍ମର ପ୍ରଚାର ପାଇଁ ଯେଉଁ ବ୍ୟଗ୍ର ଉଦ୍ୟମ କରାଯାଇଥିଲା ତାର ପଛରେ ଥିଲା ହିନ୍ଦୁଧର୍ମର କୁସଂସ୍କାର ଓ ବହୁଶ୍ୱେର ବାଦ। ହିନ୍ଦୁମାନେ ଏକାଧିକ ଦେବାଦେବୀ ପୂଜନ ଓ କୁସଂସ୍କାର ପୂର୍ଣ୍ଣ ପୂଜା ବ୍ୟବସ୍ଥାରେ ଜଡ଼ିତ ଥିଲେ। ମିଶନାରୀ ପ୍ରଚାରକମାନେ ହିନ୍ଦୁ ଧର୍ମର ଏହି ଦୁର୍ବଳତାକୁ ଅଙ୍ଗୁଳି ନିର୍ଦ୍ଦେଶ କରି ଖ୍ରୀଷ୍ଟଧର୍ମର ପ୍ରସାର କରୁଥିଲେ। ବଙ୍ଗଳାର ଶିକ୍ଷିତ ଓ ସମାଜ ସଂସ୍କାରକମାନଙ୍କ ଦ୍ୱାରା ଅନେକ ସାମାଜିକ ପରିବର୍ତ୍ତନର ଆରମ୍ଭ କରାଯାଇଥିଲା। 'ଆର୍ଯ୍ୟ ସମାଜ' ଓ 'ବ୍ରାହ୍ମ ସମାଜ' ଏହି ସଂସ୍କାରର ନୂତନ ଫଳଶ୍ରୁତି ଥିଲା। ହିନ୍ଦୁ ସମାଜ ଓ ହିନ୍ଦୁଧର୍ମକୁ ସଂସ୍କାରଶୀଳ କରିବା ଏହି ଅନୁଷ୍ଠାନମାନଙ୍କର ଉଦ୍ଦେଶ୍ୟ ଥିଲା। ରବୀନ୍ଦ୍ରନାଥ ବ୍ରାହ୍ମଧର୍ମ ସହ ଯୋଡ଼ିହୋଇଥିଲେ। ସନାତନ ସଂସ୍କୃତି ଓ ବ୍ରହ୍ମବାଦର ସେ ଥିଲେ ଦୃଢ଼ ସମର୍ଥକ। ଈଶ୍ୱରଙ୍କ ନିରାକାର ସତ୍ତା ଓ ସେ ସତ୍ତାରେ ଭାବପୂର୍ଣ୍ଣ ସମର୍ପଣ ହିଁ ବ୍ୟକ୍ତିର ଧର୍ମ ଏପରି ଏକ ଦୃଢ଼ ଧାରଣା ରବୀନ୍ଦ୍ରନାଥଙ୍କର ଥିଲା। ଧର୍ମ ଓ ଈଶ୍ୱରଙ୍କ ନାମରେ କୌଣସି ବ୍ୟଭିଚାରକୁ ସେ ବରଦାସ୍ତ କରୁନଥିଲେ। ଅତଏବ ହିନ୍ଦୁଧର୍ମର ଐକେଶ୍ୱରବାଦ ବିଶ୍ୱାସୀ ରବୀନ୍ଦ୍ରନାଥ ପରମେଶ୍ୱରଙ୍କୁ ଗୀତର ଅଞ୍ଜଳି ଅର୍ପଣ କରିଛନ୍ତି। ଏ ଈଶ୍ୱର କିଏ ଅଟନ୍ତି ? କୌଣସି ନିର୍ଦ୍ଦିଷ୍ଟ ଧର୍ମ, ସଂପ୍ରଦାୟ ଓ ଜାତି ଭିତରେ ଈଶ୍ୱର ସୀମାବଦ୍ଧ ନୁହଁନ୍ତି। ଏ ଈଶ୍ୱର ଦେଉଳ କି ଗୀର୍ଜାର ଈଶ୍ୱର ନୁହଁନ୍ତି। ଏ ଈଶ୍ୱର ମହାଭାବର ପ୍ରତୀକ। ମହାଶୂନ୍ୟ ହିଁ ତାଙ୍କର ଆଧାର। ଅରୂପ ସତ୍ତାର ଇନ୍ଦ୍ରିୟୋତ୍ତର ପରିକଳ୍ପନା ମାଧ୍ୟମରେ ରବୀନ୍ଦ୍ରନାଥ ହିନ୍ଦୁଧର୍ମର ପୌତ୍ତଳିକା ପ୍ରଥାରୁ ଦୂରେଇ ଯାଇଛନ୍ତି। ଅତଏବ କବିଙ୍କ ସଂସ୍କାରଶୀଳ ଓ ସମର୍ପିତ ମନୋଭାବର ପରିଚୟ 'ଗୀତାଞ୍ଜଳି'ରେ ପ୍ରକାଶ ପାଇଛି। ଖ୍ରୀଷ୍ଟଧର୍ମର ପ୍ରସାର, ବ୍ରାହ୍ମଧର୍ମର ସଂସ୍କାର ଜନିତ ପରିମଣ୍ଡଳରେ କବି 'ଗୀତାଞ୍ଜଳି' ପରି ଭାବବିହ୍ୱଳ ବିଦଗ୍ଧ କବିତା ରଚନା କରି ଧର୍ମ ଓ ଈଶ୍ୱରଙ୍କ ପ୍ରତି ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି।

## ୧.୮ ଗୀତାଞ୍ଜଳି : ପାଠ୍ୟ ବିଶ୍ଳେଷଣ

'ଗୀତାଞ୍ଜଳି' ୧୦୧ଗୀତିକା ସମ୍ବଳିତ ଏକ ଗୀତିଗ୍ରନ୍ଥ। ୧୯୧୦ ମସିହାରେ ବଙ୍ଗଳା ଭାଷାରେ ରଚିତ ଓ ୧୯୧୩ ମସିହାରେ ନୋବେଲ ପୁରସ୍କାର ପ୍ରାପ୍ତ 'ଗୀତାଞ୍ଜଳି' ପୃଥିବୀର ବିଭିନ୍ନ ଭାଷାରେ ଅନୂଦିତ। ଏହାର ସମସ୍ତ କବିତା ଈଶ୍ୱରଙ୍କ ନିକଟରେ ପ୍ରେମପୂର୍ଣ୍ଣ ସମର୍ପଣକୁ ଆଧାରକରି ସୃଷ୍ଟି ହୋଇଛି। ଈଶ୍ୱରଙ୍କ କରୁଣା ପ୍ରାପ୍ତ କରିବାକୁ ହେଲେ ବ୍ୟକ୍ତିକୁ ଅହଂକାର ଶୂନ୍ୟ ହେବାକୁ ହୋଇଥାଏ। ତଥାକଥିତ ଯାଜ୍ଞିକ ଉପଚାର ବିନା ଯେ, ପରମେଶ୍ୱରଙ୍କ କରୁଣା ପ୍ରାପ୍ତି ସଂଭବ, ଏହା ଗୀତଞ୍ଜଳିରେ ରବୀନ୍ଦ୍ରନାଥ କହିଛନ୍ତି। ଗୀତାଞ୍ଜଳିର ସମସ୍ତ କବିତାରେ କବିଚିତ୍ତର ନିଃସର୍ତ୍ତ ସମର୍ପଣର ଆଲିଙ୍ଗନ ପ୍ରକାଶ ପାଇଛି। ପରମେଶ୍ୱରଙ୍କ ସହ ସନ୍ତାନମାନଙ୍କ ସଂଯୋଗ ପାଇଁ ବାତ୍ସଲ୍ୟ ବ୍ୟାକୁଳତାର ପ୍ଲାବନ ଗୀତାଞ୍ଜଳିରେ ଘଟିଛି। ଭାରତୀୟ ଆର୍ଯ୍ୟ ଋଷିଙ୍କର ସନାତୀୟ ଓଁକାର ପରି ଏସବୁ କବିତା ମନ୍ତ୍ର ପରି ଶୁଭେ। ସଂସାର ଭୋଗରେ ପୀଡ଼ିତ ଜୀବନକୁ ଅଂଧାରରୁ ଅମୃତମାର୍ଗ କରିବା ପାଇଁ ଗୀତାଞ୍ଜଳିର ସମସ୍ତ କବିତା ସମର୍ପିତ।

'ଗୀତାଞ୍ଜଳି'ର ପ୍ରଥମ କବିତା ହେଉଛି 'ମସ୍ତକ ମୋର ଅବନତ କର'। କବି ପ୍ରଥମ ଗୀତିକାରରେ ନିଜର ତମାମ ଅହଂକାର, ପ୍ରତିପତ୍ତି ଓ ସମ୍ପଦକୁ ପରମେଶ୍ୱରଙ୍କ ଠାରେ ସମର୍ପଣ କରିଦେବାକୁ ଚାହିଁଛନ୍ତି। କାରଣ କୌଣସି ଅହଂକାରୀ ଓ ବିଳାସୀ ମଣିଷ କେବେ ବି ଈଶ୍ୱରଙ୍କ ନିକଟବର୍ତ୍ତୀ ହୋଇ ପାରେ ନାହିଁ। ଜଣେ ଭୋଗୀ ମଣିଷର ରୂପାନ୍ତର ନଆସିଲେ ସେ ପରମେଶ୍ୱରଙ୍କ କରୁଣା ପ୍ରାପ୍ତି କରିପାରେ ନାହିଁ। ଏଥିପାଇଁ ଗୀତାଞ୍ଜଳିର ପ୍ରଥମ ଗୀତିକାରେ କବି ରବୀନ୍ଦ୍ରନାଥ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି ;

"ମସ୍ତକ ମୋର ଅବନତକର
ତମରି ଚରଣ ଧୂଳିର ତଳେ
ସକଳ ଅହଂକାର ହେ ମୋହର
ବୁଡ଼ାଅ ନୟନ ଜଳେ।
ନିଜରେ କରି ମୁଁ ଗୌରବ ଦାନ
ନିଜରେ କେବଳ କରେ ଅପମାନ
ନିଜକୁ ନିଜେ ମୁଁ କରି ହେ ରୁଦ୍ଧ
ଘୁରିମରେ ତିଳେ ତିଳେ।
ସକଳ ଅହଂକାର ହେ ମୋହର
ବୁଡ଼ାଅ ନୟନ ଜଳେ।
ନିଜେ ଯେଉଁ ପରି ନକରେ ପ୍ରଚାର
କେବଳ ନିଜର କାମେ
ତୁମ୍ଭର ଇଚ୍ଛା କରହେ ପୂର୍ଣ୍ଣ

ମୋହରି ଜୀବନ ଧାମେ
ମାଗେହେ ତୁମର ଚରମ ଶାନ୍ତି
ପରାଣେ ତୁମର ପରମ କାନ୍ତି
ମୋତେ ଲୁଚି ତୁମେ ଉଭାହୋଇଥାଅ
ହୃଦୟ ପଦ୍ମ ଦଳେ।
ସକଳ ଅହଂକାର ହେ ମୋହର
ବୁଡ଼ାଅ ନୟନ ଜଳେ।”

(ଓଡ଼ିଆ ରୂପାନ୍ତର : ଅଧ୍ୟାପକ ଗୋପାଳଚନ୍ଦ୍ର ମିଶ୍ର)

ଈଶ୍ୱରଙ୍କ ଚରଣ ଧୂଳିରେ ମସ୍ତକ ଅବନତ କରି କବି କହନ୍ତିଯେ ମୋର ସକଳ ଅହଂକାର ଆଖିରେ ଲୁହପାଲଟି ଯାଉ। ମୋର ସମସ୍ତ ଔଦ୍ଧିତ୍ୟ ପାଇଁ ମୋତେ ଦଣ୍ଡମିଳୁ। କେବଳ ଏତିକି ନୁହେଁ ମୁଁ ମୋର କର୍ମ ପାଇଁ ନିତ୍ୟ ଆତ୍ମସମୀକ୍ଷା କରିବା ସହିତ ନିଜର କେବଳ ଅପମାନ କରେ। ନିଜ କାର୍ଯ୍ୟରେ ନିଜେ କେବେ ପ୍ରଚାର ନକରେ। ହେ କ୍ଷମାମୟ ଈଶ୍ୱର ମୋର ଅଲକ୍ଷ୍ୟରେ ତୁମେ ମୋ ହୃଦୟପଦ୍ମରେ ବିରାଜମାନ କରିଛ। ଯେତେବେଳେ ପରମେଶ୍ୱର ମୋ ଦେହେ ବିରାଜମାନ କରିଛନ୍ତି ସେତେବେଳେ ମୁଁ ଅହଂକାରୀ ହେବି କେମିତି ବୋଲି କବି ନିଜକୁ ନିଜେ ପ୍ରଶ୍ନ କରିଛନ୍ତି। ଏଥିପାଇଁ ନିଜର ସମସ୍ତ ଅହଂକାର ଲୁହ ହୋଇ ବହିଯାଉ ବୋଲି କବି କାମନା କରନ୍ତି। ମନ୍ଦିର କି ମସ୍‌ଜିଦ୍‌ରେ ନୁହେଁ ଈଶ୍ୱର ସମସ୍ତଙ୍କର ହୃଦୟରେ ବିଜରାଜମାନ କରୁଛନ୍ତି। ଏଥିପାଇଁ ମଣିଷକୁ ସତ୍ୟନିଷ୍ଠ ଓ ଶୁଦ୍ଧପୂତ ହେବାର ଆବଶ୍ୟକତା ଅଛି। ଗୀତାଞ୍ଜଳି ଏପରି ଆଭିମୁଖ୍ୟ ପୋଷଣ କରେ। ଏଠାରେ ଲକ୍ଷ୍ୟ କରିବାର କଥାଯେ, କବି ଏଠାରେ ଏମିତି ଏକ ମଣିଷ ହେବା ପାଇଁ ଲକ୍ଷ୍ୟ କରୁଛନ୍ତି ଯେ ଯେଉଁ ମଣିଷ ଅହଂକାର ଓ ମୋହମାୟା ଶୂନ୍ୟ ହୋଇଥିବ। ଯେତେବେଳେ ମଣିଷ ଅହଂଦୁନିଆରୁ ମୁକୁଳି ଆସେ ସେତେବେଳେ ସେ ଜୀବନର ବାସ୍ତବ ସତ୍ୟକୁ ଅନୁଭବ କରିଥାଏ। ‘ଗୀତାଞ୍ଜଳି’ ମଣିଷର ରୂପାନ୍ତର କାମନା କରେ। ସଁବାଳୁଆକୁ ପ୍ରଜାପତିରେ ପରିଣତ କରେ। ଅତଏବ ଅହଂକାରୀ ମଣିଷ ପରିବର୍ତ୍ତିତ ହୋଇ ସାଧାରଣ ମଣିଷରେ ପରିଣତ ହୋଇସାରିବା ପରେ ସେ ଈଶ୍ୱରଙ୍କ କରୁଣା ବୁଝିବାକୁ ସକ୍ଷମ ହୋଇଥାଏ। ଏହାପରେ ହିଁ ବିଧିବଦ୍ଧ ଈଶ୍ୱର ଏଷଣା ଆରଂଭ ହୋଇଯାଏ। ‘ଗୀତାଞ୍ଜଳି’ ଦ୍ୱିତୀୟ ଗୀତିକାରେ ‘ତୁମେ ଯେତେବେଳେ ‘ଇଂଗିତ ଦିଅ’ ରେ କବି ଏହି ମନୋବସ୍ଥାକୁ ବ୍ୟକ୍ତ କରିଛନ୍ତି। ବ୍ୟକ୍ତି ଆତ୍ମ ସମୀକ୍ଷା ପରେ ତୃଣମୂଳ ସ୍ତରକୁ ଖସିଆସିଲେ ହିଁ ସେ ଈଶ୍ୱରଙ୍କ ଇଂଗିତକୁ ଗ୍ରହଣ କରିପାରେ। ଈଶ୍ୱରଙ୍କ ଇଂଗିତରେ ହିଁ ଗୀତ ଗାଇବା ଆରଂଭ ହୁଏ।

“ତୁମେ ଯେତେବେଳେ ଇଂଗିତ ଦିଅ
ଗୀତ ଗାଇବାକୁ ଗର୍ବକରେ ମୋ ବୁକେ
ଚକ୍ଷୁ ମୋହର ଲୁହଛଳଛଳ
ପଲକ ବିହୀନ ଚାହିଁରହେ ତୁମ ମୁଖେ।
କଠିନ ରୁକ୍ଷ ଯା ଅଛି ମୋ ପ୍ରାଣେ ।

ବିଗଳିତ ହୁଏ ଅମୃତଗାନେ
ସକଳ ସାଧନା ଆରାଧନା ମୋର
ଉଡ଼ିବାକୁ ଚାହେଁ ସାଗର ସେ ପାରେ
ବିହଙ୍ଗ ସମସୁଖେ।"

(ଗୀତାଞ୍ଜଳି, ଗୀତନଂବର-୨: ରୂପାନ୍ତର : ଅଧ୍ୟାପକ ଗୋପାଳ ଚନ୍ଦ୍ର ମିଶ୍ର)

ପରମେଶ୍ୱରଙ୍କ ପାଇଁ ଗୀତ ଗାଇଲେ ହୃଦୟର ସମସ୍ତ ରୁକ୍ଷ ଅବସ୍ଥା ସେହି ଅମୃତ ଗାନରେ ବିଗଳିତ ହୋଇଯାଏ। ଥରେ ହୃଦୟରେ ଅମୃତ ଝରିବା ଆରଂଭ ହେଲେ ମଣିଷର ଉତ୍ତରଣ ଆସେ। ସେ ପକ୍ଷୀପରି ଭବସାଗରର ଉର୍ଦ୍ଧ୍ୱକୁ ଉଡ଼ାଣ ଆରଂଭ କରେ। ଏଠାରେ ଲକ୍ଷ୍ୟ କରିବାର କଥାଯେ, ଏହି ଗୀତିକା ଗୁଡ଼ିକରେ ମଣିଷର ରୂପାନ୍ତରର କଥା ହିଁ କୁହାଯାଇଛି। ଈଶ୍ୱରଙ୍କୁ ଅନୁଭବ କରିବା, ପରିବର୍ତ୍ତିତ ହେବା ଏହି ଗୀତିକାଗୁଡ଼ିକର ଲକ୍ଷ୍ୟ। ଏଠାରେ ଚିରାଚରିତ ପୁରୋହିତ ପ୍ରଥାର କଥା ନାହିଁ। ଏଠାରେ ବ୍ରତ ଯଜ୍ଞ, ମାନସିକର କଥା ନାହିଁ। ପରମେଶ୍ୱରଙ୍କ ସାନିଧ୍ୟ ଲାଭ କରି ନିଜ ଆତ୍ମାକୁ ଶୁଦ୍ଧ କରିବାର ଏକ କାବ୍ୟିକ ପ୍ରକ୍ରିୟା ରହିଛି। ଏହି ଦୃଷ୍ଟିରୁ ବିଚାର କଲେ 'ଗୀତାଞ୍ଜଳି' କୌଣସି ନିର୍ଦ୍ଦିଷ୍ଟ ଗୋଟିଏ ଧର୍ମର ଗୀତିକା ନୁହେଁ। ଏଠାରେ ଈଶ୍ୱରଙ୍କର ବର୍ଣ୍ଣ, ଜାତି, ଗୋତ୍ର ନାହିଁ। ସେ ଅନନ୍ତ, ଅସୀମ ଓ ନିରାକାର। ସେ କରୁଣାର ଉତ୍ସ ଓ ନିରାକାର ପରମବ୍ରହ୍ମ। ଖ୍ରୀଷ୍ଟଧର୍ମ କି ଇସ୍‌ଲାମ ଧର୍ମ ହେଉ ପରମେଶ୍ୱର ଏକ ଓ ଅଭିନ୍ନ। ଗୀତାଞ୍ଜଳି ଏହି ଦୃଷ୍ଟିରୁ ଧର୍ମର ଉର୍ଦ୍ଧ୍ୱରେ ପରମେଶ୍ୱର ପ୍ରାପ୍ତିର ଏକ ସର୍ବକାଳୀନ ନମୁନା ଅଟେ।

ପରମେଶ୍ୱରଙ୍କ ପାଖରେ ନିଜକୁ ସମର୍ପିତ କରିଦେଲେ ବ୍ୟକ୍ତିର ନିଜସ୍ୱ ସ୍ଥିତି ବେଲି କିଛି ରହେନାହିଁ। ନିଜର ସମସ୍ତ ଶରୀର ଈଶ୍ୱରଙ୍କର ହୋଇଯାଏ। ରବୀନ୍ଦ୍ର ପ୍ରାର୍ଥନା କରନ୍ତି, ହେ' ଈଶ୍ୱର ତୁମରି ଦିବ୍ୟ ସ୍ପର୍ଶରେ ମୋର ସକଳ ଅଙ୍ଗ ପବିତ୍ର ହୋଇଯାଉ। ତୁମେ ମୋ ହୃଦୟରେ ବିରାଜମାନ କରିଥିବାରୁ ମୋର ସକଳ ଅହଂ ଲୋପପାଇଯାଉ। ନିଜ ହୃଦୟରେ ଏପରି ମହାଭାବ ଜାଗ୍ରତ ହେଲାପରେ ବ୍ୟକ୍ତି ଚେତନାରେ ପରିବର୍ତ୍ତନ ଆସେ। ଶୟନ ସପନେ ସେ ପରମେଶ୍ୱରଙ୍କୁ ଖୋଜେ। ତାଙ୍କର ସଂଧାନ ନପାଇ ତାର ପ୍ରାଣ ବ୍ୟାକୁଳ ହୋଇପଡ଼େ;

"ବିଶ୍ୱ ଯେବେରେ ନିଦ୍ରାଗମନ
ଗଗନ ଅନ୍ଧକାର
କିଏ ସେ ବୀଣାରେ ମୋର
ଦିଅଇ ଝଙ୍କାର।
ନୟନେ ନିଦ ନେଲାରେ କାଢ଼ି
ଉଠଇ ବସି ଶୟନ ଛାଡ଼ି
ମେଲାଇ ଆଖି ଚାହିଁଲି ନିକି
ନ ପାଏ ଦେଖା ତାର।"(ଗୀତ-୫)

ଏପରି ଭାବ-ଅଭାବ ଲୁଚକାଳି ଖେଳ ଭିତରେ ଜୀବନ ସ୍ରୋତ ପ୍ରବାହିତ ହୁଏ । ଆମେ ସେହି ମହାଭାବକୁ ହୃଦୟରେ ଅନୁଭବ କରୁ ସତ, ଧାରଣା କରିପାରୁନା । ମାୟାସଂସାର ଭିତରେ ମଣିଷ ବିଷୟବାସନାରେ ନିମଜ୍ଜିତ ହୋଇ ପରମେଶ୍ୱରଙ୍କ ସୁଖକୁ ପାଶୋରି ପାକାଏ । ଏମିତିକି ଶିଶୁଟିର ଜନ୍ମ ଲଗ୍ନରୁ ତାର ସଂସାରୀ ଉପଚାର ଆରମ୍ଭ ହୋଇଯାଏ । ରାଜକୀୟ ଆଟୋପରେ ତାର ମନ ଭିତରେ ସଂସାର ପ୍ରତି ଆସକ୍ତି ତଆରି କରି ଦିଆଯାଏ । ଦେବଶିଶୁ ଏ ଧରାଧାମରେ ପାଦ ଦେଉ ଦେଉ ଈଶ୍ୱରଙ୍କୁ ସ୍ମରଣ କରିବା ବଦଳରେ ଭବିଷ୍ୟତର ସ୍ୱପ୍ନକୁ ମୁଣ୍ଡେଇ ବଢ଼ୁହୁଏ । ଏପରି ସତ୍ୟ ରବୀନ୍ଦ୍ରନାଥଙ୍କ ବ୍ୟକ୍ତିଗତ ଜୀବନରେ ଘଟିଥିଲା । ଠାକୁର ଘରର ପାଚେରୀ ବାହାରେ ଯେ ଆଉ ଏକ ସ୍ୱାଭାବିକ ଜୀବନ ଅଛି ରବୀନ୍ଦ୍ରନାଥ ଜାଣିପାରୁ ନଥିଲେ । ପରନ୍ତୁ ଜମିଦାରୀ ସଂସ୍କୃତିର ଏରୁଣ୍ଡି ଡେ଼ଇଁ ସାଧାରଣ ମଣିଷ ପାଖୁ ଚାଲିଯିବା ପାଇଁ ତାଙ୍କ ଭିତରେ ଇଚ୍ଛା ସୃଷ୍ଟି ହେଉଥିଲା । 'ଗୀତାଞ୍ଜଳି'ର ଆଠନବଂର ଗୀତଟି ଏହି ଭୂମିଉପରେ ସୃଷ୍ଟି ହୋଇଥିବା ପରି ମନେହୁଏ ।

ରାଜା ସମାନ ହାୟ ତୁମେ ସଜାଅ ଯେ ଶିଶୁରେ
ସଜାଅ ତା ଗଳାରେ ମୋତି ମାଣିକ୍ୟହାର
ଧୂଳିଖେଳ ଆନନ୍ଦ ତା ଅକାରଣ ସିନାସରେ
ଇସନ ଭୂଷଣ ହୁଏ ବିଷମ ଭାବ
ଖେଳର ପୀଡ଼ା ଆଘାତ ଯୋଗ
ଲାଗିବ ଦେହେଁ ଧୂଳିର ଦାଗ,
ସେ ଲାଗି ନିଜକୁ ରଖେ ସବୁରି ଠାରୁ ଦୂରେ
ଚାଲିବା ପାଇଁ ଭୟ ଭୀଷଣ ତାର
ରାଜା ସମାନ ତୁମେ ସଜାଅ ଯା ଶିଶୁରେ
ସଜାଅ ଯା ଗଳାରେ ମୋତି ମାଣିକହାର ।" (ଗୀତିକା-୮)

ଏହି ଶିଶୁ ଜଣକ ରବୀନ୍ଦ୍ରନାଥଙ୍କ ଶୈଶବର କଥା କହେ । ପ୍ରକୃତିର ଦାଣ୍ଡରେ କୋଟି ପ୍ରାଣର ରାସଚାଲି ଥିବା ବେଳେ ଦେବଶିଶୁଟି କିପରି ଘରକୋଣରେ ବନ୍ଦ ହୋଇ ରହିପାରିବ । ରାଜାର ବେଶ ଫୋପାଡ଼ିଦେଇ ଧୂଳିବେଶ ହେବାକୁ କବି ପରାମର୍ଶ ଦିଅନ୍ତି । ରାଜା ହେବାର ଭାଗ୍ୟ ନେଇ ଯିଏ ଜନ୍ମ ହୋଇଛି, ଜୀବନର ଶେଷ ପର୍ଯ୍ୟାୟରେ ସିଏ ବୈରାଗ୍ୟ ଭିତରକୁ ଆସି ବିଷୟ ବାସନାକୁ ମୁହଁ ମୋଡ଼ି ଦେବ । ଯେଉଁ ଦେଶରେ ରାଜାପୁଅ ସାମ୍ରାଜ୍ୟ ଛାଡ଼ି ଯୋଗୀ ହୋଇ ଚାଲିଯାଏ, ସେହି ଦେଶରେ ଶିଶୁଟିଏ ରାଜମୁକୁଟ କାହିଁକି ପିନ୍ଧିବ ବୋଲି କବି ପ୍ରଶ୍ନ କରିଛନ୍ତି । ଏହି ଗୀତିକାରେ ରବୀନ୍ଦ୍ରନାଥ ନିଜର ଶୈଶବ ସଂପର୍କରେ ବର୍ଣ୍ଣନା କରିଥିବା ପରି ମନେହୁଏ । ପରନ୍ତୁ ପ୍ରସଙ୍ଗଟି ସର୍ବକାଳୀନ ସତ୍ୟ ଉପରେ ଆଧାରିତ ।

'ଗୀତାଞ୍ଜଳି'ରେ କବି ସୃଷ୍ଟିର ସଂବେଦନଶୀଳ ମାନବିକତାବୋଧ ଦଶ ନଂବର ଗୀତିକବିତାରୁ ଲକ୍ଷ୍ୟ କରାଯାଇପାରିବ । ଜଣେ ସମାଜ ମନସ୍କ କବି ରୂପେ ଈଶ୍ୱରଙ୍କ ଦଳିତ ଘରେ ଉପସ୍ଥିତି କବି ଏହି ଗୀତିକାରେ କାମନା କରିଛନ୍ତି । ପ୍ରଥମେ କବିତାଟିକୁ ପାଠ କରାଯାଉ ।

"ଦରିଦ୍ରତମ ଅଧମୁ ଅଧମ ଦୀନଜନ ଥାଏ ଯହିଁ
ସେହିଠାରେ ପ୍ରଭୁ ତୁମରି ଚରଣ ନିତ୍ୟଯେ ଶୋଭୁଥାଉ
ସବୁ ବି ଦଳିତ ସବୁ ପରାଜିତ
ଦରିଦ୍ର ଥାଏ ଯହିଁ,
ଶୋଭାପାଏ ତୁମ ଚରଣ ଯେ ପ୍ରଭୁ ପ୍ରଣାମ କରେ ମୁଁ ତହିଁ
ପ୍ରଣାମ ମୋହର
ସ୍ତବ୍ଧ ଦେସର,
ସବୁ ବି ଦଳିତ ସବୁ ପରାଜିତ ଦରିଦ୍ର ଥାଏ ଯହିଁ।" (ଗୀତିକା-୧୦)

ଈଶ୍ୱରଙ୍କର ଏପରି ଏକ ରୂପ କବି କାହିଁକି କାମନା କଲେ ? ବିଂଶ ଶତାବ୍ଦୀର ପ୍ରଥମ ଦଶକରେ ଭାରତବର୍ଷରେ ଜାତିପ୍ରଥା, ଦାରିଦ୍ର୍ୟ ଉତ୍କଟ ଅବସ୍ଥାରେ ଥିଲା। ବିଶେଷ କରି ଦଳିତ ମଣିଷମାନେ ସମାଜର ମୁଖ୍ୟ ଧାରାରୁ ଉପେକ୍ଷିତ ଥିବାରୁ ସେମାନେ ଶୋକପୂର୍ଣ୍ଣ ଜୀବନଯାପନ କରୁଥିଲେ। ରବୀନ୍ଦ୍ରନାଥ ଜମିଦାରୀ ଅବସ୍ଥା ଭିତରେ ବଢ଼ିଥିଲେ ମଧ୍ୟ ସର୍ବଦା ସାଧାରଣ ମଣିଷ ଓ ତଳିଆ କର୍ମଚାରୀମାନଙ୍କୁ ଭଲ ପାଉଥିଲେ। ଦରିଦ୍ର ମଣିଷ ଓ ଦଳିତ ମଣିଷର ଦୁଃଖକୁ ସେ ଅନୁଭବ କରିଥିଲେ। ଏଥିପାଇଁ ଦରିଦ୍ର ପ୍ରତି ଈଶ୍ୱର ଦୟା କରିବାକୁ ଏ ଗୀତିକାରେ କବି ଆହ୍ୱାନ ଦେଇଛନ୍ତି। ନିଜର ଅନ୍ତର ସବୁବେଳେ ଦଳିତ ମଣିଷଙ୍କ ପ୍ରତି ମୁକ୍ତ କରିବା ପାଇଁ ମଧ୍ୟ କବି କାମନା କରିଛନ୍ତି। କବିଙ୍କୁ ଦଳିତ ମଣିଷ ପ୍ରତି ସଂବେଦନା ନିମ୍ନ ପଦରୁ ଲକ୍ଷ୍ୟ କରାଯାଇ ପାରିବ;

"ହୃଦୟ ମୋହର ପରତେ ହେ ପ୍ରଭୁ
ପଥ ପାଏ ନାହିଁ ତହିଁ
ସବୁ ବି ଦଳିତ ସବୁ ପରାଜିତ
ଦରିଦ୍ର ଥାଏ ଯହିଁ।" (ଗୀତିକା -୧୦)

'ଗୀତାଞ୍ଜଳି' ର ମୁଖ୍ୟସ୍ୱର ଇନ୍ଦ୍ରିୟୋତ୍ତର ଉପଲବ୍ଧି ପ୍ରକାଶ କରୁଥିବା ପ୍ରବୀଣ ସମାଲୋଚକ ମାନେ କହିଥିବା ବେଳେ ଏହାର 'ଦଳିତ ସଂବେଦନଶୀଳ ଅନୁଚିନ୍ତା'କୁ ହେୟ ମନେ କରାଯାଇ ପାରିବ ନାହିଁ। ଈଶ୍ୱରଙ୍କ ସର୍ବବିଦ୍ୟମାନ ସତ୍ତା ଓ ମାନବ କଲ୍ୟାଣ ଆଭିମୁଖ୍ୟକୁ କବି ଏଠାରେ ଗ୍ରହଣ କରିଛନ୍ତି। ରବୀନ୍ଦ୍ରନାଥ ଆଦୌ ଭକ୍ତ କବି ହେବାକୁ ଚାହିଁନାହାନ୍ତି। ଜଣେ ପ୍ରଗତିଶୀଳ କବିଙ୍କ ପରି ଈଶ୍ୱରଙ୍କ ଦଳିତ ଗୃହରେ ପ୍ରବେଶକୁ ଅପେକ୍ଷାକରି ନିଜକୁ ସେହି ସଂବେଦନାରେ ସାମିଲ କରିଛନ୍ତି। କେବଳ ଏତିକି ଆହ୍ୱାନରେ କବି ସନ୍ତୁଷ୍ଟ ହୋଇ ନାହାନ୍ତି। ତଥାକଥିତ ବ୍ରାହ୍ମଣ୍ୟ ବିଧିରେ ଈଶ୍ୱରଙ୍କ ପୂଜାର୍ଚ୍ଚନା ପଦ୍ଧତିକୁ ମଧ୍ୟ କବି ବିରୋଧ କରିଛନ୍ତି। ମନ୍ଦିରରେ ଦେବତା କେବେ ନଥାନ୍ତି ବୋଲି କବି କହିଛନ୍ତି ;

"ପୂଜା ଉପାସନା ଯେତେ ଆରାଧନା
ବନ୍ଦକର ହେ ବାରେ,
ରୁଦ୍ଧ ଦୁଆର ମନ୍ଦିର କୋଣେ
କିଏ ତୁମେ ବସି
ଘନ ଅନ୍ଧାରେ ଲୁଚି ରହିମନେ
କା'ରେ ପୂଜାକର ନୀରବେ ଗୋପନେ
ଆଖି ଖୋଲି ଦେଖ ଦେଖ ଦେଖ ତୁମେ
ଦେବତା ନାହିଁ ହେ ଘରେ ।" (ଗୀତିକା-୧୧)

ଅତଏବ ୧୦ ନଂବର ଗୀତିକାରେ ଈଶ୍ୱରଙ୍କୁ ଦଳିତ ଓ ଦରିଦ୍ରମାନଙ୍କୁ ଯିବା ପାଇଁ ନିମନ୍ତ୍ରଣ ଦେଇ ସାରିବା ପରେ ମନ୍ଦିର ସବୁ ରିକ୍ତ ହୋଇଯାଇଛି ବୋଲି କବି କହିଛନ୍ତି । ଈଶ୍ୱର ଦରିଦ୍ର ଜନତା ପାଖରେ ଉପସ୍ଥିତ । ମନ୍ଦିରରେ ପୂଜା ଗ୍ରହଣ କରିବାକୁ ଈଶ୍ୱର ଅନୁପସ୍ଥିତ । ଅତଏବ ଯେଉଁ ସବୁ ଉପଚାରରେ ଈଶ୍ୱରଙ୍କୁ ଉପାସନା କରାଯାଏ ତାର କୌଣସି ଅର୍ଥନାହିଁ। ତେବେ ଈଶ୍ୱର କେଉଁଠି ଅଛନ୍ତି ?

"ଦେବତା ଯେ ତହିଁ ମାଟି ଖୋଳି ତାଡ଼ି
ଚାଷୀ ଯହିଁ କରେ ଚାଷ
ପାଷାଣ ଫୁଟାଇ ଫୁଟାଇ ସରଣୀ
ଖଟି ମରେ ବାର ମାସ ।"(ଗୀତିକା-୧୧)

ଏ ଈଶ୍ୱର ଚାଷୀ, ମୂଲିଆର ଈଶ୍ୱର। ଗରିବ ମେହନତି ମଣିଷ ପାଖରେ ଈଶ୍ୱର ଠିଆ ହୋଇଛନ୍ତି। ଈଶ୍ୱରଙ୍କର ଏହି ସଂବେଦନଶୀଳ ସ୍ୱରୂପ କାମନା କରି କବି ତତ୍‌କାଳୀନ ହିନ୍ଦୁବାଦୀ ପୂଜା ବ୍ୟବସ୍ଥାକୁ ସମାଲୋଚନା କରିଛନ୍ତି । ଈଶ୍ୱର ତାଙ୍କ ସୃଷ୍ଟିକୁ ଭୁଲି ପାରନ୍ତି ନାହିଁ। ଦରିଦ୍ର ମଣିଷର ପ୍ରାର୍ଥନାକୁ ଭୁଲି ପାରନ୍ତି ନାହିଁ। ଏଥିପାଇଁ ଈଶ୍ୱର ମନ୍ଦିର ତ୍ୟାଗ କରି ସାଧାରଣ ଶ୍ରମଜୀବୀ ମଣିଷ ପାଖରେ ଥାଆନ୍ତି। ଏଥିପାଇଁ କବି ତଥାକଥିତ ଈଶ୍ୱରବାଦୀମାନଙ୍କୁ ମନ୍ଦିର ପୂଜନ ଛାଡ଼ି କ୍ଷେତରେ ଖଟୁଥିବା ମଣିଷ ପାଖକୁ ଯିବାକୁ ପରାମର୍ଶ ଦେଇଛନ୍ତି।

" କାହିଁରେ ମୁକ୍ତି କାହିଁରେ ମୁକ୍ତି
କାହିଁରେ ମୁକ୍ତି କାହିଁ !
ସ୍ରଷ୍ଟା ଯେ ତା'ର ସୃଷ୍ଟି ମାୟାରେ
ବନ୍ଦୀ ସକଳ ମଧ୍ୟେ ଥାଇ
ଛାଡ଼ରେ ଧିଆନ ରଖ ଫୁଲମାନ
ଜୀର୍ଣ୍ଣ ବସନେ ଲାଗୁ ଧୂଳିବୋଳ
କର୍ମ ପ୍ରବାହେ ଘର୍ମରଜା ହେ
ତା ସାଥେ ମିଳହେ ବାରେ।" (ଗୀତିକା -୧୧)

'ଗୀତାଞ୍ଜଳି'ର କବିତାମାନଙ୍କ ମଧ୍ୟରେ ଏସବୁ ଗୀତିକା ଗୁଡ଼ିକୁ ଗୋଟିଏ ଗୋଟିଏ ବ୍ୟତିକ୍ରମ।

'ଗୀତାଞ୍ଜଳି'ର ୯୭ ନଂବର ଗୀତିକା କବିଙ୍କ ସମାଜବାଦୀ ମାନବତାପୂର୍ଣ୍ଣ ସଂବେଦନଶୀଳ ଦୃଷ୍ଟିକୋଣରୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ମନେହୁଏ । ଜଣେ ବାମପନ୍ଥୀ କବି ପରି ସାଧାରଣ ନିରନ୍ନ ମଣିଷ ପ୍ରତି କବି ଏଠାରେ ଗଭୀର ସଂବେଦନା ପ୍ରକାଶ କରିବା ସହିତ ନିରନ୍ନ ନାରାୟଣଙ୍କୁ ନମସ୍କାର କରିବା ପାଇଁ ଆଗେଇ ଆସିଛନ୍ତି;

"ହେ ମୋର ଦୁର୍ଭାଗା ଦେଶ ଯାହାରେ  କରିଛ ଅପମାନ
ଅପମାନ ହେବା ପାଇଁ ହେବସିନା ସକଳେ ସମାନ
ମନୁଷ୍ୟର ଅଧିକାରେ
ବଂଚିତ କରିଛ ଯା'ରେ,
ସମ୍ମୁଖେ କରାଇ ଠିଆ ତବ କୋଳେ ଦିଅ ନାହିଁ ସ୍ଥାନ
ଅପମାନ ହେବା ପାଇଁ ହେବ ସିନା ସକଳେ ସମାନ ।
ମାନବର ସ୍ପର୍ଶ ତୁଲେ ପ୍ରତିଦିନରଖି ଦୂରେ ଦୂରେ
ଘୃଣା କରିଅଛ ତୁମେ ମନୁଷ୍ୟର ପ୍ରାଣର ଠାକୁରେ
ବିଧାତାର ରୁଦ୍ରରୋଷେ
ଦୁର୍ଭିକ୍ଷର ଦ୍ୱାରେ ବସେ
ଭାଗକରି ଖିଆ ହେବ ସକଳର ସାଥେ ଅନ୍ନପାନ
ଅପମାନ ହେବା ପାଇଁ ହେବସିନା ସକଳେ ସମାନ ।" ଗୀତିକା – ୯୭

ଏପରି ଗୀତିକା ଗୁଡ଼ିକ 'ଗୀତାଞ୍ଜଳି' ମୁଖ୍ୟସ୍ୱରଠାରୁ ନିଆରା ଅନୁଭବର କଥା କୁହେ । ଯେଉଁଠି ମଣିଷକୁ ମଣିଷ ରୂପରେ ବିବେଚନା କରାଯାଏ ନାହିଁ, ସେଠାରେ ଈଶ୍ୱର ମିଳିବେ କେମିତି ବୋଲି କବି ପ୍ରଶ୍ନ କରନ୍ତି । ଦଳିତ ମଣିଷମାନଙ୍କ ପ୍ରତି କବିଚିତ୍ତର ସଂବେଦନା ଏହି ଗୀତିକାରୁ ସ୍ପଷ୍ଟ ହୁଏ । ହିନ୍ଦୁଧର୍ମର ଜାତିପ୍ରଥା, ପୁରୋହିତ ପଦ୍ଧତିକୁ ପ୍ରକାରନ୍ତରେ ଏହି ଗୀତିକାରେ ସମାଲୋଚନା କରାଯାଇଛି । 'ଗୀତାଞ୍ଜଳି' କେବଳ ଇନ୍ଦ୍ରିୟୋତ୍ତର ଉପଲବ୍ଧିର କଥା କହେ ନାହିଁ, ପରନ୍ତୁ ମାନବିକତାର ମନ୍ତ୍ର ପାଠକରେ, ଏହି ଗୀତିକ ଏହାର ପ୍ରମାଣ ।

କବିଙ୍କ ସମାଜ ପ୍ରତି ଦୃଷ୍ଟିକୋଣ ଓ ବାସ୍ତବ ଈଶ୍ୱର ଦୃଷ୍ଟି ଏସବୁ କବିତାରେ ପ୍ରକାଶ ପାଇଛି । 'ଗୀତାଞ୍ଜଳି'ରେ ପ୍ରକାଶିତ ଏହି ମାନବବାଦୀ ସ୍ୱର ପାଇଁ ଏହା ଆନ୍ତର୍ଜାତୀକ ସ୍ତରରେ ପ୍ରତିଷ୍ଠା ପାଇପାରିଛି ।

'ଗୀତାଞ୍ଜଳି'ର ଅନେକ ଗୀତିକା ଭାରତୀୟ ଭକ୍ତି ପରଂପରା ସୂତ୍ରରେ ଗ୍ରଥିତ ହୋଇଛି । ଭକ୍ତି ପରଂପରାରେ ଉପଚାରର ମାର୍ଗ ଅଲଗା ହେଲେହେଁ ନିରନ୍ତର ଲୋଡ଼ିବାପଣ ଏଡି ପରଂପରାର ଚିରନ୍ତନ ସତ୍ୟ । କେବଳ ହିନ୍ଦୁଧର୍ମ ନୁହେଁ ସୁଫିବାଦ ଓ ଖ୍ରୀଷ୍ଟତତ୍ତ୍ୱ ମଧ୍ୟ ଏହା ଉପରେ ପର୍ଯ୍ୟବେସିତ । ରବୀନ୍ଦ୍ରନାଥଙ୍କ ଗୀତାଞ୍ଜଳିରେ ଏହି ଭାବର ବ୍ୟାପକ ପ୍ରୟୋଗ ରହିଛି । ଜଣେ ସୁଦ୍ଧା ବୈଷ୍ଣବ କବିଙ୍କ ପରି କବି ଭଗବାନଙ୍କ ବିରହରେ ମ୍ରିୟମାଣ ହୋଇ ପଡ଼ିଛନ୍ତି । ବର୍ଷା ବିଧୂର ରଜନୀରେ ପ୍ରୟସୀ ସହ ମିଳନ ହେବା ପରି କବିଙ୍କ ବିରହୀ ପ୍ରିୟାପ୍ରାଣକୁ ଲକ୍ଷ୍ୟ କରନ୍ତୁ;

"ଗହନ ନିଶୀଥ ଘନ ଅନ୍ଧାରେ
ଇଙ୍ଗିତ ଦେଇ ପ୍ରେମ ଅଭିସାରେ
ଦୁଃଖ ଦେଇ ସେ ରଖେ ସମ୍ମାନ
ତୋହ ପାଇଁ ଜାଗ୍ରତ ଭଗବାନ।
ନଭ ମଣ୍ଡଳ ଜଳଦ ପଟଳେ ଭରି
ବାରିବ ବୃଷ୍ଟି ପଡୁଅଛି ଝରି ଝରି
ଏ ଘୋର ନିଶୀଥେ ସତେ କାହାପାଇଁ
ପରାଣ ମୋହର ସଘନେ ଜାଗଇ।

* * *

କାହିଁରେ ଆଲୋକ କାହିଁ ହେ ଆଲୋକ ଥାଅ
ବିରହ ଅନଳେ ଶିଖା ତାର ଜାଳିଦିଅ
ଡାକଇ ଜଳଦ ଡାକେରେ ସମୀରଣ
ସମୟ କି ବିତିଯିବରେ ଏସନ
ନିବିଡ଼ ରାତ୍ର କୃଷ୍ଣ ତ୍ତିମିରି ମୟ
ପରାଣ ଦେଇରେ ପ୍ରେମ ଦୀପ ଜାଳିଦଅ।" (ଗୀତିକା-୨୭)

ପାର୍ଥିବ କାୟାର କାମନା ପାଖରୁ ଚିରନ୍ତନ ଆଲୋକର ଅନ୍ୱେଷଣ କରିବା ପାଇଁ କବିତାରେ ଆହ୍ୱାନ ପ୍ରକାଶ ପାଇଛି। ବିରହରେ ଜଳୁଥିବା ମଣିଷକୁ ଘନକୃଷ୍ଣ ଅଂଧାର ଗ୍ରାସ କରିଥାଏ। ଯେତେବେଳ ସେହି ବିରହାଗ୍ନିକୁ ସେ ପ୍ରେମର ଦୀପ କରି ହୃଦୟରେ ଜାଳିଦିଏ, ସେତେବେଳେ ପରମ ପ୍ରେମମୟ ଈଶ୍ୱର ତାର ସକଳ ପୀଡ଼ା ହରଣ କରନ୍ତି। ଅତଏବ ଆକାଶରୁ ବର୍ଷା ଝରିପଡ଼ିବ। ମୃଦୁ ସମୀରଣରେ ପ୍ରାଣ ପୁଲକିତ ହେବ। କୌଣସି ପାର୍ଥିବ ପ୍ରେମର ସୂଚନା ଦେଇଥାଏ। 'ଗୀତାଞ୍ଜଳି'ରେ ରାଗାନୁଗା ବୈଷ୍ଣବୀୟ ପ୍ରେମଭକ୍ତିର ସ୍ୱର ଅନେକ କବିତାରେ ଲକ୍ଷ୍ୟ କରାଯାଏ। କବି ନିଜକୁ ପ୍ରେୟସୀ ଭୂମିକାରେ ରଖି ପରମେଶ୍ୱରଙ୍କ ସାନ୍ନିଧ ପାଇଁ କାମନା କରିଛନ୍ତି।

"ସେ ଯେ ପାଶେ ଆସି ବସିଥିଲା
ତଥାପି ଜାଗିନି
କି ନିବିଡ଼ ନିଦ ଘୋଟିଥିଲା
ହତଭାଗିନୀ
ଆସିଥିଲା ନୀରବ ରାତେ
ବୀଣା ଥିଲା ତାହାରି ହାତେ
ସ୍ୱପନ ତୁଲେ ଉଠିଲା ବାଜି

ଗଭୀର ରାଗିଣୀ
ଦେଖିଲି ଉଠି ଦକ୍ଷିଣ ବାଆ
ପାଗଲ କରି
ସୁରଭିତାର ଭସାଏ ହାୟ
ତିମିର ଭରି
କାହିଁକି ମୋର ବ୍ୟର୍ଥରାତି
ହାତରେ ପାଇ ନପାଏ ସାଥି
କାହିଁକି ତାର ମଳା ପରଶ
ଇକ୍ଷେ ଲାଗେନି।” (ଗୀତିକା -୨୬)

ପ୍ରେମରେ ପାଇ ହରେଇ ଦେବା ଓ ପୁଣ ହରେଇ ପାଇବାର କ୍ରିୟା ପ୍ରତିକ୍ରିୟାଟି ଭକ୍ତିମାର୍ଗରେ ଦେଖିବାକୁ ମିଳେ। ଭକ୍ତ ଯେତିକି ଭଗବାନଙ୍କ ନିକଟତର ହେଉଥାଏ ତାକୁ ସେତିକି ହରେଇଦେବା ପରିମନେ ହୁଏ। ‘ଦକ୍ଷିଣ ବାଆ ପାଗଳ କରିବା’ ସାଧାରଣ ପ୍ରେମବୋଧର ଉଦ୍ରେକ ଅବସ୍ଥାକୁ ପ୍ରକାଶ କରୁଥିବା ବେଳେ ଏହା ଏକ ମାନସିକ ପ୍ରଶାନ୍ତିକୁ ପ୍ରକାଶ କରୁଛି। ପ୍ରେମରେ ହରେଇଦେଲେ ଯେପରି ପାଇବାର ନିଷ୍ଠା ବଢ଼ିଯାଏ ଭକ୍ତିରେ ଅନୁରୂପ ଅବସ୍ଥା ସୃଷ୍ଟି ହୁଏ। ରାତିରେ ପାଖରେ ପାଇ ହରେଇ ଦେଇଥିବାରୁ ସକାଳ ଆଲୁଅରେ ପୁଣି ସେହି ପରମ କାରୁଣିକଙ୍କର ଅନ୍ୱେଷଣ ଆରଂଭ ହୋଇ ଯାଇଛି।

“ଚାହେଁ ଗୋ ମୁହିଁ ତୁମରେ ଚାହେଁ
ତୁମରେ ଖାଲି ଚାହେଁ
ଏହି କଥାଟି ସତତମନେ
କହିବା ପାଇଁ ଥାଏ
ଦିନରାତି ଘୁରେ ମୁଁ ତ୍ରାସେ
ମିଥ୍ୟାସେ ସବୁ ମିଥ୍ୟା କେବଳ
ତୁମରି ଖାଲି ଚାହେଁ।” (ଗୀତିକା-୩୮)

ଏ ଅନ୍ୱେଷଣର ଶେଷ ନାହିଁ। ଜୀବନର ସକଳ ତୁଚ୍ଛତାରୁ ମୁକ୍ତି ପର୍ଯ୍ୟନ୍ତ କବିର ଏ ଅନ୍ୱେଷଣ ଚାଲିଥିବ। ତମାମ ଜୀବନ ଈଶ୍ୱରମଗ୍ନ ହେବାର ଯେଉଁ ସାଧନା ତାହା ପାର୍ଥିବ ଜୀବନରେ କ’ଣ ସଂଭବ ? ରବୀନ୍ଦ୍ରନାଥଙ୍କ ଜୀବନରେ ପୈତୃକ ଐଶ୍ୱର୍ଯ୍ୟ ଥିଲା ତତୋଃଧିକ ବ୍ୟକ୍ତିଗତ ବିଷାଦ। ଅତଏବ କବି ଜଗତର ଲୌକିକ ସୁଖକୁ ପଛକରି ସର୍ବଦା ଅମୃତମୁଖି ହୋଇଛନ୍ତି। ‘ଗୀତାଞ୍ଜଳି’ରେ ଜଣେ ସଂସାରୀ ମଣିଷର ଏହି ନିର୍ମୋହ ନିବେଦନ ସୁଧାଭକ୍ତିର ନିର୍ବିକଳ୍ପୀୟ ପରିମଣ୍ଡଳ ସୃଷ୍ଟି କରିପାରୁଛି।

'ଗୀତାଞ୍ଜଳି'ର ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଯେ ମଣିଷର ବସ୍ତୁବାଦୀ ବନ୍ଦୀଶାଳର ପରିଚୟ ଦେବା ଓ ଏହି ଭୋଗବାଦୀ କାରାଗାରରୁ ନିର୍ବାଣର କୁଆଁତାରା ଦର୍ଶନ କରିବା। ଏହା ରବୀନ୍ଦ୍ରନାଥଙ୍କ ନିଜ ଜୀବନରେ ପ୍ରୟୋଗ କରି ଦେଖାଇଛନ୍ତି। ପାଶ୍ଚାତ୍ୟ ଶିକ୍ଷାରେ ବିକଶିତ ହୋଇ ଜମିଦାରି ଦୁନିଆଁରୁ ଆସିଥିଲେ ମଧ୍ୟ ପ୍ରାଚ୍ୟ ପରଂପରା ହିଁ ତାଙ୍କ ଜୀବନର ଆଦର୍ଶ ହୋଇ ଆସିଛି। ମଣିଷର ସକଳ ସାମର୍ଥ ଉପଭୋଗର ବନ୍ଦୀଶାଳାରେ ବ୍ୟର୍ଥଯାଏ। ବସ୍ତୁବାଦୀ ଜଗତରେ ସେ ନିଜ ଛଡ଼ା ଅନ୍ୟ କିଛି ହୃଦବୋଧ କରି ପାରେ ନାହିଁ। କବି ଏଥିପାଇଁ ମାୟାସଂସାର ରୂପକ ବନ୍ଦୀଶାଳାରୁ ମଣିଷକୁ ମୁକ୍ତ ହେବା ପାଇଁ ପରାମର୍ଶ ଦିଅନ୍ତି। ସଂସାର ମୋହରେ ମଣିଷ କିପରି ବନ୍ଦୀହୁଏ ରବୀନ୍ଦ୍ରନାଥଙ୍କ ଏହି ଗୀତିକା ତାର ସଫଳ ଦୃଷ୍ଟାନ୍ତ।

"ଏହି ସଂସାରରେ ପ୍ରାଣ ଦେଇ ପୁଣି
ଯେହୁ ମୋତେ ଭଲପାଏ
ସେହି ମୋତେଧରି କଠିନ ପାଶରେ
ବଂଧନେ ରହିଥାଏ
ତୁମରି ନୂତନ ପୀରତି ବିପୁଳ
ମୋତେ ଯୁଗେ ଯୁଗେ କରଇ ଆକୁଳ
ବଂଧନେ ମୋତେ ନରଖି ତୁମରି
ମୁକ୍ତ ଯେ କରିଥାଏ।" (ଗୀତିକା-୩୨)

ସଂସାର ବନ୍ଧନରୁ ମୁକ୍ତ ନହେଲେ ମଣିଷ ପରମେଶ୍ୱରଙ୍କୁ ଅନୁଭବ କରିପାରିବ ନାହିଁ। ହୃଦୟରେ ଈଶ୍ୱରଙ୍କ ପ୍ରତି ସମର୍ପଣ ସୃଷ୍ଟି ହେଲେ ସଂସାର ବନ୍ଧନ ଆପଣା ଛାଏଁ ଶିଥିଳ ପଡ଼ିଯାଏ। ମନ ପକ୍ଷୀ ଏବେ ନୀଳ ଆକାଶରେ ଉଡ଼ିବୁଲେ। ମାୟାମୁକ୍ତିର ଅନେକ ଦୃଷ୍ଟାନ୍ତ ଗୀତାଞ୍ଜଳିରେ ପ୍ରକାଶ ପାଇଛି। ଜଣେ କବି ଅପେକ୍ଷା ସନ୍ୟାସୀର ସ୍ୱର ଏସବୁ କବିତାରୁ ଶୁଭିଥାଏ।

'ଗୀତାଞ୍ଜଳି'ର ଆଦିଭୌତିକ ସ୍ୱରଟି ଶେଷ ପର୍ଯ୍ୟାୟର ଗୀତିକା ମାନଙ୍କରେ ପ୍ରକାଶ ପାଇଛି। ଭୌତିକ ଜଗତର ମାୟା ଫିଟାଇ ଜୀବାତ୍ମା ଯେତେବେଳେ ଆଦିଭୌତିକ ଜଗତ ପ୍ରତି ଆସକ୍ତି ପ୍ରକାଶ କରିଛି, କବିତାରେ ଏହାର କରୁଣ ରାଗିଣୀ ଝଙ୍କୃତ ହୋଇଛି। ପାର୍ଥିବ ଜଗତ ଅପେକ୍ଷା ଅପାର୍ଥିବ ଜଗତର ସୌନ୍ଦର୍ଯ୍ୟ ବ୍ୟକ୍ତି ସତ୍ତାକୁ ଆଚ୍ଛନ୍ନ କରିଛି। ଯେଉଁ ସଂସାର ମୋହରେ ବ୍ୟକ୍ତି ଶୈଶବରୁ ଅପରାହ୍ନ ପର୍ଯ୍ୟନ୍ତ ନିଜର ପରମାୟୁ କ୍ଷୟ କରିଥିଲାଏବେ ସେସବୁ ତୁଚ୍ଛ ପ୍ରାୟ ମନେ ହେଉଛି। ଗଭୀର ସମୁଦ୍ର, ନୀଳ ଆକାଶ, ନବ ବିକଶିତ ଫୁଲ ଗନ୍ଧ, ମଳୟ ପବନ, ଦୂର ନକ୍ଷତ୍ରର ଧାରା ବ୍ୟକ୍ତିଚିତ୍ତରେ ଉଜ୍ଜ୍ୱଳ ଉପବନ ସୃଷ୍ଟି କରିଛନ୍ତି। ବ୍ୟକ୍ତି ଏକଥା ବୁଝିପାରିଛି ଯେ, ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ସକଳ ପ୍ରାଣୀ ନିଜ ଭୂମିକା ଶେଷରେ ଈଶ୍ୱରଙ୍କ ପାଖରେ ସମର୍ପିତ ହୋଇ ଯାଉଛନ୍ତି। ତେବେ ମଣିଷ କାହିଁକି ଏହି ପ୍ରାକୃତିକ ନିୟମକୁ ଗ୍ରହଣ କରିବ ନାହିଁ।

"ମର୍ତ୍ତ୍ୟବାସୀ ପାଇଁ ତୁମେ ଯା' ଦେଇଛି ପ୍ରଭୁ
ମର୍ତ୍ତ୍ୟର ସକଳ ଆଶା ପୂର୍ଣ୍ଣକରି ସବୁ
ରିକ୍ତହୁଏ ନାହିଁ ତାହା, ତାର ସର୍ବଶେଷ
ତୁମରି ସନ୍ଧାନେ ଫେରେ ତୁମରି ଉଦ୍ଦେଶ୍ୟ।
ନଦୀ ଧାଏଁ ନିତ୍ୟ କାର୍ଯ୍ୟେ, ସର୍ବ କର୍ମ ସାରି
ଅନ୍ତହୀନ ଧାରା ତାର ଚରଣେ ତୁମରି
କୁସୁମ ନିଜର ଗନ୍ଧେ ସମସ୍ତ ସଂସାର
ସଂପୂର୍ଣ୍ଣ କରିହେ ତେବେ ଅପୂର୍ଣ୍ଣତାମୟ
ତୁମରି ପୂଜାରେ ତାର ଶେଷ ପରିଚୟ।
ସଂସାରେ ବଞ୍ଚିତ କରି ତବ ପୂଜା ନୁହେଁ
କବି ଆପଣାର ଗାନେ ଯେତେ କଥା କହେ
ନାନା ଲୋକ ନିଏ ତାର ନାନା ଅବିଚାଣି
ତୁମରି ଉଦ୍ଦେଶ୍ୟ ଧାଏଁ ତାର ଶେଷବାଣୀ।" (ଗୀତିକା-୭୫)

ଈଶ୍ୱରଙ୍କ ପାଖରେ ଶେଷ ସମର୍ପଣ ହିଁ ପ୍ରକୃତିର ନିୟମ। ରବୀନ୍ଦ୍ରନାଥ ଗୀତାଞ୍ଜଳିରେ ଏହି ଅନୁଭବର ବ୍ୟାପକ ପ୍ରୟୋଗ କରିଛନ୍ତି। ସଂସାରୀ ମଣିଷ ଭିତରେ ସନ୍ନ୍ୟାସୀ ସୁଲଭ ଆଚରଣ ସୃଷ୍ଟ କରି ମୃତ୍ୟୁ ପୂର୍ବରୁ ତାକୁ ଅମୃତମୁଖି କରିବାର ପ୍ରୟାସ କରିଛନ୍ତି। ବ୍ୟକ୍ତି ଭିତରେ ଏହି ଅନୁଭବଟି ଥରେ ସୃଷ୍ଟି ହେଲେ ତା' ଭିତରୁ ମୃତ୍ୟୁର ଭୟ ଅପସରି ଯାଏ। ସେ ମୃତ୍ୟୁକୁ ଆଲିଙ୍ଗ କରେ। ଈଶ୍ୱରଙ୍କ ନିକଟବର୍ତ୍ତୀ ହେବା ପାଇଁ ମୃତ୍ୟୁ ଏକ ମାଧ୍ୟମ ବୋଲି ସେ ବିଚାର କରେ। ଏଥିପାଇଁ ସେ ମୃତ୍ୟୁକୁ ପ୍ରଦୀପ ଆଲୋକରେ ସ୍ୱାଗତ କରେ।

"ପଠାଇଲ ଆଜି ମୃତ୍ୟୁର ଦୂତ
ମୋହରି ଘରର ଦ୍ୱାରେ
ତବ ଆହ୍ୱାନ କରିସେ ବହନ
ଆସିଗଲି ଏହି ପାରେ।
ଆଜି ଏ ରଜନୀ ତିମିର ଅନ୍ଧାରେ
ଭୟ-ଭାବାତୁର ହୃଦୟ ମୋହର
ତେବେ ଦୀପ ହାତେ ଖୋଲି ଦେଇ ଦ୍ୱାର
ସ୍ୱାଗତ କରିବି ତାରେ।" (ଗୀତିକା-୮୨)

ଅନ୍ୟତ୍ର କବି ମୃତ୍ୟୁକୁ ଆଲିଙ୍ଗନ କରି କହୁଛନ୍ତି ଯେ ତାଙ୍କ ପତିବ୍ରତା ସତ୍ତା ଆଜି ପତି ସହ ମିଳନ ହେବା ପାଇଁ ଏ ମରଣ ସୁଯୋଗ ଦେଇଛି। ଏଥିପାଇଁ କବି ମରଣକୁ ଅଶେଷ ଆଲିଙ୍ଗନ କରିଛନ୍ତି।

"ବରଣମାଳା ଗୁନ୍ଥା ଅଛି
ମୋହରି ଚିତ୍ତ ଦେଶେ
କେବେ ନୀରବ ହାସ୍ୟ ମୁଖେ
ଆସିବ ବର ବେଶେ
ସେଦିନ ମୋର ନଥିବ ଘର
କେହି ଆପଣା କେହିବା ପର
ବିଜନ ରାତେ ପତିର ସାଥେ
ଭେଟିବ ପତିବ୍ରତା
ମରଣ ହେ ମୋର, ମରଣ ହେ ମୋର
କହ କହ ମୋତେ କଥା।" (ଗୀତିକା -୯୧)

ବାସ୍ତବ ଜୀବନ ଅପେକ୍ଷା ମୃତ୍ୟୁ କେତେ ମହତ୍ତର ଉପଲବ୍ଧି ପ୍ରଦାନ କରିପାରେ ଏହି ଗୀତିକାରେ କବି ତାହା ପ୍ରକାଶ କରିଛନ୍ତି। ତମାମ ଜୀବନ ମାୟା ସଂସାରରେ ଆବଦ୍ଧ ଥିବା ମଣିଷ ମୃତ୍ୟୁର ଆହ୍ୱାନରେ ଆଜି ଜୀବନର ଆଳୀକତାକୁ ବୁଝି ପାରିଛି। ଜଣେ ପତିବ୍ରତା ନାରୀ ପରି ନିଜ ପତି ସହ ମିଳିତ ହେବା ପାଇଁ କବି ଚିତ୍ତରେ ବ୍ୟାକୁଳତା ଭରି ରହିଛି। କବିଙ୍କର ଭକ୍ତିମାର୍ଗଟି ସୁଧାଭାବ ଜଡ଼ିତ। ନିଜକୁ ନାରୀ ମନେକରି ପ୍ରେମ ମାର୍ଗରେ ସମର୍ପଣ କରିଦେଲେ ବ୍ୟକ୍ତିର ସକଳ ଅହଂକାର ଲୋପ ପାଇଯାଏ। ଅତଏବ 'ଗୀତାଞ୍ଜଳି'ର ପ୍ରଥମ ଗୀତରେ କବି ନିଜର ଅହଂକାରକୁ ନଷ୍ଟ କରିବା ପାଇଁ ଈଶ୍ୱରଙ୍କର ପାଖରେ ଯେଉଁ ପ୍ରାର୍ଥନା କରିଥିଲେ, ତାର ବିକଶିତ ସ୍ତର ଏହି ଗୀତିକାରେ ଲକ୍ଷ୍ୟ କରାଯାଏ। 'ଗୀତାଞ୍ଜଳି'ର ଶେଷ ପର୍ଯ୍ୟାୟ ଗୀତିକା ମାନଙ୍କରେ ପ୍ରାପ୍ତଜଗତ ଓ ଅପ୍ରାପ୍ତ ଜଗତ ଭିତରେ ଚିତ୍ର ସ୍ପଷ୍ଟ ହୋଇ ଉଠିଛି। ବ୍ୟକ୍ତି ମାୟା ଦୁନିଆରେ ଯାହା ସବୁ ପାଇଛି ତା'ଠାରୁ ଆହୁରି ବୃହତ୍ତର ଉପଲବ୍ଧି ଅପାର୍ଥିବ ଜଗତରେ ମହଜୁଦ ରହିଛି। ଅତଏବ ସେହି ଘନନୀଳ ଅତୀନ୍ଦ୍ରିୟ ଜଗତର ଉନ୍ମୋଚନ ପରେ କବିଚିତ୍ତ ସେହି ଅପୂର୍ବ ଦୃଶ୍ୟ ବୋଧରେ ନିମଜ୍ଜିତ ହୋଇ ଯାଇଛି। ଶତଦଳ ପଦ୍ମ ପରେ ଭ୍ରମର ରୂପକ ସେହି ପରମ ପୁରୁଷର ସାନିଧ୍ୟ ଲାଭ କରି କବି ତୁଚ୍ଛ ସଂସାରକୁ ମୁହଁ ମୋଡ଼ି ଦେଇଛି।

"ବିଦାୟଦିନେ ଏହି କଥାଟି
ଯେମିତି ଯାଏ କହି
ଯାହା ଦେଖିଛି ଯାହା ପାଇଛି
ତୁଳନା ତାର ନାହିଁ
ଏହି ଜ୍ୟୋତିଃ ସାଗର ପରେ
ଯେ ଶତଜଳ ପଦ୍ମଭରେ
ତାହାର ମଧୁ କରିଛି ପାନ
ଧନ୍ୟ ସେଥିପାଇଁ।

ବିଶ୍ୱ ରୂପର ଏ ଖେଳା ଘରେ
କେତେଯେ ଖେଳା କରେ
ଅପରୂପର ପାଇଲି ଦେଖା
ଏମୋର ନେତ୍ର ତୁଲେ।" (ଗୀତିକା-୯୩)

ଏପରି ଏକ ଦିବ୍ୟ ଦର୍ଶନ ସମସ୍ତଙ୍କ ଜୀବନରେ ଆସେ ଅଥଚ କିଏ ଏହାକୁ ବୁଝିପାରେ ଅଥଚ ଆଉ କିଏ ଏହାକୁ ବୁଝି ଅବୁଝା ହୋଇ ରହିଯାଏ। ସମୁଦ୍ର ଉପରେ ଜ୍ୟୋତି ଓ ଏହି ଜ୍ୟୋତି ଉପରେ ଶତଜଳ କମଳର ସ୍ୱରୂପ ଯେଉଁ ନିର୍ବିକଳ୍ପ ଜଗତର ଚିତ୍ର ତୋଳେ ତାହା ଏ ତୁଚ୍ଛା ଜୀବନ ଠାରୁ କେତେ ଯେ ଶ୍ରେୟସ୍କର ଏହା ରବୀନ୍ଦ୍ରନାଥ ଏଠାରେ କହିଛନ୍ତି। ଅତଏବ ମରିବା ପୂର୍ବରୁ କବି ନିଜର ଦିବ୍ୟ ସନ୍ଦେଶକୁ ବାଣ୍ଟିବା ପାଇଁ ଚାହିଁଛନ୍ତି। 'ଗୀତାଞ୍ଜଳି'ରେ ଏହି ଅମୃତ ଅନ୍ୱେଷଣର ଶେଷ ନାହିଁ। ବିମର୍ଷ ଜୀବନ ଭିତରୁ ବଂଚି ରହିବାର ଏକମାତ୍ର ପଥ ଅମୃତ ସଂଧାନୀ ହେବା। ଅହଂକାର ରହିତ ଏକ ପ୍ରେମପୂର୍ଣ୍ଣ ଲୋଡ଼ିବା ପଣ ଜୀବନରେ ହିଁ ଶତଜଳ ପଦ୍ମର ଦର୍ଶନ ସଂଭବ ହୋଇଥାଏ। ଏଥିପାଇଁ 'ଗୀତାଞ୍ଜଳି'ର ଶେଷ ଗୀତିକାରେ କବି ମନ୍ଦ ମଧୁର ପବନରେ ଜୀବନର ଆରପାଖକୁ ଯିବା ପାଇଁ ମାଝିକୁ ଆହ୍ୱାନ କରିଛନ୍ତି।

"ଆରେ ମାଝି ଆରେ ମୋହର
ଊାନବ ଜନ୍ମ ତରୀର ମାଝି,
ଶୁଣି କି ଆର ସୁଦୂର ପାରୁ
ସେପାରି ବଂଶୀ ଉଠଇବାଜି
ତରୀକି ତୋର ଦିବସ ଶେଷେ
ରହିବ ଏଥର ଘାଟକୁ ଆସେ ?
ସେଠାରେ ସଂଧ୍ୟା ଅନ୍ଧକାରେ
ଜିଏକି ଦେଖା ପ୍ରଦୀପ ରାଜି ?
ଯେହେ ମୋହର ଲଗାଇ ମନେ
ମନ୍ଦ ମଧୁର ଏହି ପବନେ
ସିନ୍ଧୁ ସେପାରି ହସଟି କା'ର
ଅନ୍ଧାରେ ଆସୁଛି ଆଜି
ଆସିବା ବେଳାରେ ପୁଷ୍ପକଳି
ଯା' କିଛି ଆଣିଥିଲି ହେ ତୋଳି
ଯେଉଁ ଗୁଡ଼ିକ ଅଛିରେ ନବୀନ
ଏହି ସମୟେ ଡ଼ାଲାରେ ନିଅରେ ସାଜି।" (ଗୀତିକା-୧୦୧)

ଜୀବନ ତରୀର ଆରପାରିରେ ଯେଉଁ ବୃହତ ସଂଭାବନା ରହିଛି କବି ସେଇଠିକି ଯିବା ପାଇଁ ଆରଂଭ କରିଛନ୍ତି। ସିନ୍ଧୁ ସେପାରିରେ ଥିବା ସେହି ପରମ କାରୁଣିକଙ୍କ ସହ ଏକାକାର ହେବା ପାଇଁ କବି ପ୍ରସ୍ତୁତ ହୋଇଛନ୍ତି। 'ଗୀତାଞ୍ଜଳି' ଗୀତିକା ଗୁଡ଼ିକର ଭାବଉଚ୍ଛାସ ଜୀବନର ବୃହତ୍ତର ଉପଲବ୍ଧିର ବ୍ୟାଖ୍ୟା କରିଛି। କ୍ଷୁଦ୍ରତା ଭିତରେ ଜୀବନର ସକଳ ସଂଭାବନା ଧ୍ୱଂସ ହୋଇଯାଉଥିବା ବେଳେ ବ୍ୟକ୍ତି ଜାଗତିକ ମାୟାରୁ ଦୂରେଇ ରହିଲେ ଏହି ନିରାକାର ସତ୍ତା ସହ ସଂଯୋଜିତ ହୋଇ ପାରିବ ବୋଲି ଆଶା କରିଛନ୍ତି। ଏହାହିଁ ଗୀତାଞ୍ଜଳିର ସାଫଲ୍ୟ। ଏ ଗୀତିକାଗୁଡ଼ିକ ଆମକୁ ମାଟିଘଟ ସଂସାରରୁ ଅମୃତ ଜଗତ ଆଡ଼କୁ ଅଗ୍ରସର କରାଏ।

'ଗୀତାଞ୍ଜଳି'ର ୧୦୧ଟି ଗୀତିକାର ପାଠ୍ୟ ବିଶ୍ଳେଷଣ କଲେ ଆମକୁ ନିମ୍ନ କେତୋଟି ଉପଲବ୍ଧି ମିଳିଥାଏ।

୧. କବି ମଣିଷକୁ ଅହଂକାର ମୁକ୍ତ ହେବାପାଇଁ ପ୍ରଥମେ ପରାମର୍ଶ ଦେଇଛନ୍ତି। ଈଶ୍ୱର ମଣିଷକୁ ସୃଷ୍ଟି କଲା ବେଳେ ଅହଂକାର ଭରି ଦେଇ ନଥିଲେ। ବ୍ୟକ୍ତିର ଅର୍ଜିତ ଏସବୁ ସ୍ଥିତିକୁ ସେ ଈଶ୍ୱରଙ୍କ ପାଖରେ ସମର୍ପିତ କରିଦେବା ଉଚିତ୍ ବୋଲି କବି ପ୍ରକାଶ କରିଛନ୍ତି।

୨. ମାୟା ସଂସାରରୁ ମୋହ ତୁଟାଇ ପରମାର୍ଥିକ ଜଗତ ଆଡ଼କୁ ପ୍ରେରିତ ହେବା ପାଇଁ ଗୀତାଞ୍ଜଳିରେ ନିବେଦନ କରାଯାଇଛି।

୩. 'ମାନବ ସେବାହିଁ ମାଧବ ସେବା' ଏହି ସୂତ୍ରରେ ରବୀନ୍ଦ୍ରନାଥଙ୍କ ଉଦାର ସଂବେଦନଶୀଳତା କେତୋଟି ଗୀତିକାରେ ପ୍ରକାଶ ପାଇଛି। ଜାତିପ୍ରଥା, ପୁରୋହିତ ପ୍ରଥାକୁ ବିରୋଧ କରି ଦଳିତ ମଣିଷ ସପକ୍ଷରେ କବି ଠିଆ ହୋଇଛନ୍ତି।

୪. 'ଗୀତାଞ୍ଜଳି'ର ପରମେଶ୍ୱରଙ୍କ ପ୍ରତି ନିବେଦନର ମାର୍ଗଟି ହେଉଛି ପ୍ରେମମାର୍ଗ। ସଖ୍ୟବୋଧରେ କବି ପରମ ପୁରୁଷ ସହ ମିଳନ କାମନା କରିଛନ୍ତି।

୫. ଜୀବନରେ ମୃତ୍ୟୁର ଗୁରୁତ୍ୱକୁ କବି ସ୍ୱୀକାର କରିଛନ୍ତି। ମୃତ୍ୟୁ ହିଁ ଈଶ୍ୱରଙ୍କ ସାନ୍ନିଧ ଦେଇଥାଏ ବୋଲି କବି ପ୍ରକାଶ କରିଛନ୍ତି।

୬. 'ଗୀତାଞ୍ଜଳି' କୌଣସି ନିର୍ଦ୍ଦିଷ୍ଟ ଧର୍ମ, ଦର୍ଶନ, ଜାତି ବା ଭୂଗୋଳଭିତ୍ତିକ କବିତା ନୁହେଁ। ଏହା ବ୍ରହ୍ମାଣ୍ଡୀୟ କାରୁଣିକ ପରମ ସତ୍ତା ପ୍ରତି ଏକ ପ୍ରୀତି ନିବେଦନ।

## ୧.୯ ମଧୁସୂଦନ ରାଓ ଓ ରବୀନ୍ଦ୍ରନାଥ ଠାକୁର

କବିଗୁରୁ ରବୀନ୍ଦ୍ରନାଥ ଠାକୁର ଓ ଭକ୍ତକବି ମଧୁସୂଦନ ରାଓଙ୍କ ଭିତରେ ସାଦୃଶ୍ୟ ଅନେକ। ଏହି ସ୍ରଷ୍ଟାଦ୍ୱୟଙ୍କ ଭିତରେ କ୍ୱଚିତ୍ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ। ରବୀନ୍ଦ୍ରନାଥ ବଙ୍ଗଳାରେ ସୃଷ୍ଟି ହୋଇଥିବା ନବ ଜାଗରଣର ଥିଲେ ନୂତନ ଦାୟାଦ। ରାମମୋହନ ରାୟ, ଦେବେନ୍ଦ୍ରନାଥ ଠାକୁର, କେଶବ ଚନ୍ଦ୍ର ସେନ ପ୍ରମୁଖ ସାମାଜିକ - ଆଧ୍ୟାତ୍ମିକ ସ୍ତରରେ ଯେଉଁ ପରିବର୍ତ୍ତନ ସୃଷ୍ଟି କରିଥିଲେ ତାର ଭୂମି ଉପରେ ଠିଆ ହୋଇ ରବୀନ୍ଦ୍ରନାଥ ବିକଶିତ ହୋଇଥିଲେ। ପିତା ଦେବେନ୍ଦ୍ରନାଥ ଠାକୁର ବ୍ରାହ୍ମ ଧର୍ମର ଉପାସକ ଥିବାରୁ ଭାରତୀୟ ବେଦାନ୍ତ ଦର୍ଶନ

ଓ ସଂସ୍କାରଗୁଡ଼ିକୁ ସେ ଉତ୍ତରାଧିକାରୀ ସୂତ୍ରରେ ପାଇଥିଲେ। ନିଜେ ରବୀନ୍ଦ୍ରନାଥ ପାଶ୍ଚାତ୍ୟ ଶିକ୍ଷିତ ହୋଇଥିଲେ ମଧ୍ୟ ଭାରତୀୟ ସଂସ୍କାର ପଥରୁ କେବେବି ଓହରି ନଥିଲେ। ରବୀନ୍ଦ୍ରନାଥ ସାହିତ୍ୟ ସୃଷ୍ଟି କରିବା ସହିତ ଜାତୀୟବାଦୀ ସଂଗ୍ରାମକୁ ସମର୍ଥନ କରୁଥିଲେ ଓ ଭାରତର ସ୍ୱାଧୀନତା ଓ ରାଷ୍ଟ୍ରଗଠନ ସଂପର୍କରେ ସ୍ୱତନ୍ତ୍ର ଧାରଣା ପୋଷଣ କରିଥିଲେ।

ଭକ୍ତକବି ମଧୁସୂଦନ ରାଓ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ଜନ୍ମରୁ ଦାରିଦ୍ର୍ୟ ତାଙ୍କର ସହଚର ଥିବା ସତ୍ତ୍ୱେ ସେ ପାଠପଢ଼ି ଶିକ୍ଷକ ଚାକିରି କରିପାରିଥିଲେ। ଜଣେ ନୀତିନିଷ୍ଠ ଶିକ୍ଷକ ଓ ଦାୟିତ୍ୱବାନ ଶିକ୍ଷା ପ୍ରଶାସକ ଭାବରେ କାର୍ଯ୍ୟକରି ପ୍ରଶଂସିତ ହୋଇ ଥିଲେ। ଓଡ଼ିଶାରେ ବ୍ରାହ୍ମଧର୍ମର ପ୍ରତିଷ୍ଠା ଓ ପ୍ରଚାର କ୍ଷେତ୍ରରେ ବ୍ୟାପକ କାର୍ଯ୍ୟ କରିଥିଲେ।

ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକ ରଚନା ଓ ଆଧାତ୍ମିକ କବିତା ରଚନା ସହ ଆଧୁନିକ ଗୀତ କବିତାର ସେ ଜଣେ ସଫଳ ସ୍ରଷ୍ଟା। ବ୍ରାହ୍ମଦର୍ଶନକୁ ଆଧାରକରି ମଧୁରାଓ ଓଡ଼ିଶାରେ ଯେଉଁ ନବଜାଗରଣ ସୃଷ୍ଟି କରିଛନ୍ତି ପରବର୍ତ୍ତୀ ସମୟରେ ଏହା ଓଡ଼ିଆମାନଙ୍କ ଜୀବନ ଧାରାରେ ପରିଲକ୍ଷିତ ହୋଇଛି। ନିମ୍ନରେ ଏହି ଦୁଇସ୍ରଷ୍ଟାଙ୍କୁ ସାମ୍ୟ ଓ ବୈଷମ୍ୟ ସଂପର୍କରେ ସଂକ୍ଷିପ୍ତ ଆଲୋକପାତ କରାଯାଇଛି।

କ) ମଧୁସୂଦନ କବି ରବୀନ୍ଦ୍ରନାଥଙ୍କ ଠାରୁ ବୟସରଙ୍କ ଆଠବର୍ଷ ବଡ଼।

ଖ) ଉଭୟ ଲେଖକ ବ୍ରାହ୍ମଧର୍ମ ଦର୍ଶନ ଦ୍ୱାରା ପ୍ରଭାବିତ ହୋଇଥିଲେ।

ଗ) ରବୀନ୍ଦ୍ରନାଥ 'ଶାନ୍ତିନିକେତନ' ସ୍ଥାପନ କରିଥିବା ବେଳେ ମଧୁସୂଦନ 'ଭିକ୍ଟୋରିଆ ହାଇସ୍କୁଲ' ହାଇସ୍କୁଲ ପାଇଁ କାର୍ଯ୍ୟ କରୁଥିଲେ।

ଘ) ଭାରତୀୟ ବେଦାନ୍ତ ଦର୍ଶନ ଉଭୟଙ୍କ କବିତାର ଶକ୍ତି।

ଙ) ଗୀତିମୟତା ଓ ଇନ୍ଦ୍ରିୟୋତ୍ତର ଜଗତକୁ ଯାତ୍ରା ସହ ମଣିଷର ରୂପାନ୍ତର କାମନା କରିବା ଉଭୟ ସ୍ରଷ୍ଟାଙ୍କ ଆଭିମୁଖ୍ୟ।

ଚ) ରବୀନ୍ଦ୍ରନାଥ କବିତା ଛଡ଼ା ସାହିତ୍ୟର ଅନ୍ୟାନ୍ୟ ବିଭାଗରେ ଯେପରି ଉତ୍କର୍ଷ ପ୍ରତିପାଦନ କରିଛନ୍ତି ମଧୁସୂଦନଙ୍କ କ୍ଷେତ୍ରରେ ତାହା ଦେଖାଯାଏ ନାହିଁ।

ଛ) ରବୀନ୍ଦ୍ରନାଥ ସାହିତ୍ୟ ଛଡ଼ା ସାମାଜିକ ଓ ରାଜନୀତିକ କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଥିବା ବେଳେ ମଧୁସୂଦନଙ୍କ କ୍ଷେତ୍ରରେ ଏହା ପରିଲକ୍ଷିତ ହୁଏ ନାହିଁ।

ଜ) ଜାତୀୟ-ଆନ୍ତର୍ଜାତୀୟ ସ୍ତରରେ ରବୀନ୍ଦ୍ରନାଥ ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ। ମଧୁରାଓ ଜଣେ ଋଷିପ୍ରାଣ ନୀରବ ସାଧକ।

## ୧.୧୦ 'କୁସୁମାଞ୍ଜଳି' ଓ 'ଗୀତାଞ୍ଜଳି'

'ଗୀତାଞ୍ଜଳି' ଓ 'କୁସୁମାଞ୍ଜଳି' ଭାରତୀୟ ସାହିତ୍ୟର ଦୁଇଟି ଗୁରୁତ୍ୱପୂର୍ଣ୍ଣ ରଚନା। 'ଗୀତାଞ୍ଜଳି' ବିଶ୍ୱ ଦରବାରରେ ଭାରତୀୟ ସାହିତ୍ୟର ସୁନାମ ବୃଦ୍ଧି କରିଥିବା ବେଳେ 'କୁସୁମାଞ୍ଜଳି' ଓଡ଼ିଶା ଓ ବଙ୍ଗଳାରେ ଯଥେଷ୍ଟ ପାଠକୀୟ ପ୍ରଶସ୍ତି ପାଇଛି। ନିମ୍ନରେ ଏହି ଦୁଇ କବିତା ସଂଗ୍ରହର ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରାଯାଉଛି।

କ) ଗୀତାଞ୍ଜଳି ୧୯୧୦ ମସିହାରେ ରଚିତ ଓ ୧୯୧୩ ମସିହାରେ ନୋବେଲ ସମ୍ମାନ ପ୍ରାପ୍ତ। ଅନ୍ୟପକ୍ଷରେ କୁସୁମାଞ୍ଜଳି ୧୮୯୦ରୁ ରଚିତ ଓ ୧୯୦୩ ମସିହାରେ ପୁସ୍ତକ ଆକାରରେ ପ୍ରକାଶିତ।

ଖ) ଗୀତାଞ୍ଜଳିରେ ୧୦୧ ଟି ଗୀତିକବିତା ଥିବା ବେଳେ କୁସୁମାଞ୍ଜଳିରେ ୧୧ଟି କବିତା ରହିଛି।

ଗ) ଗୀତାଞ୍ଜଳିର ପରମପୁରୁଷ ପ୍ରାପ୍ତିର ମାର୍ଗଟି ହେଉଛି ପ୍ରେମ। ଏହା ସୁଫିବାଦ ଓ ଗୌଡ଼ୀୟ ବୈଷ୍ଣବ ଦର୍ଶନର ଭିତ୍ତି ଉପରେ ଆଧାରିତ। ଅନ୍ୟପକ୍ଷରେ କୁସୁମାଞ୍ଜଳିର ଈଶ୍ୱର ପ୍ରାପ୍ତି ମାର୍ଗଟି ହେଉଛି ଜ୍ଞାନ ଯୋଗ। 'ଅନୁଭବ-ରୂପାନ୍ତର ଓ ତଲ୍ଲୀନ' ଏହି ତ୍ରିପର୍ଯ୍ୟାୟ ଦେଇ କବିତାର ଅନନ୍ତ ଜଗତ ଭିତରକୁ ଯାତ୍ରା।

ଘ) ମାୟା ସଂସାର ବର୍ଜନ କରି ପରମାର୍ଥିକ ଜଗତକୁ ଯାତ୍ରା ଉଭୟ କବିଙ୍କ କାବ୍ୟ ଦର୍ଶନ। ଏଦୃଷ୍ଟିରୁ ମାର୍ଗ ଅଲଗା ହେଲେ ମଧ୍ୟ ଗୀତାଞ୍ଜଳି ଓ କୁସୁମାଞ୍ଜଳିର ଲକ୍ଷ୍ୟ ଗୋଟିଏ।

ଙ) ବ୍ୟକ୍ତି ସଂସ୍କାର ଓ ସମାଜ ସଂସ୍କାର ଉଭୟ କବିତା ସଙ୍କଳନରେ ପ୍ରମୁଖ ଲକ୍ଷ୍ୟ। ମଣିଷର ଜାତି ନାହିଁ, ଛୋଟ ବଡ଼ ପ୍ରଭେଦ ନାହିଁ ଓ ଈଶ୍ୱରଙ୍କ ଦରବାରରେ ସମସ୍ତେ ସମାନ ଏହା ଗୀତାଞ୍ଜଳି ଓ କୁସୁମାଞ୍ଜଳିର ନୀରବ ଆବେଦନ।

ଚ) ଗୀତାଞ୍ଜଳିର ପୃଷ୍ଠଭୂମି ଓ ଭାବ ବିସ୍ତାରର ଭୂମି କୁସୁମାଞ୍ଜଳି ଠାରୁ ଅଧିକ। ରବୀନ୍ଦ୍ରନାଥ ଈଶ୍ୱରଙ୍କ ସାକ୍ଷାତ୍ କରିବା ପାଇଁ ମୃତ୍ୟୁକୁ ଆହ୍ୱାନ କରନ୍ତି। ମରଣ ତାଙ୍କୁ ଶ୍ୟାମ ପରି ପ୍ରତ୍ୟୟ ହୁଏ। ଅଥଚ କୁସୁମାଞ୍ଜଳି ଈଶ୍ୱରଙ୍କୁ ନିଜ ହୃଦୟରେ ଅନୁଭବ କରିବାରେ ସୀମିତ ହୋଇଛି।

ଛ) କୁସୁମାଞ୍ଜଳିରେ ୧୧ଟି କବିତା ବିଭିନ୍ନ ପର୍ଯ୍ୟାୟର ଏଥିରେ ଶୋକ କବିତା, ଜାତୀୟତାବୋଧ ଓ ନୂତନ ସମୟର କଥା କୁହାଯାଇଛି। ଆଧ୍ୟାତ୍ମିକତା ଗୀତାଞ୍ଜଳିରେ ସାମାଜିକ ପ୍ରତିକ୍ରିୟା ଥିଲେ ମଧ୍ୟ ଏହାର ମୁଖ୍ୟ ସ୍ୱର ପ୍ରାଧାନ୍ୟ ବିସ୍ତାର କରିଛି। ଆଦି ଭୌତିକ ଅବଧାରଣା।

ଜ) ପୁରୋହିତ ବାଦ ଓ ଆଧ୍ୟାତ୍ମିକ କୁସଂସ୍କାର ବିରୁଦ୍ଧରେ ଉଭୟ କବିତା ସଂକଳନ ଠିଆ ହୋଇଛନ୍ତି।

ଝ) ମଣିଷର ଜାଗରଣ ଓ ପ୍ରାଚ୍ୟ ସଭ୍ୟତାର ଉଦଥାନ ଉଭୟ କବିତାର ଆଦର୍ଶ।

ଞ) ବ୍ୟକ୍ତି ନିର୍ମାଣ – ସମାଜ ନିର୍ମାଣ – ଭାରତୀୟତା ନିର୍ମାଣ ଉଭୟ କବିତାର ଲକ୍ଷ୍ୟ।

ଟ) ବାହ୍ୟତଃ ଏସବୁ କବିତା ପରି ପ୍ରତ୍ୟୟ ହେଲେହେଁ ଏସବୁ ମନ୍ତ୍ର। ରବୀନ୍ଦ୍ର, ସଙ୍ଗୀତ ରୂପରେ ସମଗ୍ର ବିଶ୍ୱରେ ଓ ପ୍ରାର୍ଥନା ରୂପରେ ଓଡ଼ିଶାର ବିଦ୍ୟାଳୟମାନଙ୍କରେ ମଧୁରାଓ ଏବେବି ବିଦ୍ୟାମାନ।

ଠ) ଉଭୟ କବି ଋଷିପ୍ରାଣ। ସମାଜ ସଂସ୍କାରକ। ଗୀତିକବିତା ମାଧ୍ୟମରେ କବିତା ରଚନା କରି ତାକୁ ଗାନ ଧର୍ମି କରିବା ଗୀତାଞ୍ଜଳି ଓ କୁସୁମାଞ୍ଜଳିର ସାମର୍ଥ୍ୟ।

ଗୀତାଞ୍ଜଳି ଓ କୁସୁମାଞ୍ଜଳି ଭିତରେ ସାମ୍ୟତାର ପୃଷ୍ଠଭୂମି ଅଧିକ। ଚେତନା ଦୃଷ୍ଟିରୁ ଓ କଳାପ୍ରକାରଣରେ ଏହା ପ୍ରାୟତଃ ଏକାପରି। ଭାରତୀୟ ଆଧାତ୍ମିକ ପରିମଣ୍ଡଳର କାବ୍ୟିକ ସର୍ଜନାର ଏହା ଦୁଇଟି କ୍ଲାସିକ ସୃଷ୍ଟି। ସମର୍ପଣ ହିଁ ଏହାର ସ୍ୱର। ବିଭୁବୋଧ କବିତାର ପ୍ରାଣ। ଭାରତୀୟ ସାହିତ୍ୟ ଆକାଶରେ 'ଗୀତାଞ୍ଜଳି' ଓ 'କୁସୁମାଞ୍ଜଳି' ଦୁଇଟି ଶାଶ୍ୱତ ସୃଜନା।

## ୧.୧୧ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ।**

(କ) ମଧୁସୂଦନ କେଉଁ ବଂଶଧର ଥିଲେ ?

(ଖ) ମଧୁସୂଦନ କେଉଁ ସ୍କୁଲରେ ଶିକ୍ଷା ଗ୍ରହଣ କରିଥିଲେ ?

(ଗ) ୧୮୮୦ ମସିହାରେ ମଧୁସୂଦନ କେଉଁ ସରକାରୀ କାର୍ଯ୍ୟରେ ଯୋଗଦେଇଥିଲେ ?

(ଘ) କୁସୁମାଞ୍ଜଳୀ କେବେ ପୁସ୍ତକ ଆକାରରେ ପ୍ରକାଶ ପାଇଥିଲା ?

(ଙ) ରବୀନ୍ଦ୍ରନାଥ କେଉଁ ଠାରେ ଜନ୍ମଗ୍ରହଣ କରିଥିଲେ ?

(ଚ) ଗୀତାଞ୍ଜଳି କେବେ ରଚିତ ହୋଇଥିଲା ?

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।**

(କ) କୁସୁମାଞ୍ଜଳିର ସାରମର୍ମ ବିଶ୍ଳେଷଣ କର।

(ଖ) ବ୍ରାହ୍ମଧର୍ମ ଓ ଦର୍ଶନ କୁସୁମାଞ୍ଜଳିରେ କିପରି ପ୍ରତିଫଳିତ ହୋଇଛି ଆଲୋଚନା କର।

(ଗ) କୁସୁମାଞ୍ଜଳିରେ ପ୍ରତିଫଳିତ ଭାରତୀୟ ଭାବନା ସଂପର୍କରେ ଆଲୋଚନା କର।

(ଘ) ମଧୁରାଓ ଓ ରବୀନ୍ଦ୍ରନାଥଙ୍କ ପ୍ରତିଭାର ତୁଳନାତ୍ମକ ଆକଳନ ପଠିତ କୃତି ଆଧାରରେ କର।

(ଙ) ଗୀତାଞ୍ଜଳିର ମୁଖ୍ୟସ୍ୱରଟି କ'ଣ ? ବ୍ୟାଖ୍ୟା କର।

(ଚ) ଭାରତୀୟ ପରଂପରା ଓ ଆଧାତ୍ମିକ ଦର୍ଶନ ଗୀତାଞ୍ଜଳିରେ କିପରି ପ୍ରତିଫଳିତ ହୋଇଛି, ଆଲୋଚନା କର।

## ୧.୧୨ ସହାୟକ ଗ୍ରନ୍ଥସୂଚୀ


- ଗୀତାଞ୍ଜଳି (ଅ) ଅଧ୍ୟାପକ ଗୋପାଳ ଚନ୍ଦ୍ର ମିଶ୍ର
- କୁସୁମାଞ୍ଜଳି – ମଧୁସୂଦନ ରାଓ ଗ୍ରନ୍ଥାବଳୀ
- ରବୀନ୍ଦ୍ର ସମକାଳୀନ ଓଡ଼ିଆ କବିତା –ହୃଷୀକେଶ ପଣ୍ଡା
- ମଧୁସୃଷ୍ଟି ଅମୂର୍ତ୍ତ ଦୃଷ୍ଟି – ଶରତ ଚନ୍ଦ୍ର ପ୍ରଧାନ

# ଦ୍ୱିତୀୟ ଏକକ : (କ) କୁନ୍ତଳା କୁମାରୀ ସାବତ

**ବିଷୟ ଗଠନ :**

୨.୧ ପଠନର ଉଦ୍ଦେଶ୍ୟ
୨.୨ ଶିକ୍ଷଣୀୟ ବିଷୟ
୨.୩ ବିଷୟ ପ୍ରବେଶ
୨.୪ ସ୍ରଷ୍ଟା ପରିଚୟ : କୁନ୍ତଳା କୁମାରୀ ସାବତ
୨.୫ କୁନ୍ତଳା କୁମାରୀଙ୍କ କାବ୍ୟଭୂମି
୨.୬ କୁନ୍ତଳା କୁମାରୀଙ୍କ କାବ୍ୟ କବିତା ରଚନାର ବୈଶିଷ୍ଟ୍ୟ
୨.୭ କୁନ୍ତଳା କୁମାରୀଙ୍କ ଗଦ୍ୟ ରଚନା
୨.୮ ନିଷ୍କର୍ଷ
୨.୯ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୨.୧୦ ସହାୟକ ଗ୍ରନ୍ଥସୂଚୀ

## ୨.୧ ପଠନର ଉଦ୍ଦେଶ୍ୟ

ସବୁଜ ଯୁଗ ସମସାମୟିକ ଓଡିଆ କବିତା ପରଂପରାରେ କୁନ୍ତଳା କୁମାରୀ ସାବତଙ୍କ ସାମଗ୍ରିକ ସୃଷ୍ଟି ସମ୍ଭାରର ବୈଚିତ୍ର୍ୟ ସଂପର୍କରେ ଅବଗତ ହେବା । କୁନ୍ତଳା କୁମାରୀ ସାବତଙ୍କ କବିତା ଓ ସୃଷ୍ଟିଶୀଳତାର ଆଭିମୁଖ୍ୟ ସଂପର୍କରେ ବିଶଦ ଜ୍ଞାନ ଲାଭ କରିବା । ସତ୍ୟବାଦୀ ଚିନ୍ତାଧାରାରେ ବିଶେଷ ରୂପେ ଆପ୍ଳୁତ କୁନ୍ତଳାକୁମାରୀଙ୍କ କାବ୍ୟ ମାନସରେ ଥିବା ବିଭିନ୍ନ ବିଭବର ଆସ୍ୱାଦନ କରିବା । ଅତୀତ ଓଡିଶାର ସମୃଦ୍ଧ ଐତିହ୍ୟ ଓ ଇତିହାସକୁ ପୁନରୁଜ୍ଜୀବିତ କରିବା ନିମନ୍ତେ ସାବତୀୟ ଲେଖନୀ ମୁନର ପରାକାଷ୍ଠା ବିଷୟରେ ସମ୍ୟକ ଜ୍ଞାନ ଆହରଣ କରିବା । ସାବତୀୟ ରଚନାରେ ଉତ୍କଳପ୍ରୀତି ଓ ସ୍ୱାଧୀନଚେତନାକୁ ନିରୀକ୍ଷଣ କରିବା ।

## ୨.୨ ଶିକ୍ଷଣୀୟ ବିଷୟ

ଏହି ଏକକରେ ବିଦ୍ୟାର୍ଥୀମାନେ ନିମ୍ନ ପ୍ରସଙ୍ଗଗୁଡ଼ିକ ଜାଣିପାରିବେ :

- କୁନ୍ତଳା କୁମାରୀଙ୍କ ଶୈଶବ, ଶିକ୍ଷା, ବୃତ୍ତି, ସଂଘର୍ଷମୟ ବ୍ୟଥାତୁର ଜୀବନର ମର୍ମବାଣୀ ଉଦ୍‌ଘାଟନ କରିବାରେ ବିଦ୍ୟାର୍ଥୀମାନେ କ୍ଷମ ହେବେ
- କବି ଜୀବନର ସଂଘାତ, ରଚନାଗତ ବୈଶିଷ୍ଟ୍ୟ ସଂପର୍କରେ ଜ୍ଞାନଲାଭ କରିପାରିବେ
- ସାବତୀୟ ସର୍ଜନଶୀଳତା ଓ ଏହାର କଳା ତଥା ଆତ୍ମିକ ପକ୍ଷ ସଂପର୍କରେ ସବିଶେଷ ଜ୍ଞାନ ହାସଲ କରିବେ
- ଭାରତୀୟ ମୁକ୍ତିଚେତନାର ସ୍ୱର ଓ ସ୍ୱାକ୍ଷର ସହିତ ଭାରତୀୟ ସଂସ୍କୃତିର ପୁନରୁତ୍‌ଥାନ ତଥା ଏହାର ପ୍ରଚାର ଏବଂ ପ୍ରସାର ସଂପର୍କରେ ଲେଖକୀୟ ମାନସିକତା ସଂପର୍କରେ ଜାଣିପାରିବେ

## ୨.୩ ବିଷୟ ପ୍ରବେଶ

କୁନ୍ତଳା କୁମାରୀଙ୍କ ଜୀବନୀ ଲେଖିଥିବା ସ୍ୱନାମଧନ୍ୟ ସୁଲେଖିକା ପ୍ରତିଭା ରାୟ ଲେଖିଛନ୍ତି ଯେ ବଜାରରୁ କୌଣସି ଜିନିଷ ଆସିଥିବା ଖବର କାଗଜ ବା ଅନ୍ୟ କାଗଜ ବ୍ୟାଗରୁ ଅକ୍ଷର ଚିହ୍ନି କୁନ୍ତଳା ସାତ ବର୍ଷ ବୟସର ହେବା ବେଳକୁ ଉଭୟ ବଙ୍ଗାଳୀ ଓ ହିନ୍ଦୀ ଭାଷା ପଢ଼ିପାରୁଥିଲେ । ଭକ୍ତକବି ମଧୁସୂଦନ ବିରଚିତ 'ବର୍ଣ୍ଣବୋଧ' ରୁ ସେ ଓଡିଆ ଭାଷା ଶିକ୍ଷା ଆରମ୍ଭ କରିଥିଲେ । ସଂଗୀତ ପ୍ରତି କୁନ୍ତଳାଙ୍କ ଥିଲା ପ୍ରବଳ ଆକର୍ଷଣ । କୁନ୍ତଳା କୁମାରୀଙ୍କ ଅସାଧାରଣ ପ୍ରତିଭା । ବିଷୟରେ ତାଙ୍କ ଭଉଣୀ ପ୍ରଫୁଲ୍ଲ କୁମାରୀ କହିଛନ୍ତି- "It feels me with wonder to think how she acquired so much in so little time. She had only four months schooling in ravenshw girl's school, but she was soon promoted to the ninth standard for scoring the highest marks in all the subjects. The next four years in medical schools made her bag a record number of medals. she won recognition in India as a talented writer and an effcient physician" ବର୍ମାରୁ ଓଡିଶା ଆସିବା ପରେ କିଛି ମାସ ପାଇଁ କୁନ୍ତଳାଙ୍କୁ କଟକରେ ଥିବା ରାଭେନ୍ସା ଗାର୍ଲସ ସ୍କୁଲରେ ଉର୍ତ୍ତି କରାଗଲା । ଖୋର୍ଦ୍ଧା ମାଇନର ସ୍କୁଲ ଓ ହାଇସ୍କୁଲ ଲାଇବ୍ରେରୀରୁ ବହି ଆଣି ସେତେବେଳେ ସେ ବହୁତ ପଢ଼ାପଢ଼ି କରୁଥିଲା । ଏତେବେଳକୁ ସେ ବଙ୍ଗଳାର ବଙ୍କିମ ଚନ୍ଦ୍ର, ରବୀନ୍ଦ୍ର ନାଥ, ହେମଚନ୍ଦ୍ର ଓ ନବୀନ ଚନ୍ଦ୍ର ତଥା ଇଂରାଜୀରେ ସେକ୍ସପିଅର, ଶେଲି, ବ୍ରାଉନିଂ, ଟେନିସନ୍, ୱାର୍ଡସୱାର୍ଥ ବାଇରନ ପ୍ରଭୃତିଙ୍କୁ ପଢ଼ିସାରିଥିଲେ ।

## ୨.୪ ସ୍ରଷ୍ଟା ପରିଚୟ : କୁନ୍ତଳା କୁମାରୀ ସାବତ

୧୫୬୮ ମସିହାରେ ଓଡିଶାର ଶେଷ ସ୍ୱାଧୀନ ରାଜା ଗଜପତି ମୁକୁନ୍ଦଦେବ ବଙ୍ଗର ତତ୍କାଳୀନ ସୁଲତାନ କର୍ନୀଙ୍କ ହାତରେ ଗୋହିରିଟିକରା ଯୁଦ୍ଧରେ ପରାଜୟ ସ୍ୱୀକାର କରିବା ସହିତ ଓଡିଶାର ସ୍ୱାଧୀନତା ରବି ଚିରଦିନ ପାଇଁ ଅସ୍ତମିତ ହୋଇଯାଇଥିଲା । ସମୃଦ୍ଧଶାଳୀ ଐତିହ୍ୟ ସଂପନ୍ନ ଓଡିଆ ଜାତି କାଳର କରାଳ ଗତିରେ କୁ ଚକ୍ରରେ ପଡି ଦୁର୍ଦ୍ଦଶାଗ୍ରସ୍ତ ହେବାରେ ଲାଗିଲା । ବଙ୍ଗୀୟ ସୁଲତାନଙ୍କ ପରେ ଓଡିଶା ଶାସନର ଡୋରି ଆସିଲା ମୋଗଲମାନଙ୍କ ହାତକୁ । ତାଙ୍କ ପରେ ଏହାକୁ ଅକ୍ତିଆର କରିନେଲେ ମରାଠାମାନେ । ଏମାନଙ୍କ ହାତରେ ଦୀର୍ଘସମୟ ଶାସିତ ଓ ଦୁର୍ଦ୍ଦଶାଗ୍ରସ୍ତ ହେବା ପରେ ୧୮୦୩ ମସିହାରେ ବ୍ରିଟିଶ ଶାସନାଧୀନ ହୋଇଛି ଓଡିଶା । ଏହି ମାଟିର ଗୌରବା ବହ ସଂସ୍କୃତି, ପରଂପରା, କଳା, ସ୍ଥାପତ୍ୟ, ବ୍ୟବସାୟ, ବାଣିଜ୍ୟ, ସମରକଳା, ଦିଗ୍‌ବିଜୟ ଇତ୍ୟାଦି କେବଳ କିମ୍ବଦନ୍ତୀ ପାଲଟିଗଲା । ଓଡିଶାର ଗୌରବୋଜ୍ଜ୍ୱଳ ଭୌଗୋଳିକ ଆୟତନ ବିଚ୍ଛିନ୍ନ ହୋଇପଡିଲା । କିଛି ଅଂଶ ଏହାର ପଡି ରହିଲା ବିହାର ପ୍ରେସିଡେନ୍‌ସିର ଛତ୍ରଛାୟା ତଳେ ତ ଆଉ କିଛି ଅଂଶ ବଙ୍ଗଳା ପ୍ରେସିଡେନ୍‌ସୀ ଅଧୀନରେ । ତାତ୍କାଳିକ ଓଡିଶାରେ ଦେଖାଦେଇଛି ଅସ୍ତିତ୍ୱ ଓ ଅସ୍ମିତାର ସଙ୍କଟ । ଏହାର ଅଧିବାସୀଙ୍କୁ ଗ୍ରାସ କରିଛି ଚରମ ଦାରିଦ୍ର୍ୟ । ରାସ୍ତାଘାଟ ତଥା ଅନ୍ୟାନ୍ୟ ଗମନାଗମନ ଅଥବା ଯୋଗାଯୋଗର ସୁବିଧା ବି ବିଶେଷ କିଛି ନ ଥିଲା । କଲିକତାକୁ ଯିବା ପାଇଁ ଏକମାତ୍ର ମାଧ୍ୟମ ଥିଲା ଷ୍ଟିମର୍ । ଜମିଦାର, ସାମନ୍ତ

ଓ ବ୍ରିଟିଶ ଗୋଲାମମାନଙ୍କ ଅତ୍ୟାଚାରରେ ସାଧାରଣ ଜନତା ତ୍ରାହି ତ୍ରାହି କରୁଥିଲେ । ପଡୋଶୀ ପ୍ରଦେଶ ଗୁଡିକର ଅଫିସର ରାଜ୍‌ରେ ରାଜ୍ୟବାସୀ ଅତିଷ୍ଠ ହୋଇ ପଡିଥିଲେ । ଅଶିକ୍ଷା, କୁଶିକ୍ଷା, କୁସଂସ୍କାର, ନିରକ୍ଷରତା ସର୍ବୋପରି ଦାରିଦ୍ର୍ୟର କଷାଘାତ ସହିବାକୁ ବାଧ ହେଉଥିଲେ ଓଡିଶାର ସାଧାରଣ ଜନତା । କେବଳ ସେତିକି ନୁହେଁ, ଓଡିଶାର ନିଜସ୍ୱ ଭାଷା ଓଡିଆ ଭାଷା ଉପରେ ମଧ୍ୟ ଆକ୍ରମଣ ଆରମ୍ଭ ହୋଇଯାଇଛି । ପ୍ରତିବେଶୀ ଭାଷାବିତ୍ ଓ ଅଫିସରମାନେ ମିଶି ଓଡିଆ ଭାଷାକୁ ହୀନବଳ ଏପରିକି ଲୋପ କରିଦେବାକୁ ମଧ୍ୟ ଚକ୍ରାନ୍ତ ଆରମ୍ଭ କରିଦେଇଥିଲେ । ଏହିଭଳି ବହୁବିଧ ସମସ୍ୟାରେ ଜଡସଡ ଓଡିଶା ଊନବିଂଶ ଶତାବ୍ଦୀର ଶେଷ ପର୍ଯ୍ୟାୟ ବେଳକୁ ଖଣ୍ଡ ବିଖଣ୍ଡିତ କେବଳ ହୋଇନାହିଁ ବରଂ ଦାରିଦ୍ର୍ୟ ପ୍ରପୀଡିତ ଓ ଯନ୍ତ୍ରଣାକ୍ଲିଷ୍ଟ ହୋଇପଡିଛି । ଏହି ଦୁର୍ଦ୍ଦିନରେ କେତେକ ଜାତୀୟତାବାଦୀ ଓଡିଆ ବୁଦ୍ଧିଜୀବୀ ତଥା ସାହିତ୍ୟିକ ଓଡିଶାର ହୃତଗୌରବ ଫେରାଇ ଆଣିବା ପାଇଁ ଆନ୍ତରିକ ଆପ୍ରାଣ ଉଦ୍ୟମ ଅବ୍ୟାହତ ରଖିଥିଲେ ।

ଚଳିତ ସମୟର ଅନ୍ୟତମ ପ୍ରମୁଖ ସମସ୍ୟା ଥିଲା ଧର୍ମାନ୍ତରୀକରଣ । ଜନସାଧାରଣ ଇସ୍‌ଲାମ୍ ଓ ଖ୍ରୀଷ୍ଟଧର୍ମ ଗ୍ରହଣ କରିବାକୁ ଉନ୍ମୁଖ ହେଉଥିବା ପରିଲକ୍ଷିତ ହେଉଥିଲା । Successive aggressions resulted in the destruction of temples and decapitation and multilation of deities. A large number of people here converted to Islam and christianity during the Muslim and the Brithish rule. ୧୮୨୨ ରୁ ୧୮୪୫ ମସିହା ମଧ୍ୟରେ ଯେଉଁ କେତେ ଜଣ ମିଶନାରୀ ଓଡିଶାରେ କାମ କରିବା ସହ ଖ୍ରୀଷ୍ଟଧର୍ମ ପ୍ରତି ଲୋକଙ୍କୁ ଆକର୍ଷିତ କରିବାର ଉଦ୍ୟମ ଅବ୍ୟାହତ ରଖିଥିଲେ ସେମାନଙ୍କ ମଧ୍ୟରେ କ୍ୟାପଟେନ ପେଗ୍‌ସ, ଶ୍ରୀମତୀ ଓ ଶ୍ରୀ କେରି, ଶ୍ରୀମତୀ ଓ ଶ୍ରୀ ସଟନ୍, ଶ୍ରୀମତୀ ଓ ଶ୍ରୀ ଲେସି, ଜେ.ଗ୍ରାଣ୍ଟ ଓ ଜେ. ମିଲର୍ ଆଦି ଉଲ୍ଲେଖଯୋଗ୍ୟ । ଏଭଳି ଭାବରେ ମିଶ୍‌ନାରୀ ମାନଙ୍କ ପ୍ରଚେଷ୍ଟା ଫଳରେ ରାଜ୍ୟର ଅନ୍ୟୂନ ୭ଟି ଗ୍ରାମ ସଂପୂର୍ଣ୍ଣ ଖ୍ରୀଷ୍ଟ ଧର୍ମାବଲମ୍ବୀ ହୋଇସାରିଥିଲେ । ୧୯୪୪ ସୁଦ୍ଧା ଓ ବିକ୍ଷିପ୍ତ ଭାବରେ ମଧ୍ୟ ଏମାନଙ୍କ ସଂଖ୍ୟା ବଢ଼ି ଚାଲିଥିଲା । ଏପରି ଏକ ସମୟରେ କୁନ୍ତଳା କୁମାରୀଙ୍କ ପରିବାରର ସଦସ୍ୟ ମାନେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ ।

ପୁରୀ ନିକଟସ୍ଥ ପିପିଲିଠାରେ କୁନ୍ତଳା କୁମାରୀଙ୍କ ପରିବାର ବସବାସ କରୁଥିଲେ । ସେମାନେ ଥିଲେ ଜାତିରେ ବ୍ରାହ୍ମଣ । ପନିପରିବା ଇତ୍ୟାଦି ଚାଷ କରି ପୁରୁଷମାନେ ପରିବାର ପ୍ରତିପୋଷଣ କରୁଥିବା ବେଳେ ପରିବାରର ମହିଳାମାନେ ଅବସର ସମୟରେ ସୂତା କାଟି ଆୟ କରୁଥିଲେ । ଏହି ପରିବାରର ବ୍ରଜବନ୍ଧୁ ସାବତ ଓ ସ୍ତ୍ରୀ ଶୋଭାଙ୍କର କୌଣସି ସନ୍ତାନ ସନ୍ତତି ନ ହେବାରୁ ସେମାନେ ଶ୍ୟାମରତନ ନାମକ ଜଣେ ଯୁବକଙ୍କୁ ପୋଷ୍ୟପୁତ୍ର ଭାବେ ଗ୍ରହଣ କରିଥିଲେ । କଥିତ ଅଛି, ଏକ ଶାଢ଼ୀକୁ କେନ୍ଦ୍ର କରି ଏକଦା ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳିତକରାଳ ହୋଇଥିଲା । ଏଥିରେ ଶୋଭା ଏତେ ମାତ୍ରାରେ ଉତ୍‌କ୍ଷିପ୍ତା ହୋଇଉଠିଥିଲେ ଯେ ସେ ଏକ କୂଅଭିତରକୁ ଡେଇଁ ଆତ୍ମହତ୍ୟା କରିଥିଲେ । ସ୍ତ୍ରୀ ଶୋଭାଙ୍କ ଅପ୍ରତ୍ୟାଶିତ ଆକସ୍ମିକ ବିୟୋଗରେ ଅତ୍ୟନ୍ତ ମର୍ମାହତ ହୋଇ ବ୍ରଜବନ୍ଧୁ ମଧ୍ୟ ଅନୁରୂପ ଭାବେ ଆତ୍ମହତ୍ୟା କରିଥିଲେ । ଏହାପରେ ଶ୍ୟାମରତନଙ୍କ ଉପରେ ପରିବାରର ସମସ୍ତ ଦାୟିତ୍ୱ ପଡିଲା । ହେଲେ ସେ ପୋଷ୍ୟପୁତ୍ର ଭାବେ ପରିବାରକୁ ଆସିଥିବାରୁ ତାଙ୍କୁ ସଂପର୍କୀୟମାନେ ସହଜରେ ଗ୍ରହଣ କରିପାରି ନ ଥିଲେ । ଏହା ତାଙ୍କ ପକ୍ଷେ ଅସହ୍ୟ

ହେବାରୁ ସେ ଗୃହତ୍ୟାଗୀ ହୋଇଥିଲେ । ଏହାର କିଛି ଦିନ ପରେ ଜଣାଗଲା ଯେ ମିଶ୍ନାରୀ ଜେ ମିଲର୍ ତାଙ୍କୁ ଅପହରଣ କରି ନେଇଯାଇଛନ୍ତି । ଘଟଣାଟି ସେ ସମୟରେ ସେହି ଅଞ୍ଚଳରେ ଚହଳ ପକାଇ ଦେଇଥିଲା । ଗାଁର ନେତୃସ୍ଥାନୀୟ ବ୍ୟକ୍ତି ଏକ ଶଗଡ ଗାଡି କରି ମିଲର୍‌ଙ୍କ ପାଖକୁ ଯାଇଥିଲେ । ମିଲର୍ ସେମାନଙ୍କୁ ଭୟଭୀତ କରାଇ କହିଥିଲେ - "You fools, idol worshippers are detined to be consi gned to purgutory. You are fortunate that the son of God in his infinite mercy has saved at least one of your men from hell." ମିଲର୍‌ଙ୍କ ଏହି ବାଣୀ ଲୋକଙ୍କ ଦ୍ୱାରା ଅଗ୍ରାହ୍ୟ ହେଲା ଓ ସେମାନେ ପ୍ରବଳ ପାଟିତୁଣ୍ଡ କରିବା ସହ ଏହାର ବିରୋଧ ମଧ୍ୟ କରିଥିଲେ । ପରିସ୍ଥିତି ଏତେ ଅଶାନ୍ତ ତଥା ଗମ୍ଭୀର ହୋଇଉଠିଥିଲା ଯେ ମିଲର ରାଗିଯାଇ ଏକ ଲୁହା ରଡ ଧରି ଲୋକଙ୍କୁ ଡରାଇଥିଲେ ଏବଂ ଅନନ୍ୟୋପାୟ ହୋଇ ଲୋକେ ସେ ସ୍ଥାନ ଛାଡି ଯାଇଥିଲେ । ଏଣେ ଖୋର୍ଦ୍ଧାର ଏକ ଖଣ୍ଡାୟତ ପରିବାରଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରି ମିଲର ସେମାନଙ୍କୁ ନିଜ ଘରେ ଆଶ୍ରୟ ଦେଇଥିଲେ । ସେହି ପରିବାରରେ ଥିବା ସାଧବୀ ନାମ୍ନୀ ଏକ ଝିଅ ସହିତ ମିଲରଙ୍କ ଉଦ୍ୟମକ୍ରମେ ଶ୍ୟାମରତନଙ୍କ ବିବାହ ସଂପନ୍ନ ହୋଇଥିଲା । ତେଣୁ ବାଧ ବାଧକତାରେ ଶ୍ୟାମରତନ ମଧ୍ୟ ଖ୍ରୀଷ୍ଟିୟାନ ହେଲେ ଓ ଖୋର୍ଦ୍ଧାରେ ରହିବାକୁ ଲାଗିଲେ । କାଳକ୍ରମେ ସେମାନଙ୍କର ଏକ ପୁତ୍ରସନ୍ତାନ ଜାତ ହେଲା । ତାର ନାମ ଥିଲା ଦାନିଏଲ୍ । ଦାନିଏଲ୍ ଏନ୍‌ଟ୍ରାନ୍‌ସ ପାଶ କରି ଡାକ୍ତରୀ ପଢି ସାରିବା ପରେ ଏକ ସ୍ୱନାମଧନ୍ୟ ଡାକ୍ତରଭାବେ ବସ୍ତରର ଜଗଦଲପୁରରେ ଚାକିରୀ ଜୀବନ ଆରମ୍ଭ କରିଥିଲେ । ସେ ଖୋର୍ଦ୍ଧାର ତିମନ୍ତି ସାମନ୍ତରାୟ ଙ୍କ ଝିଅ ମଣିକାଙ୍କୁ ବିବାହ କରିଥିଲେ ଏବଂ ଜଗଦଲପୁରରେ ରହୁଥିଲେ। ସେଠାରେ ତାଙ୍କର ଏକ ପୁତ୍ର ସନ୍ତାନ ତଥା ଦୁଇ କନ୍ୟା ସନ୍ତାନ (ଯମଜ) ଜନ୍ମ ହୋଇ ମରିଯିବା ପରେ ଫେବୃୟାରୀ ୮ତାରିଖ ୧୯୦୧ ମସିହାରେ କୁନ୍ତଳା କୁମାରୀ ଜନ୍ମ ହୋଇଥିଲେ । କୁନ୍ତଳାଙ୍କ ଜନ୍ମ ପରେ ଦାନିଏଲ ଆହୁରି ଏକ ଭଲ ଚାକିରୀରେ ଅବସ୍ଥାପିତ ହୋଇ ବର୍ମାରେ ରହିବାକୁ ଲାଗିଲେ ।

ବାଲ୍ୟବୟସରୁ ହିଁ କୁନ୍ତଳା କୁମାରୀଙ୍କଠାରେ କବି ହେବାର ସକଳ ସୂଚନା ଦେଖାଯାଉଥିଲା ବୋଲି କୁହାଯାଇପାରେ । ସେ ଏକ ଶିକ୍ଷିତ ତଥା ସଂସ୍କୃତି ସଚେତନ ପରିବାର ମଧ୍ୟରେ ଲାଳିତା ପାଳିତା ହୋଇଥିଲା। ଜୀବନକୁ ଓ ଜଗତକୁ ବେଶ ସହୃଦୟତାର ସହ ଦେଖିବାକୁ ଯେଉଁ ନିଷ୍ଠା ଦରକାର, ତାହା ସେ ଉତ୍ତରାଧିକାର ସୂତ୍ରରେ ନିଜ ପିତା-ମାତାଙ୍କ ଠାରୁ ପ୍ରାପ୍ତ ହୋଇଥିଲେ । ତାଙ୍କ ମାତା ମଣିକା ହିଁ କୁନ୍ତଳାଙ୍କ ପ୍ରତିଭାର ସମୁଚ୍ଚ ବିକାଶ ନିମନ୍ତେ ଛୋଟବେଳୁ ନାନା ମତେ ପ୍ରଯତ୍ନ କରିଥିଲେ । ପରିବେଶ ପ୍ରତି ଅତ୍ୟନ୍ତ ଉଦାର ମନୋଭାବ ପୋଷଣ କରିବା ଓ ସଚେତନ ହେବା ପୂର୍ବକ ବ୍ୟବହାରାଦି ପ୍ରକାଶ କରିବାର ଶ୍ରେୟ ତାଙ୍କ ମାତାଙ୍କୁ ହିଁ ଦିଆଯାଇପାରେ । କୁନ୍ତଳା କୁମାରୀଙ୍କ ଇଂରାଜୀ ଓ ବଙ୍ଗଳା ଭାଷା ଶିଖାଇବାରେ ମଧ୍ୟ ମଣିକା ଦେବୀଙ୍କ ପ୍ରଚ୍ଛନ୍ନ ହସ୍ତ ରହିଥିଲା । ସୁଦୂର ବର୍ମାରେ ରହିବା ସତ୍ତ୍ୱେ କୁନ୍ତଳାଙ୍କୁ ଓଡିଆ ଭାଷା ଓ ଓଡିଶା ପ୍ରତି ମମତ୍ୱବୋଧ ପୋଷଣ କରିବା ନିମନ୍ତେ ଯଥେଷ୍ଟ ସୁଯୋଗ ଦିଆଯାଇଥିଲା । ଅପର ପକ୍ଷେ କୁନ୍ତଳାଙ୍କ ରୁଚି ଓ ଆଗ୍ରହ ଯୋଗୁଁ ସେ ଏଥିରେ ଗଭୀର ମନୋନିବେଶ କରି ଯଥେଷ୍ଟ ଜ୍ଞାନ ଅର୍ଜନ କରିପାରିଥିଲେ । କେବଳ ଏତିକି ନୁହେଁ, ବିଦ୍ୟାଳୟରେ ଅନୁଷ୍ଠିତ ପ୍ରତିଟି ପରୀକ୍ଷାରେ ସେ ଉଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହେଉଥିଲେ ! ୧୯୧୭ ମସିହାରେ ସେ ଦେଇଥିବା ପ୍ରବେଶିକା ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିବା ପରେ ୧୯୨୨ ମସିହାରେ ଡାକ୍ତରୀ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ତେବେ ଦୀର୍ଘ ୧୪ ବର୍ଷ କାଳ ବର୍ମାରେ ରହିସାରିବା ପରେ

ପାରିବାରିକ ଅଶାନ୍ତି କାରଣରୁ କୁନ୍ତଳାଙ୍କ ମାତା ମଣିକା ଦେବୀ ପିଲାମାନଙ୍କୁ ଧରି ଖୋର୍ଦ୍ଧା ଚାଲି ଆସିଥିଲେ । କୁନ୍ତଳାଙ୍କ ପିତା ଦାନିଏଲ୍ ସେତେବେଳକୁ ମଣିକା ଦେବୀଙ୍କ ସାନ ଭଉଣୀର ପ୍ରେମରେ ପଡିଥିଲେ ଯାହା ମଣିକା ଦେବୀଙ୍କୁ ଅତ୍ୟନ୍ତ ମର୍ମାହତ କରିଥିଲା ।

ଛୋଟ ସମୟରୁ ହିଁ କୁନ୍ତଳାଙ୍କ ଭିତରେ ଅସାଧାରଣ ସାହସ, ପ୍ରତ୍ୟୁପନ୍ନମତିତା ତଥା ପ୍ରତିବାଦର ସ୍ୱର ଶୁଣିବାକୁ ମିଳିଥିଲା । ମେଡିକାଲ୍ ସ୍କୁଲ୍‌ରେ ସେ ଖୁବ୍ ପ୍ରତିକୂଳ ପରିସ୍ଥିତିରେ ଅଧ୍ୟୟନ କରିଥିଲେ । କିନ୍ତୁ ତାଙ୍କର ଅସାଧାରଣ ଦକ୍ଷତା ଓ ପ୍ରତିଭାରେ ମୁଗ୍ଧ ହୋଇ ଅନେକ ତାଙ୍କୁ ସାହାଯ୍ୟ କରିବା ପାଇଁ ସ୍ୱତଃ ଆଗେଇ ଆସୁଥିଲେ । ମେଡିକାଲ ସ୍କୁଲରେ ପଢୁଥିବା ସମୟରେ କୁନ୍ତଳାଙ୍କ ସାନଭାଇ ସାମୁଏଲ ୧୯୨୦ ମସିହାରେ ପ୍ରାଣତ୍ୟାଗ କରିବାର ବେଦନାବୋଧ ଛାତିରେ ଚାପି ରଖି ସେ ୧୯୨୧ ରେ ସ୍ୱର୍ଣ୍ଣ ପଦକ ସହ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିଲେ । ଏହି ସମୟରେ ହିଁ ତାଙ୍କ କବିତା ଲେଖା ଆରମ୍ଭ ହୋଇଥିଲା । ମେଡିକାଲ ସ୍କୁଲର ବିଦାୟକଳୀନ ସଭାରେ ସେ ଯେଉଁ ସ୍ୱରଚିତ କବିତା ଗାନ କରିଥିଲେ ତାହା ଥିଲା:-

"ବନ୍ଦନୀୟା ମମ ଆହେ ଦେବୀଗଣ
ଭକ୍ତିଭରେ ନତ ଶିରେ,
ସ୍ୱଦେଶୀ ଓ ପୂତ ଭାରତୀ ସେବିତ
ଘେନ ପୁଷ୍ପ ଉପହାରେ
ତୁମରି କୃପାରେ ଲଳିତ ମଧୁର
ଲଭିଲି ଭାଷା ସମ୍ପଦ,
ଜନନୀ ଉତ୍କଳ ମହତ କୋମଳ
ଚିହ୍ନିଲି ତା' ପଦ୍ମପଦ ।
ତୁମ ସବୁ ସ୍ମୃତି ଅନ୍ତରେ ସାଇତି
ବିଦାୟ ନେଇଛି ଆଜି
ଉତ୍କଳ ଜନନୀ ଯଶୋଗୀତେ ଶାଣି
ଏ ଜୀବନ ହେଉ ମାଜି ।"

ଏହି ମେଡିକାଲ ସ୍କୁଲରେ ପଢୁଥିବା ଅବସ୍ଥାରେ ହିଁ ସେ ତାଙ୍କର ଜଣେ ଶିକ୍ଷକ ଡାକ୍ତର କୈଳାସ ରାଓ ଙ୍କ ପ୍ରେମରେ ପଡନ୍ତି । କୁନ୍ତଳାଙ୍କ ପ୍ରତିଭାରେ ମଧ୍ୟ ଅନୁରୂପ ଭାବେ ଆକର୍ଷିତ ହୋଇଥାନ୍ତି ଡାକ୍ତର ରାଓ । ଏହି ପ୍ରେମକୁ ବିବାହର ରୂପ ଦେବାକୁ କୁନ୍ତଳା କୁମାରୀ ଆନ୍ତରିକ ପ୍ରଚେଷ୍ଟା କରିଥିଲେ ଅଥଚ ସଫଳ ହୋଇ ପାରି ନ ଥିଲେ । ତେବେ ସୁଦ୍ଧା ଡାକ୍ତରୀ ଡିଗ୍ରୀ ହାସଲ ପରେ କୁନ୍ତଳା ଡାକ୍ତର ରାଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିଜର ଡାକ୍ତରୀ ଜୀବନର ଅୟମାରମ୍ଭ କରିଥିଲେ । ଅଳ୍ପ ସମୟ ବ୍ୟବଧାନରେ ସେ ଚାକିରୀ କ୍ଷେତ୍ରରେ ଅସପନ୍ନ ପ୍ରତିଷ୍ଠା ଲାଭ କରିଥିଲେ ହେଁ ଡାକ୍ତର ରାଓଙ୍କ ବ୍ୟତୀତ ନିଜକୁ ଅସଂପୂର୍ଣ୍ଣା ମନେ କରୁଥିଲେ । ଅପରପକ୍ଷରେ ବ୍ରାହ୍ମଧର୍ମୀ ଡାକ୍ତର ରାଓ ବିବାହିତ ଓ ତାଙ୍କର ଦୁଇ ସନ୍ତାନ ଥିଲେ । ବୟସରେ କୁନ୍ତଳାଙ୍କଠୁ ୧୬ ବର୍ଷ ବଡ ଥିବା ଡାକ୍ତର

ରାଓଙ୍କୁ ସଂପୂର୍ଣ୍ଣ ରୂପେ ନ ପାଇ ମଧ୍ଧ କୁନ୍ତଳା କୁମାରୀ ସାରା ଜୀବନ ତାଙ୍କର ସେବିକା ହୋଇ ରହିବାକୁ ଇଚ୍ଛା ପ୍ରକାଶ କରିଥିଲେ । ଏପରିକି ଆବଶ୍ୟକ ହେଲେ ପ୍ରେମ ପାଇଁ ସେ ଧର୍ମ ପରିବର୍ତ୍ତନ କରିବାକୁ ମଧ୍ୟ ସୂଚନା ଦେଇଥିଲେ । ବ୍ୟକ୍ତିଗତ ଜୀବନରେ ପ୍ରେମର ଏହି ଉତ୍‌ଥାନ ଓ ପତନ ଜନିତ ହୃଦୟାବେଗର କାବ୍ୟିକ ଅଭିବ୍ୟକ୍ତି ସବୁ 'ଅଞ୍ଜଳି' କବିତା ଗ୍ରନ୍ଥରେ ପ୍ରକାଶିତ ହୋଇଛି ବୋଲି କୁହାଯାଇପାରେ ।

ବିଂଶ ଶତାବ୍ଦୀର ଆରମ୍ଭରେ ଜଣେ ଖ୍ରୀଷ୍ଟଆନ ଯୁବତୀ ଧର୍ମ ପରିବର୍ତ୍ତନ କରିବା ପାଇଁ ସାହସ ପୋଷଣ କରିବା ଏକ ଅସାଧାରଣ ଘଟଣା ନିଶ୍ଚିତ । ସେହି ସମୟର ଆଗ ଧାଡିର ବୁଦ୍ଧିଜୀବୀଙ୍କ ଦ୍ୱାରା କ୍ରମଶଃ ବ୍ରାହ୍ମଧର୍ମର ପ୍ରଚାର ଓ ପ୍ରସାର ଚାଲି ଆସିଥିଲା । ବଂଗଳାର ମହର୍ଷି ଦେବେନ୍ଦ୍ର ନାଥ ଓ କେଶବ ଚନ୍ଦ୍ରସେନ ତଥା ଓଡିଶାରୁ ଭକ୍ତକବି ମଧୁସୂଦନ ଓ ବାଗ୍ମୀ ବିଶ୍ୱନାଥ କର ପ୍ରଭୃତି ଅନ୍ୟତମ ।

କେଶବ ଚନ୍ଦ୍ର ସେନ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ ବ୍ରାହ୍ମ ସମାଜ 'ନବବିଧାନ' ର ଜଣେ ସଭ୍ୟା ହେବାକୁ କୁନ୍ତଳା କୁମାରୀ ଇଚ୍ଛା କରିବା ମାତ୍ରକେ ସମଗ୍ର ଖ୍ରୀଷ୍ଟିଆନ ସମାଜରେ ଚହଳ ପଡି ଯାଇଥିଲା । ବ୍ରାହ୍ମଧର୍ମ ଗ୍ରହଣ ନ କରିବାକୁ ପ୍ରତ୍ୟହ ତାଙ୍କ ନିକଟକୁ ଧମକପୂର୍ଣ୍ଣ ଚିଠିମାନ ଆସିବାକୁ ଲାଗିଲା । ଏପରିକି ତାଙ୍କ ବାସଭବନ ଉପରେ ଟେକା ପଥର ମାଡ କରାଯାଇଥିଲା । ଏପରି ସ୍ଥିତିରେ କେହି ତାଙ୍କୁ ସାହାଯ୍ୟର ହାତ ନ ବଢ଼ାଇବାରୁ ସେ ଦିନେ ଭୀଷଣ ରାଗିଯାଇ ଜିଲ୍ଲା ମାଜିଷ୍ଟ୍ରେଟ୍ ମିଷ୍ଟର ଶେସର (Mr. Shaser) ଙ୍କ ବାସ ଭବନରେ ପଶି ଅନର୍ଗଳ କହି ଚାଲିଥିଲେ - "I am a christian girl, being oppressed by the men of my own nationality, is it any where written in the bible or the religion codes that, a christian can not change her religion? I have come to you, as an honest christian.......does it not mean that no body can interfere in to an individual's acceptance of a new religion." ମାଜିଷ୍ଟ୍ରେଟ୍ ଶେସର କୁନ୍ତଳାଙ୍କ ଏହି ଯୁକ୍ତି ଆଗରେ ସ୍ତମ୍ଭୀଭୂତ ହୋଇ ପୁଲିସ୍ ସୁପରିନ୍‌ଟେଣ୍ଡେଣ୍ଟ ଲେଫଟ୍‌ନାଣ୍ଟ କର୍ଣ୍ଣେଲ Pupils ଙ୍କୁ ଏହି ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଏହା ପରେ ପରେ କୁନ୍ତଳାକୁମାରୀଙ୍କ କବିତାବଳୀ ତାତ୍କାଳିକ ଲୋକପ୍ରିୟ ଓଡିଆ ପତ୍ର ପତ୍ରିକାରେ ପ୍ରକାଶିତ ହୋଇ ବେଶ୍ ଆଦୃତି ଲାଭ କରିଥିଲା । ସେ ସମୟର ପ୍ରତିଷ୍ଠିତ ପତ୍ରିକା 'ସହକାର' ରେ ଶକୁନ୍ତଳାଦେବୀ ଓ ଅନ୍ନପୂର୍ଣ୍ଣା ଦେବୀ ଇତ୍ୟାଦିଙ୍କ ଲେଖାମାନ ପ୍ରକାଶିତ ହେଉଥିଲେ ହେଁ ସାହିତ୍ୟ କ୍ଷେତ୍ରରେ ସେମାନେ ଏତେଟା ପ୍ରସିଦ୍ଧି ଲାଭ କରି ନ ଥିଲେ । ଅଥଚ କୁନ୍ତଳା କୁମାରୀଙ୍କ ପ୍ରଥମ କବିତା ଗ୍ରନ୍ଥ 'ଅଞ୍ଜଳୀ' ପ୍ରକାଶିତ ହେବା ପରେ ତାଙ୍କୁ ଓଡିଶାର ଲେଖକ ଓ ପାଠକ ଗୋଷ୍ଠୀ ବେଶ ଆଦର ସହ ଗ୍ରହଣ କରିନେଲେ ଓ ସେ ହୋଇଗଲେ ଜଣେ ସୁପରିଚିତ କବି । ଓଡିଶାର ସମସ୍ତ କବି ଓ ଲେଖକଙ୍କୁ ତାଙ୍କ କବିତା ମୁଗ୍ଧ କରିଥିଲା । ଏପରିକି ଭାଷାବିତ ଓ ପ୍ରାବନ୍ଧିକ ଗୋପାଳ ଚନ୍ଦ୍ର ପ୍ରହରାଜ ତାଙ୍କୁ ଆଗ୍ରହର ସହ ନିଜ ଝିଅ ଭାବରେ ଗ୍ରହଣ କରିନେଇଥିଲେ । ଏହା ପରଠୁ କୁନ୍ତଳା କୁମାରୀ ଆଉ ପଛକୁ ଫେରି ଚାହିଁ ନାହାନ୍ତି । ଅବିରାମ ଓ ଅବିଶ୍ରାନ୍ତ ଭାବେ ଲେଖିଚାଲିଲେ କବିତା, ଉପନ୍ୟାସ ଇତ୍ୟାଦି । ସେ ଗୁଡିକ ସମୟାନୁକ୍ରମେ ପ୍ରକାଶିତ ମଧ୍ୟ ହୋଇ ଚାଲିଲା । ତାଙ୍କର କୃତବିଦ୍ୟତାର ସନ୍ତକ ରୂପେ ଶ୍ରୀ ଜଗନ୍ନାଥ ମନ୍ଦିରର ମୁକ୍ତିମଣ୍ଡପ ତରଫରୁ ତାଙ୍କୁ ଉତ୍କଳ ଭାରତୀ ସମ୍ମାନରେ

ସମ୍ମାନିତ ମଧ୍ୟ କରାଗଲା । ୧୯୨୫ ମସିହାରେ କଟକରେ ସ୍ଥାପିତ ହୋଇଥିବା ମାତୃମଂଗଳ କେନ୍ଦ୍ରରେ ଯୋଗଦେବା ପାଇଁ ତାଙ୍କୁ ଆମନ୍ତ୍ରଣ କରାଯାଇଥିଲା । ରେଡ୍‌କ୍ରସ୍ ସୋସାଇଟି ଦ୍ୱାରା ପରିଚାଳିତ ଏହି କେନ୍ଦ୍ରର ଦେୟ ଉଲ୍ଲେଖନୀୟ ହୋଇ ନ ଥିଲେ ହେଁ ସେ ଏଥିରେ ଯୋଗ ଦେଇ ଥିଲେ ଏବଂ ମହିଳା ମାନଙ୍କ ସେବା ଶୁଶ୍ରୂଷା କରି ସୁଖ୍ୟାତି ଅର୍ଜନ କରିଥିଲେ ।

ଏହାପରେ ସେ ଦିଲ୍ଲୀସ୍ଥିତ ଏକ ସଂଗଠନ ସଂପର୍କରେ ଜାଣିବାକୁ ପାଇଲେ । ଏହି ସଂଗଠନ ନିରାଶ୍ରୟ ମହିଳା ଓ ବିଧବା ମାନଙ୍କ କଲ୍ୟାଣ ନିମନ୍ତେ କାର୍ଯ୍ୟ କରୁଥିଲା । ସଂଗଠନଟିକୁ ସାହାଯ୍ୟର ହାତ ବଢ଼ାଇବା ପାଇଁ ଏହାର ଡାକ୍ତର କୃଷ୍ଣ ପ୍ରସାଦ ବ୍ରହ୍ମଚାରୀଙ୍କ ସହ ଯୋଗାଯୋଗ କଲେ । ଡାକ୍ତର ପ୍ରସାଦ ମଧ୍ୟ ଜଣେ ଓଡିଆ ଥିଲେ । ତାଙ୍କୁ ଦେଖା କରିବା ପାଇଁ କୁନ୍ତଳା କୁମାରୀ ଜୁଲାଇ ୧ ତାରିଖ ୧୯୨୮ ମସିହାରେ ଦିଲ୍ଲୀ ଉଦ୍ଦେଶ୍ୟରେ ଯାତ୍ରାରମ୍ଭ କରିଥିଲେ । ଏହି ଯାତ୍ରା ତାଙ୍କ ଜୀବନ ପଥରେ ଆଣିଥିଲା ଏକ ବିରାଟ ପରିବର୍ତ୍ତନ । ନିରାଶ୍ରୟା ମହିଳା ମାନଙ୍କ ସେବା କରୁ କରୁ କୁନ୍ତଳା କୁମାରୀ ଡାକ୍ତର ପ୍ରସାଦଙ୍କ ପ୍ରତି ଆକର୍ଷିତ ହୋଇ ପଡିଲେ ଓ ତାଙ୍କୁ ବିବାହ ମଧ୍ୟ କରିଥିଲେ । ଏହି ବିବାହ ପରେ କୁନ୍ତଳାଙ୍କ ସାହିତ୍ୟିକ ଜୀବନରେ ଭଟ୍ଟା ପଡିଯାଇଥିଲା । ସେ ଓଡିଆ ଛାଡି ଇଂରାଜୀରେ ଲେଖାଲେଖି କରିଥିଲେ । ଦିଲ୍ଲୀରେ ଭାରତୀ ମେଡିକାଲ ହଲ ଆରମ୍ଭ କରି ଚିକିତ୍ସା କ୍ଷେତ୍ରରେ ସେ ବେଶ୍ ସକ୍ରିୟ ଓ ସୁନାମ ଅର୍ଜନ କରିଥିଲେ । ତାଙ୍କର ଏକ ପ୍ରିଣ୍ଟିଂ ପ୍ରେସ ମଧ୍ୟ ସେ ଏଠାରେ ସ୍ଥାପନ କରିଥିଲେ । ଓଡିଶା ଅପେକ୍ଷା ଦିଲ୍ଲୀରେ ସେ ଯଥେଷ୍ଟ ଲୋକପ୍ରିୟ ହୋଇ ପାରିଥିଲେ । ସେ ସମୟର ଆଗ ଧାଡିର ହିନ୍ଦୀ ପତ୍ର-ପତ୍ରିକା ରେ ତାଙ୍କ କବିତାବଳୀ ପ୍ରକାଶିତ ହେଉଥିଲା । ହିନ୍ଦୀ ଓ ଇଂରାଜୀ ବ୍ୟତୀତ ଦିଲ୍ଲୀ ରହଣି କାଳରେ ସେ ବଙ୍ଗଳାରେ ମଧ୍ୟ ଲେଖାଲେଖି କରୁଥିଲେ । ଆହ୍ଲାବାଦ ଓ ବନାରସ ବିଶ୍ୱବିଦ୍ୟାଳୟରେ ସେ ଦେଇଥିବା ଅଭିଭାଷଣ ଅତ୍ୟନ୍ତ ପ୍ରେରଣାପ୍ରଦ ଥିଲା । ବୃନ୍ଦାବନଠାରେ ଥିବା ଗୁରୁକୁଳ ବିଶ୍ୱ ବିଦ୍ୟାଳୟରେ ମଧ୍ୟ ବକ୍ତୃତା ଦେବାର ସୁଯୋଗ ତାଙ୍କୁ ମିଳିଥିଲା । ବରେଲିରେ ଅନୁଷ୍ଠିତ ଅଲ ଇଣ୍ଡିଆ ଆର୍ଯ୍ୟ ମହିଳା ସମ୍ମେଳନର ସଭାନେତ୍ରୀ ପଦ ମଣ୍ଡନ କରିବା ସହିତ ଅନ୍ୟାନ୍ୟ ଅନେକ ଜାତୀୟ ସମ୍ମେଳନର ନେତୃତ୍ୱ ନେଇ ସେ ନିଜସ୍ୱ ସାଂଗଠାନିକ ଦକ୍ଷତାର ପରିଚୟ ଦେଇଥିଲେ ।

ଓଡିଶାର କଳା, ସଂସ୍କୃତି, ସ୍ଥାପତ୍ୟ ଓ ସାହିତ୍ୟର ରକ୍ଷଣାବେକ୍ଷଣ ତଥା ବିକାଶ ନିମନ୍ତେ ସେ ପ୍ରତିଷ୍ଠା କରିଥିବା ଭାରତୀ ତପୋବନର ଭୂମିକା ନିଃସନ୍ଦେହ ରୂପେ ମାର୍ଗଦର୍ଶନକାରୀ । ଏହି ସଂଗଠନ ଜରିଆରେ ସେ ହିନ୍ଦୀ ସାହିତ୍ୟର ଦିଗ୍‌ଗଜ କବି ଓ ଲେଖକ ମୈଥିଳୀ ଚରଣ ଗୁପ୍ତ, ଯଶ ପାଲ୍‌ଜୀ ଜୈନ, ଏସ୍. ଏଚ୍. ବତ୍ସ୍ୟାୟନ, ଅଜ୍ଞେୟ, ଜୈନେନ୍ଦ୍ର କୁମାର ଇତ୍ୟାଦିଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ଲାଭ କରିଥିଲେ । 'ହିନ୍ଦୀ ପ୍ରଚାରିଣୀ' ସଭା ଦ୍ୱାରା ସେ ଭାରତ କବିନେତ୍ରୀ ଉପାଧିରେ ଭୂଷିତା ହୋଇଥିଲେ ।

୧୯୩୧ ମସିହାରେ କୁନ୍ତଳା କୁମାରୀ ଓଡିଶାକୁ ଶେଷଥର ପାଇଁ ଆସିଥିଲେ । ସେହି ସମୟରେ ବାଲେଶ୍ୱରଠାରେ ଅନୁଷ୍ଠିତ 'ଓଡିଶା ମହିଳା ସମ୍ମେଳନ'ରେ ଅଧ୍ୟକ୍ଷତା କରି ପୁନଶ୍ଚ ଦିଲ୍ଲୀକୁ ଫେରି ଯାଇଥିଲେ । କୁନ୍ତଳା କୁମାରୀଙ୍କ ୨ ଝିଅ ଥିବା ସତ୍ତ୍ୱେ ସେ ଏକ ପୁତ୍ର ସନ୍ତାନ କାମନା କରୁଥିଲେ । ୨୩ ଅଗଷ୍ଟ ୧୯୩୮ ରେ ତାଙ୍କର ସେହି ସ୍ୱପ୍ନ ସାକାର ହୋଇଥିଲା ସତ କିନ୍ତୁ ପ୍ରସୂତୀ ଶଯ୍ୟାରେ ହିଁ ପୁତ୍ର ସନ୍ତାନକୁ ଛାଡି ସେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ ।

## ୨.୫ କୁନ୍ତଳା କୁମାରୀଙ୍କ କାବ୍ୟଭୂମି

ଓଡିଆ ସାହିତ୍ୟରେ ସତ୍ୟବାଦୀ ଯୁଗ ପରେ ଆସିଛି ସବୁଜଯୁଗ । ଏହିଦୁଇ ଯୁଗର ସନ୍ଧିକ୍ଷଣରେ କୁନ୍ତଳାକୁମାରୀଙ୍କ ଆବିର୍ଭାବ ଏକ ସର୍ଜନଶୀଳ ପ୍ରାଣ ରୂପେ । ତେଣୁ ସବୁଜ ସମସାମୟିକ ଯେଉଁ ଦୁଇଟି ସ୍ୱର ଚେତନା ସମଗ୍ର ଓଡିଆ ସାହିତ୍ୟକୁ ଝଙ୍କୃତ କରିଛି ତାହା ଉଭୟ ଯୁଗର ଏକ ଫେଣ୍ଟାଫେଣ୍ଟି ସମୁଚ୍ଚ ଆଦର୍ଶର ପ୍ରତିଭୂ । ସବୁଜର ଆଦ୍ୟ ରୋମାଣ୍ଟିକ ସ୍ୱର ସହିତ ସେତେବେଳେ ଯାଏ ଅତ୍ୟନ୍ତ ଆଦର୍ଶ ସ୍ଥାନୀୟ ଜ୍ଞାତ ହେଉଥିବା ସତ୍ୟବାଦୀ ଚିନ୍ତାଧାରାର ଜାତୀୟତାପ୍ରାଣ ସ୍ୱଦେଶ ପ୍ରୀତି ହେଉ ଅଥବା ଜାତୀୟ ଦୁର୍ନୀତି ଓ ଦୁର୍ଗତିର ଚିତ୍ରଣ ପୂର୍ବକ ଜାତିର ମାନସରେ ଆଣିବାକୁ ପ୍ରୟାସ କରୁଥିବା ଜୀବନ୍ତ ପ୍ରେରଣା ହେଉ-କୁନ୍ତଳା କୁମାରୀଙ୍କୁ ସମଧିକ ଭାବେ ଅନୁବ୍ରତୀ କରିଛି ଚିନ୍ତା-ଚେତନାରେ ଏକ ସମନ୍ୱୟ ବା ସଂହତି ରକ୍ଷା କରିବା ନିମିତ୍ତ । ସତ୍ୟବାଦୀର କବିଗୋଷ୍ଠୀ ମହାଭାରତୀୟ ଅନୁପ୍ରେରଣାରେ ଯେତେବେଳେ ଓଡିଶାର ସୀମା ସରହଦ ଛାଡି ବ୍ୟାପକ କ୍ଷେତ୍ରରେ କର୍ମଭୂମିକା ବିସ୍ତାର କରିଦେଇଛନ୍ତି, ଠିକ୍ ସେତିକିବେଳେ ସେମାନଙ୍କର ସାଧନା, ନିଷ୍ଠା ଓ ଉଦ୍ଦେଶ୍ୟର କାବ୍ୟିକ ଉତ୍ତରାଧିକାରୀତ୍ୱ ପାଇଁ ଯେଉଁ କେତେଜଣ କାବ୍ୟଶିଳ୍ପୀ ଆଗକୁ ଆଗେଇ ଆସିଛନ୍ତି; ସେମାନଙ୍କ ମଧରେ କୁନ୍ତଳାକୁମାରୀ ସାବତ ଅନ୍ୟତମ । ରାଧାନାଥ-ଫକୀରମୋହନ ଅଥବା ମଧୁସୂଦନଙ୍କ ପରେ ଓଡିଆ ସାହିତ୍ୟରେ ଆସିଥିବା ଏହି ଜାତୀୟତା ଭାବଧାରା ପ୍ରାୟ ୧୯୩୫ ମସିହା ପର୍ଯ୍ୟନ୍ତ ଅବ୍ୟାହତ ରହିଛି । ସବୁଜଯୁଗୀୟ ସାମୟିକ ଉଚ୍ଛ୍ୱାସ ଏହାକୁ କୌଣସି ରୂପେ ଖଣ୍ଡିତ କରି ପାରି ନାହିଁ । ଏହି ସନ୍ଧି କାଳରେ ଲେଖନୀ ଚାଳନା କରିଥିବା କୁନ୍ତଳା କୁମାରୀଙ୍କ କାବ୍ୟ ସ୍ୱରରେ ତେଣୁ ଉଭୟ ଜାତୀୟତା ବାଦୀ ଭାବଧାରା ଓ ଆଧିଭୌତିକ ଚେତନାର ଏକ ମିଶ୍ରିତ ସ୍ୱର ଦେଖିବାକୁ ମିଳେ । ଏହା ବ୍ୟତୀତ ବ୍ୟକ୍ତିଗତ ଜୀବନର ନାନାବିଧ ସମସ୍ୟା, ବ୍ୟଥା, ବେଦନା, ବେପଥୁ, ପ୍ରାପ୍ତି-ଅପ୍ରାପ୍ତିର ସଂଘର୍ଷ ସର୍ବୋପରି ମାନସିକ ଅବସାଦ ଜନିତ ଖେଦୋକ୍ତି ବ୍ୟତୀତ ନିଷ୍ପାପର ପ୍ରେମ ସାଧିକାର ସୁତୀବ୍ର ସ୍ୱର ମଧ କୁନ୍ତଳାଙ୍କ କାବ୍ୟ ମାନସକୁ ପରିଶୀଳିତ କରିଛି । ବେଳେ ବେଳେ ଏହାମଧ୍ୟ କୁନ୍ତଳା କୁମାରୀଙ୍କ ସଂପର୍କରେ କୁହାଯାଏ ଯେ ନିଜର ପ୍ରିୟତମ ପ୍ରେମାସ୍ପଦଙ୍କ ଉଦ୍ଦେଶ୍ୟରେ ରଚିତ କାବ୍ୟ କବିତାକୁ ସାମାନ୍ୟ ପରିବର୍ତ୍ତନ କରିଦେଇ ପୂର୍ବୋକ୍ତ ଡାକ୍ତର ରାଓ ବିଭୁପ୍ରେମାତ୍ମକ ବା ଆଧାତ୍ମିକତାର ମନ୍ତ୍ରରେ ଅଭିମନ୍ତ୍ରିତ କରିଦେଇଥିଲେ । ତେବେ ଏହା ସର୍ବବାଦୀ ସମ୍ମତ ଯେ କୁନ୍ତଳା କୁମାରୀଙ୍କ କାବ୍ୟ ଚେତନାରେ ରହସ୍ୟବାଦୀ ଆଧିଭୌତିକ ଚେତନା ଓ ଦେଶପ୍ରୀତିମୂଳକ ଉଦ୍ଦୀପନା ଯୁଗପତ୍ ପ୍ରକାଶ ପାଇଛି ।

## ୨.୬ କୁନ୍ତଳା କୁମାରୀଙ୍କ କାବ୍ୟ କବିତା ରଚନାର ବୈଶିଷ୍ଟ୍ୟ

ଜୀବନରେ ସ୍ୱଳ୍ପାୟୁସମ୍ପନ୍ନା ହୋଇଥିଲା ହେଁ କୁନ୍ତଳା କୁମାରୀଙ୍କ ସୃଷ୍ଟିରାଜି ସ୍ୱଳ୍ପ ନୁହେଁ । ତାଙ୍କୁ ଜଣେ କବି ଭାବରେ ସମସ୍ତେ ମନେ ରଖିଥିଲେ ହେଁ କେବଳ କବିତା ବା ଗୀତି କବିତା ନୁହେଁ, ଉପନ୍ୟାସ, ଓ ନିବଂଧ ରଚନା ଆଦି କ୍ଷେତ୍ରରେ ମଧ୍ୟ ସେ ନିଜର କୃତିତ୍ୱ ଦେଖାଇ ଯାଇଛନ୍ତି । ପୁନଶ୍ଚ କେବଳ ଓଡିଆ ଭାଷାରେ ନୁହେଁ; ବଙ୍ଗଳା, ହିନ୍ଦୀ ଓ ଇଂରାଜୀ ଭାଷାରେ ମଧ ସେ ଉଚ୍ଚକୋଟୀର ଲେଖାମାନ ଲେଖିଥିବାର ଜଣାପଡେ । କୁନ୍ତଳା କୁମାରୀ ଅବଶ୍ୟ ଓଡିଶାର ନାରୀକବି ଭାବରେ ବେଶ୍ ପରିଚିତି ହାସଲ କରି 'ଉତ୍କଳ ଭାରତୀ' ସମ୍ମାନର ଅଧିକାରିଣୀ ହୋଇଛନ୍ତି । ଏହାର କାରଣ ବୋଧେ ତାଙ୍କ କାବ୍ୟ ରଚନାବଳୀର ଭାବ ଓ ଭାଷାର ସାନ୍ଦ୍ରତା । ଗଦ୍ୟ ରଚନା କ୍ଷେତ୍ରରେ ମଧ ସେହିଭଳି ସେ ନିଜ ସ୍ରଷ୍ଟାପଣର ସ୍ୱାକ୍ଷର, ସମୁଜ୍ଜ୍ୱଳ କରି ଆମ ସାମ୍ନାରେ ଥୋଇଛନ୍ତି ।

କୁନ୍ତଳାଙ୍କ କାବ୍ୟ ସୃଷ୍ଟି ମଧ୍ୟରେ ରହିଛି 'ଅଞ୍ଜଳି' (୧୯୨୨), 'ଉଚ୍ଛ୍ୱାସ' (୧୯୨୪), 'ଅର୍ଚ୍ଚନା' (୧୯୨୭), 'ସ୍ଫୁଲିଙ୍ଗ' (୧୯୨୯), 'ଆହ୍ୱାନ' (୧୯୩୦), ପ୍ରେମ ଚିନ୍ତାମଣି (୧୯୩୦), ଓଡିଆଙ୍କ କାନ୍ଦଣା' (୧୯୩୬), 'ଗଡଜାତ କୃଷକ' (୧୯୩୯), ଓ ମଣିକାଞ୍ଚନ' ନାମକ ଏକ ଅସଂପୂର୍ଣ୍ଣ ରଚନା ।

କୁନ୍ତଳାଙ୍କ ଗଦ୍ୟସୃଷ୍ଟି ମଧ୍ୟରେ ରହିଛି ତାଙ୍କ ଲିଖିତ ଉପନ୍ୟାସ, କିଛି ପ୍ରବନ୍ଧ ଓ ପତ୍ରାବଳୀ । ତାଙ୍କର ଉପନ୍ୟାସଗୁଡିକ ହେଉଛି 'ଭ୍ରାନ୍ତି' (୧୯୨୩), 'ନଅତୁଣ୍ଡି' (୧୯୨୫), 'କାଳିବୋହୂ' (୧୯୨୬), 'ପରଶମଣି' (୧୯୨୭), 'ରଘୁ ଅରକ୍ଷିତ' (୧୯୨୮) ଓ ଚିତ୍ରପଟ' (ଅସମ୍ପୂର୍ଣ୍ଣ) । ତାଙ୍କର ଇଂରାଜୀ ଓ ହିନ୍ଦୀରେ ଲିଖିତ ରଚନାବଳୀ ହେଉଛି 'ବରମାଳା' (ଅଜୟ କୁମାର ପଟ୍ଟନାୟକଙ୍କ ଦ୍ୱାରା ୧୯୮୮ ରେ ସଂପାଦିତ), 'ସ୍ୱପ୍ନ' (ଅସଂପୂର୍ଣ୍ଣ), 'ନାରୀ' (୧୯୩୬-୩୭), 'ଜାଗରଣ' (୧୯୩୬-୩୭), 'ସତୀତ୍ୱ' (୧୯୩୬-୩୭), ସୁଦିନ (୧୯୩୬-୩୭) ଓ 'ଦି ନେଗ୍‌ଲେକ୍‌ଟେଡ ଲ୍ୟାଣ୍ଡ' । ଏହାବ୍ୟତୀତ ତାଙ୍କର କିଛି ମନନଶୀଳ ତଥା ଗବେଷଣାତ୍ମକ ପ୍ରବଂଧ ତତ୍‌କାଳୀନ ପତ୍ର ପତ୍ରିକାରେ ପ୍ରକାଶିତ ହୋଇ ବେଶ୍ ଆଲୋଡନ ସୃଷ୍ଟି କରିଥିଲା ଓଡିଶା ତଥା ଦେଶର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ସଭା ସମିତିରେ ମଧ୍ୟ ସେ ଯେଉଁ ବକ୍ତବ୍ୟ ସବୁ ରଖୁଥିଲେ, ସେଥିରେ ମଧ୍ୟ ସାରସ୍ୱତ ସ୍ପର୍ଶ ରହୁଥିଲା । ତାଙ୍କ ଲିଖିତ ପତ୍ରାବଳୀ ମଧ ଏହି ମର୍ମରେ କୌଣସି ଗୁଣରୁ କମ୍ ନୁହେଁ ।

କୁନ୍ତଳା କୁମାରୀଙ୍କ କବି ଜୀବନ ପ୍ରକୃତରେ ଆରମ୍ଭ ହୋଇଥିଲା ତାଙ୍କ ସ୍କୁଲ ସମୟରୁ । ତାଙ୍କ ଜୀବନୀ ଅଧ୍ୟୟନ କଲେ ଜଣାପଡେ, ସେ ଯେମିତି ଜଣେ କବି ହେବାକୁ ହିଁ ଜନ୍ମ ହୋଇଥିଲେ । କବିତା ବା ଗୀତି କବିତା ଅଥବା ଛନ୍ଦ କବିତାର ବୀଜ ଛୋଟ ବେଳୁ ହିଁ ତାଙ୍କ ଭିତରୁ ବାହାରି ଆସୁଥିଲା । ତାଙ୍କ ଅନ୍ତଃପ୍ରେରଣାର ଏହି ସ୍ରୋତା ବେଶ୍ ଛାନ୍ଦସିକ ଭାବେ ତାଙ୍କ କାବ୍ୟିକ ବଳୟ ନିର୍ମାଣ କରିବାରେ ସହାୟକ ହୋଇଥିଲା ।

କୁନ୍ତଳା କୁମାରୀଙ୍କ ଏହି କବି ପ୍ରତିଭା ସେ ସମୟରେ ସର୍ବସାଧାରଣଙ୍କ ସାମ୍ନାକୁ ଆସିଥିଲା, ଯେତେବେଳେ ସେ ରେଭେନ୍‌ସା ଗାର୍ଲସ ହାଇସ୍କୁଲ ଛାଡି ଆସିଥିଲେ, କଟକ ମେଡିକାଲ ସ୍କୁଲରେ ଯୋଗଦେବାପାଇଁ । ଏହି ବିଦାୟକାଳୀନ ସଭାରେ ଶିକ୍ଷୟତ୍ରୀ ତଥା ଅନ୍ୟମାନଙ୍କ ସାମ୍ନାରେ ସେ ନିଜ ରଚନାକୁ ହିଁ ଗାଇ ଶୁଣାଇଥିଲେ;

'କୁନ୍ତଳା କୁମାରୀ ଜୀବନ ରଚିତ' ରେ ଲେଖକ ଚକ୍ରଧର ମହାପାତ୍ର ଏହି ବିଦାୟକାଳୀନ ଗୀତର ଅବତାରଣା କରିଛନ୍ତି -

'ବାଜୁ ଛିନ୍ନ ବୀଣା ବାଜଣା ସୁଜିଣା
ରମ୍ୟ ଏ ନନ୍ଦନ ବନେ
ମାଳୁଣୀ ପରାୟେ ପଣ୍ଡିତା ନାରୀୟେ
ଯଦି ବସି ରମ୍ୟ ଭୂମେ ।
ଗୋଟି ଗୋଟି ସତେ ପାରିଜାତ କେତେ
ପାରନ୍ତି ଯତନ କରି

ପୋତି ଜ୍ଞାନ ମଞ୍ଜି ଆଳବାଳ ରଚି
ବୃତ୍ତିରେ ବିବେକ ପରି ।
ବନ୍ଦନୀୟା ମମ ଆହେ ଦେବୀଗଣ
ଭକ୍ତିଭରେ ନତଶିରେ
ସ୍ୱଦେଶ ଏ ପୂତ ଭାରତୀ ସେବିତ
ଘେନ ପୁଷ୍ପ ଉପହାରେ ।''

ସେ ସମୟରେ ଜଣେ ଏକାଦଶ ଶ୍ରେଣୀର ଛାତ୍ରୀଙ୍କ ମୁହଁରୁ ନିଜ ରଚନାରୁ ଏଭଳି ଏକ ଗୀତି କବିତାର ଆଭାସ ନିଶ୍ଚିତ ରୂପେ ଓଡିଆ କାବ୍ୟ କବିତା ଜଗତ ପାଇଁ ସୁଦିନଟିଏ ନେଇ ଆସିବାର ଆଭାସ ଥିଲା । ସେ ସମୟରେ ତଥା ଏହାର ପରବର୍ତ୍ତୀ ସମୟରେ କୁନ୍ତଳା କୁମାରୀ ପ୍ରାର୍ଥନା ବା ଜଣାଣମାନ ନିଜେ ପ୍ରସ୍ତୁତ କରି ତାଙ୍କ ମା'ଙ୍କୁ ଶୁଣାଉଥିଲେ । ସେଗୁଡିକ କାହା ଦ୍ୱାରା ଲିଖିତ ନଥିଲା, ବରଂ ନିଜ ରଚନା ହିଁ ସେ ମା'ଙ୍କୁ ଶୁଣାଉଥିଲେ । ରେଭେନ୍‌ସା ଗାର୍ଲସ ହାଇସ୍କୁଲର ଏହି ଗୀତ ପୂର୍ବରୁ ମଧ୍ୟ ସେ କେତେଗୁଡିଏ ଖ୍ରୀଷ୍ଟଙ୍କ ଭଜନ ଓ ପ୍ରାର୍ଥନା ଲେଖିଥିବାର ଜଣାପଡେ । ନିଜ ଗୀତଗୁଡିକୁ କୁନ୍ତଳା ସେତେବେଳେ ନିଜ କଣ୍ଠରେ ସୁମଧୁର ସ୍ୱରରେ ଗାଇ ଅନ୍ୟମାନଙ୍କୁ ଶୁଣାଉଥିଲେ ।

ପରବର୍ତ୍ତୀ ସମୟରେ କୁନ୍ତଳାଙ୍କ କାବ୍ୟ ପ୍ରତିଭାର ଉନ୍ମୀଳନ ସଂପର୍କରେ କହିବା ପୂର୍ବରୁ ସେ ସମୟରେ ଓଡିଆ କାବ୍ୟ କବିତାର ପରିବେଶ ବିଷୟରେ ସମ୍ୟକ ସୂଚନା ଦିଆଯାଇପାରେ । ଉଭୟ ରାଜନୈତିକ ଦିଗରୁ ସେତେବେଳର ଓଡିଶା ବିପର୍ଯ୍ୟସ୍ତ ହୋଇ ପଡିରହିଥାଏ । ପରାଧୀନତାର ନିଗଡରେ ବନ୍ଦୀ ଦୁଃଖିନୀ ଓଡିଶାର ସାଂସ୍କୃତିକ କ୍ଷେତ୍ର ମଧ୍ୟ କ୍ଷୀଣ ହୋଇ ରହିଥାଏ । ଏଭଳି ସମୟରେ କବି ରାଧାନାଥ ଓଡିଶାର କାବ୍ୟ ସାମ୍ରାଜ୍ୟକୁ ଋଦ୍ଧିମନ୍ତ କରୁଥାନ୍ତି । ଓଡିଆ ଜନଜୀବନର ଜାତୀୟ ଚେତନା ସୃଷ୍ଟି କରିବା ପାଇଁ ଓଡିଆ କବିକୁଳ ଆପ୍ରାଣ ଉଦ୍ୟମ ଜାରି ରଖିଥାନ୍ତି । 'ସତ୍ୟବାଦୀ' ର କବିମାନେ ଏହି ଘଡିସନ୍ଧି ମୁହୂର୍ତ୍ତରେ ଓଡିଆ କାବ୍ୟାକାଶରେ ଦେଖା ଦେଇ ଓଡିଆ ମନରେ, ପ୍ରାଣରେ ଜାତୀୟତାର ଆଲୁଅ ବିଞ୍ଚିବାର ପ୍ରୟାସ କରୁଥାନ୍ତି । 'ଉତ୍କଳ ସାହିତ୍ୟ' ପତ୍ରିକା ପ୍ରକାଶିତ ହେଉଥାଏ । ନିରବଚ୍ଛିନ୍ନ ଭାବେ ଏଥିରେ ଲେଖୁଥାନ୍ତି ଗଙ୍ଗାଧର ମେହେର, ଗୋଦାବରୀଶ ମିଶ୍ର, ତାରିଣୀ ଚରଣ ଦାସ, ପଦ୍ମଚରଣ ପଟ୍ଟନାୟକ, ନୀଳକଣ୍ଠ ଦାସ, ମୃତ୍ୟୁଞ୍ଜୟ ରଥ, ଗୋଦାବରୀଶ ମିଶ୍ର, ମଧୁସୂଦନ ଦାସ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓ ଅନ୍ୟ ଲେଖକମାନେ । ଓଡିଆ ଜାତିର ସମୃଦ୍ଧମୟ ଅତୀତ ଓ ଐତିହ୍ୟର ବନ୍ଦନାରେ, ଏହି କବିମାନେ ମାତିଥିବା ବେଳେ ମଣିକାଞ୍ଚନର ସଂଯୋଗ ଭଳି ଓଡିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିବାକୁ ଆଗେଇ ଆସିଥିଲେ କୁନ୍ତଳା କୁମାରୀ ।

କୁନ୍ତଳା କୁମାରୀଙ୍କ ଜୀବନର ଗତି ସହିତ ତାଙ୍କ କବିତା ସଂପ୍ରସାରିତ ହୋଇଥିଲା, କବି ଜୀବନର ଆଦ୍ୟକାଳରେ । ରେଭେନ୍‌ସା ଗାର୍ଲସ ସ୍କୁଲ ଛାଡି ସେ ଯେତେବେଳେ ଡାକ୍ତରୀ ପଢ଼ିବା ପାଇଁ କଟକ ମେଡିକାଲ ସ୍କୁଲର ନାମ ଲେଖାଇଲେ, ସେତେବେଳେ ଓ ତା' ପରବର୍ତ୍ତୀ ସମୟରେ ତାଙ୍କ ପରିବାରର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡିଥିଲା । ଦାରିଦ୍ର୍ୟର କଷଟି ପଥରରେ ଯେମିତି ପରୀକ୍ଷିତ ହୋଇଚାଲିଥିଲେ ସେ । ଏହି ସମୟରେ ତାଙ୍କ ଜୀବନରେ ଆବିର୍ଭୂତ ହୋଇଥିଲେ ଡାକ୍ତର କୈଳାସ ରାଓ । ଡାକ୍ତର କୈଳାସ ରାଓ ହିଁ ଥିଲେ

ସେ ସମୟରେ କୁନ୍ତଳାଙ୍କୁ ପରମ ହିତୈଷୀ ଓ ତତ୍ତ୍ୱାବଧାରକ । ତାଙ୍କ ସାହଚର୍ଯ୍ୟ ଓ ସହଯୋଗରେ କୁନ୍ତଳାଙ୍କ ବ୍ୟକ୍ତି ଜୀବନ ତଥା କବିଜୀବନ ବେଶ୍ ମୁଖର ହୋଇଉଠିଥିଲା । ଡାକ୍ତର କୈଳାସ ରାଓଙ୍କ ପ୍ରତି କବିଙ୍କର ମଧ୍ୟ ଥିଲା ଯଥେଷ୍ଟ ଆନ୍ତରିକତା । ଡାକ୍ତର ରାଓଙ୍କ ପ୍ରତି କୃତଜ୍ଞ କୁନ୍ତଳା ସେତେବେଳେ ଲେଖିଥିଲେ-

‘ତୁମ୍ଭେ ବଡ ମୁଁ ତ ସାନ ହେ ତୁମ୍ଭ ଆଦରେ ବଡ’<br>
ତୁମ୍ଭେ ସଜଫୁଲ ସରି ହେ ମୁଁ ତ ଫୁଟନ୍ତା କଢ଼ ।’’

ଡାକ୍ତର କୈଳସ ରାଓ ଏହି କବିତାକୁ ପଢ଼ିଥିଲେ । ସେ ନିଜେ ମଧ୍ୟ ଯେହେତୁ ଥିଲେ ଜଣେ ବିଦଗ୍ଧ ସାହିତ୍ୟପ୍ରେମୀ, ତେଣୁ ସେ କୁନ୍ତଳାଙ୍କ କବି ପ୍ରତିଭାକୁ ସମ୍ମାନ ଜଣାଇ ତା’ର ବିକାଶ ଦିଗରେ ଯତ୍ନବାନ ହୋଇଥିଲେ । ସେ କୁନ୍ତଳାଙ୍କ ଲିଖିତ ସମସ୍ତ କବିତା ପଢ଼ି ତାକୁ ପରିମାର୍ଜିତ କରିବାରେ ସହାୟକ ହେଉଥିଲେ । ଏହିପରି ଭାବରେ ଦିନେ କୁନ୍ତଳା କୁମାରୀଙ୍କ ‘ତାରାପ୍ରତି’ କବିତା ‘ଉତ୍କଳ ସାହିତ୍ୟ’ ପ୍ରତିକାରେ ପ୍ରକାଶିତ ହୋଇଗଲା । ଏହି ‘ତାରା ପ୍ରତି’ କବିତାର କବି ଲେଖିଥିଲେ-

‘ଦୂର ଗଗନରେ ବୁଲୁବୁଲୁ ଚାହିଁ ହସୁ ତୁହି କ୍ଷୁଦ୍ର ତାରା<br>
କ୍ଷଣକେ ହୃଦୟେ ପରଶି ମୋହର କେତେ ଚିନ୍ତା ଆଣୁ ପରା ।’

‘ତାରା ପ୍ରତି’ କବିତା ‘ଉତ୍କଳ ସାହିତ୍ୟ’ ରେ ପ୍ରକାଶିତ ହେବାପରେ କୁନ୍ତଳା କୁମାରୀ ଅସଂଖ୍ୟ ପାଠକ ତଥା ଓଡିଆ ଭାଷାର ତତ୍କାଳୀନ କବି ସାହିତ୍ୟିକମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଭିନ୍ନ କୋଣ ଅନୁକୋଣରୁ ତାଙ୍କ ପାଖରୁ ବହୁ ଶୁଭେଚ୍ଛା ବାର୍ତ୍ତା ଓ ପ୍ରଶସ୍ତି ଆସି ପହଞ୍ଚିଲା । ସେ ସମୟରେ ଆଲୋଡନ ସୃଷ୍ଟିକାରୀ କବିମାନେ କୁନ୍ତଳା କୁମାରୀଙ୍କୁ ଶୁଭେଚ୍ଛା ଜଣାଇଲେ । ୧୯୨୫ ମସିହାରେ ଯେତେବେଳେ କଲିକତା ବିଶ୍ୱବିଦ୍ୟାଳୟ ତରଫରୁ ପ୍ରଫେସର ବିଜୟ ଚନ୍ଦ୍ର ମଜୁମଦାରଙ୍କ ‘ଟିପିକାଲ ସିଲେକ୍ସନସ ଫ୍ରମ୍ ଓରିଆ ଲିଟରେଚର’ ପ୍ରକାଶିତ ହେଲା, ସେତେବେଳେ ‘ତାରା ପ୍ରତି’ ର କାବ୍ୟଗୁଣରେ ବିମୋହିତ ହୋଇ ପ୍ରଫେସର ମଜୁମଦାର ରାଧାନାଥ, ମଧୁସୂଦନ, ଫକୀର ମୋହନ, ଗଙ୍ଗାଧର, ନନ୍ଦକିଶୋର ଆଦି ବିଖ୍ୟାତ କବିମାନଙ୍କ କବିତା ରାଜି ସହ ଏହାକୁ ଏକତ୍ର ସ୍ଥାନ ଦେଲେ । ଜଣେ ନବାଗତ କବିଙ୍କ ପାଇଁ ଏହି ସ୍ୱୀକୃତି କମ୍ ନଥିଲା । ଯଥାର୍ଥ ହକ୍‌ଦାର ଥିଲେ କୁନ୍ତଳା କୁମାରୀ । ଏହାପରେ ପରେ ତାଙ୍କର ‘କମଳ ପ୍ରତି ଓ ‘ପୂଜା’ କବିତା ଦ୍ୱୟ ‘ଉତ୍କଳ ସାହିତ୍ୟ’ ରେ ପ୍ରକାଶିତ ହୋଇଥିଲା ।

କୁନ୍ତଳା କୁମାରୀଙ୍କ ପ୍ରଥମ କବିତା ସଂକଳନ ହେଉଛି ‘ଅଞ୍ଜଳି’ । ୧୯୨୨ ମସିହାରେ ଦର୍ପଣୀର ରୋଗଗ୍ରସ୍ତ ରାଣୀ ତାଙ୍କ ଚିକିତ୍ସା ପାଇଁ ଡାକ୍ତରୀଣୀ କୁନ୍ତଳାଙ୍କୁ ଡକାଇଥିଲେ । କୁନ୍ତଳାଙ୍କ ଚିକିତ୍ସାରେ ସେ ରୋଗମୁକ୍ତ ହେବାପରେ କୃତଜ୍ଞତା ସ୍ୱରୂପ ତାଙ୍କର ଏକ କବିତା ପୁସ୍ତକ କବିଙ୍କ ଅନିଚ୍ଛାସତ୍ତ୍ୱେ ଛପାଇବାକୁ ଚାହିଁଲେ ଓ ଏହାର ଫଳଶ୍ରୁତି ଥିଲା ‘ଅଞ୍ଜଳି’ । ୧୯୩୨ ମସିହାର ଜାନୁୟାରୀ ମାସରେ ଏହା ପ୍ରକାଶିତ ହୋଇଥିଲା ।

ବିଶ୍ୱକବି ରବୀନ୍ଦ୍ରନାଥଙ୍କ ସୁପ୍ରସିଦ୍ଧ 'ଗୀତାଞ୍ଜଳି' ର ଗୀତି କବିତାଗୁଡିକ ପରି ଏହି ପୁସ୍ତକର ଗୀତି କବିତାଗୁଡିକ ବେଶ୍ ଭାବଗର୍ଭକ ଓ ଛାନ୍ଦସିକ । ଯାହାଙ୍କ ଉଦ୍ଦେଶ୍ୟରେ ଏହି କବିତାଗୁଡିକ ରଚିତ, ସେ ଈଶ୍ୱର ଅଥବା ପ୍ରେମିକ । ବୈଷ୍ଣବ କବିମାନଙ୍କ ଭକ୍ତିମାର୍ଗର ଆରାଧନା ପରି କବି ଏଥିରେ ନିଜ ହୃଦୟର ପ୍ରେମ ଓ ଭକ୍ତି ନିବେଦିତ କରିଛନ୍ତି ସେହି ଈଶ୍ୱର ବା ପ୍ରେମିକ ପୁରୁଷଙ୍କୁ । ସେ କବିଙ୍କ ପାଇଁ କେବେ 'ଦାସ' ତ କେବେ 'ସଖା' ପୁଣି କେବେ 'କାନ୍ତ' ବା ପ୍ରେମିକ ।

କବିଙ୍କ 'ଅଞ୍ଜଳି' ର କବିତାଗୁଡିକ ତାଙ୍କ ନିଜସ୍ୱ ପ୍ରେମ ଭାବନା ସଂବଳିତ ବୋଲି ଅନେକେ ମତ ଦିଅନ୍ତି । 'କବି କୁନ୍ତଳାଙ୍କ ଯୌବନ କାଳର ଉଚ୍ଛ୍ୱସିତ ଭାବ ପ୍ରବହମାନ ସ୍ରୋତସ୍ୱିନୀ ଭଳି କଳ କଳ ନାଦରେ ମଧୁର ଗୁଞ୍ଜରଣ ସୃଷ୍ଟି କରିଛି ତାଙ୍କ ପ୍ରଥମ ରଚିତ କବିତାଗୁଚ୍ଛରେ । ତାଙ୍କ ନାରୀ ଜୀବନର ଚରମ ଲକ୍ଷ୍ୟ ଥିଲା ଆଦର୍ଶ ସୃଗୃହିଣୀ ଓ ମାତା ରୂପ ଜୀବନଯାପନ କରିବା । ତେଣୁ ସେ ତାଙ୍କ ସମସ୍ତ ସ୍ନେହ ଆର୍ପଣ କରିଥିଲେ ତାଙ୍କର ଶୁଭେଚ୍ଛୁ ମାନନୀୟ ଡାକ୍ତର କୈଳାସ ଚନ୍ଦ୍ରଙ୍କ ପଦତଳେ । ଉଭୟଙ୍କ ମନର ଆକର୍ଷଣ ସ୍ୱର୍ଗୀୟ ଦ୍ୟୁତିରେ ଉଦ୍‌ଭାସିତ ହୋଇଥିଲା ସତ, କିନ୍ତୁ ବାସ୍ତବ ଜୀବନରେ ତାହ ସମ୍ଭବ ହୋଇପାରିନଥିଲା ।' ଡାକ୍ତର କୈଳାସ ରାଓଙ୍କୁ କୁନ୍ତଳା କୁମାରୀ ନିଜ ପ୍ରେମିକର ଆସନରେ ବସାଇଥିଲେ ବୋଲି କୁହାଯାଏ । ଏହି ଆକର୍ଷଣର ପ୍ରତି ବଦଳରେ କୁନ୍ତଳା ତାଙ୍କ ପ୍ରତି ଖୁବ୍ ସମର୍ପିତା ଥିଲେ । 'ଅଞ୍ଜଳି' ର କା ପାଇଁ ରେ ଏହା ସ୍ପଷ୍ଟ ହୋଇଛି:

'କା ପାଇଁ କିମ୍ପାଇଁ ହୃଦୟ ମନ୍ଦିରେ'
ସଜାଡିଛି ତାରା ଫୁଲ
କା ପାଇଁ କିମ୍ପାଇଁ ଲୋତକ ସୂତ୍ରରେ
ରଚିଅଛି ପ୍ରେମମାଳ ।'

କବିଙ୍କ ସାଧନା ଚରନା ମଧ୍ୟ ସେହି ପୁରୁଷ ବା ଈଶ୍ୱରଙ୍କ ପ୍ରତି ସମର୍ପିତ ବୋଲି କବି 'ନିବେଦନ' କବିତାରେ କହିଛନ୍ତି :

'ତୁମ୍ଭଙ୍କୁ ପୂଜିବା ସକାଶେ ମୋହର
ସାଧନା ରଚନା ପ୍ରେମ ପୁଷ୍ପହାର,
ଭକତି ସୂତ୍ରରେ ଗୁନ୍ଥି ସୁଯତନେ,
ପ୍ରଣମି ଉଦ୍ଦେଶେ ଭକ୍ତିପୂତ ମନେ,
ପ୍ରେମ କରେ ବେନି ଦେବି ମୁଁ ଗଳାର
ବୁହାଇବି ପ୍ରେମ ନୟନରେ ଧାର,
ତେଣୁ ଏ ଲେଖନୀ ଧରିଛି ଏଥର ।'

କବିଙ୍କର ଏହି ସାଧନା ରଚନା ସମେତ ଭକ୍ତି ପୁଷ୍ପହାର ଧରି ଅପେକ୍ଷା କରିବା ଭିତରେ କବିଙ୍କର ଏକ ଉଚ୍ଚାଟପଣ 'ଅଞ୍ଜଳି' ର 'ପୂଜା' କବିତାରେ ଦେଖିବାକୁ ମିଳେ । ପ୍ରେମିକ ପୁରୁଷଙ୍କଠାରୁ କବି ଚାହିଁନ୍ତି ତାଙ୍କ ପ୍ରେମର ପ୍ରତିବଦଳରେ ପ୍ରେମ । 'The response of love from her human beloved had eludeed

her and sharpened her longings. There might be an element of truth in it. Ease, grace and lucidity seem to have rendered many of these lyrics exquistitely beautiful.....'

ପ୍ରିୟତମଙ୍କ ପ୍ରତି କବିଙ୍କ ଏଭଳି ସମର୍ପଣର ପଟାନ୍ତର ନାହିଁ । ପ୍ରତୀକ୍ଷାର ମଧ୍ୟ ଶେଷ ନାହିଁ :

'ଏ ଚନ୍ଦ୍ର ତାରା ସଂଖ୍ୟା ତହିଁ କି ସାକ୍ଷୀ
କେବେ ଆସିବୁ ସଖା ମୁଁ ନିରିମାଖୀ ।

ପ୍ରିୟତମଙ୍କୁ ଏଭଳି ଚନ୍ଦ୍ରତରାଙ୍କୁ ସାକ୍ଷୀ ରଖି ଅପେକ୍ଷା କରିବା ସହ ନିଜକୁ ନିରିମାଖି ବୋଲି କହିବା ଭିତରେ କବି ନିଜ ହୃଦ ଦର୍ପଣରେ ସେହି ପ୍ରେମିକଙ୍କ ଛବି ଅବିରତ ପ୍ରତିଫଳିତ କରି ରଖିଥିବା କଥା 'ଅଞ୍ଜଳି'ର 'ପୂଜା' ରେ ବେଶ୍ ହୃଦ୍ୟ ମନେହୁଏ :

"ହୃଦ ଦର୍ପଣେ ପରା ତୋ ରୂପରାଶି
ପ୍ରତିଫଳିତ, ରମ୍ୟ ଶୋଭା ବିକାଶି
ଲୁଚିଣ ଦେଖି ରସେ ହୃଦ ଉଲ୍ଲାସି
ତୋ ପାଇଁ ପରା ପ୍ରାଣ ସଦା ପିପାସୀ ।"

ଶତ ପ୍ରତୀକ୍ଷା ସତ୍ତ୍ୱେ ପ୍ରାଣ ପ୍ରିୟତମ ନ ଆସିବା ଘେନି ମଧ୍ୟ ଅଧିର କବିଙ୍କ ଆତ୍ମା ନିରବ ରହିନାହିଁ ।

'ଅଞ୍ଜଳି' ର 'ଗଲା ହାୟ ବିଭାବରୀ' କବିତାରେ ଏହାର ନିଦର୍ଶନ ମିଳେ :

"ଆସିଲ ନାହିଁ ମୋ ପ୍ରାଣର ଅତିଥି
ଚାହିଁ ଚାହିଁ ମୋର ଗଲାଦିନ ବିତି ।"

'ଅଭିଳାଷ' କବିତାରେ ଏହା ବ୍ୟାକୁଳତା ଆହୁରି ସ୍ପଷ୍ଟ ହୋଇଛି:

"କିଛି ଚାହୁଁନାହିଁ ଚାହିଁ ଦିଅ ବାରେ
ନୟନ ଉଠାଇ ମୁଖେ
ମତ୍ତ ହୋଇ ମନ ଅଳି ଲାଖିଥାଉ
ପଦାମ୍ବୁଜେ ମହାସୁଖେ ।"

ଜୀବନର ଶେଷ ସମୟରେ ମୃତ୍ୟୁପରେ କବି ତାଙ୍କ ପ୍ରାଣପ୍ରିୟଙ୍କୁ ପାଇବାର କାମନା କରିଛନ୍ତି :

"ସେହିପରି ପରା ଆସିବ ଗୋ ଥରେ
ମୋ ଜୀବନ ଶ୍ୱାସ ଶେଷରେ
ଶେଷ କରି କର୍ମ ବାହୁଡିବି ଯେବେ
ବାନ୍ଧିନେବ ବାହୁପାଶରେ ।"

କବି କୁନ୍ତଳା କୁମାରୀଙ୍କ ପରବର୍ତ୍ତୀ କବିତା ସଂକଳନ ହେଉଛି 'ଉଚ୍ଛ୍ୱାସ', ଯାହା ୧୯୨୪ ମସିହାରେ ପ୍ରକାଶିତ ହୋଇଥିଲା । କୁନ୍ତଳାଙ୍କ କବି ପ୍ରତିଭାରେ ଉତ୍ତରଣ ଏହି ସଂକଳନରେ ସଂକଳିତ କବିତାବଳୀରେ ଦେଖିବାକୁ ମିଳେ । ଏଥିରେ କବି ତାଙ୍କର ପ୍ରକୃତିଚିତ୍ରଣ ମୂଳକ କବିତା ସ୍ଥାନୀତ କରିଥିଲେ । ପ୍ରଚଣ୍ଡ ରହସ୍ୟବାଦ ଏହି କବିତାଗୁଡିକର ମର୍ମେ ମର୍ମେ ଅନୁଭବ କରିହୁଏ । କବିଙ୍କ ପାଇଁ ପ୍ରକୃତି ମୃତ ନୁହେଁ, ତାହା ଜୀବନ୍ତ, ଚେତନାଶୀଳ । ପ୍ରକୃତି ଭିତରେ ମାନବୀୟ ଚେତନା ହିଁ ଏହି କବିତା ଗୁଡିକୁ ରସୋତ୍ତୀର୍ଣ୍ଣ କରିଛି । ପ୍ରକୃତି ଭିତରେ ମଣିଷକୁ ପାଇହୁଏ ଏଠାରେ । 'ପୂଜା ପଦ୍ଧତି', 'ଶେଫାଳି ପ୍ରତି', 'ଚନ୍ଦ୍ର ପ୍ରତି', 'କମଳ ପ୍ରତି', 'ତାରା ପ୍ରତି' ଓ 'ସହକାର ପ୍ରତି' ଆଦି କାଳଜୟୀ ସମ୍ବୋଧନମୂଳକ କବିତା, ଏହି ସଂକଳନରେ ସ୍ଥାନୀତ ହୋଇଥିଲା । ଏହି ସଂକଳନ ସଂପର୍କରେ ପଲ୍ଲୀକବି ନନ୍ଦକିଶୋର ବଳ କହିଥିଲେ ଯେ ପ୍ରକୃତି ଭିତରେ ଈଶ୍ୱରଙ୍କ ଅବସ୍ଥିତି ତଥା ଆତ୍ମା ଭିତରେ ପରମାତ୍ମାଙ୍କୁ ଖୋଜିବାର ବ୍ୟାକୁଳତା 'ଉଚ୍ଛ୍ୱାସ' ର ପ୍ରାଣବିଂଦୁ । "ଉଚ୍ଛ୍ୱାସ" କବିତାର ଛତ୍ରେ ଛତ୍ରେ ଧର୍ମଭାବ, ଈଶ୍ୱର ନିର୍ଭରଶୀଳତା, ସେବାପରାୟଣତା, ଉତ୍ସର୍ଗୀକୃତ ମନୋଭାବ କବିଙ୍କ ଜୀବନ୍ତ ଅମୃତମୟୀ ଭାଷାରେ ପ୍ରକାଶିତ ।"

ବିଶ୍ୱ ସାହିତ୍ୟର କବିତା ରାଜ୍ୟରେ ସମ୍ବୋଧନମୂଳକ କବିତାର ଏକ ସ୍ୱତନ୍ତ୍ର ସ୍ଥାନ ଆସିଛି । ଏହି ସମ୍ବୋଧନମୂଳକ କବିତା ରଚନା କ୍ଷେତ୍ରରେ ଇଂରାଜୀ କବି କିଟ୍‌ସ ସବୁବେଳେ ମନେ ପଡନ୍ତି । ଏହି କବି ତାଙ୍କ ଜୀବନରେ ଲେଖିଥିବା ଅଜସ୍ର କବିତା ମଧ୍ୟରୁ ସମ୍ବୋଧନ ଗୀତ ଅନ୍ୟତମ । କୀଟ୍‌ସ ତାଙ୍କ ସୀବନ କାଳ ମଧ୍ୟରେ ଛଅଗୋଟି ବିଶ୍ୱ ପ୍ରସିଦ୍ଧ ସମ୍ବୋଧନ ଗୀତି ରଚନା କରିଥିଲେ । ପ୍ରକୃତି ଭିତରେ ରହସ୍ୟର ସଂଧାନ କରି ତା' ରି ମାଧ୍ୟମରେ ନିଜକୁ ଖୋଜି ଠାବ କରିଛନ୍ତି କବି । ପ୍ରକୃତି ସହ ନିଜର ସାମଞ୍ଜସ୍ୟ ଦେଖିଛନ୍ତି । ପ୍ରକୃତିରୁ ଶିକ୍ଷାଲାଭ କରି ନିଜକୁ, ନିଜ ଜୀବନକୁ ସଜାଡିବାର ପ୍ରଯତ୍ନ କରିଛନ୍ତି । ପ୍ରକୃତି ସହ ମଣିଷର ଏହି ସଂପର୍କ ବିଷୟରେ କବି Wordsworth କହିଥିଲେ- "The anchor of my purest thought- The nurse, the guide, the guardian of my soul of all my moral being". ଏହି ଉକ୍ତିରୁ ଜଣାପଡେ ଯେ ପ୍ରକୃତି ହେଉଛି ମଣିଷର ସମସ୍ତ ସତ୍‌ଚିନ୍ତାର ମୂଳଉତ୍ସ । ମଣିଷର ଆତ୍ମା ତଥା ନିଜେ ମଣିଷର ସବୁ ପ୍ରକାର ନୈତିକ ସତ୍ତାର ଏହା ସେବାକାରିଣୀ, ମାର୍ଗଦର୍ଶକ ତଥା ଅଭିଭାବକ ଭଳି । ତେଣୁ କୁନ୍ତଳା କୁମାରୀ ଏହି ପ୍ରକୃତିର ପ୍ରେମରେ ପଡିବା ଆଶ୍ଚର୍ଯ୍ୟ କଥା ନୁହେଁ । ଏହାର କାରଣ ଆମେ ପାଉ ନନ୍ଦ କିଶୋର ବଳଙ୍କ ଲେଖନୀରେ । ପଲ୍ଲୀକବି ନନ୍ଦ କିଶୋର କୁନ୍ତଳାଙ୍କ ପ୍ରକୃତିପ୍ରାଣତାର ହେତୁ ଖୋଜିବାକୁ ଯାଇ କହିଛନ୍ତି: At such a young age and with the study of medicine ill-matched with literary pursuits, kuntala not to speak of women, had no rival even among men as a poet. flavored with divine love, all her poems. the young poet had discovered God in nature and divinity in human soul" ଏହିପରି ଭାବରେ-ତନ୍ମୟ କବି କୁନ୍ତଳା କୁମାରୀଙ୍କ ମନର ଉଚ୍ଛ୍ୱାସ ହିଁ "ଉଚ୍ଛ୍ୱାସ"ର କବିତାଗୁଡିକରେ ଦେଖିବାକୁ ମିଳେ ।

"ଉଚ୍ଛ୍ୱାସ" ରେ ସ୍ଥାନୀତ କବିତାଗୁଡାକ ମଧ୍ୟର 'ଶେଫାଳୀ ପ୍ରତି' ଏକ ସର୍ବଜନପ୍ରିୟ କବିତା । ଶେଫାଳୀ ଫୁଲ ପ୍ରତି ସମ୍ବୋଧନ କରି ଏହି କବିତାଟି ରଚିତ ହୋଇଛି । ଅଳ୍ପ ସମୟ ପାଇଁ ଫୁଟୁଥିବା କ୍ଷୁଦ୍ର ଶେଫାଳି ଫୁଲର ସୌନ୍ଦର୍ଯ୍ୟରେ ଅଭିଭୂତ ହୋଇ କବି କବିତାର ଆରମ୍ଭ କରିଛନ୍ତି ଏହିପରି:

"କେଉଁ ଦୂର ତରୁବରେ ଫୁଟିଅଛୁ ଗୋପନେ
ଭୁରୁ ଭୁରୁ ଗନ୍ଧ ତୋର ଭାସିଆସେ ପବନେ ।"

କେଉଁ ଦୂର ତରୁତଳେ ଗୋପନରେ ଫୁଟିଥିବା ଏହି ଶୋଫାଳୀ ଫୁଲର ଭୁରୁ ଭୁରୁ ଗଂଧ କବିଙ୍କୁ ଆକର୍ଷିତ କରିଛି । ସେହି ଫୁଲ ସହିତ ନିଜକୁ ତୁଳନା କରିଉଠିଛନ୍ତି କବି । ଅଳ୍ପ ସମୟରେ ଜୀବନ ନେଇ ସଂସାରକୁ ଆସୁଥିବା ଶେଫାଳୀ ପରି ମଣିଷ ମଧ୍ୟ କିଛି ଆୟୁଷ ନେଇ ଜଗତକୁ ଆସିଥାଏ । ଶେଫାଳୀ ଝଡିପଡିଲା ପରି ମଣିଷ ବି ଦିନେ ମରିଯାଏ । ମାଟିରେ ମିଶିଯାଏ । ହେଲେ ଜଗତକୁ ଆସିଥାଏ । ଶେଫାଳୀ ଝଡିପଡିଲା ପରି ମଣିଷ ବି ଦିନେ ମରିଯାଏ । ମାଟିରେ ମିଶିଯାଏ । ହେଲେ ମଣିଷର ଆତ୍ମା କେବେ ମରେନି। ଅପରପକ୍ଷରେ ଶେଫାଳୀର ଭୁରୁ ଭୁରୁ ବାସ୍ନା ଓ ସୌନ୍ଦର୍ଯ୍ୟ ଭୁଲିହୁଏନା । ଏହା ସବୁଦିନ ପାଇଁ ମଣିଷର ମନ ଭିତରେ ବସା ବାନ୍ଧିରହେ । ଏହି ଆଶାର ମଣିଷ ବଞ୍ଚିରହିବାକୁ କବି ଆହ୍ୱାନ ଦିଅନ୍ତୁ:

"ଶେଫାଳୀ, ତୋହପରି କ୍ଷୁଦ୍ର ମୁହିଁ ତୋହପରି କ୍ଷଣିକ
ହସେ ବାସେ ରସେ ମାତ୍ର ଫୁଟିଅଛି ଘଡିକ
ମାଟିରେ ମିଶିବୁ ତୁହି ମାଟିରେ ମିଶିବି ମୁହିଁ
ତଥାପି ମୋ ଆତ୍ମାଫୁଲ ନଯିବ ତ ମଉଳି,
ତେଣୁ ଆଶା ବହି ଦିନ କାଟେ ଗଙ୍ଗଶିଉଳି ।"

ଶେଫାଳୀ ବା ଗଙ୍ଗଶିଉଳି ଫୁଲ ସହିତ ମଣିଷର ସାଦୃଶ୍ୟ ବିଷୟକୁ ବେଶ୍ ହୃଦୟସ୍ପର୍ଶୀ ଭାଷା ଓ ଭାବରେ ବର୍ଣ୍ଣନା କରିଛନ୍ତି କୁନ୍ତଳାକୁମାରୀ । ସେ ଯେମିତି ମଣିଷକୁ ଶିଖାଇ ଦିଏ ମୃତ୍ୟୁ ଶେଷ କଥାନୁହେଁ ବା ମୃତ୍ୟୁ ମଣିଷର ଲକ୍ଷ୍ୟ ନୁହେଁ । ନିଜର ସତ୍‌କର୍ମ ହିଁ ମଣିଷକୁ ମୃତ୍ୟୁପରେ ବି ବଞ୍ଚାଇ ରଖେ । ପ୍ରକୃତି ସହ ନିଜ ସାଦୃଶ୍ୟକୁ ଏହିପରି ଭାବଗର୍ଭକ ଭାବେ ପ୍ରତୀକିତ କରି ପାରିଥିବା କୁନ୍ତଳାଙ୍କ ଈଶ୍ୱର ପ୍ରୀତି ମଧ୍ୟ ଏହି କବିତାରେ ଦେଖିହୁଏ । ସେ ଈଶ୍ୱରଙ୍କୁ ନେଇ ଆଶ୍ଚର୍ଯ୍ୟ ହୋଇଛନ୍ତି ଯେତେ, ସେତେ ସମର୍ପିତା ଭାବ ପୋଷଣ କରିଛନ୍ତି :

"ଭାବ ରାଜ୍ୟେ ବୁଲେ ସତ ହଜିଅଛି ଚେତନା
ଅନ୍ତର ଅନନ୍ତ ରାଜ୍ୟେ ପୂରିଅଛି କଳ୍ପନା ।
କ୍ଷୁଦ୍ର ତୋର ତନୁ ତହିଁ ଭରା ଏତେ ଅମୃତ,
ବିହି ଲୀଳା କେ ବୁଝିବ ଜ୍ଞାନାତୀତ ଅଦ୍ଭୁତ ।
ଶେଷ ଗତି ନୁହେଁ ମୋର ମୃତ୍ୟୁ କେଉଁ କାଳରେ
ମରିବାକୁ ଫୁଟିନାହିଁ ଭବତରୁ ଡାଳରେ

ଅଛି ରମ୍ୟ ଉପବନ ଯହିଁ ଫୁଟି ଚିରଦିନ
ଅନନ୍ତ ଅମୃତ ପ୍ରେମ ସୁଧାମୟ ସୁବାସେ
ମୋହିବି ମୋ ପ୍ରାଣପ୍ରିୟ ଦେବତାଙ୍କୁ ଉଲ୍ଲାସେ ।"

କବିଙ୍କ ଏହି "ଉଚ୍ଛ୍ୱାସ" ସଂକଳନରେ ସଂକଳିତ କବିତାଗୁଡ଼ିକୁ କବିଙ୍କ ଆଧ୍ୟାତ୍ମିକ ଅନୁଭାବନାର ସାକ୍ଷୀ ରୂପେ ଅଭିହିତ କରି ଆଲୋଚିକା ସୌଦାମିନୀ ନନ୍ଦ ଲେଖିଛନ୍ତି: "ମୃତ୍ୟୁ ପ୍ରତି କବିଙ୍କ ଦୃଷ୍ଟିଭଙ୍ଗୀ ଉପେକ୍ଷାମୂଳକ । କବିତ ଦେହ ମାତ୍ର ନୁହନ୍ତି । ଅମର ଆତ୍ମାର ଅଧିକାରିଣୀ । ଅଲଂଘ୍ୟ ମୃତ୍ୟୁ ଧରା ପ୍ରେମକୁ ଶାରୀରିକ ବିଚ୍ଛେଦର ସଚଳ ଆଘାତ ଦିଏ । ମାତ୍ର ଆତ୍ମାର ସ୍ୱର୍ଗୀୟ ପ୍ରୀତିକୁ ବିକାଶ କରିପାରିବ ନାହିଁ । ଶେଫାଳୀ ଫୁଲଟି ପରି ହୁଏତ ମୃତ୍ୟୁରେ କବିଙ୍କ ତନୁ-ପୁଷ୍ପ ମଉଳିଯିବ, ମାତ୍ର ପ୍ରାଣର ପ୍ରେମାଭିଳାଷ, ପ୍ରଣୟାକାଂକ୍ଷା, ପ୍ରୀତିର ପ୍ରତ୍ୟୟ ଓ ଜନ୍ମାନ୍ତରର ପ୍ରତୀକ୍ଷା ଆଗ୍ରହ କ'ଣ ଶେଷ ହୋଇଯିବ ? ଜୀବନ ଦେବତାଙ୍କ ଅନୁରାଗରେ ଜଗତରେ ସେ ଚିରଦିନ ଫୁଟି ରହିଥିବେ ।"

ପ୍ରକୃତିର ସୌନ୍ଦର୍ଯ୍ୟରେ ଆତ୍ମହରା ହୋଇ, ତା'ର ସୁଗୁଣାବଳୀ ଆବିଷ୍କାର କରି, ତା'ରି ଭିତରେ ମାନବ ଜୀବନର ସଂଶ୍ଳିଷ୍ଟ ଘଟାଇବାର ଅପୂର୍ବ ପ୍ରୟାସ କରି "ଉଚ୍ଛ୍ୱାସ" ରେ ସଫଳ ହୋଇଛନ୍ତି କୁନ୍ତଳା କୁମାରୀ। "ଶେଫାଳୀ ପ୍ରତି" ପରି "ସହକାର ପ୍ରତି" ସମ୍ବୋଧନ ଗୀତିକାରେ ଅନୁରୂପ ଭାବ ଦେଖିବାକୁ ମିଳେ। ଏହି କବିତାରେ କବି ସହକାରର ବିନୟ ତଥା ନମ୍ର ଗୁଣାବଳୀ ଗ୍ରହଣ କରିବାକୁ ଚାହିଁଛନ୍ତି :

"ହେ ରସାଳ ଦ୍ରୁମ
ଶିଖାଅ ହେବି ତୋ ସମ
ଅଜ୍ଞାତରେ ଭବ ସେବା ଯାଇଥିବା କରି
ମୋ କ୍ଷୁଦ୍ର ପ୍ରୟାସେ ବହୁ କ୍ଲେଶ ନେବି ହରି
ପ୍ରତିଦିନ ଦୀନାହିତ କରିବି ତୋ ପରି ।"

"ଉଚ୍ଛ୍ୱାସ" ର ଆଉ ଏକ ଉଲ୍ଲେଖନୀୟ କବିତା ହେଉଛି "ଚନ୍ଦ୍ର ପ୍ରତି" । ଶେଫାଳୀ ବା ସହକାର ପରି ଏହି କବିତାରେ ମଧ୍ୟ ଚନ୍ଦ୍ରର ସୌନ୍ଦର୍ଯ୍ୟରେ ବିମୋହିତ ଜଣେ କବିଙ୍କୁ ସଂଧାନ କରିହୁଏ । ଏହି କବିତାର ପ୍ରଥମ ଖଣ୍ଡରେ କବି ତେଣୁ କହିଛନ୍ତି :

"ଏତ ଜନମାଏ ହୃଦେ ମହୋଲ୍ଲାସ
ପରଶି ତୋ ରମ୍ୟକର
ତୁକି ଶୋଭା ସୃଷ୍ଟି ସାର ସୁଧାକର
ସୁଧାମୟ କଳେବର ।"

ସୁଧାକର ଚନ୍ଦ୍ର ଭିତରେ ସୁଧା ବା ଅମୃତର କଳ୍ପନା କରିଛନ୍ତି କବି । ଏହି ଚନ୍ଦ୍ର ପୁଣି ତାଙ୍କୁ ରହସ୍ୟବାଦର ସନ୍ଧାନ ଦେଇଛି । ଯେଉଁ ରହସ୍ୟବାଦ ପ୍ରତି ଉନ୍ମୁଖ ନାରୀ କବି କୁନ୍ତଳା କୁମାରୀ ଆବେଗପ୍ରବଣା । ସେହି ଆବେଗପ୍ରବଣତା ଭିତରେ ଜ୍ଞାନମୁକ୍ତିର ଆକାଂକ୍ଷା ନାହିଁ । ଅଛି ହୃଦୟର ଏକନିଷ୍ଠତା । ଏହା ପ୍ରକୃତି ଦେଇ

ଈଶ୍ୱରଙ୍କ ପ୍ରତି ଏକନିଷ୍ଠ ଶୁଦ୍ଧ ପ୍ରେମ ମାତ୍ର । ତେଣୁ କୁହାଯାଇପାରେ ଯେ କୁନ୍ତଳାକୁମାରୀଙ୍କ କବି ମାନସର ସଂପୂର୍ଣ୍ଣ ପରିଚୟ ତାଙ୍କର ପ୍ରକୃତି ଚେତନା ସମ୍ବଳିତ କବିତାଗୁଡିକରୁ ହିଁ ପାଇହେବ ଓ ତା'ର ଏକ ଉଲ୍ଲେଖ୍ୟନୀୟ ଉଦାହରଣ "ଚନ୍ଦ୍ର ପ୍ରତି" କବିତାଟି । ଗୋଟିଏ ଚନ୍ଦ୍ରର ପ୍ରତିଛବି ପ୍ରକୃତିର କୋଟି କୋଟି ଜାଗାରେ ଦେଖିବାକୁ ମିଳେ । ଚନ୍ଦ୍ରର ଏହି ସୌନ୍ଦର୍ଯ୍ୟର ବର୍ଣ୍ଣନା କରିବାକୁ ମଧ୍ୟ ଭୁଲିନାହାନ୍ତି ସେ ।

"କୋଟି ରୂପେ ତେଣୁ ସଜାଇ ସଂସାର
କୋଟି କୋଟି ମନେ କରିଣ ବିହାର
ନିଜ ରୂପ ଭୋଳେ ନିଜେ କି ମନେ
ପ୍ରଭୁସ୍ୱପ୍ରକାଶ ଭକ୍ତି ବିନୋଦନେ
ମାନବ ଆତ୍ମାର ସ୍ୱରୂପ ବିକାଶ
ନିରେଖି ଲିଭିନୁ ଅପାର ଉଲ୍ଲାସ
ତେଣୁ ଆରେ ଶଶଧର
ସେ ଲଳିତ-ଶୋଭା-ଅମୃତେ ତୋ ତନୁ
ଏତେ ସ୍ନିଗ୍ଧ ମନୋହର ।"

ଚନ୍ଦ୍ରର ଏହି କୋଟି କୋଟି ରୂପରେ ପ୍ରକାଶ ପରିପ୍ରେକ୍ଷୀରେ କବି ସୃଷ୍ଟିର ପ୍ରତିଟି ଅଣୁ ପରମାଣୁରେ ଯେମିତି ନିଜ ପ୍ରାଣପ୍ରିୟ (ଈଶ୍ୱର) ଙ୍କ ଅସୀମ ପ୍ରକାଶର ଝଲକ ଦେଖିଛନ୍ତି:

"କୋଟି କୋଟି ଚନ୍ଦ୍ର ସରୋବର ଜଳ
ହୃଦାକାଶେ ଭାସେ ପରା
ପ୍ରେମିକ ଯେ' ଯାର ସେକି ତାହା ତୁଳେ
କୋଟି ରୂପେ ଦିଏ ଧରା ।"

ଏହା ଆହୁରି ମର୍ମସ୍ପର୍ଶୀ ହୋଇଉଠିଛି :

"ଯେତେ ଦୂରେ ପ୍ରଭୁ ଥାଆନ୍ତୁ ମୋହର
ଉଲ୍ଲସି ଉଠିବ ହୃଦୟ ମୋହର
ବିପୁଳ ବିଶାଳ ପ୍ରେମ ବ୍ୟାକୁଳତା
ନମାନିବ ବାଧା ନଶୁଣିବ କଥା
ଆପେ ସେ ଧାଇଁବ ଉଲ୍ଲାସି ହୃଦୟ
କାହିଁ ତା'ର ସଖା କାହିଁ ପ୍ରେମମୟ ।"

ସେହିପରି ଏକ କବିତା "କାମିନୀ ପ୍ରତି" । ଶେଫାଳୀ ବା ଗଂଗଶିଉଳି ପରି କାମିନୀ ଏକ ପ୍ରକାର ଫୁଲ । ଏହି କବିତାରେ କବି "ଭାରତୀୟ ନାରୀର ରୂପଗୁଣ ଚିତ୍ରଣରେ ବିମୁଗ୍ଧ ହୋଇ ତା'ର ହୃଦୟର କୋମଳତା, ତ୍ୟାଗର ମହତ୍ତ୍ୱ ବର୍ଣ୍ଣନା କରିବାରେ ମୁଖର ହୋଇ ଉଠିଛନ୍ତି । କାମିନୀ ପୁଷ୍ପ ଅଂଧକାରରେ ବିକାଶ ଲାଭ କରି

ତାର ସୁଗଂଧରେ ଜଗତକୁ ମୁଗ୍ଧ କରିଥାଏ । ଦିବାଲୋକରେ ମିଳନ ହୋଇ ଝରିପଡେ । ସେହିପରି ଭାରତୀୟ ନାରୀ ତା'ର ସୁଗୁଣ ଦ୍ୱାରା ଜନମନ ମୁଗ୍ଧ କରି ପତିଗତପ୍ରାଣ ହୋଇଥାଏ । ଅନ୍ଧାର ମହଲରେ ତା'ର ଜନ୍ମ ଓ କର୍ମସ୍ଥାନ ହେଲେ ହେଁ କାମିନୀ ପୁଷ୍ପ ତୁଲ୍ୟ ସୌରଭରେ ଜନମନ ହରଣ କରିଥାଏ ।" ସେଥିପାଇଁ ବୋଧେ କବି କୁନ୍ତଳାକୁମାରୀ କାମିନୀ ଠାରେ ପ୍ରାର୍ଥନା କରିଛନ୍ତ, ତାଙ୍କ କ୍ଷୁଦ୍ର ହୃଦୟକୁ ସୁବାସରେ ଭରି ଦେବାକୁ କାମନା କରିଛନ୍ତି ଲଜ୍ଜା, ନମ୍ରତା, ବିନୟ ଆଦି ଭୂଷଣ ପ୍ରଦାନ କରିବାକୁ :

"କରଲୋ ତୋ ପ୍ରତି ମୋତେ କାମିନୀ ସୁନ୍ଦରୀ
କର ପୂତ ସୁବାସିତ ମୋ କ୍ଷୁଦ୍ର ହୃଦୟ
ଢ଼ାଳୁ ପ୍ରତି ପ୍ରାଣେ ପ୍ରେମପୂତ ଶାନ୍ତିବାରି
ହେଉ ମୋ ଭୂଷଣ ଲଜ୍ଜା, ନମ୍ରତା, ବିନୟ ।"

ଏହା ଆଉ ଏକ ପଦରେ ଆହୁରି ସ୍ପଷ୍ଟ ହୋଇଛି:

"ଚାନ୍ଦିନୀ ପରଶେ ଫୁଟି ହସୁ ତୁ ଲଳିତା
ଶିଖାଉ କି ପତି ମୋର ସର୍ବସ୍ୱ ଜୀବନେ
ପତିର ଆଦର ସ୍ନେହ ଲଭି ପତିବ୍ରତା
ରହେ ପଦେ ଚିରାଜିତ ପବିତ୍ର ବଦନେ ।"

ଭକ୍ତକବି ମଧୁସୂଦନ ରାଓଙ୍କ "ପଦ୍ମ" କବିତା ପରି କୁନ୍ତଳା କୁମାରୀଙ୍କ ସମ୍ବୋଧନମୂଳକ କବିତା "କମଳ ପ୍ରତି" ଏକ ଉଲ୍ଲେଖନୀୟ କବିତା । ଭକ୍ତକବି "ପଦ୍ମ" କବିତାରେ ଯେଉଁଭଳି ପ୍ରକୃତି ଓ ବିଭୂପ୍ରୀତିର ଅନୁପମ ଇସ୍ତାହାର ବାଢ଼ିଛନ୍ତି, ଅନୁରୂପ ଭାବେ କୁନ୍ତଳା କୁମାରୀ ମଧ୍ୟ ପ୍ରକୃତିର ଦୁର୍ମୂଲ୍ୟ ଅବଦାନ "ପଦ୍ମ" ବା କମଳ ଭିତରେ ଈଶ୍ୱରଙ୍କୁ ତଥା ନିଜ ଭିତରର ଏହି ଐଶ୍ୱରିକ ସତ୍ତାର ଆବିଷ୍କାର କରିଛନ୍ତି । ସୌଂଦର୍ଯ୍ୟର ସାକ୍ଷାତ ପ୍ରତିମା ପଦ୍ମ କବିଙ୍କ ଅଭିଭୂତ କରିଛି । ଏହା ଉଭୟ ମଧୁର ଓ ଉଜ୍ଜ୍ୱଳ । କବିଙ୍କ ମତରେ ଏହା ପୁଣି ସ୍ୱର୍ଗଯୋଗ୍ୟ ପୁଷ୍ପ । ମର୍ତ୍ତ୍ୟକୁ ସେ ଶାପଗ୍ରସ୍ତ ହୋଇ ଆସିଛି । ଅନ୍ୟ ସମ୍ବୋଧନ ଗୀତିଗୁଡ଼ିକ ଭଳି ଏହି କବିତାରେ ମଧ୍ୟ କବି ପଦ୍ମ ବା କମଳର ସୌନ୍ଦର୍ଯ୍ୟ ନିରୀକ୍ଷଣ କରି ପ୍ରଥମରେ ଆତ୍ମହରା ହେଇଛନ୍ତି :

"ଆରେ ଶତଦଳ
ସତେ କି ସତତ ତୁହି ମଧୁର ଉଜ୍ଜ୍ୱଳ
ଏତେ ସୁନ୍ଦର ତୋର ପଟାନ୍ତର ନାହିଁ
ଲେଖନୀ ଲଜ୍ଜିତ ମୋର ବର୍ଣ୍ଣିପାରେ ନାହିଁ ।
ଢ଼ଳ ଢ଼ଳ ରୂପରାଶି ଝରୁ ଅଛି ଜଳେ ଭାସି ।
ଦଳେ ଦଳେ ଝରିପଡେ କି ପୁଣ୍ୟ ଅମୃତ,
ନିରେଖି ନିରେଖି ମୋର ନେତ୍ର ହୁଏ ପୂତ,
ନିରେଖି ସତତ ତୋର ଦିବ୍ୟ ଶୋଭାରାଶି
ନୟନ ମୋହର ଜଳେ ଯାଉଛି ତ ଭାସି ।"

"କମଳ ପ୍ରତି" ରେ ପଦ୍ମର ଏହିଭଳି ସୌନ୍ଦର୍ଯ୍ୟ ସଂଦର୍ଶନରେ ଅଭିଭୂତ ହୋଇ କବି ତା' ଭିତରେ ଈଶ୍ୱରଙ୍କ ସହାବସ୍ଥାନକୁ ସ୍ୱୀକାର କରିବାକୁ ପଛାଇ ନାହାନ୍ତି । ଏହିପରି "ଦ୍ୱୈତ ଓ ଅଦ୍ୱୈତର ନିର୍ଦ୍ୱନ୍ଦ୍ୱ ସହାବସ୍ଥାନ ସୂତ୍ରରେ ପ୍ରକୃତି ଈଶ୍ୱରଙ୍କର ପ୍ରକାଶିତ ରୂପ-ଏଇ ଉପନିଷଦୀୟ ଭାବମାନସର ପ୍ରତିଫଳନ" ଏହି କବିତାରୁ ମିଳେ :

"ଆରେ ପଦ୍ମଫୁଲ,
ପ୍ରେମ ଆଶେ ମୋର ହୃଦ କିପାଇଁ ଆକୁଳ ।"

ଏହି ଅକୁଳତାର ସମାଧାନ କବି ପଦ୍ମ ନିକଟରେ ଖୋଜିବାର ପ୍ରୟାସ କରିଛନ୍ତି । ପଦ୍ମର ସୌନ୍ଦର୍ଯ୍ୟ ନିକଟରେ ସେ ନିଜକୁ କ୍ଷୁଦ୍ର ବୋଲି ସ୍ୱୀକାର କରିଛନ୍ତି । ପଦ୍ମ ସୂର୍ଯ୍ୟଙ୍କୁ ଏକ ଲୟରେ ଚାହିଁଥିବା ସତ୍ତ୍ୱେ କବି ଯେ ସଂସାର ଜଂଜାଳରେ ରହି ଆକୁଳ ହୋଇ ଉଠୁଛନ୍ତି ତା'ର ସ୍ୱୀକାର୍ଯ୍ୟ ହେଉଛି ଏହି ପଦ୍ମ:

"ଅନ୍ଧ ମୁହିଁ ଜ୍ଞାନହୀନ, ତା ଜ୍ଞାନରେ ଜ୍ଞାନୀ
ଅନ୍ତରେ ଶୁଣୁଛି ସଦା ତାର ପ୍ରେମବାଣୀ,
ତା ସଙ୍ଗେ ଆଉରେ ମମ ରବି ପଦ୍ମ ସମାଗମ
ସାର୍ଥକ ମୋହର ପ୍ରେମ ସାର୍ଥକ ମୋ ଜୀବ,
ତହିଁର ଉପମା ଆହା ତୁହିରେ ରାଜୀବ ।"

"ତାରା ପ୍ରତି" ରେ ସେହିଭଳି କବି ତାରାର ସୌନ୍ଦର୍ଯ୍ୟମୟ ଅବସ୍ଥିତ ଓ ବିସ୍ତୃତ କଳ୍ପନା କରି ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି :

"ଅନନ୍ତ ବିସ୍ତୃତ ନୀଳାକାଶ ତଳେ
ହସୁ ତହୁ କ୍ଷୁଦ୍ର ତାରା
ଶାନ୍ତି ମୁଁ ମାନବ ବହେ ତୋ ପରାଣେ
ଅନନ୍ତ ଭାବନା ଧାରା ।"

କବି ତାରାକୁ ପ୍ରଶ୍ନ କରିଛନ୍ତି  ମୁଁ କେଉଁଠୁ ଆସିଛି ତୁ କହିପାରିବୁ କି ? ଏହି ଅନ୍ୱେଷା ଉପନୀଷଦୀୟ ଅନ୍ୱେଷା । ପ୍ରକୃତିପ୍ରାଣ ଜଣେ କବି ହିଁ ଏଭଳି ପ୍ରଶ୍ନ କରିପାରେ । ଜୀବନର ସ୍ଥିତି ଓ କ୍ରିୟା ପ୍ରତିକ୍ରିୟା ଭିତରେ କୁନ୍ତଳା କୁମାରୀ ଶଂକିତା । ତଥାପି ସେ ଆଶା ନେଇ ବଞ୍ଚିଛନ୍ତି । "ତାରା ପ୍ରତି" ରେ ତା'ର ଶାଣିତ ଆଭାସ ମିଳେ :

"ଆଜି ସେହି ନିତ୍ୟ ସତ୍ୟ ପୁଣ୍ୟମୟ
ଦେବେ ପଦ ତଳେ ଅଭୟ ଆଶ୍ରୟ
ପଦଛାୟା ଲାଗି ସିନା
ବିଜନ ଏ ମରୁ ପ୍ରାନ୍ତରେ ବୁଲୁଛି
ଗତି ନାହିଁ ତାହା ବିନା ।"

ସେହି ସତ୍ୟ ପୁଣ୍ୟମୟ ସତ୍ତା ହିଁ ମଣିଷର ଲକ୍ଷ୍ୟ । ସେ ହିଁ ମଣିଷର ଅଭୟ ଆଶ୍ରୟ । "ଦୂର ଗଗନକୁ ଚାହିଁ ତାରା ଶୁଭ୍ରତାରେ କବି ପ୍ରାଣରେ ଭାବନା ଜାଗ୍ରତ ହୋଇଛି । ଅନନ୍ତ ଆକାଶରେ ତୁ ରହି ହସି ହସି ଦେଖା ଦେଉ । ନିଜର କ୍ଷୁଦ୍ର ସୃଷ୍ଟିରେ ସଂସାରରେ ଜନ୍ମ ନେଇ ତୋ ରୂପରେ ମୋର ଆତ୍ମା ଆନନ୍ଦରେ ଆପ୍ଲୁତ ହୁଏ । କ୍ଷଣକେ ଦେଖା ନେଇ ଲୁଚି ଯାଉ, ତା ସହ ଅଲକ୍ଷ୍ୟରେ କଥାହୁଏ ସତ, କିନ୍ତୁ ଧରିବାକୁ ଯାଇ ନ ପାଇ କାନ୍ଦି ଝୁରିମରେ । ସେଇ ଅନନ୍ତ ସୃଷ୍ଟିକର୍ତ୍ତାଙ୍କ ସଷ୍ଟିର ଅଭେଦ ରହସ୍ୟ ବୁଝିନପାରି ପ୍ରାଣ ବିଳପି ଉଠିଛି ।" ସେଥିପାଇଁ କବି କହିଛନ୍ତି :

"ପାରେ ନାହିଁ ବୁଝି ସେ ଅବ୍ୟକ୍ତ ଭାଷା
ତଥାପି ପ୍ରାଣରେ ଆକୁଳ ପିପାସା
ଘେନି ମରୁପଥେ ଧାଏଁ ମୁହିଁ ପାନ୍ଥ,
ମରୀଚିକା ଦେଖି କ୍ଷଣେ କ୍ଷଣେ ଭ୍ରାନ୍ତ
କିପାଁ ସେ ଭୁଲାଏ, କିପାଁ ସେ ପଳାଏ
ସେହି ଜଣେ କିପାଁ ହସାଏ କନ୍ଦାଏ,
କ୍ଷଣେ ଦେଇ ହୃଦେ ଦେଖା,
ଲୁଚିଯାଏ କେଉଁ ଅଦୃଶ୍ୟ ଆକାଶେ
ହୃଦେ ରଖି ପଦରେଖା ।"

ଏହି ଅବୁଝାପଣ ହିଁ ରହସ୍ୟ । ଅସଂଖ୍ୟ ଭାବରାଜିରେ ବ୍ୟାକୁଳିତ କବିପ୍ରାଣ ଏହି ରହସ୍ୟର ହେତୁ ନିକଟରେ ଆତ୍ମ ନୈବେଦ୍ୟ ଅର୍ପଣ କରିବାର ପ୍ରୟାସ କରିଛନ୍ତି । ପ୍ରକୃତିର ଏହି ଅଭିନବ ତାରା କବିଙ୍କ ମନ ପ୍ରାଣରେ ରହସ୍ୟର ଏକ ନୂତନ ଦିଗ ଉନ୍ମୋଚିତ କରିଛି । ତାରା ଭଳି ସେ ମଧ୍ୟ ବିଶ୍ୱ ଜନତାଙ୍କ ସେବାରେ ନିଜକୁ ନିୟୋଜିତ କରି ରଖିବାର ପଣ କରୁଛନ୍ତି :

"ହେଉ ବିଶ୍ୱସେବା ମୋ ଜୀବନ ବ୍ରତ,
ଆସୁବାଧା, ଆସୁ ଦୁଃଖ ଶତ ଶତ,
ନହୁଏ ଯେହ୍ନେ ମୁଁ କ୍ଷଣକେ ନିରାଶ
ହେଉ କର୍ମଲକ୍ଷ୍ୟ ବିଭୁପଦେ ଆଶ,
କର୍ତ୍ତବ୍ୟ ସତତ କର୍ତ୍ତବ୍ୟ ରଚିତ
କଲି ତରା, ଆଜି ଜୀବନେ ନିହିତ
ତାରା ସମ ସଜାଇଲୁ ଆଶାଜ୍ୟୋତି
ମାଗୁଣି ମୋ ବିଭୁପାଶେ ।"

"ଉଚ୍ଛ୍ୱାସ" ର ପ୍ରକୃତି ବର୍ଣ୍ଣନା ଓ ତା'ରି ଛଳରେ ବିଭୂପ୍ରୀତି ଏହି କବିତା ପୁସ୍ତକକୁ ଏକ ମହାନ୍ ସଂକଳନର ଆଖ୍ୟା ଦେବାର ସାମର୍ଥ୍ୟ ପ୍ରଦାନ କରିଛି । ଏହି କବିତା ପୁସ୍ତକର "ନିଃସର୍ଗ ଭାବନାତ୍ମକ

କବିତାଗୁଡିକ କବିଙ୍କ ଆଧ୍ୟାତ୍ମିକ ଅନୁଭାବନାର ସାକ୍ଷୀ । ସଚରାଚର ପ୍ରେମ ଲୌକିକ ହେଉ ବା ଅଲୌକିକ, ତାର ଅଭିବ୍ୟକ୍ତି କିନ୍ତୁ ଲୌକିକ ପ୍ରତୀକ ସଂଯୋଜନାରେ । ସେ ପ୍ରତୀକ ପ୍ରକୃତିରୁ ହିଁ ଆହରିତ । ଶେଫାଳୀ, ତାରା, ଚନ୍ଦ୍ର କମଳ ପଭୃତି ପ୍ରାକୃତିକ ବସ୍ତୁମାନ କବିଙ୍କ ଅନ୍ତରରେ ନିଖିଳ ସୃଷ୍ଟି ଓ ଶାଶ୍ୱତ ସ୍ରଷ୍ଟାଙ୍କ ପ୍ରତି ରହସ୍ୟମୟ ଆବେଗ ଓ ଅନୁରାଗ ସୃଷ୍ଟିକରିଛି । ଏଗୁଡିକ ବିରହର ଉଦ୍ଦୀପନ- କବିତା ରୂପେ ନିର୍ଯ୍ୟାସିତ । ଏହି କବିତାରେ ରହସ୍ୟବାଦୀ ଲିଖନର ସ୍ୱରୂପ ଦ୍ୱିବିଧ - (୧) ଆତ୍ମା ପରମାତ୍ମା ସଂପର୍କରେ ମେଟାଫିଜିକାଲ ଅଭିବ୍ୟକ୍ତି ଓ (୨) ନିଜର ଅନ୍ତର୍ବେଦନାର ବିଶ୍ୱଚେତନା ସହ ସମ୍ମିଳ ସଂଯୋଗ ।”

ନାରୀକବି କୁନ୍ତଳା କୁମାରୀଙ୍କ ପରବର୍ତ୍ତୀ କବିତା ସଂକଳନ ହେଉଛି “ଅର୍ଚ୍ଚନା” । ଏହା ୧୯୨୭ ମସିହାରେ ପ୍ରକାଶ ଲାଭ କରିଥିଲା । ଏହି ସଙ୍କଳନରେ କବି କୌଣସି ନିର୍ଦ୍ଦିଷ୍ଟ ଭାବଧାରା ସଂବଳିତ କବିତାଗୁଡିକୁ ଏକତ୍ରିତ କରିନାହାନ୍ତି । କେତେକ କବିତାରେ କବିଙ୍କ ନିଜସ୍ୱ ବ୍ୟକ୍ତିଗତ ଜୀବନର ପ୍ରେମ ଓ ବିରହଭାବକୁ ଦେଖିହେଲା ବେଳେ କେତେକ କବିତାରେ ମାତୃଭୂମି ତଥା ଜାତିର ବଂଦନାକୁ ଅନୁଭବ କରିହୁଏ । ଅନେକତ୍ର ଭକ୍ତିଭାବର ନିଦର୍ଶନ ମଧ୍ୟ ମିଳେ ।

“ଅର୍ଚ୍ଚନା” ସଂକଳନର ପ୍ରାରମ୍ଭରେ ନିରାଶା ଜର୍ଜରିତ ଜଣେ କବିଙ୍କୁ ପଢ଼ିହୁଏ । ତେବେ ଅନୁରୂପ ଭାବେ ସବୁ ଦୁଃଖ ଯନ୍ତ୍ରଣା ତଥା ନିରାଶା ସତ୍ତ୍ୱେ ନିଜ କର୍ତ୍ତବ୍ୟରେ ଅଗ୍ରସର ହେବାପାଇଁ କବି ବିଶ୍ୱପିତାଙ୍କ କରୁଣା ଆଶା କରିଛନ୍ତି । ସେହିପରି ସେ କବିବର ରାଧାନାଥଙ୍କ ଗୁଣଗାନ ମଧ୍ୟ କରିଛନ୍ତି । କବିବର ରାଧାନାଥ ସେ ସମୟରେ ଶ୍ରେଷ୍ଠ କବି ରୂପେ ବିବେଚିତ ହେଉଥିଲେ । ସେ ମଧ୍ୟ ଓଡିଶାର ନଦନଦୀ ଓ କାନନ ପ୍ରକୃତିର ଜଣେ ଉଲ୍ଲେଖନୀୟ ରୂପକାର । କୁନ୍ତଳା କୁମାରୀଙ୍କ ଉପରେ ତାଙ୍କର ପ୍ରଭାବକୁ ମଧ ଅସ୍ୱୀକାର କରିହେବ ନାହିଁ । କେତେକ ସମାଲୋଚକଙ୍କ ମତରେ, ତେଣୁ “ଅର୍ଚ୍ଚନା” ରେ କବି କୁନ୍ତଳା କୁମାରୀଙ୍କ ରାଧାନାଥଙ୍କ ଗୁଣ ବର୍ଣ୍ଣନା ଯଥାର୍ଥ ମନେହୁଏ ।

“ଅର୍ଚ୍ଚନା” ର କବିତା ଗୁଡିକ ଲେଖାହେବା ସମୟରେ ଭାରତୀୟ ମୁକ୍ତି ସଂଗ୍ରାମ ଏକ ଉଲ୍ଲେଖନୀୟ ପର୍ଯ୍ୟାୟରେ ପହଞ୍ଚିଥିଲା । ଦେଶ ତଥା ଜାତିର ଅତୀତ ଗୌରବର ସ୍ମୃତି ଚାରମ କରି ଓଡିଶାର ଦୁସ୍ଥ ଚିତ୍ର ତଥା ଅତୀତ ଉତ୍କଳର ଗାରିମାମୟ ଅଧ୍ୟାୟ-ଉଭୟ କବିତା ଗୁଡିକରେ ସ୍ୱତଃପ୍ରବୃତ୍ତ ଭାବେ ଓହ୍ଲାଇ ଆସିଥିଲା । ସେହି ଘଡିସଂଧି ମୁହୂର୍ତ୍ତରେ ଲେଖନୀ ଚାଳନା କରୁଥିବା କୁମାରୀ ବା ସେଥିରୁ ବାଦ୍ ଯାଇଥାନ୍ତେ କିପରି ? ତତ୍‌କାଳୀନ ଓଡିଶାର ଦୈନ୍ୟ ଓ ଦାରିଦ୍ର୍ୟ, ଶଙ୍କା ଓ ସଂଶୟ, ଦ୍ୱନ୍ଦ୍ୱ ଓ ଦୁଃଖକୁ କବି “ଅର୍ଚ୍ଚନା” ସ୍ଥାନୀତ କରିଛନ୍ତି । ଏଥିସହିତ ମଧ୍ୟ ଓଡିଶାର ପ୍ରକୃତ ଓ ଅତୀତ ଉତ୍କଳର ଶୌର୍ଯ୍ୟଗାଥା ବର୍ଣ୍ଣନା କରିବାକୁ ଭୁଲିନାହାନ୍ତି ।

“ନବବର୍ଷ” ଶୀର୍ଷକର କବିତାରେ କବି ଓଡିଶାର ଦୈନ୍ୟକୁ ଦର୍ଶାଇଛନ୍ତି । ନବବର୍ଷ ହର୍ଷ ଉଲ୍ଲାସ ନେଇ ଅନ୍ୟମାନଙ୍କ ପାଇଁ ଅସୁଥିବା ବେଳେ ଅର୍ଦ୍ଧାହାର ଓ ଛିନ୍ନ ବାସନାର ବାର୍ତ୍ତା ନେଇ ଯେମିତି ଓଡିଶାକୁ ଆସୁଛି । ବିଷାଦ ଓ କନ୍ଦନର ସେହି ଚିତ୍ର ହିଁ ତୋଳି ଧରିଛନ୍ତି ଆମ ସାମ୍ନାରେ :

"କାହିଁ ହରଷ, ହିଲ୍ଲୋଳ ସୁହାସ ଲହରେ,
କାହିଁ ଅର୍ଦ୍ଧ ଅନଶନେ ଛିନ୍ନ ବସନରେ
କାହିଁ ଉତ୍ସବ ଆମୋଦ ମଧୁର ବାଜଣା
କାହିଁ ଗଭୀର ବିଷାଦ କରୁଣ କାନ୍ଦଣା ।"

ଓଡିଶାର ଏହି ଦୁର୍ଦ୍ଦିନରେ ଯେ' ଓଡିଆ ଜାତି ମନରେ ପ୍ରାଣରେ ଆଶାର ଉଦ୍‌ବେଳନ ଘଟାଇବାକୁ ପଡିବ, ତାକୁ ସବୁବେଳେ ମନେ ରଖିଥିଲେ କୁନ୍ତଳା କୁମାରୀ । "ଉତ୍କଳ ବଂଦନା" କବିତାରେ ଓଡିଶାର ନଦନଦୀ, କାନନ, ପର୍ବତ, ତୀର୍ଥକ୍ଷେତ୍ର ରାଜାରାଣୀ, ପଶୁପକ୍ଷୀ, କୀଟପତଙ୍ଗ ଏହିପରି ଭାବରେ ସ୍ଥାନ ପାଇଛନ୍ତି:

"କାନନ ଫୁଲ ପ୍ରସୂନାଞ୍ଜଳି
ପୂର୍ଣ୍ଣ ପକ୍ଷୀ କଳ କାକଳି,
ରତ୍ନ ଜ୍ୟୋତି ଉଜ୍ଜଳାନନୀ,
ଚୁଆ ଚନ୍ଦନ କର୍ପୁର ମୃଗମଦ ମୋହିନୀ ।"

ଉତ୍କଳ ଜନନୀକୁ ଏଭଳି ଭାବରେ ପ୍ରଣାମ ଜଣାଇ ସେ ଉତ୍କଳ ଶୌର୍ଯ୍ୟ ବୀର୍ଯ୍ୟ ପ୍ରସଂଗ ଉତ୍‌ଥାପିତ କରିଛନ୍ତି । ଉତ୍କଳର ଯଶଗାନ ପରିପ୍ରେକ୍ଷୀରେ ତେଣୁ ତାଙ୍କ ଲେଖନୀରୁ ଝରିଆସିଛି:

"ଅନଙ୍ଗ, ଯଯାତି, ଐର ଜନନୀ
ବୀର ରୁଧିର ସିକ୍ତ ଅବନୀ,
ବିଦ୍ୟା ଧର୍ମ ମୋକ୍ଷ ମେଦିନୀ,
ଶୂଦ୍ର ବ୍ରାହ୍ମଣେ ସାମ୍ୟ ବାଦିନୀ,
ଜାତି ଭେଦ-ବଂଧ ରଂଜନୀ,
ନିଖିଳ ଭାରତ ଭକତ- ଚରଣ ରେଣୁ ରଂଜନୀ ।"

ଉତ୍କଳ ଯଶକୀର୍ତ୍ତିମୟୀ ଅନଙ୍ଗ, ଯଯାତି, ଖାରବେଳ ଆଦି ବୀର ସଂତାନଗଣଙ୍କ ମାଆ ଓଡିଶାର ତତ୍‌କାଳୀନ ଅବସ୍ଥାରେ କବିପ୍ରାଣ ବିଳପି ଉଠିବା ସ୍ୱାଭାବିକ:

"ଆସ ଭାଇଭଗ୍ନୀ ହୋଇ ଏକ ପ୍ରାଣ
ଭୁଲି ହିନ୍ଦୁ ଜୈନ ବୌଦ୍ଧ ମୁସଲମାନ,
ଭାରତ ସଂତାନ ନୋହୁ ଭିନ୍ନ ଭିନ୍ନ
ମାଆ ଦୁଃଖିନୀ ତବ ଏକରେ ।"

(ବନ୍ଦୀ ମାତା ପୟରେ, ଅର୍ଚ୍ଚନା)

"ଅର୍ଚ୍ଚନା" ର ମୁଖବନ୍ଧ ଲେଖିଥିଲେ କଲିକତା ବିଶ୍ୱବିଦ୍ୟାଳୟର ପ୍ରଫେସର ବିଜୟ ଚନ୍ଦ୍ର ମଜୁମଦାର । ଏହି ସଂକଳନରେ ମଧ୍ୟ କବି ପ୍ରେମ ପ୍ରଣୟ ଭାବକୁ ପ୍ରକାଶ କରିଛନ୍ତି । ଏହି ଭାବ କେବେ ସତ୍ତା ନିକଟରେ ସମର୍ପିତା ତ କେବେ ସତ୍ତାହୀନ ଈଶ୍ୱରଙ୍କ ନିକଟରେ :

"ମରି ମୁଁ ଜୀଇଁବି ତୋ ପ୍ରେମଲାଗି
ପାଇବି ସରବ ସରବ ତ୍ୟାଗି,
ହଜିବ ଯା, ମୋର ହଜିବ ଯା' ତୋର,
ପୂରଣ କରିବୁ ହେ ଜଗତ ରାଣ ।" (ଦୁର୍ବାଦଳ, ଅର୍ଚ୍ଚନା)

କୁନ୍ତଳାକୁମାରୀଙ୍କ "ସ୍ଫୁଲିଙ୍ଗ" କବିତା ସଂକଳନ ପ୍ରକାଶିତ ହୋଇଥିଲା ୧୯୨୯ ମସିହାରେ । କବିଙ୍କ ଦେଶ ଓ ଜାତି ପ୍ରେମର ସ୍ୱାକ୍ଷର ବହନ କରେ କବିତା ସଂକଳନଟି । ପରାଧୀନ ଭାରତବର୍ଷରେ ସୁପ୍ତ ଓଡିଆ ପ୍ରାଣକୁ ଜାଗ୍ରତ କରିବା ଉଦ୍ଦେଶ୍ୟରେ କବି ଅନେକ କବିତା ସେ ସମୟରେ ଲେଖିଥିଲେ । କବିତାଗୁଡିକ ମଧ୍ୟ ଆହ୍ୱାନଧର୍ମୀ । ଦେଶ ଓ ଜାତିର ଦୁର୍ଦ୍ଦିନମୟ ପରିସ୍ଥିତିରେ ଓଡିଆ ତଥା ଭାରତୀୟମାନେ ଏକତ୍ରିତ ହୋଇ ଦେଶସେବାରେ ବ୍ରତୀ ହେବା ହିଁ ଥିଲା ତାଙ୍କର ଆହ୍ୱାନ । ଏହି ଆହ୍ୱାନର ଗୁରୁ ଗମ୍ଭୀର ସ୍ୱର, ତା'ର ଭାବ ଓ ଭାଷା ଆଜି ମଧ୍ୟ ପ୍ରାଣତନ୍ତ୍ରୀକୁ ଥରାଇ ଦେବାର ସାମର୍ଥ୍ୟ ରଖେ । କୁନ୍ତଳା କୁମାରୀ ପରିସ୍ଥିତି ଅନୁଯାୟୀ ଦେଶପ୍ରୀତିମୂଳକ କବିତା ଲେଖିବା ସତ୍ତ୍ୱେ ତାଙ୍କ କବି ଜୀବନର ପ୍ରାରମ୍ଭ କାଳରୁ ସେ ଦେଶ ତଥା ଜାତିକୁ ପ୍ରାଣ ଭରି ଭଲ ପାଉଥିଲେ । ଭାରତୀୟ ଜାତୀୟ ସଂଗ୍ରାମ କବିଙ୍କ ଏହି ମନୋଭୂମିକୁ ଆହୁରି ଶକ୍ତ ଓ ଉତ୍ତେଜିତ କରିଥିଲା । ସେ ସମୟରେ ଅନ୍ୟାନ୍ୟ କବିମାନଙ୍କ ଦେଶପ୍ରୀତିମୂଳକ କବିତାଗୁଡିକ ଠାରୁ ତାଙ୍କ କବିତା କୌଣସି ଗୁଣରେ କମ୍ ନଥିଲା ଓ ତା'ର ସମୁଜ୍ଜ୍ୱଳ ପ୍ରମାଣ ହେଉଛି "ସ୍ଫୁଲିଙ୍ଗ" ।

"ସ୍ଫୁଲିଙ୍ଗ" ରେ କବି ଯୁଗ ଯୁଗ ଧରି ଭାଗ୍ୟ ଉପରେ ବିଶ୍ୱାସ ଓ ଭରସା କରି ଅସିଥିବା ଓଡିଆମାନଙ୍କୁ କର୍ମ ପ୍ରବଣ ହେବାର ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ଯେ, ଏ ଜାତିର ଭାଗ୍ୟରେ ଅନନ୍ତ ମରଣ ଲେଖା ହୋଇନାହିଁ । ଓଡିଶାର ଦେଢ଼ କୋଟି ଆତ୍ମା ନିଶ୍ଚୟ ଉଠିବେ ଓ ଅମୃତ ପଥର ହେବେ । ସେହି ଅମୃତ ପଥ ହେଉଛି ଦେଶ ଜନନୀକୁ ଶୃଙ୍ଖଳ ମୁକ୍ତ କରିବାର ପଥ :

"ଅନନ୍ତ ମରଣ ଏ ଜାତି କପାଳେ
ଲେଖିନାହିଁ ବିଶ୍ୱଧାତ୍ରୀ
ଉଠିବେ ଉଠିବେ ଦେଢ଼ କୋଟି ଆତ୍ମା
ଅମୃତ ପଥର ଯାତ୍ରୀ ।" (ତରୁଣର ଆବାହନ)

"ସ୍ଫୁଲିଙ୍ଗ" ର ଉତ୍ସର୍ଗପତ୍ରରେ କବି ସ୍ଫୁଲିଙ୍ଗ ବା ଅଗ୍ନିକଣାକୁ ସଂବୋଧନ କରି କହିଛନ୍ତି ଯେ, ତମେସବୁ ଯାଅ ଓ ଜୀବନରେ ଅନନ୍ତ ଅଗ୍ନି-ପ୍ରେରଣା ଭରିଦେଇ ଆସ । ଏଥିସହିତ ହଜାର ହଜାର ପ୍ରାଣରେ ଦେଶପ୍ରେମୀ ଦୀପ ଜାଳିଦିଅ ।

"ଯାଅ ତେବେ ଗୋ ସ୍ଫୁଲିଙ୍ଗ କ୍ଷୁଦ୍ର ଅଗ୍ନିକଣା
ଆଣ ଜୀବନେ ଅନନ୍ତ ଅନଳ-ପ୍ରେରଣା
ବହୁ ପଛେ ଝଞ୍ଜା ଘନ, ଭୀମ ପ୍ରଭଞ୍ଜନ

ନଳିଭୁ, ତୋହର ଦୀପ୍ତ ହାସିତ ଆନନ
ଢ଼ାଳ ପ୍ରତି ପ୍ରାଣେ ପୁଣ୍ୟ ଦେଶପ୍ରେମ-ଦୀପ
ଏତିକି ଆଶିଷ ହେଉ ଏ ବିଶ୍ୱ-ଅଧିପ ।"

ଓଡିଆ ଜାତୀୟତାର ଜୟଗାନ କରି "ସ୍ଫୁଲିଙ୍ଗ" ରେ କବି ସେହି ସମୟର ଓଡିଶାର ଦୁର୍ଦ୍ଦିନ ପ୍ରତି ଦୁଃଖ ମନେ ହୋଇଥିଲେ ହେଁ ସେ ଆଶା ହରାଇ ନାହାନ୍ତି । ତାଙ୍କ ମତରେ ଏହି ସବୁ ସୁନାଝରା ଦିନର ଯେ ଅନ୍ତ ହୋଇନାହିଁ । ସେହି ଆଶା ସେ ଅବଶ୍ୟ ରଖିଛନ୍ତି । ଓଡିଶାର ଭୌଗୋଳିକ ଅବସ୍ଥିତ ଓ ପ୍ରକୃତିର ବର୍ଣ୍ଣନା ଓ ବ୍ୟଂଜନା ସହ ସେ ସୁପ୍ତ ପ୍ରାଣକୁ ଜାଗ୍ରତ କରିବାର ମାଧ୍ୟମ ରୂପେ ଅତୀତର ସ୍ମୃତିଚାରଣକୁ ଅବଲମ୍ବନ କରି କହିଛନ୍ତି :

"ଅନଙ୍ଗ ଯଯାତି ଆସିବେ ତ ଫେରି
ବାଜିବ ଓଡିଆ ଜନ ତୁରୀ ଭେରୀ
ଜାଣିଅଛି ଆଜି ତରୁଣ କେଶରୀ
ନୀଳଚଳ ପୂଣ୍ୟ ଚୂଳେ
ବଂଦନା ଗୀତି ଗାଇଅଛି ଜଳତରଙ୍ଗ
ସାଗତ କୂଳେ । "(ତରୁଣର ଆବାହନ)

ଇଂରେଜମାନେ ଏ ଦେଶକୁ ବ୍ୟବସାୟ କରିବାକୁ ଆସିଥିଲେ । ସେମାନଙ୍କୁ ବରଣ କରିଆଣିଥିଲୁ ଆମେ ଓ କାଳକ୍ରମେ ସେମାନଙ୍କ ହାତରେ ଆମ ଶାସନ ଡୋରି ଧରାଇ ଦେଇଥିଲୁ । ଆମେ ପାଲଟି ଯାଇଥିଲୁ ସେମାନଙ୍କ ଶଆସିତ ଓ ସେମାନେ ପାଲଟି ଯାଇଥିଲେ ଆମର ଶାସକ । ସେମାନଙ୍କ ପଦଲେହନ କରିବା କବିଙ୍କ ଦୃଷ୍ଟିରେ ଲଜ୍ଜାକର । ଏହିପରି ଲୋକହସା ପରିସ୍ଥିତିରେ ସମସ୍ତେ ଏକଜୁଟ୍ ହୋଇ ଶାସକ-ଶତ୍ରୁକୁ ବିତାଡିତ କରିବା ପାଇଁ କବି ପ୍ରତ୍ୟକ୍ଷ ଭାବରେ ଆହ୍ୱାନ ଦେଇଛନ୍ତି:

"ବାଟ ବିଦେଶୀକୁ ରଣ କରିଣ
ଜଗତରେ ଲୋକହସା
ଆମରି କରମ ଆମକୁ ଘାରୁଛି
କେ ଫେଡିବ ଆମ ଦଶା ।" (ଭାରତ ମାତା)

ଧର୍ମଯୁଦ୍ଧର ସେହି ସନ୍ଧିକ୍ଷଣରେ ଏକତା ପାଇଁ ଦେଶବାସୀଙ୍କୁ ଆହ୍ୱାନ ମଧ୍ୟ ଦେବାର ଉପକ୍ରମ କରିଛନ୍ତି କୁନ୍ତଳା କୁମାରୀ । ଜାତି, ଧର୍ମ ଓ ସଂପ୍ରଦାୟର ନିଗଡରୁ ବାହାରି ଆସି ସବୁ ପ୍ରକାର ବିଦ୍ୱେଷ ଭାଙ୍ଗି ଜାତୀୟ କର୍ମଯଜ୍ଞରେ ଏକାଠି ହେବାକୁ କବିତାରେ ପ୍ରେରଣାର ଝଙ୍କାର ତୋଳିଛନ୍ତି । ବିଶେଷତଃ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଥିବା ବିଦ୍ୱେଷଭାବର ମୂଳୋତ୍ପାଟନ ପାଇଁ ସେ ବଜ୍ରନିର୍ଘୋଷ ବାଣୀ ଶୁଣାଇଛନ୍ତି । ସେ କହିଛନ୍ତି:

"ପବିତ୍ର ମାତାର ଏ ଅଧମ ସୁତେ
କହ କହ କାହୁଁ ପାଇଲୁ ?

ଗୌରବ ବିଭବ ସବୁତ ତୋହରି
ଆମ୍ଭରି ହାତରେ ପାଇଲୁ ।
କିମ୍ବା ନ ଦେଲୁ ସେ ନୀର ଏକ ବିନ୍ଦୁ
କେ ଧୋଇବ କହ ଏ କଳଙ୍କ କାଳି ?
ବିନା ଆମେ ରକ୍ତ ନଦେଲେ ମା ଢ଼ାଳି ।
କେବେ ଲଭି ଜ୍ଞାନ
ତୋହରି ସନ୍ତାନ
ଏକ ହେବେ ପ୍ରେମ ଭେଦାଭେଦ ହୁଡି
ରକ୍ତ ଧାରେ ନୁହେଁ, ଭକ୍ତିଭାବେ ବୁଡି ।" (ଭାରତମାତା)

ବିଦ୍ୱେଷ ଭୁଲି, ନିଜ କୃତକର୍ମ ପାଇଁ ଝୁରି ନହୋଇ ଏକତାର ସୂତ୍ରରେ ଆବଦ୍ଧ ହେବାର ମାର୍ଗ ଦେଖାଇଛନ୍ତି କବି । ତାଙ୍କ ମତରେ ମଣିଷ ଝୁରି ମରିବାକୁ ବା ବୁଡି ମରିବାକୁ ଜନ୍ମ ହୋଇନାହଁ । ନିଜ ହୃଦୟରୁ ତେଣୁ ନୀଚ ମନୋଭାବ ପରିତ୍ୟାଗ କରି ଦମ୍ଭିଲା ଛାତିରେ ଦେଶ ମାତୃକାର ସେବା ବ୍ରତୀ ହେବା ଶ୍ରେୟସ୍କର:

"ଶୁଣ ହେ ମଣିଷ ଭାଇ,
ଝୁରି ମରିବାକୁ, ବୁଡି ମରିବାକୁ
ମଣିଷ ଜନମି ନାହିଁ ।" (ମଣିଷ ଭାଇ)

ଏହିପରି ଭାବରେ "ସ୍ଫୁଲିଙ୍ଗ" ର "ବିଷାଦିତର ବିଶ୍ୱାସ" କବିତାରେ କବି କହିଛନ୍ତି ମଣିଷ ପାଇଁ ଦୁଃଖ ବା ସୁଖ ଚିରସ୍ଥାୟୀ ନୁହେଁ । ଦୁଃଖ ପରେ ସୁଖର ଆଗମନ ସବୁବେଳେ ଘଟିଥାଏ । ସେ ଆଶା ପ୍ରକାଶ କରିଛନ୍ତି, ଦେଶ ଜାତି ପରାଧୀନତାର ଶୃଂଖଳରୁ ମୁକ୍ତ ହେବା ସହ ପୃଥିବୀ ଫୁଲ ଫଳ ପୂର୍ଣ୍ଣ ହେବ । ଅଂଧକାର ଦୂରେଇ ଯିବାସହ କୋଟି କୋଟି ମଣିଷ କଣ୍ଠରୁ ପ୍ରତିଧ୍ୱନିତ ହେବ 'ବନ୍ଦେ ମାତରଂ' ମହାଧ୍ୱନି କବିଙ୍କ ଏହି ବ୍ୟାକୁଳତା 'ଅଭିଶପ୍ତର ଅଭିମାନ' କବିତାରେ ମଧ୍ୟ ପାଇହୁଏ ।

କବିଙ୍କ ପରବର୍ତ୍ତୀ କବିତା ସଙ୍କଳନ "ଆହ୍ୱାନ" ପ୍ରକାଶିତ ହୁଏ ୧୯୩୦ ମସିହାରେ । ଏହି ସଙ୍କଳନର କବିତାବଳୀରେ ଜଣେ ଉଗ୍ରଜାତୀୟତାବାଦୀ କବିଙ୍କ ସଂଧାନ ପାଇହୁଏ । "ସ୍ଫୁଲିଙ୍ଗ"ର ଉତ୍ତରଣ ପର୍ଯ୍ୟାୟ ଭାବେ "ଆହ୍ୱାନ" କୁ ତେଣୁ ନିଆଯାଇପାରେ । ଚେତାବନୀ ଓ ଆହ୍ୱାନଧର୍ମୀ କେତେକ ମନୋଜ୍ଞ କବିତାର ସମାହାର "ଆହ୍ୱାନ" ରେ କବି କୁନ୍ତଳା କୁମାରୀ ଦେଶବାସୀଙ୍କୁ ଦେଶସେବା ଦିଗରେ ଜାଗ୍ରତ କରିବା ପାଇଁ ଶତ ଚେଷ୍ଟା କରିଥିବାର ଅନୁମିତ ହୁଏ । ଏହି ଦେଶଭକ୍ତି ପୁଣି ନିଃସ୍ୱାର୍ଥପର । ଦେଶର ସ୍ୱାଧୀନତା ଯଜ୍ଞରେ ନିଜ ନିଜ ବ୍ୟକ୍ତିଗତ ସ୍ୱାର୍ଥକୁ ବଳିଦେଇ ଏକଯୁଟ ହେବା ଉଦ୍ଦେଶ୍ୟରେ କବି ଆହ୍ୱାନ ଦେଇ "ଶୀର୍ଷକ" କବିତାରେ କହିଛନ୍ତି :

"ଗାନ୍ଧୀ ଯୋଗୀ ବୀର ତୁମର ଅଗ୍ରଣୀ
ଶିବ ସ୍ମରି ଉଠ ତରୁଣ ତରୁଣୀ ।"

ଏହି ସମୟରେ ଭାରତୀୟ ସ୍ୱାଧୀନତା ସଂଗ୍ରାମ ତା'ର ନୂତନ ରୂପ ପରିଗ୍ରହଣ କରୁଥିଲା । ଭାରତୀୟ ରାଜନୀତିରେ ମହାତ୍ମା ଗାନ୍ଧୀଙ୍କ ପୂର୍ଣ୍ଣ ଆବିର୍ଭାବ ଘଟିଥିଲା । ତାଙ୍କ ପ୍ରଦତ୍ତ ଅହିଂସା ସମର ମଧ୍ୟ ବହୁ ଭାରତୀୟଙ୍କୁ ଆକର୍ଷିତ କରିଥିଲା । ଅସହଯୋଗ ସମେତ ଅନ୍ୟାନ୍ୟ ସତ୍ୟାଗ୍ରହ ପ୍ରତି କୁନ୍ତଳାଙ୍କ ମଧ୍ୟ ପୂର୍ଣ୍ଣ ସମର୍ଥନ ତାଙ୍କ କବିତାବଳୀରୁ ପରିଲକ୍ଷିତ ହୁଏ । ଅହିଂସା ଅସ୍ତ୍ରଧରି ଆତ୍ମଦାନ ଉଦ୍ଦେଶ୍ୟରେ ଭାରତବାସୀ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଛନ୍ତି । ଏହା ତାଙ୍କ ପାଇଁ ମାତୃଭୂମିର ସମ୍ମାନ ରକ୍ଷାଛଡ଼ା କିଛି ନୁହେଁ । ଏହି ସମ୍ମାନ ରକ୍ଷାକୁ ସେ ସବୁ ଧର୍ମଠାରୁ ମହତ୍ତର ଧର୍ମ ରୂପେ ଦେଖିଛନ୍ତି । ସେ ପ୍ରଶ୍ନ କରିଛନ୍ତି :

"କାହା ପ୍ରାଣେ ଜାଗେ ଦେଶମା ସମ୍ମାନ
କରିବ କେ ତା'ର ଲାଗି ଆତ୍ମଦାନ ।" (ଆହ୍ୱାନ)

ପୂର୍ବରୁ କୁହାଯାଇଛି ଯେ ତତ୍‌କାଳୀନ ଅନ୍ୟାନ୍ୟ ଜାତୀୟବାଦୀ କବିଙ୍କଠାରୁ କୁନ୍ତଳା କୁମାରୀଙ୍କ କବିତା କୌଣସି ଗୁଣରେ ନ୍ୟୁନ ନଥିଲା । ଓଡ଼ିଆ ଜାତିର ଅତୀତ କୀର୍ତ୍ତିରାଜି ମନେ ପକାଇ ଦେଇ ସେମାନଙ୍କ ପ୍ରାଣରେ ଦେଶପ୍ରେମର ନୂତନ ଆଶା ସଂଚାର କରାଇବା ପାଇଁ ସେ ନିଜ ସାଧ ମତେ ଲେଖନୀ ଚାଳନା କରିଥିଲେ । "ଆହ୍ୱାନ"ରେ କୁନ୍ତଳାଙ୍କ ମସୀ ତେଣୁ ଅସୀର ରୂପ ନେଇଥିବାର ଦେଖିହୁଏ । ଓଡିଆ ଜାତିର ବୀରତ୍ୱପୂର୍ଣ୍ଣ ଅତୀତ ଗୌର ଗାରିମାର ସ୍ମରଣ କରାଇ ଦେଇ ଜାତିର ଦେବତା ଜଗନ୍ନାଥଙ୍କୁ ମଧ୍ୟ ପ୍ରେକ୍ଷାପଟକୁ ଆଣିଛନ୍ତି କବି । ଦେଶର ସ୍ୱାଧୀନତା ସଂଗ୍ରାମରେ ସେ ଜଗନ୍ନାଥଙ୍କୁ ଅଗ୍ରଦୂତ ଦୃଷ୍ଟିରେ ଦେଖିଛନ୍ତି :

"ରଣେ ତୁମ ଆଗ ଯିବେ ଜଗନ୍ନାଥ
ଚକ୍ରେ ଘଉଡ଼ିବେ ସହସ୍ର ଉତ୍ପାତ
ଜୟ ମା ଶଙ୍କରୀ ଭାବେ ଦେଇ ଡ଼ାକ
ଉଠ ଭାରତର ବୀର ପୁତ୍ରଯାକ ।" (ଆହ୍ୱାନ)

ଏହି ସଂଗ୍ରାମ ପୁଣି ଅହିଂସା ସଂଗ୍ରାମ । ଅର୍ଥାତ୍ କବି ଗାନ୍ଧୀଜୀଙ୍କୁ ସର୍ବାଗ୍ରେ ସମର୍ଥନ କରିଛନ୍ତି ।

"ଶାନ୍ତି ଅସ୍ତ୍ର ତବ ଏ ଶାନ୍ତି ସମରେ
ବକ୍ଷ ମେଳି ଠିଆ ହେବ ଅଜ୍ଞାତରେ ।" (ଆହ୍ୱାନ)

ଜାତୀୟ ସମରରେ କେବଳ ପୁରୁଷ ନୁହେଁ, ନାରୀମାନଙ୍କୁ ଆଗେଇ ଆସିବା ପାଇଁ ମଧ୍ୟ ଆହ୍ୱାନ ଦେଇଛନ୍ତି କବି । ଗୃହକର୍ମରେ ଆବଦ୍ଧ ନ ରହି ପୁରୁଷ ସହ ପାଦ ସହିତ ପାଦ ମିଳାଇ ଦେଶ ସେବା ପାଇଁ ଆଗେଇ ଆସିବା ପାଇଁ ସେ କହିଛନ୍ତି ।

"ପଛଘୁଞ୍ଚା ଆନ ନଦିଅ ଏଥର
ନିଅ ପରିଶୋଧ ମଣିଷ ପଣର
ହେ ପୁରୁଷ ଯଦି ନ ଉଠ ଏଥର
ଆମେ ରଣ ବେଶେ ହେବୁ ଅଗ୍ରସର
ଆମେ ନାରୀଗଣ କୋଣରୁ ବାହାରି
ଧରିବୁ ଅସହଯୋଗ ତରବାରୀ ।"

ଏହିସବୁ ଦୃଷ୍ଟିରୁ ଦେଖିବାକୁ ଗଲେ "ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନର ଅନିନ୍ଦ୍ୟ ଉଲ୍ଲାସ, ନାରୀମାନଙ୍କୁ ସ୍ୱାଧୀନତା ସଂଗ୍ରମରେ ଝାସ ଦେବାପାଇଁ ନିଷ୍ପ୍ରାଣ ଯୁବଶକ୍ତିକୁ ଜାଗ୍ରତ କରିବା ପାଇଁ କୁନ୍ତଳାଙ୍କର କବିତାଗୁଡ଼ିକୁ ଥିଲା ଶବ୍ଦରୂପୀ ମୃତ୍ୟୁ ସଂଜୀବନୀ ସୁଧା ।"

୧୯୩୦ ମସିହାରେ କୁନ୍ତଳା କୁମାରୀଙ୍କ ଆଉ ଏକ କବିତା ସଂକଳନ ପ୍ରକାଶିତ ହୋଇଥିଲା, ଯାହାର ନାମ ଥିଲା "ପ୍ରେମ ଚିନ୍ତାମଣି" । ଏଥିରେ ସଂକଳିତ କବିତାଗୁଡ଼ିକୁ କବିଙ୍କ ନିଜସ୍ୱ ପ୍ରେମ ଭାବନା ସମ୍ପର୍କିତ ବୋଲି ସମାଲୋଚନାମାନେ ମତବ୍ୟକ୍ତ କରନ୍ତି । "ଅଞ୍ଜଳି"ର କବିତାଗୁଡିକ ଭଳି ଏହି ସଂକଳନର କବିତାଗୁଡିକ କବିଙ୍କ ପ୍ରିୟତମଙ୍କ ଉଦ୍ଦେଶ୍ୟରେ ରଚିତ ହେଲାଭଳି ମନେହୁଏ । ଏହି କବିତାଗୁଡ଼ିକ କବିଙ୍କ ପ୍ରିୟତମଙ୍କ ଉଦ୍ଦେଶ୍ୟରେ ରଚିତ ହେଲାଭଳି ମନେହୁଏ । ଏହି କବିତାଗୁଡ଼ିକରେ ମଧ ପ୍ରେମିକାର ସମର୍ପଣ ଭାବ ସ୍ପଷ୍ଟ ହୋଇଛି । କବିଙ୍କ ଲେଖାର ଉଦ୍ଦେଶ୍ୟ ସେହି ପ୍ରେମ ବୋଲି ସେ କହିବାରେ ଦ୍ୱିଧାବୋଧ କରିନାହାନ୍ତି ।

"ତବ ନାମ ଗୁଣଗାନ ହେଉ ମୋ ସଂଖାଳୀ
ତବ ନାମ ବିନା ମୁହଁ ଦରିଦ୍ର କାଂଗାଳୀ
ତବ ନାମ ହୃଦହାର ନିତି ଜପାମାଳି ହେ ।" (ନୀରପାନ)

'ଅନାବିଳ ପ୍ରଣୟ ଚେତନାର ଦୁର୍ବାର ପ୍ରଣୟ ସ୍ରୋତରେ ଭାସି ଭାସି କୁନ୍ତଳା କୁମାରୀ ୧୯୨୮ ମସିହା ପରେ ପରେ ସୃଷ୍ଟି କରିଥିଲେ 'ପ୍ରେମ ଚିନ୍ତାମଣି' ପ୍ରେମଗୀତି କବିତା ଗୁଚ୍ଛ । ଏହି ଆବେଗ ସଂଯୋଜିତ କବିତା ସଂକଳନର 'ଚାତକିନୀ', 'ନବନୀରଦ', 'ନୀରପାନ' ପ୍ରଭୃତି ୩ଟି ପର୍ଯ୍ୟାୟରେ ଯଥାକ୍ରମେ ପ୍ରଣୟ ଅତିଲୌକିକ ଭାବନା ଆଡକୁ ଆଗ୍ରସର ହୋଇଛି ।'

ଏହି ଲୌକିକ ଭାବନାର ପରିପ୍ରକାଶ ଏହିପରି :

"ଆତ୍ମା ଚିହ୍ନିଲା ଆତ୍ମାର ସାଥି
ନଫୁଟିଲା ମୁଖେ କଥା
ସରିତ ଚିହ୍ନିଲା ସାଗର ତରଙ୍ଗ
ପାଦପ ଚିହ୍ନିଲା ଲତା
ଦୀପ ଆଲିଙ୍ଗିଲା ଅଳନ ଶିଖାଟି
ହେମ ଆଦରିଲା ହୀରା,
ରକ୍ତେ ଛୁଟିଲା ଉଷ୍ଣ ଆନନ୍ଦ
ଚମକାଇ ଶିରା ଶିରା ।"

ବ୍ୟକ୍ତିଗତ ଜୀବନରେ ନିଜ ସ୍ୱାମୀଙ୍କୁ ନେଇ ଏଭଳି ସ୍ୱପ୍ନ ଭଙ୍ଗ ହୋଇଛି କୁନ୍ତଳା କୁମାରୀଙ୍କର ଏହି ପରିପେକ୍ଷୀରେ 'ପ୍ରେମ ଚିନ୍ତାମଣି' ଏକ ଅବଶ୍ୟମ୍ଭାବୀ ପରିଣତି ଛଡା କିଛି ନୁହେଁ । ସେ ଏହି ପୁସ୍ତକଟିରେ ରାଧାକୃଷ୍ଣ, ଲଳିତା, ବିଶାଖାଆଦି ପୌରାଣିକ ଚରିତ୍ରର ଅବତାରଣା କରି ସେ ସମ୍ପର୍କରେ ପୁସ୍ତକର ପାଣ୍ଡୁଲିପିରେ ଲେଖିଛନ୍ତି : "ବହିର ନାୟକ ନାୟିକାଙ୍କୁ ରାଧାକୃଷ୍ଣ ଭାବରେ ଗ୍ରହଣ କରିବା ପାଇଁ ମୋର ଆଦୌ ଇଚ୍ଛା ନଥିଲେ

ହେଁ, ପୁଣି ମହାଭାବପୂର୍ଣ୍ଣ ରାଧାକୃଷ୍ଣ ଲୀଳା ଓ ତତ୍ ସମ୍ବନ୍ଧୀୟ ପୁସ୍ତକମାନଙ୍କରେ ବର୍ଣ୍ଣିତ ବିଷୟରେ ମୁଁ ଅନଭିଜ୍ଞ ଥିଲେ ହେଁ ଚକ୍ରଧର ସନିର୍ବନ୍ଧ ଅନୁରୋଧ ଉପେକ୍ଷା କରିନପାରି ବହିର ନାମ 'ପ୍ରେମ ଚିନ୍ତାମଣି' ଓ ନାୟକ ନାୟିକଙ୍କୁ ଜଗଦ୍‌ବରେଣ୍ୟ ଶ୍ରୀମତୀ ଶ୍ରୀକୃଷ୍ଣ ନାମରେ ନାମିତ କରିଛି ।"

"ପ୍ରେମ ଚିନ୍ତାମଣି"ର ଛତ୍ରେ ଛତ୍ରେ ପ୍ରେମର ଜୟ ଜୟକାର ଦେଖିହୁଏ । ସେ କହିଛନ୍ତି :

"ଆଜି ପ୍ରେମ ରାଇଜର ରାଜା ପାଶେ
ପ୍ରେମ ରାଇଜର  ରାଣୀ
ନିଖିଳ ବିଶ୍ୱ ଉଚ୍ଚାରେ ଆଜି
ମିଳନ ମଙ୍ଗଳ ବାଣୀ ।
ବରଷ କଲ୍ୟାଣ ରାଶି
ଯାଅହେ ଆଶିଷ ଭାଷି
ପିଅ ପ୍ରେମମୃତ, ପ୍ରଣ ହର୍ଷେ ଗାଅ
ପ୍ରେମ ଜୟ ସର୍ବପ୍ରାଣୀ ।
ପ୍ରେମର ଜୟ ମରଣଲ ଲୟ
ଉଠୁ ପ୍ରେମଗୀତି ବିଶ୍ୱମୟ ।"

ବୈଷ୍ଣବ ଦର୍ଶନ ଏହି କବିତାଗୁଡ଼ିକରେ ଦେଖିହୁଏ । ମାଧବୀ, ବୃନ୍ଦାବତୀ ଓ ରାଣୀ ନିଶଙ୍କମାନଙ୍କ ଭଳି କୁନ୍ତଳାକୁମାରୀ ବୈଷ୍ଣବୀୟ ପ୍ରେମର ଜୟଗାନ କରିଛନ୍ତି ଏହି ପୁସ୍ତକରେ । ସେ ଐକାନ୍ତିକ ପ୍ରେମର ବାର୍ତ୍ତା ଦେଇଛନ୍ତି :

"ଯାଉ ମୋ ଜୀବନ ପ୍ରିୟ
ତୁମରି ଧ୍ୟାନରେ
ଆନେ ନ ଚାହେଁ ଜୀବନ
ଜ୍ଞାନେ ବା ଅଜ୍ଞାନରେ ।"

ଏହା ବ୍ୟତୀତ କୁନ୍ତଳାକୁମାରୀଙ୍କ ଅନ୍ୟାନ୍ୟ କାବ୍ୟକୃତି ମଧ୍ୟରେ ରହିଛି "ଓଡିଆଙ୍କ କାନ୍ଦଣା"(୧୯୩୬ରେ ପ୍ରକାଶିତ) "ଗଡଜାତ କୃଷକ" (୧୯୩୯ରେ ପ୍ରକାଶିତ) ଓ "ମଣିକାଞ୍ଚନ" ନାମକ ଏକ ଅସଂପୂର୍ଣ୍ଣ କାବ୍ୟ ।

କୁନ୍ତଳାକୁମାରୀ ଯେଉଁ ସମୟରେ ଲେଖାଲେଖି କରୁଥିଲେ, ସେହି ସମୟରେ ଦୁଇ ପ୍ରମୁଖ କବିବର ରାଧାନାଥ ରାୟ ଓ ସ୍ୱଭାବକବି ଗଙ୍ଗାଧର ମେହେର କାବ୍ୟ ରଚନାରେ ମନୋନିବେଶ କରିଥିଲେ । ଏହି କାବ୍ୟ ରଚନା ଧାରାରେ ନିଜସ୍ୱ ସୃଷ୍ଟିଶୀଳତାର ପ୍ରମାଣ ଦେବାକୁ ଯାଇ କୁନ୍ତଳାକୁମାରୀ "ମଣିକାଞ୍ଚନ" କାବ୍ୟ ରଚନା ଆରମ୍ଭ କରିଥିଲେ । ମାହାଭାରତରେ ବର୍ଣ୍ଣିତ ସାବିତ୍ରୀ- ସତ୍ୟବାନ ଉପାଖ୍ୟାନକୁ ନେଇ ଏହା ରଚିତ ହୋଇଥିଲେ ହେଁ ଏହାକୁ ସେ ସାରି ପାରି ନଥିଲେ । ଫଳତଃ ଏହା ଅସମ୍ପୂର୍ଣ୍ଣ ହୋଇ ରହିଥିଲା । ଏହାର କିଛି ଅଂଶ 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ ହୋଇଥିଲା । ସେହିପରି ଏକ କାବ୍ୟ ହେଉଛି "ଗଡଜାତ କୃଷକ" । କରଜ ଭାର ତଥା

କରଭାରରେ ସର୍ବସ୍ୱାନ୍ତ ହୋଇପଡ଼ିଥିବା ତତ୍‌କାଳୀନ ଜଣେ କୃଷକର ଦୁର୍ଦ୍ଦିନର କାହାଣୀ ଥିଲା ଏହିକାବ୍ୟ । ସାମାଜିକ ଅବିଚାର, ପରାଧୀନତାର ଦୁଃଖ ଏହି କାବ୍ୟରେ ଯେତେ ପ୍ରତିଫଳିତ ହୋଇଥିଲା, ସେତେ ପ୍ରତିଫଳିତ ହୋଇଥିଲା ଜଣେ ମାନବବାଦୀ କବିର ଦରଦ ଓ ମାନବିକ ସମ୍ବେଦନଶୀଳତା । କୁନ୍ତଳାକୁମାରୀ ଥିଲେ ଆଜୀବନ ସହାନୁଭୂତିଶୀଳା । ଏହାର ଏକ ସମୁଜ୍ଜ୍ୱଳ ପରିପ୍ରକାଶ ହେଉଛି "ଗଡଜାତ କୃଷକ" ।

"ଓଡିଆଙ୍କ କାନ୍ଦଣା"ର ଭିତ୍ତିଥିଲା କଲିକତାରେ ପେଟ ପାଇଁ ଖଟୁଥିବା ଶହ ଶହ ନିରନ୍ନ ଓଡିଆଙ୍କ ଦୟନୀୟ ଚିତ୍ର । ଯେଉଁଦିନ ଓଡିଶା ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲା ସେହିଦିନ (୧ ଏପ୍ରିଲ, ୧୯୩୬) ଏହି ପୁସ୍ତକ ପ୍ରକାଶିତ ହୋଇ ବେଶ୍ ଆଦୃତି ଲାଭ କରିଥିଲା । ଦରିଦ୍ର ଓଡିଆଙ୍କ ଦୁଃଖ ଦୁର୍ଦ୍ଦଶା ବର୍ଣ୍ଣନାରେ କବିଙ୍କ ଲେଖନୀର ଶକ୍ତି ଓ ସାମର୍ଥ୍ୟ ଦେଖି ଆଜି ବି ଆଶ୍ଚର୍ଯ୍ୟ ହେବାକୁ ପଡେ । କବି କହିଛନ୍ତି :

" କି ବୋଲି ଭାବିବି ମାଆ ଗୋ କୋଟି କଙ୍କାଳ ମାଳିନୀ
ଦଳିତା ଲାଞ୍ଛିତା ଭୀତା ଜଗତର ଜଞ୍ଜାଳିନୀ ...." (ଓଡିଆଙ୍କ କାନ୍ଦଣା)

ଓଡିଶା ପ୍ରତି କବିଙ୍କର ଏହି ସମ୍ବୋଧନ ଥିଲା ବେଶ୍ ଭାବଗର୍ଭକ । ସେହିପରି "ବାଲୁତ ପୁଅର ଭାବନା" ନାମକ କବିତାରେ ବନ୍ୟା ପ୍ରପୀଡିତା ଓଡିଶାର ଦୁଃଖ ବର୍ଣ୍ଣିତ ହୋଇଛି । ପ୍ରବଳ ବନ୍ୟା ସ୍ରୋତରେ ମହାନଦୀ କୂଳରେ ବସାବାନ୍ଧି ଶହଶହ ଘର ଉଜୁଡ଼ି ଯିବାର ଦୁଃଖ ଏଥିରେ ରହିଛି । ରହିଛି ବି ବାତ୍ୟା ବନ୍ୟା ଯୋଗୁଁ ବିସ୍ଥାପିତ ଓଡିଆଙ୍କ ଯନ୍ତ୍ରଣା ଚିତ୍ର । ଆହୁରି ଏକ କବିତା "ଓଡିଆ ବହୂର କାନ୍ଦଣା"ରେ ଜଣେ ଓଡିଆ ବୋହୁର ହୃଦୟର ଅଭିବ୍ୟକ୍ତି ପ୍ରକାଶିତ । ସ୍ୱାମୀର ଫେରନ୍ତା ବାଟକୁ ଚାତକ ପରି ଅନାଇ ବସିଛି ଓଡିଆ ଘର ବୋହୂଟି । ମହାଜନ, ନାହକ, ଶାଶୁ ସମସ୍ତେ ଯେମିତି ଖାଇ ଗୋଡାଇଛନ୍ତି ତାକୁ । ସେହିପରି ଏକ କବିତା "ପତିତାର କାନ୍ଦ" ରୁଢ଼ିବାଦୀ ଆକ୍ରାନ୍ତ ସମାଜର ଏକ ନିଛକ ଚିତ୍ର ଏଥିରେ ସ୍ପଷ୍ଟ ଦେଖିହୁଏ । କେବଳ ଏତିକି ନୁହେଁ, ସେ ମଧ୍ୟ ଇଂରାଜୀରେ ଅନେକ କବିତା ଲେଖି ଥିଲେ । ସେଗୁଡ଼ିକ ତତ୍‌କାଳୀନ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଛି ହିନ୍ଦୀରେ ମଧ୍ୟ ଅନେକ କବିତା ଲେଖାଯାଇଛି । ତାଙ୍କର "ବରମାଳା" ହିନ୍ଦୀ କବିତା ସଂକଳନ ପ୍ରକାଶିତ ହୋଇଛି ।

ଏହିପରି ଭାବରେ କୁନ୍ତଳାକୁମାରୀଙ୍କ କାବ୍ୟ କବିତାଗୁଡ଼ିକ ମାନବିକ ପ୍ରେମ, ଭିନ୍ନ ପ୍ରେମ, ଦେଶପ୍ରେମ ଓ ମାନବିକତାର ଭାବଧାରାରେ ତରଙ୍ଗାୟିତ କବିତାରେ ସେ ଯେତେ ରହସ୍ୟବାଦୀ, ସେତେ ଜାତୀୟତାବାଦୀ, ପୁଣି ବାସ୍ତବବାଦୀ ଓ ସମାଜ ସଚେତନ । ଅପୂର୍ବ ସାଂଗୀତିକତାରେ ତାଙ୍କ ଗୀତି କବିତାଗୁଡ଼ିକ ହୃଦ୍ୟ ମନେହୁଏ ।

## ୨.୭ କୁନ୍ତଳା କୁମାରୀଙ୍କ ଗଦ୍ୟରଚନା

କୁନ୍ତଳା କୁମାରୀ କବି ଭାବରେ ସର୍ବାଗ୍ରେ ପରିଚିତ ହେଲେ ହେଁ ତାଙ୍କ ସାମଗ୍ରିକ କୃତି ଆଲୋଚନା କଲାବେଳକୁ ତାଙ୍କ ଗଦ୍ୟ ରଚନାବଳୀକୁ ଅସ୍ୱୀକାର କରିହେବ ନାହିଁ । ତାଙ୍କ ଗଦ୍ୟ ରଚନାବଳୀଗୁଡ଼ିକ ମଧ୍ୟରେ ରହିଛି ପାଞ୍ଚ ଗୋଟି ସମ୍ପୂର୍ଣ୍ଣ ଓ ଗୋଟିଏ ଅସମ୍ପୂର୍ଣ୍ଣ ଉପନ୍ୟାସ । ଏହା ବ୍ୟତୀତ ତାଙ୍କ ଲିଖିତ ଅଳ୍ପ କେତୋଟି ପ୍ରବନ୍ଧ, ବକ୍ତୃତା ଓ ଚିଠିପତ୍ରକୁ ମଧ୍ୟ ଏଥିରୁ ବାଦ୍ ଦେଇ ହେବନାହିଁ ।

ଓଡିଆ ଉପନ୍ୟାସର ଜନକ ଫକୀରମୋହନ ସେନାପତିଙ୍କର ପରେ ଚିନ୍ତାମଣି ମହାନ୍ତିଙ୍କ ଲିଖିତ କେତେ ଗୋଟି ଉପନ୍ୟାସ ସେହି ସମୟରେ ବେଶ୍ ଚର୍ଚ୍ଚିତ ହୋଇଥିଲା । ଚିନ୍ତାମଣି ମହାନ୍ତିଙ୍କ ପରେ ଔପନ୍ୟାସିକା ଭାବେ କୁନ୍ତଳା କୁମାରୀଙ୍କ ଗ୍ରହଣ କରିହେବ । ତାଙ୍କ ଲିଖିତ ଭ୍ରାନ୍ତି , ନଅତୁଣ୍ଡି, କାଳିବୋହୂ ପରଶମଣି ଓ ରଘୁ ଅରକ୍ଷିତ ଉପନ୍ୟାସଗୁଡ଼ିକ ଏହି ପର୍ଯ୍ୟାୟରେ ଆଲୋଚନାସାପେକ୍ଷ । ଏହି ଉପନ୍ୟାସ ଗୁଡ଼ିକ ଆକାରରେ କ୍ଷୁଦ୍ରଗଳ୍ପ ନୁହନ୍ତି କିମ୍ୱା ଆୟତନ ଦୃଷ୍ଟିରୁ ପୂର୍ଣ୍ଣାଙ୍ଗ ଉପନ୍ୟାସ ନୁହନ୍ତି । ତେଣୁ ସେଗୁଡ଼ିକୁ ଖଣ୍ଡୋପନ୍ୟାସ ନାମରେ ନାମିତ କରାଯାଇପାରେ ବୋଲି ଆଲୋଚନା ଡକ୍ଟର ଶରତ କୁମାର ମିଶ୍ର ତାଙ୍କ ଲିଖିତ "କୁନ୍ତଳା କୁମାରୀ ଗଦ୍ୟ ସମ୍ଭାର" ପୁସ୍ତକରେ ଉଲ୍ଲେଖ କରିଛନ୍ତି । ସେ ପୁଣି ଗଳ୍ପ ବା ଚରିତ୍ର ପ୍ରତି ବିଶେଷ ଦୃଷ୍ଟି ନ ଦେଇ କାହାଣୀ ଛଳରେ କେତଗୁଡ଼ିଏ ଚରିତ୍ର ସୃଷ୍ଟି କରି ସେମାନଙ୍କ ମାଧ୍ୟମରେ ନିଜର ଆଦର୍ଶ ପ୍ରଚାର କରିଛନ୍ତି ବୋଲି ଡ଼କ୍ଟର ମିଶ୍ର କହିଛନ୍ତି । ତାଙ୍କ ମତରେ "କୁନ୍ତଳା ଶିଳ୍ପୀ ନୁହନ୍ତି, ପ୍ରଚାରିକା ମାତ୍ର ।" ତେବେ ତାଙ୍କର ଏହି ଉପନ୍ୟାସଗୁଡ଼ିକରେ ତତ୍‌କାଳୀନ ସମାଜର ବାସ୍ତବ ଚିତ୍ର ଫୁଟି ଉଠିଛି ଏହାକୁ କେହି ଅସ୍ୱୀକାର କରିବପାରିବେ ନାହିଁ ।

କୁନ୍ତଳାଙ୍କ "ଭ୍ରାନ୍ତି" ଉପନ୍ୟାସ ପ୍ରକାଶିତ ହୁଏ ୧୯୨୩ ମସିହାରେ । ଏହା ଏକ ପାରିବାରିକ କାହାଣୀ । ଆଦ୍ୟ ଜୀବନର ପ୍ରେମ, ପାରସ୍ପରିକ ଅବୁଝାମଣା, ବିରହ ଓ ପୁନର୍ବାର ମିଳନ ତଥା ବିବାହ ଦେଇ କାହାଣୀ ଗତିଶୀଳ । ଏହାକୁ ଏକ ପ୍ରେମମଳକ କାହାଣୀ ଭାବେ ଗ୍ରହଣ କରାଯାଇପାରେ । ଜମିଦାର ହରିହରଙ୍କ କନ୍ୟା ଶେଫାଳୀ ଓ ଅନାଥ ଅନୁ ବା ଅନଙ୍ଗମୋହନ ଏକ ପରିବାରରେ ଲାଳିତ ପାଳିତ ହେବା ଭିତରେ ପରସ୍ପର ପ୍ରତି ଆକୃଷ୍ଟ ହୋଇ ପଡ଼ନ୍ତି । ଜମିଦାରଙ୍କ ତୋଷାମୋଦକାରୀ ସାନନ୍ଦ ତା'ର କନ୍ୟା ମାଳତୀକୁ ଅନୁ ସହିତ ବିବାହ କରିବା ଚକ୍ରାନ୍ତ କରି ନଟବର ନାମକ ଜଣେ ଜମିଦାର ସହ ଶେଫାଳୀର ବିବାହ ସ୍ଥିର କରିଦିଅନ୍ତି । ଏଥିରେ ଦୁଃଖିତ ଅନଙ୍ଗ(ଅନୁ) ଉଚ୍ଚଶିକ୍ଷା ପାଇଁ ଯାଇଥିବା କଲିକତାରେ ଆତ୍ମଗୋପନ କରେ ଏଣେ ଅନୁର ଅବର୍ତ୍ତମାନରେ ରୋଗଗ୍ରସ୍ତ ହୋଇଛି ଶେଫାଳୀ । କିଛିଦିନ ପରେ ଶେଫାଳୀର ଶିକ୍ଷୟତ୍ରୀ ସରଳୁ ଦିଦିଠାରୁ ଅନୁ ଶେଫାଳୀର ଖବର ପାଇ ଶେଫାଳୀ ପାଖକୁ ଫେରିଛି । ସବୁ ବିଷୟ ଜଣାପଡ଼ିଗଲା ପରେ ଦୁହିଁଙ୍କ ଭିତରେ ବିବାହ ହୋଇଛି ।

ପରବର୍ତ୍ତୀ ଉପନ୍ୟାସ "ନଅତୁଣ୍ଡୀ" ୧୯୨୫ ମସିହାରେ ପ୍ରକାଶିତ ହୋଇଥିଲା । ଏହା ଏକ ହାସ୍ୟରସାତ୍ମକ ଉପନ୍ୟାସ । ରତନୀ ଦରିଦ୍ର ଖଣ୍ଡାୟତ ବିଦିଆର କନ୍ୟା, ସେ ତା'ର ମାଆ ପରି କଳିହୁଡ଼ି ତେଣୁ ସେ ନଅତୁଣ୍ଡୀ ନାମରେ ଗାଁରେ ପରିଚିତ । ରତନୀ କଳିହୁଡ଼ି ହେଲେ ହେଁ ସାହାସୀ । ସେ ନିଜ ସାହାସର ପରିଚୟ ଦେଇ ସ୍ୱାଧୀନଚେତା ଜମିଦାର କୃଷ୍ଣଚନ୍ଦ୍ର ରାଉତରାୟଙ୍କ ସ୍ତ୍ରୀ ହୋଇଛି । ଜମିଦାରଙ୍କ ପ୍ରଭାବରେ ସେ ଦେଶ ଜାତିର ତଥା ନାରୀ ଜାତିର ଉନ୍ନତି ପାଇଁ ନାନାବିଧ କାର୍ଯ୍ୟ କରିଛି । ଫକିରମୋହନଙ୍କ ଅନନ୍ତାର ନାରୀରୂପ ଭାବେ ରତନୀକୁ କେତେକ ସମାଲୋଚନା ଅଭିହିତ କରିଛନ୍ତି ।

"କାଳିବୋହୂ" ଉପନ୍ୟାସ ୧୯୨୬ ମସିହାରେ ପ୍ରକାଶିତ ହୋଇଥିଲା ଓ ଏହା ଏକ ସାମାଜିକ ଉନ୍ୟାସ । ବଲ୍ୟ ବିବାହ ପ୍ରଥା ହେଉଛି ଏହାର କାହାଣୀର ହେତୁ । ଧନୀ ମହାଜନ ଅଚ୍ୟୁତ ମିଶ୍ରଙ୍କ ଏକମାତ୍ର କନ୍ୟା ଲକ୍ଷ୍ମୀ ସାତ ବର୍ଷ ବୟସରେ ପୀତାମ୍ୱର (ବ୍ରାହ୍ମଣ ପୁଅ ) ସହ ବିବାହ ବନ୍ଧନରେ ଆବଦ୍ଧ ହୁଏ । ମାତ୍ର

ଦଶ ବର୍ଷ ବୟସରେ ସେ ହୁଏ ବିଧବା । ଏହା ପରେ ଚିରାଚରିତ ଭାବେ ତା' ଉପରେ ଲଦି ଦିଆହୁଏ ନାନାଦି ସାମାଜିକ ବିଧି ନିଷେଧ । ପରିଶେଷରେ ସମାଜ ସଂସ୍କାରକ ଚନ୍ଦ୍ରୋଦୟ ଲକ୍ଷ୍ମୀକୁ ଆପଣେଇ ନେଇଛନ୍ତି । ଏହି ଉପନ୍ୟାସରେ କୁନ୍ତଳା କୁମାରୀ ଜଣେ ସମାଜ ସଂସ୍କାରକର ଭୂମିକା ନିର୍ବାହ କରିଛନ୍ତି । ଆମ ସମାଜରେ ବିଧବା ନାରୀର ଦୟନୀୟ ସ୍ଥିତିକୁ ସେ ବେଶ ସଫଳ ଭାବେ ପ୍ରତିପାଦିତ କରିବା ସହ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ବିଧବା ବିବାହ ପ୍ରଥାକୁ ସମର୍ଥନ କରିଛନ୍ତି, ପୁଣି ଏଚ୍. ବି. ସାରଦାଙ୍କ ସାରଦା ଆଇନକୁ ମଧ୍ୟ ସମର୍ଥନ କରିଛନ୍ତି ।

ଏହାର ପରବର୍ତ୍ତୀ ଉପନ୍ୟାସ "ପରଶମଣି" ୧୯୨୭ ମସିହାରେ ପ୍ରକାଶିତ ହୋଇଥିଲା । ଏହ ମଧ୍ୟ ଏକ ପାରିବାରିକ ଉପନ୍ୟାସ । ଜଣେ ଗ୍ରାମୀଣ ଓଡିଆ ବୋହୁର ସାମାଜିକ ଦୁଃଖଦ ସ୍ଥିତିକୁ ଏହି ଉପନ୍ୟାସରେ ହୃଦୟଙ୍ଗମ କରିହୁଏ । ଜଣେ କିରାଣୀ ଭାବେ କାର୍ଯ୍ୟରତ ବିମ୍ୱାଧରଙ୍କ ପତ୍ନୀ ଲଳିତା ଏହି ଉପନ୍ୟାସର ନାୟିକା ଶାଶୁ, ନଣନ୍ଦ, ଯାଆ ତଥା ଅନ୍ୟମାନଙ୍କ ସେବା କରିକରି ସ୍ୱାମୀ ସହିତ ଏକତ୍ର ରହିବାର ସୁଯୋଗରୁ ମଧ୍ୟ ବଞ୍ଚିତା ହୋଇଛି ଲଳିତା । ସ୍ୱାମୀ ମଧ୍ୟ ପାରିବାରିକ ପ୍ରରୋଚନାରେ ପଡ଼ି ଲଳିତା ଠାରୁ ମୁହଁ ମୋଡି ଦେଉଛନ୍ତି । ଇତିମଧ୍ୟରେ ବିମ୍ୱାଧର ମୃତ୍ୟୁବରଣ କରୁଛନ୍ତି ଓ ଦୁଃଖିନୀ ଲଳିତା ପାଲଟି ଯାଉଛି ପରଶମଣି । ତା'ର ଧୈର୍ଯ୍ୟ ଓ ସୁଗୁଣାବଳୀରେ ପରିବର୍ତ୍ତିତ ହୋଇଯାଉଛନ୍ତି ପରିବାରର ଅନ୍ୟ ସମସ୍ତେ ଓ ନିଜ ନିଜ ଭୁଲ ବୁଝିପାରୁଛନ୍ତି । ନାରୀର ଧୈର୍ଯ୍ୟ ଓ ସହନଶୀଳତା ଏହି ଉପନ୍ୟାସରେ ବାରିହୁଏ ।

କୁନ୍ତଳା କୁମାରୀଙ୍କ ସର୍ବଶେଷ ସମ୍ପୂର୍ଣ୍ଣ ଉପନ୍ୟାସ "ରଘୁ ଅରକ୍ଷିତ" ପ୍ରକାଶ ପାଏ ୧୯୨୮ ମସିହାରେ । ଏହାକୁ କୁନ୍ତଳାଙ୍କ ସବୁଠାରୁ ସଫଳ ଉପନ୍ୟାସ ବୋଲି କୁହାଯାଇପାରେ । ଏହି ଉପନ୍ୟାସରେ ଆଦର୍ଶବାଦ ଓ ଭାଗ୍ୟବାଦ ବେଶ୍ ସୁନ୍ଦର ଭାବେ ସ୍ଥାନିତ ହୋଇଛନ୍ତି । ଉପନ୍ୟାସର ନାୟକ ରଘୁନାଥ ଜଣେ ଅନାଥ । ପିଲାଦିନୁ ଗାଁ ଛାଡ଼ି ସେ ଯାଯାବର ପ୍ରାୟ । ତେବେ ସେ ଯେଉଁଠି ପହଞ୍ଚୁଛି, ଆକାସ୍ମିକ ଭାବେ ସୌଭାଗ୍ୟ ହିଁ ପାଉଛି । ଶେଷରେ ସେ ହେଉଛି ଧନୀ । କାଳର ସ୍ରୋତରେ ସେ ହେଉଛି ପତ୍ନୀହରା ଓ ନିଃସଙ୍ଗ । ସେ ତା'ର ପିଲାଦିନର ପ୍ରେମିକା ସୀତାକୁ ବିବାହ କରିପାରୁନାହିଁ ଯେଉଁ ସୀତ ମଧ୍ୟ ଅବସ୍ଥା ଚକ୍ରରେ ବିଧବା । ପରିଶେଷରେ ସେ ଦୁଃଖୀ ମଣିଷମାନଙ୍କ ଦୁଃଖମୋଚନ ପାଇଁ ଘୁରି ବୁଲୁଛନ୍ତି ଓଡିଶାରୁ କଲିକତା ଓ ବ୍ରହ୍ମଦେଶ ।

ଔପନ୍ୟାସିକା ଭାବେ କୁନ୍ତଳା କୁମାରୀଙ୍କୁ ସଫଳ ବୋଲି କୁହାଯାଇ ନପାରେ । "କୁନ୍ତଳା କୁମାରୀଙ୍କ ପ୍ରତିଭା ଉନ୍ମେଷ କାଳରେ ଏହି ଉପନ୍ୟାସଗୁଡ଼ିକର ସୃଷ୍ଟି ହେତୁ ଏଗୁଡ଼ିକ ତାଙ୍କର କଞ୍ଚା ହସ୍ତର କୀର୍ତ୍ତି । ଅପରିପକ୍ୱ ବୟସରେ ଅପୂର୍ଣ୍ଣ ଅଭିଜ୍ଞତା ନେଇ ସେ ଯଦି ଏପରି ଉପନ୍ୟାସ ସୃଷ୍ଟି କରିପାରିଲେ, ସେଯଦି ବଞ୍ଚି ରହିଥାନ୍ତେ, ତେବେ ଜଣେ ପ୍ରସିଦ୍ଧ ଔପନ୍ୟାସିକା ଭାବେ ଖ୍ୟାତି ଅର୍ଜନ କରିବା ସଙ୍ଗେ ସଙ୍ଗେ ଓଡିଆ ସାହିତ୍ୟର ଗନ୍ତାଘର ଋଦ୍ଧିମନ୍ତ ହୋଇଥାନ୍ତା, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ"। ସେ ଯାହା ହେଉ, ଉପନ୍ୟାସରେ କୁନ୍ତଳା କୁମାରୀ ନିଜ ଜାତିପ୍ରୀତି, ସମାଜ ସଂସ୍କାର ଓ ସମକାଳୀନ ସମାଜର ଚିତ୍ର ପ୍ରଦାନ କରିବାରେ ସମର୍ଥ ହୋଇଥିଲେ ।

କୁନ୍ତଳା କୁମାରୀଙ୍କ ଗଦ୍ୟରଚନାରେ ତାଙ୍କର ସ୍ୱଳ୍ପ କେତୋଟି ପ୍ରବନ୍ଧକୁ ମଧ୍ୟ ନିଆଯାଇପାରେ । ତନ୍ମଧ୍ୟରୁ ତାଙ୍କ ଲିଖିତ "କେଶବ ଚନ୍ଦ୍ର" ପ୍ରବନ୍ଧଟି ୧୯୨୭ ମସିହା ଜାନୁଆରୀ ୮ ତାରିଖ ସାୟଂ କାଳରେ କଟକ ବ୍ରାହ୍ମ ମନ୍ଦିରରେ ପଠିତ ହୋଇଥିଲା ପରେ "ଉତ୍କଳ ସାହିତ୍ୟ"ର ଅଂଶ ଭାଗ, ୯ମ ସଂଖ୍ୟାରେ ଏହା ପ୍ରକାଶିତ

ହୋଇଥିଲା । ଏହି ପ୍ରବନ୍ଧରେ କେଶବ ଚନ୍ଦ୍ର ସେନଙ୍କ  ପ୍ରଚାରିତ ଧର୍ମ ଧାରଣା ଉପରେ ସବିଶେଷ ଆଲୋଚନା କାରାଯାଇଥିଲା । ସେହି ପରି ତାଙ୍କର ଏକ ପ୍ରବନ୍ଧ "ସାମ୍ୟବାଦ ଭାରତୀୟ ଓ ରଷୀୟ' 'ଉକ୍ରଳ ସାହିତ୍ୟ ପ୍ରତିକାର ୧୭ଶ ଭାଗ ୧୦ମ ସଂଖ୍ୟାରେ ପ୍ରକାଶିତ ହୋଇଥିଲା । ଅନ୍ୟ ପ୍ରବନ୍ଧଟିଏ ହିନ୍ଦୀ ସାହିତ୍ୟର କ୍ରମ ବିକାଶ ସେହି ପତ୍ରିକାର ୧୮ତମ ଭାଗ ୧୦ ସଂଖ୍ୟାରେ 'ହିନ୍ଦୀ ସାହିତ୍ୟର କ୍ରମବିକାଶ ସମ୍ବନ୍ଧରେ ପଦେ ଅଧେ' 'ସହକାର' ପତ୍ରିକାର ୧୮ଶ ଭାଗ ୧୨ଶ ସଂଖ୍ୟାରେ, ଓ 'ଆଧୁନିକ ଧର୍ମ ସମସ୍ୟା' ପ୍ରବନ୍ଧ କଟକ ବ୍ରାହ୍ମ ମନ୍ଦିର  ପଠିତ ହେବା ସହ 'ଉକ୍ରଳ ସାହିତ୍ୟ'ର ୨୭ଶ ଭାଗ ୧୦ମ ସଂଖ୍ୟାରେ ପ୍ରକାଶିତ ହୋଇଥିଲା।

## ୨.୮ ନିଷ୍କର୍ଷ

ଓଡିଆ ଭାଷାର ଜଣେ ଅସପନ୍ ପ୍ରତିଭା ସମ୍ପନ୍ନ ନାରୀ କବି ରୂପେ କୁନ୍ତଳା କୁମାରୀଙ୍କ ସ୍ଥାନ ସର୍ବଥା ଓଡିଆ ସାହିତ୍ୟରେ ଦେଦୀପ୍ୟମାନ ହୋଇ ରହିବ । ବହୁ ଅଳ୍ପ ସମୟର ଜୀବନକାଳ ମଧ୍ୟରେ କୁନ୍ତଳାଙ୍କ ସୃଷ୍ଟି ସମ୍ଭାର ବିପୁଳ କହିଲେ ଆଦୌ ଅତ୍ୟୁକ୍ତି ହେବେ ନାହିଁ । ଜଣେ ନିଷ୍ଠାପର, ଆବେଗ ପ୍ରବଣ କବି ଭାବରେ ମାତ୍ର ତାଙ୍କୁ ବିଚାର କଲେ ତାଙ୍କୁ ସମୁଚିତ ନ୍ୟାୟ ପ୍ରଦାନ କରାଯାଇ ପାରିବ ନାହିଁ ବରଂ ତାଙ୍କର ଉପନ୍ୟାସ, ନିବନ୍ଧ ରଚନା ଇତ୍ୟାଦି ବୁହବିଧ, କ୍ଷେତ୍ରରେ ସେ ନିଜ ଅସାମନ୍ୟ କୃତିତ୍ୱ ପ୍ରଦର୍ଶନ କରିଛନ୍ତି । ଏହା ପୁଣି କେବଳ ଓଡିଆ ଭାଷାରେ ସୀମିତ ନୁହେଁ; ବଙ୍ଗଳା, ହିନ୍ଦୀ ଓ ଇଂରାଜୀ ଭାଷାରେ ମଧ୍ୟ ରହିଛି  ତାଙ୍କର ତତୋଽଧିକ ଉଚ୍ଚକୋଟୀର ଲେଖାମାନ । ସେ ଅବଶ୍ୟ ଓଡିଆ ସାହିତ୍ୟରେ ନାରୀକବିର ସମ୍ମାନ ଲାଭ କରିବା ସହିତ ଉତ୍କଳ ଭାରତୀର ଗୌରବରେ ମଧ୍ୟ ଭୂଷିତା ହୋଇଛନ୍ତି । ଏହାର ଏକମାତ୍ର କାରଣ ହେଉଛି କବିଙ୍କ ରଚନାବଳୀର ଭାବ ଓ ଭାଷାର ସାନ୍ଦ୍ରତା । ଗଦ୍ୟ ରଚନା କ୍ଷେତ୍ରରେ ମଧ୍ୟ ସେ ନିଜର ସ୍ୱଷ୍ଟାପଣର ସ୍ୱାକ୍ଷର ସମୁଜ୍ଜ୍ୱଳ କରି ଆମ ଆଗରେ ପ୍ରକାଶ କରିଛନ୍ତି ।

କୁନ୍ତଳା କୁମାରୀଙ୍କ ପାଇଁ ପ୍ରକୃତି ହେଉଛି ମଣିଷର ଆଭ୍ୟନ୍ତରୀଣ ଜଗତକୁ ଚିହ୍ନି ଚିହ୍ନାଇବା ପାଇଁ ଏକ ମାଧ୍ୟମ । ପ୍ରକୃତି ମାଧ୍ୟମରେ ଈପସିତ ସତ୍ତାକୁ ଠାବ କରିବା ପାଇଁ କବି ସର୍ବଦା ବ୍ୟଗ୍ରତା ପ୍ରଦର୍ଶନ କରିଛନ୍ତି । ତାଙ୍କ ପାଇଁ ପ୍ରକୃତି ନିଜଠୁ ଏକ ଭିନ୍ନ ସତ୍ତା ନୁହେଁ । ତେଣୁ ସେ ଏକ ନିର୍ଦ୍ଦିଷ୍ଟ ବଳୟ ଭିତରେ ଆତ୍ମମଗ୍ନ ହୋଇ ତା'ରି ଭିତରେ ପରମ ସତ୍ତାକୁ ଠାବ କରିଛନ୍ତି କିମ୍ବା ପ୍ରକୃତି ସହ ନିଜ ଜୀବନର ଅନ୍ତଃ ସମ୍ପର୍କର ଅନ୍ୱେଷଣ କରିଛନ୍ତି । ପ୍ରକୃତି ସହିତ ନିଜକୁ ତୁଳନା କରି ତା'ରି ଦର୍ଶନରେ ବିମୁଗ୍ଧ ହୋଇ ନାହାନ୍ତି ମାତ୍ର ତା'ରି ସୃଷ୍ଟି ଓ ରହସ୍ୟରେ ନିଜକୁ ହଜାଇ ଦେଇଛନ୍ତି ।

କୁନ୍ତଳା କୁମାରୀ ଅନେକତ୍ର ଭାବଯୋଗୀ ନ ହୋଇ କର୍ମଯୋଗୀ ହୋଇ ଉଠିଥିବାର ଜଣାଯାଏ । ସେ ଜଗତର ମାଧ୍ୟମରେ ବ୍ରହ୍ମକୁ ପାଇବାର କାମନା କରିନାହାନ୍ତି ଅଥଚ ନିଜ ମାଧ୍ୟମରେ ବ୍ରହ୍ମଙ୍କୁ ଉପଲବ୍ଧି କରିବା ବିଷୟ ଉପସ୍ଥାପିତ କରିଛନ୍ତି । ତେଣୁ ସାବତୀୟ ପ୍ରିୟତମ ପୁରୁଷ (ବ୍ରହ୍ମ) ନିଷ୍ଠୁର ନୁହଁନ୍ତି । ସେ ବିରାଟ, ସେ ସୁନ୍ଦର। କେତେକ ଆଲୋଚକଙ୍କ ମତରେ ତେଣୁ କବିଙ୍କ ରହସ୍ୟବାଦଧର୍ମୀ କବିତାଗୁଡିକୁ ତାଙ୍କ ଲୌକିକ ପ୍ରେମାନୁଭୂତିର ଉତ୍ତରିତ ସ୍ୱରୂପ ମାତ୍ର । ସୁତରାଂ କୁନ୍ତଳା କୁମାରୀଙ୍କ କବିତାବଳୀରେ ଲୌକିକ ପ୍ରେମଜନିତ ବେଦନା ଆଧାତ୍ମିକ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି ।

## ୨.୯ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### (୧) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।

(କ) କୁନ୍ତଳା କୁମାରୀଙ୍କ କବିତା ରାଜ୍ୟର ଭାବଭୂମି ଉପରେ ଆଲୋଚନା କର ।

(ଖ) ବ୍ୟକ୍ତିଗତ ବେଦନାବୋଧର ଚିତ୍ର ସାବତୀୟ ଭାବ ରାଜ୍ୟକୁ ଅଧିକ ସାନ୍ଦ୍ର କରିବାରେ ସାହାଯ୍ୟ କରିଛି ସଯୁକ୍ତିକ ଆଲୋଚନା କର ।

(ଗ) କୁନ୍ତଳା କୁମାରୀଙ୍କ ସାମଗ୍ରିକ ରଚନାବଳୀର ଆତ୍ମିକ ବିଭବ ସମ୍ପର୍କରେ ଆଲୋଚନା କର ।

(ଘ) କୁନ୍ତଳା କୁମାରୀଙ୍କ ଜୀବନୀ ଓ ଜୀବିକା ଉପରେ ଏକ ନାତିଦୀର୍ଘ ଆଲୋଚନା କର ।

(ଙ) ସାବତୀୟ ପ୍ରକୃତିର ଚିତ୍ରଣ କର ।

### (୨) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ।

(କ) କୁନ୍ତଳା କୁମାରୀଙ୍କ ପ୍ରଥମ କବିତା ଗ୍ରନ୍ଥର ନାମ କ'ଣ ଓ ଏହା କେବେ ପ୍ରକାଶିତ ହୋଇଥିଲା ?

(ଖ) କୁନ୍ତଳା କୁମାରୀ କେବେ ମେଡିକାଲ ଡିଗ୍ରୀ ହାସଲ କରିଥିଲେ ?

(ଗ) କେଉଁ ପରିସ୍ଥିତିରେ କୁନ୍ତଳା କୁମାରୀ ତାଙ୍କର ପ୍ରଥମ କବିତା ଲେଖିଥିଲେ ?

(ଘ) କୁନ୍ତଳା କୁମାରୀଙ୍କ ଉପନ୍ୟାସଗୁଡିକର ନାମ ଲେଖ ?

(ଙ) ଦିଲ୍ଲୀରେ ନିରାଶ୍ରୟ ମହିଳାଙ୍କ ନିମନ୍ତେ କାର୍ଯ୍ୟ କରୁଥିବା ସଙ୍ଗଠନର ମୁଖ୍ୟ କିଏ ଥିଲେ ?

(ଚ) କେଉଁ ପରିସ୍ଥିତିରେ କୁନ୍ତଳା କୁମାରୀ ବିବାହ କରିଛନ୍ତି ?

(ଛ) କେଉଁ ମେଡିକାଲ ହଲ ତତ୍ତ୍ୱାବଧାନରେ କୁନ୍ତଳା କୁମାରୀ ଦିଲ୍ଲୀରେ ସେବାକାର୍ଯ୍ୟ ଆରମ୍ଭ କରିଥିଲେ ?

(ଜ) କେବେ ଓ କିଭଳି କୁନ୍ତଳା କୁମାରୀ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ?

## ୨.୧୦ ସହାୟକ ଗ୍ରନ୍ଥସୂଚୀ


- ସବୁଜରୁ ସାଂପ୍ରତିକ - ନିତ୍ୟାନନ୍ଦ ଶତପଥୀ
- କୁନ୍ତଳା କୁମାରୀ ଜୀବନ ଚରିତ - ଚକ୍ରଧର ମହାପାତ୍ର
- ଓଡିଶା ସାହିତ୍ୟର ଇତିହାସ - ମାୟାଧର ମାନସିଂହ
- କୁନ୍ତଳା କୁମାରୀଙ୍କ ସାହିତ୍ୟ କୃତି - ଡକ୍ଟର ଇନ୍ଦିରା ପଟ୍ଟନାୟକ
- କୁନ୍ତଳା କୁମାରୀଙ୍କ କବିତାର ରହସ୍ୟବାଦୀ ସ୍ୱର - ସୌଦାମିନୀ ନନ୍ଦ
- କୁନ୍ତଳାଙ୍କ କାବ୍ୟମାନସ - ଏକ ଅନୁଧ୍ୟାନ - ପ୍ରେମଲତା ଦେବୀ
- Kuntala Kumari Sabat - Pratibha Ray

# ଦ୍ୱିତୀୟ ଏକକ : (ଖ) ମହାଦେବୀ ବର୍ମା

## ବିଷୟ ଗଠନ

୨.୧ ପଠନର ଉଦ୍ଦେଶ୍ୟ
୨.୨ ଶିକ୍ଷଣୀୟ ବିଷୟ
୨.୩ ବିଷୟ ପ୍ରବେଶ
୨.୪ ସ୍ରଷ୍ଟା ପରିଚୟ : ମହାଦେବୀ ବର୍ମା
୨.୫ ମହାଦେବୀଙ୍କ କାବ୍ୟଭୂମି
୨.୬ ମହାଦେବୀଙ୍କ କବିତା ରଚନାର ବୈଶିଷ୍ଟ୍ୟ
୨.୭ ମହାଦେବୀ ବର୍ମାଙ୍କ ଗଦ୍ୟ ରଚନା
୨.୮ ନିଷ୍କର୍ଷ
୨.୯ କୁନ୍ତଳା କୁମାରୀ ଓ ମହାଦେବୀ ବର୍ମା : ଏକ ତୁଳନାତ୍ମକ ଅଧ୍ୟୟନ
୨.୧୦ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୨.୧୧ ସହାୟକ ଗ୍ରନ୍ଥସୂଚୀ

## ୨.୧ ପଠନର ଉଦ୍ଦେଶ୍ୟ

- ଛାୟାବାଦ ଯୁଗ ସାମସମୟିକ ହିନ୍ଦୀ ବାଙ୍ମୟରେ ମହାଦେବୀ ବର୍ମାଙ୍କ ସାମଗ୍ରିକ ସୃଷ୍ଟି ସମ୍ଭାରର ବୈଚିତ୍ର୍ୟ, ପୃଷ୍ଠଭୂମି ତଥା ଭାବଭୂମି ସଂପର୍କରେ ଜ୍ଞାନ ଲାଭ କରିବା ।
- ମହାଦେବୀ ବର୍ମାଙ୍କ କବିତା, ଅନ୍ୟାନ୍ୟ ରଚନାବଳୀ ଓ ସୃଷ୍ଟିଶୀଳତାର ଆଭିମୁଖ୍ୟ ସଂପର୍କରେ ଜାଣିପାରିବେ ।
- ମହାଦେବୀ ବର୍ମାଙ୍କର ବ୍ୟକ୍ତିତ୍ୱ, କାବ୍ୟ ଜିଜ୍ଞାସା ତଥା ଅନ୍ୟାନ୍ୟ ସାହିତ୍ୟିକ ମନୋଭୂମିର ନିଛକ ରୂପାୟନ ସଂପର୍କରେ ଜାଣିପାରିବେ ।
- ମହାଦେବୀ ବର୍ମାଙ୍କ କବିତାବଳୀର ଆତ୍ମାପକ୍ଷ, ସର୍ଜନଶୀଳତାର ଇତିବୃତ୍ତ ସ୍ୱାଧୀନଚେତନାକୁ ଆଲୋଚନା ଶେଷରେ ପାଠକ ଅବଗତ ହେବେ ।
- ଦୀର୍ଘ ଜୀବନକାଳରେ ମହାଦେବୀ ବର୍ମାଙ୍କ ଅନୁଭୂତି ପ୍ରସୂତ ବିଶାଳ ଲେଖକୀୟ ପରାକାଷ୍ଠାର ବିଭିନ୍ନ ଦିଗ ସଂପର୍କରେ ଜାଣି ପାରିବେ ।

## ୨.୨ ଶିକ୍ଷଣୀୟ ବିଷୟ

ଏହି ଏକକରେ ବିଦ୍ୟାର୍ଥୀଗଣ ନିମ୍ନଲିଖିତ ପ୍ରସଙ୍ଗଗୁଡ଼ିକ ଜାଣିପାରିବେ :

- ମହାଦେବୀ ବର୍ମାଙ୍କ ଶୈଶବ, ଶିକ୍ଷା-ଦୀକ୍ଷା, ପେସା ଓ ନିଶା ବ୍ୟତୀତ ସର୍ଜନଶୀଳ ମନୋବୃତ୍ତିର ପଟ୍ଟଭୂମି ଉଦ୍‌ଘାଟନ କରିବାରେ ଅଧ୍ୟାୟୀ ମାନେ କ୍ଷମ ହେବେ ।
- କବି ଜୀବନର ସାମଗ୍ରିକ ସର୍ଜନଶୀଳ ରହସ୍ୟ, ପ୍ରକୃତି, ସଂଘାତ ତଥା ରଚନାଶୈଳୀର ବିବିଧ ରୂପ ସଂପର୍କରେ ଜ୍ଞାନ ଲାଭ କରିବେ ।
- ମହାଦେବୀ ବର୍ମାଙ୍କର ସାହିତ୍ୟିକ ଦୃଷ୍ଟିକୋଣ, ତତ୍ ସଂଲଗ୍ନ ସମସ୍ୟା ଓ ସ୍ୱାଧୀନ ଚେତନାର ଅଭିବ୍ୟକ୍ତି କ୍ରମରେ କବୟିତ୍ରୀଙ୍କ ସ୍ୱାତନ୍ତ୍ର୍ୟ ସଂପର୍କରେ ବିଦ୍ୟାର୍ଥୀମାନେ ଜାଣିପାରିବେ ।
- ହିନ୍ଦୀ ସାହିତ୍ୟର ଅଭିବୃଦ୍ଧିରେ ମହାଦେବୀ ବର୍ମାଙ୍କର ଅବଦାନ ସଂପର୍କରେ ଏକ ମୋଟାମୋଟି ଚିତ୍ର ପାଠକମାନେ ଲାଭ କରିବେ ।
- ମହାଦେବୀ ବର୍ମାଙ୍କ ସାହିତ୍ୟିକ ଜୀବନକୁ ସମୃଦ୍ଧ କରିଥିବା ବ୍ୟକ୍ତିବିଶେଷ ଓ ଘଟଣାବଳୀ ସଂପର୍କରେ ପାଠକମାନେ ଶିକ୍ଷାଲାଭ କରିବେ ।

## ୨.୩ ବିଷୟ ପ୍ରବେଶ

ଏକ ସମ୍ଭ୍ରାନ୍ତ ତଥା ସୁଶିକ୍ଷିତ ପରିବାରରେ ଜନ୍ମଲାଭ କରିଥିବା ମହାଦେବୀଙ୍କ ସ୍କୁଲ ଶିକ୍ଷା ୧୯୬୯ ମସିହାରେ ଇନ୍ଦୋରସ୍ଥିତ ଏକ ମିଶନ ସ୍କୁଲରେ ଆରମ୍ଭ ହୋଇଥିଲା । ଏଠାରେ ସେ ଷଷ୍ଠଶ୍ରେଣୀ ପର୍ଯ୍ୟନ୍ତ ପଢିବାର ସୁଯୋଗ ପାଇଥିଲେ । ପରେ ମା'ଙ୍କ ବିରୋଧ କାରଣରୁ ,ସେହି ସ୍କୁଲରେ ତାଙ୍କୁ ପଢିବାକୁ ଦିଆଯାଇ ନ ଥିଲା । ଅବଶ୍ୟ ଗୃହଶିକ୍ଷକଙ୍କ ସହାୟତାରେ ତାଙ୍କୁ ଘରେ ସଂଗୀତ ତଥା ଚିତ୍ରାଙ୍କନ ଶିକ୍ଷା ପ୍ରଦାନ କରାଯାଇଥିଲା । ମା' ହେମରାଣୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହିଁ ସେ ସୁରଦାସ, ତୁଳସୀ ଦାସ ଇତ୍ୟାଦିଙ୍କ ଭକ୍ତି ରସାତ୍ମକ କାବ୍ୟ-କବିତା, ମହାଭାରତ, ରାମାୟଣ ଇତ୍ୟାଦି ପରମକୃତି ମାନ ପାଠ କରିଥିଲେ । ଏହା ବ୍ୟତୀତ ବଡ ସନ୍ତାନ ହୋଇଥିବା ହେତୁ ତାଙ୍କୁ ଘରର ଗୁଡାଏ କାମ - ପାଇଟି ମଧ୍ୟ କରିବାକୁ ପଡୁଥିଲା । ଏହା ବ୍ୟତୀତ ସେ ସମୟରେ ପରଂପରା ଅନୁସାରେ ତଥାକଥିତ ଉଚ୍ଚ ଶିକ୍ଷିତ ପରିବାରର ସମସ୍ତ ସଦସ୍ୟଙ୍କୁ ସଂସ୍କୃତ ଶିଖିବା ପଢିବା ଆଭିଜାତ୍ୟର ବିଷୟ ଥିଲା । ତେଣୁ ମହାଦେବୀ ବର୍ମାଙ୍କୁ ସଂସ୍କୃତ ପଢ଼େଇବା ପାଇଁ ଜଣେ ସଂସ୍କୃତ ପଣ୍ଡିତଙ୍କୁ ନିଯୁକ୍ତ କରାଯାଇଥିଲା । ଅବଶ୍ୟ ବିବାହ ପରେପରେ ବିଭିନ୍ନ କାରଣରୁ ସେ ପଢ଼ାପଢ଼ି କରି ପାରି ନ ଥିଲେ ହେଁ ଶ୍ୱଶୁରଙ୍କ ନିଧନପରେ ଏହି କ୍ରମ ପୁନଶ୍ଚ ବଢ଼ିଚାଲି ଥିଲା ।

୧୯୭୮ ମସିହାରେ ମହାଦେବୀ ମିଡିଲ ସ୍କୁଲ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ପଢ଼ାପଢ଼ି ଦୃଷ୍ଟିରୁ ସେ ଥିଲେ ସମୁଚ୍ଚ ପ୍ରତିଭାର ଅଧିକାରିଣୀ । ୧୯୮୨ ମସିହାରେ ଏଣ୍ଟ୍ରାନସ ପରୀକ୍ଷାରେ ପ୍ରଥମ ହୋଇ ଛାତ୍ରବୃତ୍ତି ହାସଲ କରିବା ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ । ୧୯୮୪ ରେ ସେ ଏଫ୍, ଏ ଓ ୧୯୮୬

ରେ ବି. ଏ. ପାଶ କରିଥିଲେ । ପରେ ୧୯୮୯ ରେ ପ୍ରୟାଗ ବିଶ୍ୱବିଦ୍ୟାଳୟରୁ ସଂସ୍କୃତରେ ଉପାଧ୍ୟୁତ୍ତର ଡିଗ୍ରୀ ହାସଲ କରିଥିଲେ । ସେହି ସମୟରେ ସେ ଆହ୍ଲାବାଦ୍ ସ୍ଥିତ କ୍ରସ୍ ୱେଟ୍ ବୋର୍ଡିଂ ହାଉସରେ ରହୁଥିଲେ । ଏମ୍.ଏ. ଅଧ୍ୟୟନ ସରିବା ପରେ ସେହିବର୍ଷ ସେ ପ୍ରୟାଗ ମହିଳା ବିଦ୍ୟାପୀଠରେ ପ୍ରଧାନ ଅଧ୍ୟାପିକା ରୂପେ ଚାକିରି କଲେ। ଏହି ପଦବୀରେ ସେ ଚାକିରିକାଳ ଶେଷ ପର୍ଯ୍ୟନ୍ତ ରହିଥିଲେ । ଏହି ସମୟରେ ସେ 'ଚାନ୍ଦ' ଶୀର୍ଷକରେ ଏକ ମାସିକ ପତ୍ରିକାର ସଂପାଦନା ଦାୟିତ୍ୱ ନିର୍ବାହ କରିଥିଲେ ।

## ୨.୪ ସ୍ରଷ୍ଟା ପରିଚୟ : ମହାଦେବୀ ବର୍ମା

ନାରୀ ଜାଗରଣର ପ୍ରମୁଖ ବାର୍ତ୍ତାବହ, ଅନନ୍ୟସାଧାରଣ ସଂସ୍କାର ପ୍ରୟାସୀ ମହାଦେବୀ ବର୍ମା ବିଂଶଶତାବ୍ଦୀର ଅନ୍ୟତମ ସର୍ବଶ୍ରେଷ୍ଠ ସାରସ୍ୱତ ସାଧିକା । ଜଣେ ସମାଜ ସଚେତନ ଓ ମଣିଷର ସାମଗ୍ରିକ ଦୁଃଖ, ଶୋକ ଓ ସନ୍ତାପ ମୋଚନ ନିମନ୍ତେ ଅତ୍ୟନ୍ତ ଯତ୍ନଶୀଳା । ନିରବଚ୍ଛିନ୍ନ ଭାବେ ତାଙ୍କ କାବ୍ୟଚିନ୍ତନକୁ ନାନାମତେ ସ୍ୱଦେଶୀ ଭାବନା ଅନୁପ୍ରେରିତ କରିଛି । ତେଣୁ ତାଙ୍କ ରଚନାବଳୀରେ ସ୍ୱତଃସ୍ଫୁର୍ତ୍ତ ଭାବେ ଉତ୍ସର୍ଗୀକୃତ ଦେଶପ୍ରାଣତାର ସ୍ୱରଲିପି ଉତ୍କୀର୍ଣ୍ଣ ହୋଇଉଠିଛି । ହିନ୍ଦୀ ସାହିତ୍ୟରେ ଛାୟାବାଦ ପରଂପରା ରୂପେ ପ୍ରତୀକିତ ହୋଇଥିବା ସମୟର ଜଣେ ବରେଣ୍ୟ, ସାର୍ଥକ ତଥା ସ୍ୱନାମଧନ୍ୟା ପ୍ରତିଷ୍ଠିତ କବୟିତ୍ରୀ ଏବଂ ହିନ୍ଦୀ କାବ୍ୟ କବିତାର ଆଧୁନିକ ମୀରା ଭାବେ ବହୁଧା ପରିଚିତ ମହାଦେବୀ ବର୍ମାଙ୍କର ଜନ୍ମ ହୁଏ ୧୯୦୭ ମସିହାରେ ଉତ୍ତର ପ୍ରଦେଶର ଫାରୁଖାବାଦ ଗ୍ରାମରେ । ପିତା ଗୋବିନ୍ଦ ଦାସଙ୍କ ଔରସରୁ ମାତାହେମରାଣୀ ଦେବୀଙ୍କ ଗର୍ଭରେ ଏକ ସଂପନ୍ନ ପରିବାରରେ ତାଙ୍କର ଜନ୍ମ । ସେ ଥିଲେ ତାଙ୍କ ପରିବାରର ପ୍ରଥମ ସନ୍ତାନ । ତାଙ୍କ ଭୂମିଷ୍ଠ ହେବା ସହିତ ପରିବାରରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଘରର ଅଧିକାଂଶ ସଦସ୍ୟ ତାଙ୍କ ଜନ୍ମଲାଭ ବିଷୟକୁ ଶୁଭବୋଲି ଗ୍ରହଣ କରି ପାରି ନ ଥିବା ସତ୍ତ୍ୱେ ତାଙ୍କ ପିତା ଓ ଜେଜେ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ । ଏ ବିଷୟରେ ମହାଦେବୀଙ୍କ ସାନ ଭଉଣୀ ଶ୍ରୀମତୀ ଶ୍ୟାମାଦେବୀ ସକ୍‌ସେନା ସ୍ୱୀୟ 'ବଚ୍‌ପନ କେ ଦିନ' ପୁସ୍ତକରେ ଲେଖିଛନ୍ତି :-

"ପରିବାର୍ ମେଁ ସାତ୍ ପୀଢିୟୋଁ ସେ କେବଲ୍ ଏକ୍-ଏକ୍ ଲଡ୍‌କା ଜନ୍ମ ଲେ ରହାଥା । ଜବ୍ ଜିଜୀ (ମହାଦେବୀ) ହୁଇ ତୋ ଦାଦା ନେ କହା ଲଡ୍‌କୀ-ଭବାନୀ ହୁଇ ହୈ । ଦାଦା ସୁନକର୍ ପ୍ରସନ୍ନ ହୋ ଗଏ କୀ ଉନ୍‌କେ ଏକମାତ୍ର ପୁତ୍ର କେ ପ୍ରଥମ ସନ୍ତାନ ଲଡ୍‌କୀ ହୁଇ ହୈ । ଦାଦା ନେ  କହ୍‌ନେ ଲଗେ- "ମେରେ ବଡେ ଭାଗ୍ୟ ହୈ । ୟହ ଦେବୀ ହୈ, ମେରେ ଘର କୀ ମହାଦେବୀ ।" ପରିବାରରେ ଦୀର୍ଘ ସାତପିଢ଼ି ଧରି କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିବା ବେଳେ ଗୋବିନ୍ଦ ଦାସ ବର୍ମାଙ୍କ ପ୍ରଥମ ସନ୍ତାନ ଭାବେ ଝିଅ ଟିଏ ଜନ୍ମ ହେବା ନିଶ୍ଚିତ ଭାବେ ଏକ ସୁଖବର ଥିଲା । ଚାରି ସନ୍ତାନ (ଦୁଇ ଝିଅ, ଦୁଇ ପୁଅ) ମଧ୍ୟରେ ମହାଦେବୀ ଥିଲେ ସମସ୍ତଙ୍କଠୁ ବଡ ।

ବ୍ୟକ୍ତିରୂପେ ମହାଦେବୀଙ୍କ ପିତା ଗୋବିନ୍ଦ ଦାସ ଜଣେ ଉଚ୍ଚଶିକ୍ଷିତ, ସଂପନ୍ନ ଥିଲେ ହେଁ ଥିଲେ ପୁଣି ନାସ୍ତିକ ସ୍ୱଭାବର । ଜୀବନର ଅଧିକାଂଶ ସମୟ ସେ ଖାଇବା - ପିଇବା, ଶିକାର କରିବା ଏବଂ ଖେଳ, କୁଦ, ମଉଦ-ମଜଲିସ ଆଦିରେ ବ୍ୟୟ କରୁଥିଲେ । ଇନ୍ଦୋରରେ ଥିବା ଏକ କଲେଜରେ ସେ ଅଧ୍ୟାପନା କରୁଥିବାବେଳେ ସେଠାରେ ସେତେବେଳେ ନରସିଂହଗଡର ରାଜକୁମାର ଅଧ୍ୟୟନ କରୁଥିଲେ ।  ରାଜକୁମାର ଯେତେବେଳେ

ନରସିଂହଗଡର ଶାସକ ପଦରେ ଅଭିଷିକ୍ତ ହେଲେ, ସେତେବେଳେ ସେ ଗୋବିନ୍ଦ ଦାସଙ୍କୁ ନିମଜ ଗଡକୁ ନେଇଯାଇଥିଲେ । ପରେ ପରେ ସେ ଭାଗଲପୁର ମହାବିଦ୍ୟାଳୟରେ ଅଧକ୍ଷ ରୂପେ ଅବସ୍ଥାପିତ ହୋଇଥିଲେ । ଅଥଚ ମହାଦେବୀଙ୍କ ମାତା ହେମରାଣୀ ଥିଲେ ଜଣେ ଧର୍ମ ପରାୟଣା ମହିଳା ଓ ଈଶ୍ୱର ବିଶ୍ୱାସୀ । ନିଜ ମାତା ପିତାଙ୍କ ବିଷୟରେ ମହାଦେବୀ ଲେଖିଛନ୍ତି :- "ଏକ ବ୍ୟାପକ ବିକୃତି କେ ସମୟ, ନିର୍ଜୀବ ସଂସ୍କାରୋଁ କେ ବୋଝସେ ଜଡୀଭୂତ, ବର୍ଗ ମେଁ ମୁଝେ ଜନ୍ମ ମିଲା ହୈ । ପରନ୍ତୁ ଏକ ଓର୍ ସାଧନାପୂତ୍ ଆସ୍ତିକ ଓର୍ ଭାବୁକ ମାତା ଓର୍ ଦାର୍ଶନିକ ଓର୍ ସବ୍ ପ୍ରକାର କୀ ସାଂପ୍ରଦାୟିକତା ସେ ଦୂର କର୍ମନିଷ୍ଠ ଓର୍ ଦାର୍ଶନିକ୍ ପିତା ନେ ଅପ୍‌ନେ-ଅପ୍‌ନେ ସଂସ୍କାର ଦେକର୍ ମେରେ ଜୀବନ କୋ ଜୈସା ବିକାଶଦିୟା, ଉସ୍‌ମେଁ ଭାବୁକତା ବୁଦ୍ଧି କେ କଠୋଇ ଧରା ତଲ୍‌ପର୍, ସାଧନା ଏକ୍ ବ୍ୟାପକ୍ ଦାର୍ଶନିକତା ପର୍ ଓର୍ ଆସ୍ତିକତା ଏକ ସକ୍ରିୟ ପର୍ କିସୀ ବର୍ଗ ୟା ସଂପ୍ରଦାୟ ମେ ନ ବଂଧନେ ଓ୍ୱାଲି ଚେତନା ପର୍ ହୀ ସ୍ଥିତ ହୋ ସକତୀ ହେ ।"

ନିଜର ବୈବାହିକ ଜୀବନ ସଂପର୍କରେ ସ୍ୱୟଂ ମହାଦେବୀ ବର୍ମା କହିଛନ୍ତି:- "ମେରା ବ୍ୟାହ ସାତ୍ ବର୍ଷ କୀ ଉମ୍ର ମେ ହୁଆଥା । ପତି ଭୀ  ଲଗ୍ ଭଗ୍ ଇତ୍ ନୀ ହୀ ଉମ୍ର କେ ଥେ । ମେରେ ପତି ଡାକ୍ତରୀ ପଢ୍‌ତେ ଥେ । ଉହ୍ନୋନେ କଇବାର ଚାହା କୀ ହମ୍ ଲୋଗ୍ ସାଥ୍ ରହେ । ଲେକିନ ୟହ ବାତ୍ ମେରେ ମନ୍ ମେ ଥୀ ହୀ ନେ ହଁ । ମୈଁନେ ଉନ୍ ସେ କହା କି ଗ୍ରିହସ୍ଥ ଜୀବନ କୀ ଓର୍ ମୈଁରୀ ଥୋଡି ଭୀ ପ୍ରବୃତ୍ତି ନେହିଁ ହୈ, ଅତଏବ ମେଁ ଆପକେ ସାଥ୍ କଭୀ ଭୀ ନେହି ରହ ସକୁଙ୍ଗୀ ।"

ମାତ୍ର ୧୦ ବର୍ଷ ବୟସରେ ମହାଦେବୀ ବର୍ମା ବିବାହ କରିଥିଲେ ବରେଲି ନିକଟରେ ଥିବା ନବାବଗଂଜ ଗାଁରେ । ଏହା ୧୯୧୭ ମସିହାର କଥା । ବିବାହ କରନ୍ତି ସେ ସ୍ୱରୂପ ନାରାୟଣ ବର୍ମାଙ୍କୁ । ସେ ମଧ ଥିଲେ ମହାଦେବୀଙ୍କ ସମବୟସ୍କ । ସେ ଡାକ୍ତରୀ ପଢୁଥିଲେ । ତାଙ୍କ ପଢା ସରିବା ପର୍ଯ୍ୟନ୍ତ ମହାଦେବୀ ନିଜ ପିତ୍ରାଳୟରେ ରହିଥିଲେ । କିନ୍ତୁ ସ୍ୱାମୀ ତାଙ୍କର ଅନୁକ୍ଷଣ ଚାହୁଁଥିଲେ ଯେ ମହାଦେବୀ ଆସି ତାଙ୍କ ସହିତ ରୁହନ୍ତୁ । ହେଲେ ଗାର୍ହସ୍ଥ୍ୟ ଜୀବନ ପ୍ରତି ଅତ୍ୟନ୍ତ ଅନାକର୍ଷିତ ମହାଦେବୀ ସେଥି ନିମନ୍ତେ କେବେ କୌଣସି ପ୍ରକାର ଆଗ୍ରହ ଦେଖାଇ ନ ଥିଲେ । ନିଜ ଆତ୍ମଜୀବନରେ ସେ ସେହି ସମୟ ସଂପର୍କରେ କହିଛନ୍ତି ଯେ ସେ ଏକ ବୌଦ୍ଧ ଭିକ୍ଷୁଣୀ ହେବାର ସ୍ୱପ୍ନ ଦେଖୁଥିଲେ । ଏହାବ୍ୟତୀତ ସେ ସ୍ୱାମୀଙ୍କୁ ଦ୍ୱିତୀୟ ପତ୍ନୀ ଗ୍ରହଣ କରିବାକୁ ମଧ ପ୍ରବର୍ତ୍ତାଇ ଥିଲେ ।

ବିଧିର ବିଧାନ କିନ୍ତୁ ଭିନ୍ନ ଥିଲା । ବିବାହ ସ୍ଥିରୀକୃତ ହୋଇସାରିଥିବା କାରଣରୁ ଯେତେବେଳେ ଆନୁଷ୍ଠାନିକ ବିବାହ ସଂପନ୍ନ ପୂର୍ବକ ପତିଗୃହ ଗମନ ପାଇଁ ଚର୍ଚ୍ଚା ହୋଇଛି, ସେ ଏହାର ଦୃଢ଼ ବିରୋଧ କରିଥିଲେ । ପିତା ତାଙ୍କୁ ଅନ୍ୟତ୍ର ବିବାହ କରିବାର ସ୍ୱାଧୀନତା ପ୍ରଦାନ କରିଥିଲେ ହେଁ ସେ ବିବାହ କରିବାକୁ ସଂପୂର୍ଣ୍ଣ ଅନିଚ୍ଛୁକ ବୋଲି ରୋକ୍ ଠୋକ୍ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ।

କବିତା ଲେଖିବା ମହାଦେବୀଙ୍କ ଜୀବନରେ ଅତ୍ୟନ୍ତ ଆକସ୍ମିକ ଥିଲାବୋଲି କୁହାଯାଇପାରେ । ଥରେ ହୋଲି ପର୍ବ ପାଳିତ ହେଉଥିବା ସମୟରେ କବୟିତ୍ରୀଙ୍କ ମାଆ "ଲାଲ ଭୟୋନନ୍ଦଲାଲ ଶ୍ୟାମତା ରଂଗ ଗୟୋ ହୈ" ଭଜନ ଗାଉ ଗାଉ ତାର ପରବର୍ତ୍ତୀ ଧାଡିଟି ହଠାତ୍ ମନେ ପକାଇ ପାରି ନ ଥିଲେ । ମହାଦେବୀ ସେଇଠି ତତ୍କାଳ ନିଜର ପଂକ୍ତି ଯୋଡି ଦେଇ ଗାଇ ଉଠିଥିଲେ –

"ଲାଲ ମୁକୁଟ ଶିରେ ଲାଲ ପୀତାମ୍ବର
ଲାଲ ଗଲେ ବନମାଲ
ରାଧେ ଲାଲ, ସଖୀ ସବ୍ ଲାଲୀ
ସୁଂଦର ନୈନ ବିଶାଲ ।"

ଏହିପରି ଭାବେ ସେ ନିଜର ଗୋଟିଏ ପଦ ଯୋଡି ଦେଇଥିଲେ । ଏହି କବିତା ଲେଖାଲେଖି ପ୍ରତି ତାଙ୍କର ଦୁର୍ବାର ଆକର୍ଷଣ ତାଙ୍କର ୭ ବର୍ଷ ବୟସରୁ ହିଁ ଜଣାପଡି ଯାଉଥିଲା । ସେହି ବୟସରେ ସେ ପୁନଶ୍ଚ ଲେଖିଥିଲେ - "ଆଓ ପ୍ୟାରେ ତାରେ ଆଓ, ମେରେ ଆଂଗନ ମେ ବିଛ୍ ଯାଓ ।" ସେହି ପରି ୮ ବର୍ଷ ବୟସରେ ସେ 'ଦିୟା' ଶୀର୍ଷକରେ ଖଡୀବୋଲିରେ ତାଙ୍କର ପ୍ରଥମ କବିତା ଲେଖିଲେ -:

"ଧୂଳି କେ ଜିନ୍ ଲଘୁ କଣୋଁ ମେଁ ହୈନ ଆଭା ପ୍ରାଣ୍ ।
ତୁ ହମାରୀ ହୀ ତରହ ଉନ୍ ସେ ହୁଆ ବପୁବାନ୍ ।
ଆଗ୍ କର୍ ଦେତି ଜିସେ ପଲ୍ ମେ ଜଲା କର କ୍ଷାର୍ ।
ହେ ବନୀ ଉସ୍ ତୁଲ୍ ସେ ବନୀ ନଇ ସୁକୁମାର ।"

ଏହିଭଳି ଖୁବ୍ କମ୍ ବୟସରୁ ଲେଖା ଲେଖି ଆରମ୍ଭ କରିଥିବା ମହାଦେବୀ ବର୍ମା ମାଟ୍ରିକ ପାଶ୍ କରିବା ପୂର୍ବରୁ ଲିଖିତ ହୋଇଥିବା 'ନୀହାର' କବିତା ସଂକଳନ ର ପ୍ରକାଶନ ସହିତ ବିଧିବଦ୍ଧ ଭାବେ କବିଟିଏ ହୋଇ ସାରିଥିଲେ । ଗଦ୍ୟରେ ଲେଖାଲେଖି କରିବା ମଧ୍ୟ ତାଙ୍କର ବହୁତ କମ୍ ବୟସରୁ ଆରମ୍ଭ ହୋଇଯାଇଥିଲେ । ତାଙ୍କର ସ୍ୱଭାବରେ ଉଭୟ କୋମଳତା ସହିତ ଦୃଢ଼ତା ମଧ୍ୟ ପୂରି ରହିଥିଲା । ସହିଷ୍ଣୁତା, ସ୍ୱତନ୍ତ୍ରତା, ସମ୍ବେଦନ ଶୀଳତା ସହ ଥିଲା ମଧ୍ୟ ବିଦ୍ରୋହ ପାଇଁ ଅସମ୍ଭବ ଆତ୍ମଶକ୍ତି । ସେ ବିଶ୍ୱାସ କରୁଥିଲେ ଯେ ଅସୂର୍ଯ୍ୟଂପଶ୍ୟା ହୋଇ କେବଳ ଘରର ଯାବତୀୟ କାମ ବୁଝାବୁଝି କରିବା ନାରୀ ଧର୍ମ ନୁହେଁ, ବରଂ ଘର ବାହାର ସବୁ କାମକୁ ସେ ସମତୁଲ ଭାବେ ତୁଲାଇ ପାରେ ।

ସୁଯୋଗ କ୍ରମେ ପ୍ରୟାଗଠାରେ କବିଗୁରୁ ରବିନ୍ଦ୍ରନାଥ ଠାକୁରଙ୍କୁ ସାକ୍ଷାତ କରିବା ପରଠୁ ତାଙ୍କ ଜୀବନରେ ଆସିଥିଲା ଅଭାବନୀୟ ପରିବର୍ତ୍ତନ । ଏହା ପରେ ସେ 'ମୀରା ଜୟନ୍ତୀ' ଆରମ୍ଭ କରିଥିଲେ । ଏହା ସହିତ ନୈନିତାଲ ଠାରେ ଏକ ମୀରାମନ୍ଦିର ନିର୍ମାଣ ମଧ୍ୟ ତାଙ୍କରି ପ୍ରୟାସରେ ହୋଇଥିଲା ।

ଜଣେ ନିଷ୍ଠାପର ସାହିତ୍ୟ କର୍ମୀ ଭାବରେ ସେ ଅତୁଳନୀୟା । ଏହି ମର୍ମରେ ସେ ସ୍ଥାପନ କରିଥିଲେ ପ୍ରୟାଗଠାରେ ସାହିତ୍ୟକାର ସଂସଦ । ଏଥିପାଇଁ ପରବର୍ତ୍ତୀ ସମୟରେ ଗଂଗାନଦୀ କୂଳରେ ଆହ୍ଲାବାଦର ରସୁଲାବାଦ ଠାରେ ଏକ ଘର କିଣିଥିଲେ ସେ । ଏହିଠାରେ ହିଁ ୨୦୦୬ ମସିହାରେ ଅଖିଳ ଭାରତୀୟ ଲେଖକ ସମ୍ମେଳନ ତଥା ସାହିତ୍ୟ ପର୍ବର ଭିତ୍ତି ସ୍ଥାପିତ ହୋଇଥିଲା । ଏହି ସଂସଦ ଆନୁକୂଲ୍ୟରେ ହିନ୍ଦୀ ସାହିତ୍ୟର ଅଭିବୃଦ୍ଧି ନିମନ୍ତେ ଯାବତୀୟ ଉଲ୍ଲେଖଯୋଗ୍ୟ କାର୍ଯ୍ୟ କରାଯାଇଛି ।

କବି ମହାଦେବୀ ବର୍ମା ଥିଲେ ଜଣେ ବହୁମୁଖୀ ପ୍ରତିଭାର ଅଧିକାରିଣୀ ଦୟାଶୀଳା ଆତ୍ମାବିଶେଷ । ସାହିତ୍ୟ ସୃଜନ  ବ୍ୟତୀତ ବହୁ ସାମାଜିକ କାର୍ଯ୍ୟରେ ମଧ୍ୟ ତାଙ୍କର ସମଧିକ ଅବଦାନ ଓ ଅଂଶଗ୍ରହଣ କରିଥିବା ଜଣାଯାଏ । ଏକାଧାରରେ ସେ ଥିଲେ ଜଣେ ସଚେତନ ଦେଶପ୍ରାଣ ମହିଳା, ସମାଜ ସେବିକା ଓ ପ୍ରଗତିଶୀଳା ନାରୀ । ୧୯୮୭ ମସିହାରେ ସେ ଇହଲୀଳା ସମ୍ବରଣ କରିଥିଲେ ।

## ୨.୫ ମହାଦେବୀଙ୍କ କାବ୍ୟଭୂମି

ହିନ୍ଦୀ ସାହିତ୍ୟରେ ଛାୟାବାଦ ଯୁଗ ଭାବରେ ସମୟ ସ୍ରୋତର ଏକ କ୍ରାନ୍ତି କାରୀ ସ୍ରଷ୍ଟାପ୍ରାଣ ମହାଦେବୀ ବର୍ମା ହିନ୍ଦୀ ସାହିତ୍ୟରେ ରୋମାଣ୍ଟିକ ଚେତନା ସହ ରହସ୍ୟବାଦର ଆଦ୍ୟ ପ୍ରତିଭୂ ଥିଲେ କହିଲେ ଦ୍ୱିରୁକ୍ତି ହେବ ନାହିଁ । ସେ ହେଉଛନ୍ତି ପ୍ରଥମ ଭାରତୀୟ ମହିଳା ଯିଏ ଏକାଧାରରେ ସାହିତ୍ୟ ଏକାଡେମୀ ଫେଲୋସିପ ପାଇବା ସହିତ ଜ୍ଞାନ ପୀଠ ପୁରସ୍କାର, ପଦ୍ମଭୂଷଣ ଓ ପଦ୍ମ ବିଭୂଷଣ ଉପାଧି ଇତ୍ୟାଦିରେ ଭୂଷିତା ହୋଇଛନ୍ତି । ଛାୟାବାଦ ଆନ୍ଦୋଳନ (୧୯୧୪-୧୯୩୮) ର ଅନ୍ୟତମ ପ୍ରବକ୍ତା ଭାବେ ମହାଦେବୀଙ୍କ ଯଶ ସର୍ବସ୍ୱୀକୃତ । ଏହି ସମୟରେ ହିନ୍ଦୀ ସାହିତ୍ୟରେ ରୋମାଣ୍ଟିକ ଆଭିମୁଖ୍ୟ ସହିତ ମାନବବାଦୀ ଦୃଷ୍ଟିକୋଣର ଉଚ୍ଛଳ ପ୍ରବାହ ପରିଲକ୍ଷିତ ହୋଇଥାଏ । ମହାଦେବୀଙ୍କ ଜନ୍ମ ହେବା ପରଠୁ ଅତ୍ୟନ୍ତ ଆନନ୍ଦିତ ହୋଇଥିବା ଅଜା ଚାହୁଁଥିଲେ ଯେ ସେ ଜଣେ ବିଦୂଷୀ ହେଉ । ଅଥଚ ଲେଖାଲେଖି କରିବାର ପ୍ରେରଣା ମହାଦେବୀ ସିଧାସଳଖ ନିଜ ମାଆଙ୍କଠୁ ପାଇଥିବା ବିଷୟ ସ୍ୱୀକାର କରନ୍ତି । ତାଙ୍କ ମାଆ ହିଁ ତାଙ୍କୁ ପୁରାଣାଦି ଗ୍ରନ୍ଥ ପଠନ କରିବା ସହିତ ପୁସ୍ତକ ପଢ଼ିବା ଓ କବିତା ଇତ୍ୟାଦି ଲେଖିବା ପାଇଁ ଯଥେଷ୍ଟ ପ୍ରେରଣା ଦେଇଥିଲେ । ମହାବିଦ୍ୟାଳୟରେ ଅଧ୍ୟୟନ କାଳରେ ସେ ଲୁଚି ଲୁଚି କବିତା ଲେଖୁଥିଲେ । ମହାଦେବୀଙ୍କ ସୁପ୍ତ ପ୍ରତିଭାର ସ୍ଫୁରଣ ନିମନ୍ତେ ଓ ତାର ବିକଚ ବିକାଶ ସହିତ ଲୋକାଭିମୁଖୀ କରିବାରେ ତତ୍କାଳୀନ ପ୍ରସିଦ୍ଧ କବୟିତ୍ରୀ ସୁଭଦ୍ରା କୁମାରୀ ଚୌହାନ ଙ୍କ ଭୂମିକା ଅବିସ୍ମରଣୀୟ । ସୁଭଦ୍ରା ହିଁ ମହାଦେବୀ ଲେଖିଥିବା ଗୁଡାଏ କବିତା ସଂଗ୍ରହ କରି ତାର ପ୍ରଶଂସା ଏବଂ ଆବଶ୍ୟକ ସଂଶୋଧନ ନିମନ୍ତେ ନିଜଆଡୁ ପ୍ରସ୍ତାବ ଦେଇଥିଲେ । ଏପରିକି ସୁଭଦ୍ରା ଚୌହାନ ମହୋଦୟା ମହାଦେବୀଙ୍କ ରଚନା ବଳୀରେ ଏତେ ତଲ୍ଲୀନ ହୋଇଯାଇଥିଲେ ଯେ ସେ ଅବସର ସମୟରେ ତାଙ୍କୁ ଦେଖାକରିବା  ପାଇଁ ପରାମର୍ଶ ଦେଇଥିଲେ । ଉଭୟ ଲେଖିକା ସମ୍ମିଳିତ ରୂପେ ନିଜ କବିତାବଳୀ ତାତ୍କାଳିକ ପ୍ରସିଦ୍ଧି ପତ୍ରପତ୍ରିକାରେ ପ୍ରକାଶ କରିଥିଲେ । ଏକତ୍ର ସେମାନେ ଦିହେଁ ଅନେକ ସାହିତ୍ୟ ସଭା, କବିତା ପାଠୋତ୍ସବ ଓ ଆଲୋଚନାଚକ୍ର ବା ସଂପାନ ଇତ୍ୟାଦିରେ ଯୋଗଦେଇ ତଦୀୟ ବହୁଯଶସ୍ୱୀ କବି, ସାହିତ୍ୟିକଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ପ୍ରକ୍ରିୟା ସୁଭଦ୍ରା ଚୌହାନ ମହୋଦୟା ଗ୍ରାଜୁଏଟ୍ ହେବା ପର୍ଯ୍ୟନ୍ତ ଅବ୍ୟାହତ ରହିଥିଲା । ତେଣୁ ଏହି ସବୁ କାର୍ଯ୍ୟକଳାପ ପରବର୍ତ୍ତୀ ସମୟରେ ମହାଦେବୀ ବର୍ମାଙ୍କୁ ସାହିତ୍ୟ ସାଧନା କ୍ଷେତ୍ରରେ ଅଫୁରନ୍ତ ବଳ ଓ ଉତ୍ସାହ ଯୋଗାଇଛି ନିଶ୍ଚୟ । ଜଣେ ନାମକରା କବି ବ୍ୟତୀତ ସେ ମଧ୍ୟ ଜଣେ ପ୍ରଥିତଯଶା ଗଦ୍ୟଶିଳ୍ପୀ ଓ ଚିତ୍ରଶିଳ୍ପୀ ଭାବରେ ସୁବିଦିତ। ତାଙ୍କ ଚିତ୍ରଶିଳ୍ପରେ ଥିବା ଅଗାଧ ପ୍ରବେଶ ସ୍ୱୀୟ କବିତା ପୁସ୍ତକ 'ଯମ' ପାଇଁ ଆଙ୍କିଥିବା ବିଭିନ୍ନ ଚିତ୍ରାଦିରୁ ଅବଧାରିତ । ଏହି ପୁସ୍ତକ ପାଇଁ ପରବର୍ତ୍ତୀ ସମୟରେ ୧୯୩୬ ମସିହାରେ ସେ ଜ୍ଞାନପୀଠ ପୁରସ୍କାର ପାଇଥିଲେ ।

## ୨.୬ ମହାଦେବୀଙ୍କ କବିତା ରଚନାର ବୈଶିଷ୍ଟ୍ୟ

ହିନ୍ଦୀ ସାହିତ୍ୟ ଜଗତର ଜଣେ ଶ୍ରଦ୍ଧେୟ କବି ଭାବରେ ଡକ୍ଟର ମହାଦେବୀ ବର୍ମା ସବୁଦିନ ପାଇଁ ମନେ ରହିବେ । ସେ କେବଳ ଜଣେ ସୁପ୍ରସିଦ୍ଧ କବି ନୁହନ୍ତି, ପ୍ରକୃତ ଅର୍ଥରେ ଜଣେ ଅସାମାନ୍ୟ କଳାକାର । ଲଳିତ କଳାର ପ୍ରାୟ ସମସ୍ତ ପ୍ରତିଭା ତାଙ୍କ ଲେଖନୀ ଓ ତୂଳୀରେ ଅତୁଟ ରହିଥିଲା । ସେ ଜଣେ କବି ସାଙ୍ଗକୁ ଥିଲେଜଣେ ଗଦ୍ୟ ଲେଖିକା । ଏଥିସହିତ ହିନ୍ଦୀ ଜଗତର ଜଣେ ପରିଚିତ ଚିତ୍ରକର ଓ ରହସ୍ୟ-ଦାର୍ଶନିକା ମଧ୍ୟ। ତାଙ୍କର ଏହି ବହୁମୁଖୀ ପ୍ରତିଭା ସଂପର୍କରେ ଡକ୍ଟର ରାମକୁମାର ବର୍ମା ଯଥାର୍ଥରେ କହିଛନ୍ତି: "ଉହ୍ନକି କାବ୍ୟଦୃଷ୍ଟି ନେ କେବଲ୍ ଅନ୍ତର୍ଗତ୍ କେ ଚିତ୍ର ହୀ ନେଇଁ ଖିଂଚି, ବଂଗାଲ୍ କେ ଅକାଲ କୀ ବିଭୀଷିକା ଭୀ ଦେଖି, ହିମାଳୟ କୀ ଉତ୍ତୁଙ୍ଗ୍ ଶୈଲ୍ ଗାଥାଏଁ ଭୀ ନିରୁପିତ କୀଁ । ଭାବନା କୋ ସାକାର୍ କରନ୍ କେଲିୟେ ଦୀପଶିଖା ମେଁ ଚିତ୍ରକଳା କା ସମାବେଶ ଭୀ କିୟା ଚିନ୍ତନ୍ କେ କ୍ଷଣେ ଜାଗ୍ରତ କରତେ ହୁଏ ଅତୀତ୍ କେ ଚଳଚ୍ଚିତ୍ର ଔ ର ଶୃଙ୍ଗଳା କୀ ଟୁଟୀ କଡିୟେଁ କୋ ଭୀ ଭାବନା ମେଁ ଜୋଡା "ଚାନ୍ଦ" କା ସମ୍ପାଦନ୍ କିୟା ଔର ସାହିତ୍ୟକାର୍-ସଂସଦ୍ କୀ ସ୍ଥାପନା କୀ । ଇନ୍ ବିବିଧ କାର୍ଯ-କଳାପୌଁ କା ସଂଯୋଜନ୍ କରନେ କି ଅଦ୍‌ଭୁତ କ୍ଷମତା ମହାଦେବୀ ଜୀ କେ ଅଦଭୂତ୍ ବ୍ୟକ୍ତିତ୍ୱ ମେଁ ହେ ମୈଁ ସୋଚ୍‌ତା ହୁଁ ଇନ୍ଦ୍ରଧନୁ କେ ନିର୍ମାଣ ମେଁ ପାନି କୀ ବୁନ୍ଦେ ସହାୟକ ହେଁ । ଇସୀ ତରହ୍ ଉନ୍‌କେ ହିଁସୀ କା ଇନ୍ଦ୍ରଧନୁ ନ ଜାନେ କି ତନେ ଓଁସୁଓଁ କୋ ପାର୍ କର୍‌କେ ଉହ୍ନକେ ଜୀବନାକାଶ ମେଁ ସୁସଜ୍ଜିତ୍ ହୁଆ ହେ ।" ଏହିଭଳି ଏକ ଉଚ୍ଚାଙ୍ଗ ବ୍ୟକ୍ତିତ୍ୱ ଅଧିକାରିଣୀ ଲେଖିକା ମହାଦେବୀଙ୍କ ସାମଗ୍ରିକ କୃତିରାଜି ଉପରେ ବିହଙ୍ଗବଲୋକନ କରାଯାଇପାରେ । ତାଙ୍କର ଉଭୟ ପଦ୍ୟ ଓ ଗଦ୍ୟ ରଚନାବେଳୀକୁ ଅନୁଧ୍ୟାନ କଲେ ଜଣାପଡେ ଯେ ସେ ଜଣେ ସଚେତନ ମହିଳା ବ୍ୟକ୍ତିତ୍ୱ, ଜଣେ ଦେଶଭକ୍ତି ସମାଜସେବୀ ଓ ପ୍ରଗତିଶୀଳ ଲେଖିକା।

ମହାଦେବୀଙ୍କ ଜୀବନୀ ଉପରେ ଦୃଷ୍ଟିପାତ କଲେ ଜଣାପଡେ, ଖୁବ୍ ଅଳ୍ପ ବୟସରୁ ତାଙ୍କ ଭିତରେ କବି ପ୍ରତିଭାର ଅଙ୍କୁରୋଦଗମ୍ ହୋଇଥିଲା ଏହା । ତାଙ୍କ ରକ୍ତଗତ ଥିଲା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ତାଙ୍କ ପିତା ଥିଲେ ସୁଶିକ୍ଷିତ ଅନ୍ୟପକ୍ଷରେ ମା' ଥିଲେ ଆସ୍ତିକ ଓ ପ୍ରଚଣ୍ଡ ଈଶ୍ୱର ବିଶ୍ୱାସୀ । ଜଣେ ଗୃହିଣୀ ହୋଇଥିବା ସତ୍ତ୍ୱେ ସେ ମଧ୍ୟ କବିତା ଲେଖାଲେଖି କରୁଥିଲେ । ଭଗବତ୍ ଭଜନ, ଜଣାଣ, ସ୍ତୁତି, ସ୍ତବ ଉପରେ ତାଙ୍କର ଅଗାଧ ବିଶ୍ୱାସ ଥିଲେ ସେ ମନେ ମନେ ଈଶ୍ୱର ଭକ୍ତିଗୀତ ପଦକୁ ଯୋଡୁଥିଲେ ଓ ଏଦିଦରେ ତାଙ୍କୁ ସ୍ୱତଃଭାବେ ପ୍ରବୃତ୍ତି ମହାଦେବୀ ସହଯୋଗ କରୁଥିଲେ । ଏହିପରି ମହାଦେବୀ ସ୍ୱତନ୍ତ୍ର ଭାବେ ଲେଖାଲେଖି କରିବା ମଧ୍ୟ ଆରମ୍ଭ କରିଥିଲେ । କେବେ କେତେ ସେ ଏଭଳି ପଦ୍ୟସବୁ କାଗଜରେ ଲେଖି ତାକୁ ଚିରି ନଷ୍ଟ କରିଦେଉଥିଲେ। ସେସବୁ କାହାକୁ ମଧ୍ୟ ଦେଖାଉ ନଥିଲେ । ବାଳିକ ବୟସରେ ଏହି କବିତା ବା ପଦ୍ୟ ଲିଖନ ପ୍ରକିୟା କିନ୍ତୁ ହେଁ ଥମିଯାଇ ନଥିଲା ଏହି ଧାରା ଅବ୍ୟାହତ ରହିବା ସହ କିଛି କାଳପରେ ତାଙ୍କର କେତେକ କବିତା ସେ ସମୟରେ ପ୍ରକାଶ ପାଉଥିବା "ଚାଂଦ" ନାମକ ମାସିକ ପତ୍ରିକାରେ ପ୍ରକାଶିତ ହୋଇଥିଲା । ନିୟମିତ ଲିଖନ ଓ ପ୍ରକାଶନ ସହିତ ତାଙ୍କ କବିତାର ଭାବ, ଭାଷା ଓ କଳା ତଥା ଶୈଳୀ ପରିମାର୍ଜିତ ହେବାରେ ଲାଗିଲା । ଏହିପରି ଭାବରେ ତାଙ୍କ ମହାନ୍ କବି ଜୀବନର ଅୟମାରମ୍ଭ ହେଲା ଓ ପରବର୍ତ୍ତୀ କାଳରେ ସେ ହିନ୍ଦୀ । ଛାୟାବାଦୀ କବିତା ରାଜ୍ୟର ଅନାତମ ଚର୍ଚ୍ଚିତା କବିଭାବେ ପରିଚିତ ହେଲେ ।

ମହାଦେବୀ ବର୍ମା ଉଚ୍ଚମାନର କବି ହୋଇଥିଲେ ହେଁ ସେ ପରିମାଣରେ ବେଶି ପୁସ୍ତକ ରଚନା କରିନାହାନ୍ତି । ଉଭୟ ପଦ୍ୟ ଓ ଗଦ୍ୟ କ୍ଷେତ୍ରରେ ତାଙ୍କ କୃତିତ୍ୱ ରହିଛି । ସେ ମଧ୍ୟ କେତେକ ଉଲ୍ଲେଖନୀୟ କାବ୍ୟକୃତି ସର୍ଜନା କରିଯାଇଛନ୍ତି । ହିନ୍ଦୀ ସାହିତ୍ୟ ଜଗତରେ ଛାୟାବାଦୀ କବିତା ରାଜ୍ୟରେ ସେ ଉଲ୍ଲେଖନୀୟ କବି ଜୟଶଙ୍କର ପ୍ରସାଦ, ସୁମିତ୍ରା ନନ୍ଦନ ପନ୍ତ ଓ ସୂର୍ଯ୍ୟକାନ୍ତ ତ୍ରିପାଠୀ 'ନିରାଲା'ଙ୍କ ସମକକ୍ଷ ଜଣେ କବି ଥିଲେ। ସେହିପରି ଗଦ୍ୟ ରଚନାରେ ମଧ୍ୟ ସେ ସମୟରେ ଯେ କୌଣସି ହିନ୍ଦୀ ଲେଖକଙ୍କଠାରୁ, ପ୍ରସାଦ ପନ୍ତ ଓ ନିରାଲାଙ୍କ ଧାଡିର ଲେଖିକା ଭାବେ ଗ୍ରହଣ କରାଯାଇପାରେ ।

ହିନ୍ଦୀ ସାହିତ୍ୟ ପ୍ରତି ମହାଦେବୀଙ୍କ ଅବଦାନକୁ ସାମଗ୍ରିକ ଭାବେ ତିନିଭାଗରେ ବିଭକ୍ତି କରାଯାଇପାରେ :

୧. ପ୍ରାରମ୍ଭିକ ରଚନାବଳୀ

୨. କବିତା : (କ) ନୀହାର
(ଖ) ରଶ୍ମି
(ଗ) ନୀରଜ୍
(ଘ) ସାନ୍ଧ୍ୟଗୀତ
(ଙ) ଆଧୁନିକ କବି
(ଚ) ଯାମା
(ଛ) ଦୀପଶିଖା
(ଜ) ସପ୍ତପର୍ଣ୍ଣା
(ଝ) ହିମାଳୟ
(ଞ) ସଂଧିନୀ ଆଦି ପୁସ୍ତକ

୩. ଗଦ୍ୟ ରଚନା :
(କ) ଅତୀତ୍ କେ ଚଲ୍‌ଚିତ୍ର
(ଖ) ସ୍ମୃତି କୀ ରେଖାୟେଁ
(ଗ) ପଥ୍ କେ ସାଥୀ
(ଘ) ମେରା ପରିବାର୍

୪. ଆଲୋଚନା ପୁସ୍ତକ :
ବିବେଚନାତ୍ମକ ଗଦ୍ୟ ପୁସ୍ତକ "ସାହିତ୍ୟକାର୍ କୀ ଆସ୍ଥା ତଥା ଅନ୍ୟ ନିବନ୍ଧ୍

୫. ଅନ୍ୟାନ୍ୟ ରଚନା :
ନାରୀ ସମସ୍ୟାମୂଳକ କେତୋଟି ଧାରାବାହିକ ରଚନା ।

## ପ୍ରାରମ୍ଭିକ ରଚନାବଳୀ

ପ୍ରଥମରୁ କୁହାଯାଇଛି ଯେ ମହାଦେବୀ ନିଜ ମାଙ୍କ ଠାରୁ କବିତା ଲିଖନ ଆରମ୍ଭ କରିଥିଲେ । ମା' ମୁହେଁ ମୁହେଁ ଗାଉଥିବା ପଦ ପୂରଣ କରିବାକୁ କାର୍ଯ୍ୟ ସେ ସମାପନ କରୁଥିଲେ । କଥିତ ବ୍ରଜବୋଲି ବା ବ୍ରଜଭାଷାରେ ସେସବୁ ପଦବଦ୍ଧ ହେଉଥିଲା । ପରେ ସେ ନିରବଚ୍ଛିନ୍ନ ଭାବେ କବିତା ଲେଖା ଆରମ୍ଭ କଲେ ଖଡିବୋଲୀରେ। ଏ ସଂପର୍କରେ ସେ ନିଜେ "ଆଧୁନିକ କବି" ପ୍ରଥମ ଭାଗ ଲେଖାରେ କହିଛନ୍ତି ଯେ ସେ ମା' ଠାରୁ ପୂଜାର୍ଚ୍ଚନା ବା ଆରତୀ ସମୟରେ ମୀରବାଈ ତୁଳସୀ ଦାସ ଆଦିଙ୍କ ରଚନାବଳୀ ସହ ମା'ଙ୍କ ସ୍ୱରଚିତ ଗୀତର ଲାଳିତ୍ୟରେ ମୁଗ୍ଧ ହୋଇ ନିଜେ ସେହି ବ୍ରଜଭାଷାରେ ପଦ ରଚନା ଆରମ୍ଭ କରିଥିଲେ । ବାଲ୍ୟାବସ୍ଥା ରେ ସେ ଏହିପରି ପ୍ରାୟ ୧୨୦ ପଦବିଶଷ୍ଟ ଏକ ଖଣ୍ଡକାବ୍ୟ ରଚନା କରିଥିବାର ଜଣାପଡେ । ପରବର୍ତ୍ତୀ କାଳରେ ଅବଶ୍ୟ ମହାଦେବୀଙ୍କ ଏହି ଆଦ୍ୟ ରଚନା କେଉଁଠି ହଜିଯାଇଥିବା ସଂପର୍କରେ ସେ ସୂଚନା ଦେଇଛନ୍ତି ।

ମହାଦେବୀ ସ୍କୁଲରେ ପାଦ ଦେଲା ବେଳକୁ ଦେଶରୁ ସ୍ୱାଧୀନତା ଆନ୍ଦୋଳନର ମାତ୍ର କ୍ରମଶଃ ତେଜି ଉଠୁଥାଏ । ସମଗ୍ର ପରିବେଶକୁ ଆଚ୍ଛନ୍ନ କରି ରଖିଥାଏ ଦେଶପ୍ରୀତି, ଜାତିପ୍ରୀତି ଓ ସମାଜ ସଚେତନାର ଛୋଟ ବଡ ଆନ୍ଦୋଳନ । ଏହାର ପ୍ରଭାବ ଛାତ୍ରୀ ମହାଦେବୀଙ୍କ ଉପରେ ମଧ୍ୟ ଅସ୍ୱାଭାବିକ ନଥିଲା । ସେ ଏହି ପରିବେଶ ଦ୍ୱାରା ପ୍ରଭାବିତ ଦେଶାତ୍ମକବୋଧକ କବିତାମାନ ରଚନା କରିବାରେ ଲାଗିଲେ । ସେ ସମୟରେ ସେ ଲେଖିଥିଲେ :

"ଶୃଙ୍ଗାରମୟୀ ଅନୁରାଗମୟୀ ଭାରତ ଜନନୀ ଭାରତ ମାତା
ତେରୀ ଉତାରୁଁ ଆରତୀ, ମାଁ ଭାରତୀ ।"

ଏହାପରେ କ୍ରମଶଃ ତାଙ୍କ କାବ୍ୟ ସାଧନା ବ୍ୟାପକ ହେବାରେ ଲାଗିଲା । ସେ ସମୟଗୁଡିକରେ ତାଙ୍କର ଧ୍ୟାନ ବାହ୍ୟଜଗତ ଆଡକୁମଧ୍ୟ ଯାଇଥିଲା । ସେ ତାଙ୍କ ଆଖପାଖର ଦୁଃଖ ଯନ୍ତ୍ରଣା, ଦୈନ୍ୟ ଆଦିର ଚିତ୍ର ଦେବାରେ ଲାଗିଲେ । ଏହି କାଳର କବିତା ସଂପର୍କରେ ସେ ମଧ୍ୟ ନିଜ ଭାଷାରେ କହିଛନ୍ତି : "ଉସ୍‌କେ ଉପରାନ୍ତ (୧୨୦ ପଦବିଶିଷ୍ଟ ଖଣ୍ଡ କାବ୍ୟ ରଚନା ପରେ) ହୀ ବାହ୍ୟ ଜୀବନ୍ କେ ଦୁଃଖୋଁ କୀ ଓର୍ ବିଶେଷ୍ ଧ୍ୟାନ୍ ଜାନେ ଲଗା ଥା । ପଡେସୀ କୀ ଏକ୍ ବିଧିବା ବଧୁକେ ଜୀବନ୍ ସେ ପ୍ରଭାବିତ୍ ହେପ୍ର ମୈ ନେ ଅବଲା, ବିଧବା ଆଦି ଶୀର୍ଷକୋଁ ସେ ଉସ୍ ଜୀବନ୍ କେ ଜୋ ଶବ୍ଦ ଚିତ୍ର ଦିୟେଥେ ୱେ ଉସ୍ ସମୟ କୀ ପତ୍ରିକାଓଁ ମେଁ ଭୀ ସ୍ଥାନ୍ ପା ସକେ । ପର୍ ଜବ୍ ମୈ ଆପ୍‌ନୀ ବିଚିତ୍ର କୃତିୟୋଁ ତଥା ତୁଲିକା ଔଝର୍ ରଙ୍ଗୋଁ କୋ ଛୋଡକର୍ ବିଧିବତ୍ ଅଧ୍ୟୟନ୍ କେ ଲିୟେ ବାହର୍ ଆଇ, ତବ୍ ସାମାଜିକ ଜାଗୃତି ତଥା ରାଷ୍ଟ୍ରୀୟ ଜାଗୃତି କୀ କିର୍‌ଣେଁ ଫୈଲ୍‌ନେ ଲଗୀ ଥୀଁ, ଅତଃ ଉନ୍‌ସେ ପ୍ରଭାବିତ୍ ହୋକର୍ ମୈନେ 'ଶୃଙ୍ଗାରମୟୀ ଅନୁରାଗ ମୟୀ ଭାରତ ଜନନୀ ଭାରତମାତା, ତେରୀ ଉତାରୁଁ ଆରତୀ, ମାଁ 'ଭାରତୀ' ଆଦି ଜିନ୍ ରଚନାଓଁ କୀ ସୃଷ୍ଟିକୀ । ୱେ ବିଦ୍ୟାଳୟ କେ ବାତାୱରଣ ହୀ ମେଁ ହୀ ଲିଖୀ ଗଇଥୀଁ । ଉନ୍‌କୀ ସମାପ୍ତି କେ ସାଥ୍ ହୀ ମେରୀ କବିତା କା ଶୈଶୱ ଭୀ ସମାପ୍ତ ହୋ ଗୟା ।"

ଏହାପରେ ମହାଦେବୀଙ୍କ ଲିଖନ ପଦ୍ଧତି ଏକ ସ୍ୱତନ୍ତ୍ର ଦିଗ ଆଡକୁ ଉନ୍ମୁଖ ହେଲା । କବିତାଗୁଡ଼ିକ ତାଙ୍କ ବ୍ୟକ୍ତିଗତ ଦୁଃଖ, ସମଷ୍ଟିଗତ ବେଦନାର ରୂପ ଗ୍ରହଣ କରିବାରେ ଲାଗିଲା । ତାଙ୍କ ମତରେ "ପ୍ରତ୍ୟକ୍ଷର ସ୍ଥୁଳ ରୂପ ଏକ ସୂକ୍ଷ୍ମ ଚେତନାର ଆଭାସ ଦେଲା" ।

ଏହିପରି ଭାବରେ ବ୍ରଜଭାଷା ମାଧ୍ୟମରେ ନିଜ କାବ୍ୟସାଧନା ଆରମ୍ଭ କରିଥିବା ମହାଦେବୀ କ୍ରମଶଃ ଖଡୀବୋଲି ଆଡକୁ ପ୍ରଭାବିତ ହେଲେ । କାବ୍ୟ ସୃଜନର ଶୈଶବ ସମାପ୍ତ କରି ସେ ଏକ ବିଶିଷ୍ଟ ଦିଗ ଆଡକୁ ମୁହାଁଇଲେ । ପରିମାଣ ସ୍ୱରୂପ "ନୀହାର" ପ୍ରକାଶିତ ହେଲା ଓ ତାଙ୍କ କାବ୍ୟ ପ୍ରତିଭାର ବିଚ୍ଛୁରଣ ଘଟିଲା ।

୧୯୩୦ ମସିହାରେ "ନୀହାର" ପ୍ରକାଶିତ ହୋଇଥିଲା । ଏହା ଥିଲା ମହାଦେବୀଙ୍କର ପ୍ରଥମ କବିତା ସଙ୍କଳନ । ୧୯୨୪ ମସିହାରୁ ୧୯୨୮ ମଧ୍ୟରେ ସେ ଲେଖିଥିବା କବିତାଗୁଡିକ ଏଥିରେ ସ୍ଥାନ ପାଇଥିଲା। କବି ମାଟ୍ରିକ୍ ପୂର୍ବରୁ ଏସବୁ କବିତା ରଚନା କରିଥିବାରୁ ସେଗୁଡିକରେ କୌଣସି ପାଶ୍ଚାତ୍ୟ ପ୍ରଭାବ ନଥିଲା । ଏହା ମଧ ସେ ନିଜେ ସ୍ୱୀକାର କରିଛନ୍ତି । ଏହି ସଙ୍କଳନ ସଂପର୍କରେ ଟିପ୍ପଣୀ ହେବାକୁ ଯାଇ ପ୍ରସିଦ୍ଧ ହିନ୍ଦୀ ଆଲୋଚକ ଡକ୍ଟର ରାଜେଶ୍ୱର ପ୍ରସାଦ ଚତୁର୍ବେଦୀ କହିଛନ୍ତି ।

"ନୀହାର" କୀ ରଚନାଓଁ କେ ସମୟ ମହାଦେବୀ ଜୀ କେ ଯୌବନ୍ କା ତୁଫାନୀ କାଲ୍ ଥା । ଉନ୍‌କା ଅହ୍ଲଡ୍ ଯୌବନ୍-ହୃଦୟ କିସୀ ପ୍ରେମୀ କା ସ୍ୱାଗତ୍ କେ ଲିୟେ ମଚଲ୍ ରହା ଥା । ପରନ୍ତୁ ଲୌକିକ୍ ପ୍ରେମ କୀ ବିଫଳତା କୋ ଦେଖିକର୍ ଉନ୍ହୋଁନେ ଆତ୍ମ - ସଂଯମ କା ବ୍ରତ୍ ଲେ ଲିୟା । ଔର୍ ବେଦନା କୋ ଗଲେ ଲାଗାଲିୟା ।" ଏହି ପରି ଭାବରେ "ନୀହାର" ରେ ମହାଦେବୀଙ୍କକ ଏକାକୀତ୍ୱ ଓ ବିରହକୁ ସାମ୍ନା କରିହୁଏ :

"ୱେ ମୁସ୍କାତେ ଫୁଲ୍, ନହୀଁ
ଜିନ୍‌କୋ ଆତା ହୈ ମୁରଝାନା
ୱେ ତାରୋଁ କେ ଦୀପ୍, ନହୀଁ
ଜିନ୍ କୋ ଭାତା ହୈ ବୁଝ୍ ଜାନା ।

କ୍ୟା ଅମ୍‌ରୋଁ କୋ ଲୋକ୍ ମିଲେଗା
ତେରୀ କରୁଣା କା ଉପହାର୍ ?
ରହ୍‌ନେ ଦୋ ହେ ଦେବ ! ଅରେ
ୟହ ମେରା ମିଟ୍‌ନେ କୋ ଅଧିକାର୍ ।"

ଆଉ ଏକ କବିତାରେ ସେ "ମୂକ ମିଳନ"ର ବୟାନ୍ କରନ୍ତି :

"କୈସେ କହତୀ ହୋ ସପ୍‌ନା ହୈ,
ଅଲି ଉସ୍ ମୂକ୍ ମିଲନ୍ କୀ ବାତ୍ ?
ଭରେ ହୁଏ ଜବ୍‌ତକ୍ ଫୁଲୋଁ ମେଁ,
ମେରେ ଆଁସୁ ଉନ୍‌କେ ହାସ୍ ।"

ଏହି ବିରହ ଦଶା ଭିତରେ ମଧ୍ୟ କବିୟତ୍ରୀ ଆଶାହରା ହୋଇନାହାନ୍ତି । କାରଣ ନିଜର ସାଧନା ଓ ସମର୍ପଣ ଭାବ ଉପରେ ତାଙ୍କର ଆସ୍ଥା ଓ ବିଶ୍ୱାସ ଅଛି । ସେ ସମର୍ପଣର ପକ୍ଷଧର । ନିଜକୁ ନିଜର ପ୍ରିୟ ଆରାଧ୍ୟଙ୍କ ଭିତରେ ଆତ୍ମସାତ୍ କରି ଦେବାକୁ ଚାହିଁଛନ୍ତି ସେ :

"ଜବ୍ ଅସୀମ୍ ସେ ହୋ ଜାଏଗା,
ମେରୀ ଲଘୁ ସୀମା କା ମେଲ୍ ।
ଦେଖୋଗେ ତୁମ୍ ଦେବ ! ଅମରତା
ଖେଲେଗୀ ମିଟ୍‌ନେ କା ଖେଲ୍ ।"

ପ୍ରଥମ କବିତା ସଙ୍କଳନ "ନୀହାର" ରେ ଏହିପରି ଭାବରେ ଜଣେ ସ୍ନେହୀ ମଣିଷର ସାଧନା, ଜଣେ ଦାର୍ଶନିକାଙ୍କ ତନ୍ମୟତା ତଥା ଜଣେ ବିରାଗୀଙ୍କ କରୁଣାର ମାର୍ମିକତାର, ସମ୍ମୋହନ ଦେଖିବାକୁ ମିଳେ ।

ଏହାପରେ ୧୯୩୨ ମସିହାରେ ପ୍ରକାଶିତ ହୁଏ ମହାଦେବୀ ବର୍ମାଙ୍କ ଦ୍ୱିତୀୟ କବିତା ସଂକଳନ "ରଶ୍ମି"। ୧୯୩୧ ଯାଏ ଲିଖିତ କବିଙ୍କ କବିତାମାନ ଏଥିରେ ସ୍ଥାନିତ ହୋଇଥିବାର ଜଣାପଡେ । ଏହି ସଙ୍କଳନଟିରେ ପୂର୍ବବର୍ତ୍ତୀ ସଂକଳନର କବିଙ୍କ କାବ୍ୟ ଉତ୍ତରଣ ସ୍ପଷ୍ଟ ଦେଖିହୁଏ । ସେ ନିଜେ କହିଛନ୍ତି ଯେ ଏହି ସଂକଳନରେ ସେ କମ୍ ଅନୁଭୂତି ଓ ବେଶି ଚିନ୍ତନର କଥା ଲେଖିଛନ୍ତି । ତେଣୁ ଏହାକୁ ଏକ ଦର୍ଶନ-ପ୍ରଧାନ ସଂକଳନ ବୋଲି କୁହାଯାଇପାରିବ । ଏହାର ଅର୍ଥ ସ୍ପଷ୍ଟ ଭାବରେ କହିଲେ "ନୀହାର" ରେ କବି ଏକ ପଥ ଖୋଜୁଥିଲେ ଓ "ରଶ୍ମି" ରେ ସେ ଗନ୍ତବ୍ୟ ପଥ ପାଇଯାଇଥିଲେ । ତା" ସତ୍ତ୍ୱେ "ରଶ୍ମି" ରେ ମଧ୍ୟ ବିରହର ମାତ୍ରା ଅଧିକ । "ରଶ୍ମି" ର ଅଧିକାଂଶ କବିତାରେ କବିଙ୍କ ବେଦନା ବୋଧ ପ୍ରତୀୟମାନ ହୁଏ !

"ଦିୟା କ୍ୟୋଁ ଜୀବନ୍ କା ବର୍‌ଦାନ ?
ଇସ୍‌ମେଁ ହୈ ସ୍ମୃତିୟୋଁ କା କଂପନ୍,
ସୁପ୍ତ ବ୍ୟଥାଓଁ କା ଉନ୍ମିଳନ୍
ସ୍ୱପ୍ନଲୋକ୍ କୀ ପରୀୟାଁ ଇସ୍‌ମେଁ
ଭୂଲ ଗଇଁ ମୁସ୍କାନ୍ !"

ଏହି 'ରଶ୍ମି' କୁ ଅବଶ୍ୟ କବୟିତ୍ରୀଙ୍କ ଆତ୍ମାର ରଶ୍ମି ଭାବେ ଗ୍ରହଣ କରାଯାଇପାରେ :-

"ଜୀତେ ଜୀ ମିଟ୍‌ଯାଉଁ. ପାଉଁ ନ ପଂଥ କୀ ସୀମା
ମୈଁ ତୁମସେ ହୁଁ ଏକ୍, ଏକ୍ ହୈ ଜୈସେ ରଶ୍ମି ପ୍ରକାଶ ।
ମୈଁ ତୁମ୍‌ସେ ହୁଁ ଭିନ୍ନ ଭିନ୍ନ ଜୈଁ ଘନ୍ ସେ
ତଡିତ୍ ବିଲାସ ।"

ଏହି ସଙ୍କଳନରେ କବିଙ୍କ ଦର୍ଶନ ସୁସ୍ପଷ୍ଟ ମନେହୁଏ । ଏଥରେ ରହିଛି ଅଦ୍ୱୈତବାଦ, ବେଦାନ୍ତ ଦର୍ଶନ ଓ ଉପନିଷଦର ଛାୟା । ଏଥିରେ ବି ଆତ୍ମା, ପ୍ରକୃତି ଓ ପରମାତ୍ମାଙ୍କ ବିଷୟରେ ଭାବଗର୍ଭକ ଚିନ୍ତନ ।

୧୯୩୪ ମସିହାରେ ମହାଦେବୀଙ୍କ ପରବର୍ତ୍ତୀ କବିତା ସଂଗ୍ରହ "ନୀରଜା" ପ୍ରକାଶିତ ହୋଇଥିଲା । ୧୯୩୧ ରୁ ୧୯୩୪ ମଧ୍ୟରେ ରଚିତ ଗୀତ ଓ କବିତାମାନ ଏଥିରେ ସ୍ଥାନ ପାଇଥିଲା । ପୂର୍ବବର୍ତ୍ତୀ ଦୁଇ କବିତା ସଂକଳନ ଭଳି ଏଥିରେ ମଧ୍ୟ କବିଙ୍କ ବିରହ ଭାବନା ପ୍ରତିବିମ୍ବିତ ବୋଇ ଥିବାର ଜଣାପଡେ । ତେବେ ଏହି ସଙ୍କଳନରେ ପୂର୍ବବର୍ତ୍ତୀ ସଂକଳନଗୁଡିକ ଅପେକ୍ଷା କବି ଅଧିକ ଆତ୍ମ-ଚେତନା ମନେହୁଅନ୍ତି । ନିରାଶା ଭିତରେ ବି ଆଶାର କିରଣ ଟିକକକୁ ଆବିଷ୍କାର କରିବାର କାବ୍ୟିକ ପ୍ରୟାସ ମଧ୍ୟ ଏହି ସଙ୍କଳର କବିତାଗୁଡିକରେ ଦେଖିବାକୁ ମିଳେ । ଆଲୋଚକ ଡକ୍ଟର ବିଜୟେନ୍ଦ୍ର ସ୍ନାତକଙ୍କ ମତରେ:- "ମହାଦେବୀ ବର୍ମା କୀ ରଚନାଓଁ ମେଁ "ନୀରଜା" କା ସ୍ଥାନ କଇ ଦୃଷ୍ଟିୟୋ ସେ ମହତ୍ତ୍ୱପୂର୍ଣ୍ଣ ହୈ । ରସାନୁଭୂତି କେ ଉତ୍କର୍ଷ କେ ସାଥ୍ ଅଭିବ୍ୟଞ୍ଜନା କା କ୍ରମିକ୍ ବିକାଶ 'ନୀରଜା' ମେଁ ସ୍ପଷ୍ଟ ପରିଲକ୍ଷିତ୍ ହୋତା ହୈ ।" ଏହି ସଙ୍କଳନରେ କଳ୍ପନାର ପ୍ରାବଲ୍ୟ ଆଦୌନାହିଁ, ତେବେ ଚିନ୍ତା ଅନୁଭୂତିରେ ପରିବର୍ତ୍ତିତ ହୋଇଗଲା ଭଳି ଲାଗେ, ଅନେକତ୍ର ଯୁକ୍ତିବାଦୀ ଓ ତାର୍କିକ ମନେ ହୁଅନ୍ତି କବି ।

ସୁଖ ଦୁଃଖ, ଆଲୋକ ଅନ୍ଧାର, ଜୀବନ ମୃତ୍ୟୁ ଏଭଳି ବହୁ ବିରୋଧାଭାସ ଭିତରେ ସାମଂଜସ୍ୟ ଆଣିବାର ପ୍ରୟାସ "ନୀରଜା" ରେ କରାଯାଇଛି । ଲୁହ ଭିତରେ ବି ଆନନ୍ଦର କ୍ଷୀଣ ରେଖା ଅଛି । ଏହି ସଙ୍କଳନରେ ପ୍ରକୃତି ପୂର୍ବଠୁ ଆହୁରି ମୂର୍ତ୍ତିମନ୍ତ ମନେହୁଏ ମଧ୍ୟ । ଲୋକଗୀତ ଓ ଉର୍ଦ୍ଦୁ ଶୈଳୀର ସମ୍ମିଶ୍ରଣରେ ସାଙ୍ଗୀତିକତା ଦେଖିହୁଏ । ଛନ୍ଦ, ଲୟ, ସଂଗୀତ, ଧ୍ୱନି ତାଳ ଆଦି ଦୃଷ୍ଟିର ଦେଖିଲେ "ନୀରଜା" ହେଉଛି ଉତ୍କୃଷ୍ଟ ଛାୟାବାଦୀ କବିତା :-

"ରୂପସୀ ତେରା ଘନ-କେଶ-ପାଶ !  
ଶ୍ୟାମଳ ଶ୍ୟାମଳ କୋମଳ କୋମଳ  
ଲହରାତା ସୁରଭିତ କେଶ-ପାଶ୍ !"

ଚତୁର୍ଥ କବିତା ସଙ୍କଳନ "ସାନ୍ଧ୍ୟଗୀତ" ପ୍ରକାଶ ପାଇଥିଲା ୧୯୩୬ ମସିହାରେ । ୧୯୩୪ ରୁ ୧୯୩୬ ମଧ୍ୟରେ ଲିଖିତ କବିତାଗୁଡିକ ଏଥିରେ ସନ୍ନିବେଶିତ ହୋଇଥିଲା ଏଥିରେ କବି ମହାଦେବୀଙ୍କ ମାନସିକ ଓ ଆଧ୍ୟାତ୍ମିକ ମନୋଭୂମିକୁ ସାମ୍ନା କରିହୁଏ । ଆଲୋଚକ ରାଜେଶ୍ୱର ପ୍ରସାଦ ଚତୁର୍ବେଦୀଙ୍କ ମତରେ ଏହି ସଙ୍କଳନରେ ମହାଦେବୀଙ୍କ ପ୍ରଗତିର ପରିଚୟ ମିଳେ ଓ ବିରହ ପ୍ରତୀକ୍ଷା ହେଉଛି ସଂକଳନର କବିଙ୍କ ପ୍ରିୟ ବିଷୟବସ୍ତୁ ।

"ନୀରଜା" ର ନିର୍ଯ୍ୟାସ ଥିଲା ବିରୋଧାଭାସ, ବିଶେଷତଃ ସୁଖଦୁଃଖ ଭିତରେ ସମନ୍ୱୟ । ଏହି ଭାବଧାରା "ସାନ୍ଧ୍ୟଗୀତ" ରେ ଆହୁରି ସ୍ପଷ୍ଟ ତଥା ମୁଖର ମନେହୁଏ । ଏଥିରେ ଧ୍ୱଂସ ଓ ପୁନର୍ନିର୍ମାଣ, ମିଳନ ଓ ବିରହ ଆଶା ଓ ନିରାଶ, ବଂଧନ ଓ ମୁକ୍ତି-ଆଦି ପରସ୍ପର ବିରୋଧୀ ଭାବଧାରାର ସମନ୍ୱୟ ଘଟିଛି । ନିଜ ଜୀବନକୁ ସାଂଧ୍ୟ ଆକାଶ ସହ ତୁଳନା କରି କବି କହିଛନ୍ତି :

"ଘର ଆଜ୍ ଚଲେ ସୁଖ-ଦୁଃଖ ବିହଗ୍,  
ତମ ପୋଁଛ୍ ରହା ମେଁରା ଅଗ-ଜଗ,

ଛିପ୍ ଚଲା ଆଜ୍ ଓ୍ବହ ଚିତ୍ରିତ ମଗ,
ଉତ୍‌ରୋ ଅବ୍ ପଲ୍‌କୋ ମେଁ ପାହୁନ୍
ପ୍ରିୟ ସାଂଧ୍ୟା ଗଗନ ମେଁରା ଜୀବନ୍"

ଏହି ସଙ୍କଳନକୁ ରହସ୍ୟବାଦୀ କବିତାର ଭଣ୍ଡାର ବୋଲି ମଧ୍ୟ କୁହାଯାଇପାରେ । କବିଙ୍କ ପରବର୍ତ୍ତୀ କବିତା ସଙ୍କଳନ ହେଉଛି "ଆଧୁନିକ କବି" । ଏହା ମହାଦେବୀଙ୍କର ସ୍ୱତନ୍ତ୍ର କାବ୍ୟକୃତି ନୁହେଁ । କବିଙ୍କ ପୂର୍ବରଚିତ ଚାରି ଗୋଟି କବିତା ସଂଗ୍ରହରୁ କିଛି କବିତା ଏକତ୍ରିତ ହୋଇ "ଆଧୁନିକ କବି" ପୁସ୍ତକର ରୂପ ନେଇଥିଲା ଏହି ସଙ୍କଳନ "ଆଧୁନିକ କବି" (ପ୍ରଥମ ଭାଗ) ହିନ୍ଦୀ ସାହିତ୍ୟ ସମ୍ମେଳନ, ପ୍ରୟାଗର ଦେବ ପୁରସ୍କାର ଗ୍ରନ୍ଥାବଳୀର ପ୍ରଥମ ପ୍ରକାଶନ ଥିଲା । ଏଥିରେ କବିଙ୍କ ନୀହାର, ରଶ୍ମି, ନୀରଜା ଓ ସାଂଧ୍ୟଗୀତ ୭୪ ଟି ଗୀତ ସ୍ଥାନ ପାଇଥିଲା । ଏଥିରେ ମହାଦେବୀ ନିଜ କବିତା ସଂପର୍କରେ ନିଜ ଦୃଷ୍ଟିକୋଣ ସ୍ଥାନିତ କରିଥିଲେ, ଯାହା ଉଲ୍ଲେଖନୀୟ ମନେହୁଏ । ସେହିଭଳି ପରବର୍ତ୍ତୀ ପୁସ୍ତକ "ଯାମା" ମଧ୍ୟ ମହାଦେବୀଙ୍କ ସ୍ୱତନ୍ତ୍ର କବିତା ସଂକଳନ ନଥିଲା । ଏଥରେ ବି କବିଙ୍କ ନୀହାର, ରଶ୍ମି, ନୀରଜା ଓ ସାଂଧ୍ୟଗୀତର ୧୮୫ ଟି କବିତା ସ୍ଥାନ ପାଇଥିଲା । ଏଥରେ କବି ଏକ ବିସ୍ତୃତ ଭୂମିକା ଲେଖିଥିଲେ ତଥା ଏଥିରେ ତାଙ୍କର ନିଜସ୍ୱ କୋଡୋଟି କଳାକୃତି ମଧ୍ୟ ସନ୍ନିବେଶିତ କରିଥିଲେ । ସେହି ସମୟ ଯାଏ ଲିଖିତ ମହାଦେବୀଙ୍କ ସଂପୂର୍ଣ୍ଣ କାବ୍ୟ କୃତିତ୍ୱର ପ୍ରତିନିଧିତ କରିଥିଲା "ଯାମା" । "ଯାମା" କୁ ଯାମ ସଂଗ୍ରହ ବୋଲି କୁହଯାଇଥାଏ । ନୀହାର, ରଶ୍ମି, ନୀରଜା ଓ ସାଂଧ୍ୟଗୀତ ଏହି ସଂକଳନର ଚାରି ଗୋଟି ଯାମ ।

"ସାଂଧ୍ୟଗୀତ" ପ୍ରକାଶିତ ହେବାର ଛଅ ବର୍ଷ ପରେ, ଅର୍ଥାତ ୧୯୪୨ ମସିହାରେ "ଦୀପଶିଖା" ପ୍ରକାଶିତ ହୋଇଥିଲା । ଏହା ମହାଦେବୀଙ୍କ ପଞ୍ଚମ ସଂଙ୍କଳନ ଓ ଏଥିରେ ୧୯୩୬ ରୁ ୧୯୪୨ ମଧ୍ୟରେ କବିଙ୍କ ଦ୍ୱାରା ଲିଖିତ ୫୧ ଟି ଗୀତି କବିତା ସ୍ଥାନ ପାଇଥିଲା । କବିତା ସହ ଚିତ୍ର ମଧ୍ୟ ଏଥିରେ ପ୍ରକାଶିତ ହୋଇଥିଲା । ମହାଦେବୀଙ୍କ ମାନସିକ ଓ ଆଧ୍ୟାତ୍ମିକ ମନୋଭୂମି ଏଥିରେ ସଂକଳିତ କବିତାଗୁଡିକରେ ସୁସ୍ପଷ୍ଟ

"ଦୀପଶିଖା" ରେ ମଧ କବିଙ୍କ ଗହନ ଆତ୍ମବିଶ୍ୱାସ ଅଭିବ୍ୟକ୍ତ ହୋଇଛି । ଏଥିରେ ବି ରହିଛି ରହସ୍ୟାତ୍ମକ ସାଧନା ଓ କଳ୍ପନାର ଉଚ୍ଚତମ ରୂପ । "ନୀରଜା" ଓ "ସାଂଧ୍ୟଗୀତ" ରେ କବି ଯେଉଁ ଜ୍ୱାଳା ଓ ଯନ୍ତ୍ରଣାର ସାମ୍ନା କରିବା ମନେହୁଏ "ଦୀପଶିଖା" ରେ ସେହି ଜ୍ୱାଳା ଓ ଯନ୍ତ୍ରଣା କବିଙ୍କ ଆତ୍ମାର ଅତୁଟ ଅଂଶ ପାଲଟି ଯାଇଛି । କବିଙ୍କ ଆତ୍ମବିଶ୍ୱାସ ହେତୁ ଏହିଠାରେ ହିଁ ରହିଛି । ଏହି ଆତ୍ମବିଶ୍ୱାସ ଆଡକୁ ଇଂଗିତ କରି କବି ନିଜେ ସ୍ୱୀକାର କରିଛନ୍ତି ଯେ "ଦୀପଶିଖା" ରେ ଅବିଶ୍ୱାସର ଲେଖମାତ୍ର ସ୍ଥାନ ନାହିଁ । "ଦୀପଶିଖା" ର କବିତାଗୁଡିକୁ ବିଶ୍ଳେଷଣ କରିବାକୁ ଯାଇ ଡକ୍ଟର ନଗେନ୍ଦ୍ର କହିଛନ୍ତି "ଦୀପଶିଖା କବିଙ୍କ ନିଜ ମନର ପ୍ରତୀକ ଅଟେ । ଏଥିରେ ଇନ୍ଦ୍ରିୟ ବାସନାର ଦାହକ ଜ୍ୱାଳା ନାହିଁ, ବରଂ କରୁଣାର ସ୍ନିଗ୍ଧତା ଅଛି, ଯାହା ସୁମଧୁର ଭାବେ ଜଳି ପୃଥିବୀର କୋଣ ଅନୁକୋଣରେ ଆଲୋକ ବିତରଣ କରେ । ଏହି ଜ୍ୱଳନ ପଛରେ କୌଣସି ଅଜ୍ଞାତ ପ୍ରିୟଙ୍କ ସଙ୍କେତ ରହିଛି, ଯିଏ ତାକୁ ଅସୀମ ଶକ୍ତି ତଥା ଅକମ୍ପ ବିଶ୍ୱାସ ପ୍ରଦାନ କରିଥାଏ ।"

"ଦୀପଶିଖା" ବାସ୍ତବରେ ଏକ ପ୍ରତୀକ । ନିଜକୁ ତିଳ ତିଳ କରି ଦହନ କରି ଅନ୍ୟମାନଙ୍କ ଦୁଃଖକଷ୍ଟ ନିବାରଣ କରିବାର ଭାବନା ଏହି ପୁସ୍ତକର କବିତାବଳୀରେ ଦେଖିବାକୁ ମିଳେ । ପୃଥିବୀର ବିଷମତା, ଦୁଃଖ, ବିଦ୍ୱେଷ ଓ କଷ୍ଟଗୁଡ଼ିକ ସହ ଲଢ଼ିପାରିବାର ଅଦମ୍ୟ ବିଶ୍ୱାସ ଅଛି କବିଙ୍କର । ଏହି ସଂଘର୍ଷର କ୍ଷମତା ରଖି ସେ କହିଛନ୍ତି :

"ସିନ୍ଧୁ କା ଉଚ୍ଛ୍ୱାସ୍ ଧନ୍ ହୈ
ତଡିତ୍ ତମ୍ କା ବିକଲ୍ ମନ୍ ହୈ
ଭୀତ୍ କ୍ୟା ତଭ୍ହୈ ବ୍ୟାଥା କା,
ଆଁସୁଓଁ ସେ ସିକ୍ତ ଅଂଚଲ୍ ।
ଔର ହୋଁଗେ ନୟନ୍ ସୁଖେ, ତିମଲ୍ ବୁଝେ ଔଝ ପଲକ୍ ରୁଖେ,
ଆର୍ଦ୍ର ଚିତବନ୍ ମେଁ ଯହାଁ ଶତ୍‌ଶତ୍ ବିଦ୍ୟୁତୋଁ ମେଁ ଦୀପ୍ ଖେଲା
ଅନ୍ୟ ହୋଁଗେ ଚରଣ୍ ହାରେ ।"

କବିତାରେ କଳା ଓ ଭାବ ଦୃଷ୍ଟିରୁ ମହାଦେବୀଙ୍କ ଏହି "ଦୀପଶିଖା" କବିତା ସଂକଳନ ବେଶ୍ ଉଲ୍ଲେଖନୀୟ । ସୁଂଦର ବିମ୍ବ ଓ ଚିତ୍ରକଳ୍ପ ନିର୍ମାଣରେ କବି ଏଥିରେ ଯଥାଯୋଗ୍ୟ ପାରଦର୍ଶିତା ଦେଖାଇଛନ୍ତି । ଉଦାହରଣସ୍ୱରୂପ :

"ଧୂପ୍-ସା ତନ୍ ଦୀପ-ସୀ ମେଁ!
ଉଡ୍ ରହା ନିତ୍ ଏକ୍ ସୌରଭ୍-ଧୂମ୍-ଲେଖା ମେଁ ବିଖର ତନ,
ଖୋ ରହା ନିଜ କୋ ଅଥକ ଆଲୋକ୍-ସାଁ ସୋଁ ମେଁ ପିଘଲ୍ ମନ୍
ଅଶ୍ରୁ ସେ ଗୀଲା ସୃଜନ-ପଲ୍,
ଔ'ବିସର୍ଜନ୍ ପୁଲକ୍-ଉଜ୍ୱଳ,
ଆରହୀ ଅବିରାମ୍ ମିଟ୍-ମିଟ୍
ସ୍ୱଜନ୍, ଔର୍ ସମୀପ୍-ସୀ ମେଁ ।"

"ଦୀପଶିଖା" ପରେ ଅନେକ ବର୍ଷ ଧରି ମହାଦେବୀଙ୍କର କୌଣସି କବିତା ସଂକଳନ ପ୍ରକାଶିତ ହୋଇ ନଥିଲା । ଏହି ବର୍ଷଗୁଡ଼ିକରେ ସେ ଗଦ୍ୟ ଲିଖନରେ ବ୍ୟାପୃତ ଥିଲେ । ହିନ୍ଦୀ ସାହିତ୍ୟ ଜଗତରେ ସେହି ସମୟରେ ଏଭଳି ବି ମତ ପ୍ରକାଶ ପାଉଥିଲା ଯେ' ସେ କବିତା ରାଜ୍ୟରୁ ସନ୍ନ୍ୟାସ ନେଇ ଗଦ୍ୟ ରାଜ୍ୟରେ ପାଦ ଦେଇଛନ୍ତି । ଏହି ସମୟ ସୀମା ମଧ୍ୟରେ ମହାଦେବୀଙ୍କର ଏକ ସାକ୍ଷାତକାର ପ୍ରକାଶିତ ହୋଇଥିଲା ସମକାଳୀନ କୌଣସି ଏକ ସାହିତ୍ୟ ପତ୍ରିକାରେ । ତାକୁ ଆଧାର କରି ଜଣେ ସମୀକ୍ଷକ ମତ ପ୍ରକାଶ କରିଥିଲେ ଯେ, "ଦୀପଶିଖା" ପରେ ମହାଦେବୀଙ୍କର "ପ୍ରଭା" ନାମକ ଏକ ସଂକଳନ ପ୍ରକାଶ ଅପେକ୍ଷାରେ ଅଛି । ତେବେ "ପ୍ରଭା" କିନ୍ତୁ ପରବର୍ତ୍ତୀ କାଳରେ ପ୍ରକାଶିତ ହୋଇନଥିଲା ।

ଏହାପରେ ୨୦ ମେ, ୧୯୬୦ ରେ ପ୍ରକାଶ ପାଇଲା "ସପ୍ତବର୍ଣ୍ଣା" କାବ୍ୟକୃତି । ଏହି ସଂକଳନଟିକୁ ମହାନ କବି ସୁମିତ୍ରା ନନ୍ଦନ ପନ୍ତଙ୍କୁ ଉତ୍ସର୍ଗ କରାଯାଇଥିଲା, ତାଙ୍କ ଷାଠିଏ ବର୍ଷ ପୂର୍ତ୍ତି ଉପଲକ୍ଷେ । ୨୧୨

ପୃଷ୍ଠାରେ "ସପ୍ତବର୍ଣ୍ଣା" ସଙ୍କଳନରେ କବିଙ୍କ ୩୯ ଗୋଟି କବିତା ସଂକଳିତ ହୋଇଥିଲା । ଋଗ୍‌ବେଦ, ଅଥର୍ବବେଦ, ସାମବେଦ ଆଦି ବୈଦିକ ସାହିତ୍ୟ ସମେତ ବାଲ୍ମୀକି, ଥେର ଗାଥା, ଅଶ୍ୱଘୋଷ, କାଳିଦାସ, ଭବଭୂତି ଓ ଜୟଦେବ ଆଦିଙ୍କ ଭକ୍ତିରାଜିର କାବ୍ୟମୟ ହିନ୍ଦୀ ରୂପାନ୍ତର ଥିଲା "ସପ୍ତବର୍ଣ୍ଣା" । ଏହିପରି ଭାବରେ "ସପ୍ତବର୍ଣ୍ଣା" କୁ ଏକ ମୌଳିକ କବିତା ଗ୍ରନ୍ଥ ନକହି ଅନୁବାଦ ଗ୍ରନ୍ଥ ବୋଲି କୁହାଯାଇପାରେ ନିଜେ କବି ମଧ୍ୟ ଏହାକୁ ଏକ ମୌଳିକ କବିତା ଗ୍ରନ୍ଥ ନ କହି ଅନୁବାଦ ପୁସ୍ତକ ବୋଲି ସ୍ୱୀକାର କରିଛନ୍ତି । ସେ କହିଛନ୍ତି: "ପ୍ରସ୍ତୁତ ଅନୁବାଦ କୀ ପୂର୍ଣ୍ଣତାଓଁ କେ ପ୍ରତି ମୈ ସଜଗ୍ ହୁଁ, କିନ୍ତୁ ସମୁଦ୍ର କୀ ଅତଲ୍ ଗହରାଇସେ ନିକ୍‌ଲା ହୁଆ ମୋତି କାଷ୍ଠା କୀ ଛୋଟୀ ମଞ୍ଜୁଷା ମେଁ ଭୀ ରଖାଜା ସକତା ହେଁ ।" ହିନ୍ଦୀ ସାହିତ୍ୟର ଅନ୍ୟତମ ସମାଲୋଚକ ଦୁର୍ଗାଶଂକର ମିଶ୍ର କିନ୍ତୁ ଏହାକୁ ଅବିକଳ ଅନୁବାଦ ନ କହି ଭାବାନୁବାଦ ବୋଲି କହିଛନ୍ତି । ତେବେ କଳା ଦୃଷ୍ଟିରୁ ଏହା ଉନ୍ନତ ଓ ଭାବ ଦୃଷ୍ଟିରୁ ମୌଳିକ ନୁହେଁ ବୋଲି ପ୍ରକାଶ କରିଛନ୍ତି ।

"ସପ୍ତବର୍ଣ୍ଣା" ପ୍ରକାଶିତ ହେବାର ପ୍ରାୟ, ତିନି ବର୍ଷ ପରେ, ଅର୍ଥାତ୍ ୧୯୬୩ ମସିହାରେ କବିଙ୍କ ଅନ୍ୟତମ ସଂକଳନ "ହିମାଳୟ" ପ୍ରକାଶ ପାଇଥିଲା ଏହା ଥିଲା ଏକ ସଂପାଦିତ କାବ୍ୟ-ସଂକଳନ । ଏଥିରେ ପ୍ରାଚୀନ ସଂସ୍କୃତ ସାହିତ୍ୟ, ଅନ୍ତଃପ୍ରାନ୍ତୀୟ ଭାଷା ସମୂହ ଓ ଉର୍ଦ୍ଦୁ କବିମାନଙ୍କ ସମେତ ମୈଥିଳୀ ଶରଣ ଗୁପ୍ତା, ମାଖନଲାଲ ଚତୁର୍ବେଦୀ, ରାମ ନରେଶ ତ୍ରିପାଠୀ, ଜୟଶଙ୍କର ପ୍ରସାଦ, ସୁମିତ୍ରା ନନ୍ଦନ ପନ୍ତ, ରାମ କୁମାର ବର୍ମା, ସୂର୍ଯ୍ୟକାନ୍ତ ତ୍ରିପାଠୀ ନିରାଲା, ଦିନକର, ଅଞ୍ଚଲ୍, ସୁଭଦ୍ରା କୁମାରୀ ଚୌହାନ, ଇଲାଚନ୍ଦ ଗୋଷ, ଉଦୟ ଶଙ୍କର ଭଟ୍ଟ, ଅଜ୍ଞେୟ, ନରେନ୍ଦ୍ର ଶର୍ମା, ନରେଶ ମେହତା, ବାଳକୃଷ୍ଣ ରାୟ, ଗିରିଜା କୁମାର ମାଥୁର, ଅର୍.ସି ପ୍ରଦାସ ସିଂହ ତଥା ନିରଜ ପ୍ରମୁଖ ହିନ୍ଦୀ କବିମାନଙ୍କ ରଚନାବଳୀ ସ୍ଥାନ ପାଇଥିଲା । ଚୀନ ଯେଉଁଦିନ ଭାରତ ଆକ୍ରମଣ କରିଥିଲା, ଠିକ୍ ସେହିଦିନ "ହିମାଳୟ" ପ୍ରକାଶିତ ହୋଇତ୍‌ଲା ଓ ଏଥିରୁ ପ୍ରାପ୍ତ ଅର୍ଥକୁ କବି ଦେଶର ସୁରକ୍ଷା ପାଣ୍ଠିକୁ ପ୍ରଦାନ କରିବା ଘୋଷଣା କରିଥିଲେ । ଅନ୍ୟ କବିମାନଙ୍କ ରଚନା ସଂକଳିତ ହୋଇଥିବା ଦୃଷ୍ଟିରୁ କାବ୍ୟ-ସାଧନା କ୍ରମରେ "ହିମାଳୟ" ର କୌଣସି ମହତ୍ତ୍ୱ ନାହିଁ ।

ଏହାପରେ ପ୍ରକାଶିତ ହୁଏ "ସଂଧିନୀ" । ଏହି ପୁସ୍ତକଟି ମଧ୍ୟ କବିଙ୍କ ସ୍ୱତନ୍ତ୍ର କବିତା ସଂକଳନ ନଥିଲା। ଏହାକୁ ଆଧୁନିକ କବି ପ୍ରତିରୂପ ବୋଲି କୁହାଯାଇପାରେ । କାରଣ ଏଥିରେ କବିଙ୍କ ସେଂଯାବତ୍ ପ୍ରକାଶିତ ସଂକଳନଗଡିକରୁ ନିର୍ବାଚିତ ୬୫ ଗୋଟି ଗୀତ ସନ୍ନିବେଶିତ ହୋଇଥିଲା । "ସଂଧିନୀ ମେଁ ମେରେ କୁଛ ଗୀତ ସଂଗୃହୀତ୍ ହୈ । କାଳ-ପ୍ରବାହ କା ବର୍ଷୋଁ ମେଁ ଫୈଲା ହୁଆ ଚୌଡା ପାଟ୍ ଉନ୍‌ହେ ଏକ୍ ଦୁସ୍‌ରେ ସେ ଦୂର ଔର୍ ଦୂରମ୍ କୀ ସ୍ଥିତି ଦେ ଦେତା ହୈ । ପରନ୍ତୁ ମେରେ ବିଚାର୍ ମେଁ ଉନ୍‌କା ସ୍ଥିତି ଏକ୍ ନଦୀତଟ୍ ସେ ପ୍ରବାହିତ ଦୀପୋଁ କେ ସମାନ୍ ହୈ । ଦୀପକୋଁ କୀ ଇନ୍ ସାପେକ୍ଷ ଦୂରିୟୋଁ ପର୍ ଦୀପ୍ ଦାନ ଦେନେ ୱାଲେ କୀ ମଂଗଳାଶା ସୂକ୍ଷ୍ମ ଅନ୍ତରୀକ୍ଷ-ମଂଡଲ୍ ଏକ ସମାନ୍ ଫୈଲ୍‌କର୍ ଉନ୍‌ହେ ଆପନୀ ଅଲକ୍ଷ୍ୟ ଛାୟା ମେଁ ଏକ ରଖ୍‌ତୀ ହୈ । ମେଁରେ ଗୀତୋଁ ପର୍ ଭୀ ମେରୀ ଏକ୍ ଆସ୍ଥା କା ଛାୟା ହୈ" ବୋଲି କବି କହିଛନ୍ତି ।

ମୃତ୍ୟୁ (୧୯୮୭) ପରେ ୧୯୯୦ ମସିହାର ମହାଦେବୀଙ୍କ ଶେଷତମ କବିତା ସଂଙ୍କଳନ "ଅଗ୍ନିରେଖା" ପ୍ରକାଶ ଲାଭ କରିଥିଲା । ଏହି ସଙ୍କଳନରେ ମହାଦେବୀଙ୍କ ଆଉ ଏକ ଭିନ୍ନ ଭାବଧାରାର ପରିଚୟ ମିଳେ ।

ବେଦନା ବୋଧ ସହ ସ୍ୱାଧୀନ ଭାରତର ସ୍ଥିତି ଏଥିରେ ଲକ୍ଷଣୀୟ । ଦେଶର ଜରୁରୀକାଳୀନ ପରିସ୍ଥିତି (୧୯୭୬) ସମୟରେ ଯେତେବେଳେ ଦେଶର ଅଧିକାଂଶ ବୁଦ୍ଧିଜୀବୀ ନୀରବତା ଅବଲମ୍ବନ କରିଥିଲେ, ସେତେବେଳେ ମୁଖରେ ଥିଲେ ମହାଦେବୀ । ସେ କହୁଥିଲେ ସରସ୍ୱତୀଙ୍କ ଉପାସକ ମୁଣ୍ଡ ନୁଆଁଇବା କଥା ନୁହେଁ । ସ୍ୱାଧୀନ ଭାରତ ପ୍ରତି କବିଙ୍କର ଯେତେ ପ୍ରେମ ଥିଲା, ସେତେ ଆକ୍ରୋଶ ଥିଲା ପ୍ରଚଳିତ ବ୍ୟବସ୍ଥା ପ୍ରତି ଏଭଳି କିଛି ଭାବଧାରାର କବିତା ବି "ଅଗ୍ନିରେଖା" ରେ ସଂକଳିତ ହୋଇଛି । ତେବେ ଭାରତର ଏହି ଅବସ୍ଥାରେ କବି ନିରଶାବାଦୀ ନୁହନ୍ତି । ସେ ଆଶାର ସଂଚାର ମଧ୍ୟ କରିଛନ୍ତି :

"ସିନ୍ଧୁ ମେଁ ପୋତ୍ ପଂଥ ପାଲେଙ୍ଗେ
ହର୍ କୁଟୀର ଜ୍ୟୋତି ଦୀପ-ସୀ ହୋଗୀ
ରାହ ମେଁ ଫିର୍ ପଥିକ ନ ଭୁଲେଂଗେ
ଦୃଷ୍ଟି ଆଲୋକ୍ ସୀପ୍-ସୀ ହୋଗୀ
ତୁମ୍ ଭଲେ ପ୍ରାତ୍ ହୀ ବୁଝାଦେନା
ରାତ୍ ମେଁ ସୂର୍ଯ୍ୟସେ ବଡା ଦୀପକ୍ !
ୟହ ତୁହ୍ମାରା ସୃଜନ୍ ଜଲା ଦୀପକ୍ !"
ମହାଦେବୀଙ୍କ ଗଦ୍ୟ ରଚନା

## ୨.୭ ମହାଦେବୀ ବର୍ମାଙ୍କ ଗଦ୍ୟ ରଚନା

ମହାଦେବୀ ବର୍ମାଙ୍କ ଲିଖିତ ଗଦ୍ୟ ତାଙ୍କ ଲିଖିତ କବିତାଗୁଡିକଠାରୁ କମ୍ ମହତ୍ତ୍ୱପୂର୍ଣ୍ଣ ନୁହେଁ । ବରଂ ଅନେକ ବର୍ଷ ତଳେ ସେ ଗୁଡିକ ଲେଖା ହୋଇଥିଲେ ମଧ୍ୟ ଆଜି ବି ପ୍ରାସଂଗିକତା ଦୃଷ୍ଟିର ଅଧିକ ଅର୍ଥବାନ୍ ମନେହୁଏ । ସେ ମୂଳତଃ ଜଣେ-କବି ହୃଦୟର ବ୍ୟକ୍ତି ହୋଇଥିବାରୁ ତାଙ୍କ ଗଦ୍ୟରେ ମନୋରମ ସଂବେଦନଶୀଳତା ଦେଖିବାକୁ ମିଳେ । ସେହି ଗଦ୍ୟଗୁଡିକ ପୂର୍ଣ୍ଣ, ମୌଳିକ, ସମର୍ଥ, ମନୋରମ ଓ ସ୍ୱତନ୍ତ୍ର । ତାଙ୍କ କବିତାରେ ଯେଭଳି ଭାବରେ କବିଙ୍କ ନିଜ ଜୀବନର ବ୍ୟାଥା ବରିହୁଏ, ସେହିଭଳି ତାଙ୍କର ଗଦ୍ୟ ରଚନାରେ ସାମାଜିକ ଜୀବନର ସଂଘର୍ଷ ଓ ବ୍ୟଥାକୁ ମର୍ମେ ମର୍ମେ ଅନୁଭବ କରିହୁଏ । ମହାଦେବୀଙ୍କ ସାମଗ୍ରିକ ଗଦ୍ୟ ରଚନାକୁ ତିନି ଭାଗରେ ବିଭକ୍ତ କରାଯାଇପାରେ- (୧) ସଂସ୍ମରଣ ଓ ରେଖାଚିତ୍ର : "ଅତୀତ୍ କେ ଚଳଚିତ୍ର" (୧୯୪୧) "ପଥ କେ ସାଥୀ" ଓ ସ୍ମୃତି କୀ ରେଖାଏଁ "(୧୯୪୩) ପୁସ୍ତକ ଦ୍ୱୟରେ ସଂକଳିତ, (୨) ନାରୀ ବିଷୟକ ରଚନାବଳୀ: "ଶୃଂଖଳା କୀ କଡିୟା" (୧୯୪୨) ରେ ସଂକଳିତ ଓ (୩) ନିବଂଧ, ସଂପାଦକୀୟ ପୁସ୍ତକର ଭୂମିକା ଆଦି ରୂପରେ ବିବେଚନାତ୍ମକ ଗଦ୍ୟ: "ସାହିତ୍ୟକାର୍‌କୀ ଆସ୍ଥା ତଥା ଅନ୍ୟ ନିବନ୍ଧ୍" ରେ ସଂକଳିତ । ତାଙ୍କର ଗଦ୍ୟ ରଚନାରେ ସେ ନିଜ ସମୟରେ ସମାଜରେ ବସବାସ କରୁଥିବା ଉପେକ୍ଷିତ- ଶୋଷିତ- ପୀଡିତ ମଣିଷମାନଙ୍କ ମାର୍ମିକ ଅଭିବ୍ୟକ୍ତି ପ୍ରଦାନ କରିଛନ୍ତି । ସେହିପରି ତାଙ୍କର ସଂସ୍କରଣଗୁଡିକ ପ୍ରବନ୍ଧ, କାହାଣୀ, ରେଖାଚିତ୍ର ଆଦିର ମିଶ୍ରଣ ରୂପ ଧାରଣ କରିଛି । ସେ ଯାହାଙ୍କ ବିଷୟରେ ସଂସ୍କରଣ ଲେଖିଛନ୍ତି, ସେହି ଚରିତ୍ରର ସ୍ୱଭାବ, ମନୋବିଜ୍ଞାନ, ଆକୃତି ପ୍ରକୃତି, ସାମାଜିକ ସ୍ଥିତି ତଥା ତାଙ୍କ ସଂପୂର୍ଣ୍ଣ ରୂପର ଚିତ୍ର ଦେଇଛନ୍ତି । ତାଙ୍କ

ଚରିତ୍ରଗୁଡିକ ପ୍ରାୟତଃ ଅଶିକ୍ଷିତ, ଅନାଥ ଓ ପରିତ୍ୟକ୍ତ । ସେମାନେ ସାମାନ୍ୟ ଚରିତ୍ର, ହେଲେ ମହାଦେବୀଙ୍କ ଲେଖନୀ ମୂନରେ ସେମାନେ ପାଠକ ସାମ୍ନାରେ ଏକ ଅଦ୍ଭୁତ ବୈଶିଷ୍ଟ୍ୟ ନେଇ ଉଭା ହୁଅନ୍ତି । ଲେଖିକାଙ୍କ ସୂକ୍ଷ୍ମ ନିରୀକ୍ଷଣ ଓ ବର୍ଣ୍ଣନା ଚାତୁରୀରେ ସେମାନେ ମଧ୍ୟ ଜୀବନ୍ତ ମନେହୁଅନ୍ତି ।

ମହାଦେବୀ ବର୍ମାଙ୍କ ଗଦ୍ୟ ରଚନା ସଂପର୍କରେ ଆଲୋଚକ ସୂର୍ଯ୍ୟ ପ୍ରସାଦ ଦୀକ୍ଷିତ କହିଛନ୍ତି: "ମହାଦେବୀଙ୍କ ସଫଳତାର ମୂଳ ରହସ୍ୟ ହେଉଛି ଯେ ସେ ଏକାସଂଗରେ ଭାବ ଓ ବିଚାର ମଧ୍ୟରେ ସଂପର୍କ ନିର୍ବାହ କରିଦେଇ ପାରନ୍ତି । କବିତ୍ୱର ଭାବୁକ-କ୍ଷଣଗୁଡିକରେ ସେ ସଂବେଗ ଦ୍ୱାରା ପ୍ରେରିତ ହୋଇ ହୃଦୟର ଅନ୍ତଃସ୍ଥଳରେ ଥିବା ପରିଧିଗୁଡିକୁ ସ୍ପର୍ଶ କରିପାରନ୍ତି ଗଦ୍ୟ ଲିଖନ ସମୟରେ । ସେ ଚିନ୍ତନ ସମୟରେ ଆତ୍ମଲୀନ ହୋଇ ବୈଚାରିକ ସମସ୍ୟାଗୁଡିକ ସହ ଅନେକ ବିକଳ୍ପ, ବିଶ୍ଲେଷଣ ଓ ବିବେଚନା ପ୍ରସ୍ତୁତ କରିଥାନ୍ତି ।" ନିଜ ଗଦ୍ୟ ଲିଖନ ଉପରେ "ଶୃଙ୍ଖଳା କୀ କଡିୟୋଁ ପୁସ୍ତକରେ ନିଜେ ମହାଦେବୀ ଲେଖିଛନ୍ତି:" "ଚିନ୍ତନ ସମୟରେ ମୋତେ ଗଦ୍ୟ ଲେଖିବାକୁ ଭଲ ଲାଗେ, କାରଣ ସେଥିରେ କେବଳ ନିଜସ୍ୱ ଅନୁଭୂତି ନୁହେଁ, ବାହ୍ୟ ପରିସ୍ଥିତି ଗୁଡିକ ବିଶ୍ଳେଷଣ ପାଇଁ ମଧ୍ୟ ପର୍ଯ୍ୟାପ୍ତ ଅବକାଶ ମିଳେ ।"

ମହାଦେବୀଙ୍କ ଗଦ୍ୟ ଲିଖନ ନିଜସ୍ୱ କବିତା ରଚନା ଭଳି ଅଳ୍ପ ବୟସରୁ ଆରମ୍ଭ ହୋଇଥିଲା । ସେ ଯେତେବେଳେ ମିଡିଲ୍ ଶ୍ରେଣୀରେ ପାଠ ପଢୁଥିଲେ । ସେତେବେଳେ "ପରୀ-କଥା" ନାମକ ଏକ ପ୍ରବନ୍ଧ ଲେଖି ଉତ୍ତରପ୍ରଦେଶ ଶିକ୍ଷା ବିଭାଗ ଦ୍ୱାରା ପୁରସ୍କାର ପାଇଥିଲେ । ସେ ସମୟରେ ସେ "ଭାରତୀୟ ନାରୀ" ନାମକ ଏକ ନାଟକ ମଧ୍ୟ ଲେଖିଥିବାର ଜଣାପଡେ । ତେବେ "ଚାଂଦ" ପତ୍ରିକାର ସଂପାଦକୀୟ ଲେଖି ସେ ପ୍ରଥମେ ଗଦ୍ୟ ଲେଖିକାର ପରିଚୟ ହାସଲ କରିଥିଲେ । ନାରୀ ତଥା ସମାଜର ଅନ୍ୟ ଉପେକ୍ଷିତ ଓ ଦଳିତ ବର୍ଗର ମଣିଷମାନଙ୍କ ସମସ୍ୟାଗୁଡିକୁ ସେ ମୁଖ୍ୟତଃ ନିଜ ଗଦ୍ୟରେ ପ୍ରକାଶ କରିଥିଲେ । ତାଙ୍କ ଗଦ୍ୟ ରଚନାବଳୀରେ ଦେଶପ୍ରେମର ଝଲକ ମଧ୍ୟ ଦେଖିବାକୁ ମିଳେ । ୧୯୪୨ ମସିହାରେ ଭାରତ ଛାଡ ଆନ୍ଦୋଳନ ସମୟରେ ସେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଯଥେଷ୍ଟ ସାହାଯ୍ୟ ସହଯୋଗ କରିଥିଲେ, ତା'ର ପ୍ରମାଣ ମଧ୍ୟ ଗଦ୍ୟରୁ ମିଳେ । ବଙ୍ଗ ଦୁର୍ଭିକ୍ଷ ସମୟରେ ତାଙ୍କର "ବଙ୍ଗ ଦର୍ଶନ" ଓ ଚୀନ ଆକ୍ରମଣ ସମୟରେ "ହିମାଳୟ ସଂକଳନ ପ୍ରକାଶିତ ହୋଇଥିଲା । ଆଲୋଚକ ଡକ୍ଟର ଓମ୍‌ପ୍ରକାଶ ଶାସ୍ତ୍ରୀଙ୍କ ମତରେ: ଗଦ୍ୟରେ ଗାରିମା, ଗରିଷ୍ଠତା, ପ୍ରୌଢ଼ତା ସତର୍କତା ଓ ତୀବ୍ର ଭାବପନ୍ନତା ସହ ମହାଦେବୀ ଯେଉଁ ଚିତ୍ର ଦେଇଥାନ୍ତି । ସେଗୁଡିକ ଏଭଳି ଜଣେ ନାରୀର, ଯେଉଁ ନାରୀ-ଜୀବନର ସମସ୍ୟା ଗୁଡିକର ବିଶ୍ଳେଷଣକାରୀ କେବଳ ନୁହନ୍ତି, ସମାଧାନ ଦାତ୍ରୀ ମଧ୍ୟ ।"

ମହାଦେବୀଙ୍କ ଏହି ସାମଗ୍ରିକ ଗଦ୍ୟ ରଚନାର ବର୍ଗୀକରଣ ଏହିପରି କରାଯାଇପାରେ :

(୧) ବିବେଚନାତ୍ମକ ଗଦ୍ୟ : ଏଥିରେ ଛାୟାବାଦ, ରହସ୍ୟବାଦ, ସାହିତ୍ୟକାର କୀ ଆସ୍ଥା ତଥା "କ୍ଷଣଦା" ସଂଗ୍ରହ ର ତିନିଗୋଟି ପ୍ରବନ୍ଧକୁ ନିଆଯାଇପାରେ ।

(୨) ସଂସ୍ମରଣାତ୍ମକ ଗଦ୍ୟ : "ସ୍ମୃତି କୀ ରେଖାଏଁ" ଓ "ପଥ୍ କେ ସାଥୀ" ସଂଗ୍ରହଗୁଡିକରେ ସଂକଳିତ ଗଦ୍ୟ ରଚନା ।

(୩) ରେଖାଚିତ୍ରାତ୍ମକ ଗଦ୍ୟ : "ଅତୀତ୍ କେ ଚଳଚିତ୍ର" ରେଖାଚିତ୍ର ସଂକଳକ ।

(୪) ଭାବ ଓ ବିଚାର ପ୍ରଧାନ ଗଦ୍ୟ : "ଶୃଙ୍ଖଳା କୀ କଡ଼ିୟାଁ" ରେ ପ୍ରକାଶିତ ଗଦ୍ୟରାଜି ।

(୫) ଆଲୋଚନାତ୍ମକ ଗଦ୍ୟ : ସାହିତ୍ୟ ଔର୍ ସାହିତ୍ୟକାର, ଛାୟାବାଦ, ରହସ୍ୟବାଦ, ଯଥାର୍ଥ ଔର୍ ଆଦର୍ଶ ଗୀତିକାବ୍ୟ ଆଦି ନିବନ୍ଧ ।

(୬) କଳାତ୍ମକଗଦ୍ୟ : କଳା ଓ ଚିତ୍ରମୟ ସାହିତ୍ୟ, ଅଭିନୟ କଳା ତଥା କାବ୍ୟ କଳା ସଂପର୍କିତ ରଚନାବଳୀ।

(୭) ସାମୟିକ ସମସ୍ୟା ପ୍ରଧାନ ଗଦ୍ୟ : ଦେଶର ସାଂପ୍ରତିକ ଅବସ୍ଥା ଉପରେ ଲିଖିତ କେତେକ ପ୍ରବନ୍ଧ ।

ଭାମହଙ୍କ ପ୍ରସିଦ୍ଧ ଉକ୍ତି "ଗଦ୍ୟ କୱିନାଂ ନିକଷଂ ବଦନ୍ତି" କୁ ବିସ୍ତାର କରି ଆଚାର୍ଯ୍ୟ ରାମଚନ୍ଦ୍ର ଶୁକ୍ଳ କହିଛନ୍ତି ଯେ "ଯଦି ଗଦ୍ୟ କବିମାନଙ୍କର ଆଧାର ହୁଏ, ତେବେ ନିବନ୍ଧ ଗଦ୍ୟର ଆଧାର ହୋଇଥାଏ । "ଏହାରି ଅନୁଯାୟୀ, କବି କର୍ମରେ ଗଦ୍ୟ ଓ ପଦ୍ୟରେ ନିବନ୍ଧ ଉତ୍ତରୋତ୍ତର ଶ୍ରେଷ୍ଠ ମନେହୁଏ । ଏହି ଦୃଷ୍ଟିରୁ ଦେଖିଲେ ମହାଦେବୀଙ୍କ ନିବନ୍ଧକାର, ପ୍ରାବନ୍ଧିକ ବା ଆଲୋଚିକା ରୂପ ସବୁଠୁ ଗାରିମାମୟ ମନେହୁଏ । ତାଙ୍କ ଗଦ୍ୟ ରଚନା ସବୁ ବେଶ୍ ପ୍ରଭାବଶୀଳ । ସେ ସବୁ ମଧ୍ୟ ସରସ ଓ ସଂପ୍ରେଷଣଶୀଳ । ତାଙ୍କର "ସାହିତ୍ୟକାର୍ କୀ ଆସ୍ଥା", "ସାହିତ୍ୟ ଔର ସାହିତ୍ୟକାର୍" "ଛାୟାବାଦ୍" "ରହସ୍ୟବାଦ", ଯଥାର୍ଥ ଔର ଆଦର୍ଶ ଗୀତିକାବ୍ୟ", "କାବ୍ୟକଳା" "କଳା ଓ ଔର ଚିତ୍ରମୟ ସାହିତ୍ୟ" ଆଦି ଏହି ମର୍ମରେ ଉଲ୍ଲେଖୀୟ । ତାଙ୍କର ଅନ୍ୟ କେତୋଟି ସଂସ୍କରଣାତ୍ମକ ସାମାଜିକ ଓ ସାମୟିକ ନିବନ୍ଧ (ଅତୀତ୍ କେ ଚଳିଚ୍ଚିତ୍ର, ପଥ୍ ଏକ ସାଥୀ, ସ୍ମୃତି କୀ ରେଖାଏଁ) ରେ ସରସତା, ପ୍ରବାହମୟତା ଓ ହୃଦୟଗ୍ରାହୀତା ସୁସ୍ପଷ୍ଟ । ତାଙ୍କର କେତେକ କାବ୍ୟ କବିତା ସଂକଳନ (ରଶ୍ମି, ସାଂଧ୍ୟଗୀତ, ଯାମା, ଦୀପଶିଖା ଓ ସପ୍ତବର୍ଣ୍ଣା) ର ଭୂମିକାଗୁଡିକ ମଧ୍ୟ ଏତ ଏକ ବୃହତ୍ ନିବନ୍ଧ ।

ମହାଦେବୀଙ୍କ ଗଦ୍ୟରଚନାରେ ଶୈଳୀ ହିଁ ବ୍ୟକ୍ତିତ୍ୱ" ଉକ୍ତି ମଧ୍ୟ ବେଶ୍ ପ୍ରାସଙ୍ଗିକ ମନେ ହୁଏ । ତାଙ୍କ ଗଦ୍ୟ ରଚନାବଳୀରେ ତାଙ୍କ ବ୍ୟକ୍ତିତ୍ୟର ଛାପ ସୁସ୍ପଷ୍ଟ । ଅଭିବ୍ୟକ୍ତିରେ ନାରୀ-ସୁଲଭ ବକ୍ରତା ଯେତେ ଦେଖିହୁଏ, ଅଭିବ୍ୟକ୍ତି ପଛରେ ତାଙ୍କର ଛାୟାବାଦୀ- କବି ହୃଦୟକୁ ମଧ୍ୟ ସାମନା କରିହୁଏ । ଗଦ୍ୟରେ ପଦ-ବିନ୍ୟାସ, ସଂଗୀତମୟ ପ୍ରବାହ, ଆଳଂକାରିକ ଲାକ୍ଷଣିକତା ମଧ୍ୟ ବେଶ୍ ଉଲ୍ଲେଖନୀୟ । ତାଙ୍କ ଗଦ୍ୟ ଶୈଳୀ ଉଭୟ ବିବେଚନାତ୍ମକ ଓ ଭାବାତ୍ମକ । ଆଳଂକାରିକ ଶୈଳୀ, ଚିତ୍ର ଶୈଳୀ, ସଂବାଦ ଶୈଳୀ, ସୂକ୍ତିଶୈଳୀ, ଲାକ୍ଷଣିକ ଶୈଳୀ ତଥା ପ୍ରତୀକ ଶୈଳୀ ତାଙ୍କର ବିଭିନ୍ନ ଗଦ୍ୟ ରଚନାରେ ଦେଖିବାକୁ ମିଳେ ।

ମହାଦେବୀ ବର୍ମାଙ୍କ ଗଦ୍ୟ ରଚନାବଳୀ ସଂପର୍କରେ ଆଲୋଚନା କଲାବେଳେ ତାଙ୍କ ଲିଖିତ ରେଖାଚିତ୍ରଗୁଡିକ ଉପରେ ଆଲୋକପାତ ନକଲେ ତାହା ଅସଂପୂର୍ଣ୍ଣ ମନେହେବ । ରେଖାଚିତ୍ର ବା ସ୍କେଚ୍ ହେଉଛି ଚିତ୍ରକଳାର ଏକ ସୁପରିଚିତ ଶବ୍ଦ । ଏହା ଚିତ୍ରକରଙ୍କ ଜୀବନ ପ୍ରତି ସଜୀବ ଓ ଅନୁଭୂତି ସାକାର ଅଭିବ୍ୟକ୍ତି ହୋଇଥାଏ । ଅନ୍ୟ ପକ୍ଷରେ ସାହିତ୍ୟିକ ରେଖାଚିତ୍ର ଏକ ସାହିତ୍ୟିକ ସ୍ୱରୂପ, ଯେଉଁଥିରେ କୌଣସି ବ୍ୟକ୍ତିଙ୍କର ମର୍ମସ୍ପର୍ଶୀ ଚରିତ୍ର ବାହ୍ୟ ବିଶେଷତ୍ୱଗୁଡ଼ିକୁ (ଯେଉଁଗୁଡିକ ଉକ୍ତ ବ୍ୟକ୍ତିଙ୍କର ଆନ୍ତରିକ ସ୍ୱଭାବର ମଧ୍ୟ ପ୍ରତିନିଧିତ୍ୱ କରିଥାଏ) ବିଭିନ୍ନ ସଂକ୍ଷିପ୍ତ ଘଟଣାବଳୀ ମାଧ୍ୟମରେ ଏକ ପ୍ରଭାବଶାଳୀ ଢ଼ଙ୍ଗରେ ଅଭିବ୍ୟକ୍ତି କରାଯାଇଥାଏ । ଏଭଳି ରେଖାଚିତ୍ର ରଚନାରେ ସମଗ୍ର ହିନ୍ଦୀ ସାହିତ୍ୟ ଜଗତରେ ମହାଦେବୀ ହେଉଛନ୍ତି ଏକ ଉଲ୍ଲେଖନୀୟ ନାମ।

ଏହି ଦୃଷ୍ଟିରୁ ସେ ଜଣେ ସର୍ବକାଳୀନ ଲେଖିକା । ତାଙ୍କର "ଅତୀତ୍ କେ ଚଳଚିତ୍ର", "ସ୍ମୃତି କୀ ରେଖାଏଁ ତଥା" "ପଥ କେ ସାଥୀ" ଆଦି ପୁସ୍ତକରେ ଏଭଳି ରେଖାଚିତ୍ରମାନ ସ୍ଥାନିତ ହୋଇଛି । ତେବେ ଲେଖିକାଙ୍କ "ଅତୀତ କେ ଚଳଚିତ୍ର" ଓ "ସ୍ମୃତି କୀ ରେଖାଏଁ" ହିଁ ଉପଯୁକ୍ତ ଅର୍ଥରେ ରେଖାଚିତ୍ର ସଂକଳନ । "ପଥ୍କେ ସାଥୀ" ରେ ଲେଖିକାଙ୍କ ସମକାଳୀନ ଭାରତୀୟ ସାହିତ୍ୟିକ ମନୀଷୀମାନଙ୍କ ସଂସ୍ମରଣ ସଂଗୃହୀତ ହୋଇଛି । ଏହି ରେଖାଚିତ୍ରଗୁଡ଼ିକରେ ମହାଦେବୀ ନିଜ ଆନ୍ତରିକ କରୁଣା ଓ ବେଦନାର ମାର୍ମିକ ଅଭିବ୍ୟକ୍ତି ପ୍ରଦାନ କରିଛନ୍ତି । "ସ୍ମୃତି କୀ ରେଖାଏଁ" ରେ ପରିଚାରିକା, ଫେରିବାଲା ବସ୍ତ୍ର ବିକ୍ରେତା, ବଦ୍ରୀ ଓ କେଦାର ଧାମ ଯାତ୍ରୀ ଦୁଇଭାଇ, ନିର୍ଦ୍ଧନ ମୁନ୍ନୁର ମା'(ଗୃହବଧୂ), କଳ୍ପବାସର ଭାବୁକ ଠକୁରୀ ବାବା, ଉତ୍ପୀଡ଼ିତା ଧୋବଣୀ ତଥା ମମତାମୟୀ ମୂକ ସ୍ତ୍ରୀ ଲୋକମାନେ ସ୍ଥାନ ପାଇଥାନ୍ତି । ସେହିପରି "ଅତୀତ କେ ଚଳଚିତ୍ର" ପୁସ୍ତକରେ ୧୧ ଗୋଟି ସଂସ୍ମରଣ କଥାସ୍ଥାନ ପାଇଛି । "ପଥ୍ କୀ ସାଥୀ" ରେ ଲେଖିକା ତାଙ୍କ ସମସାମୟିକ ସାତଜଣ ସାହିତ୍ୟକାର (କବି ରବିନ୍ଦ୍ରନାଥ, ମୈଥିଲୀ ଶରଣ ଗୁପ୍ତ, ସୁଭଦ୍ରା କୁମାରୀ ଚୌହାନ, ସୂର୍ଯ୍ୟକାନ୍ତ ତ୍ରିପାଠୀ ନିରାଲା, ଜୟ ଶଙ୍କର ପ୍ରସାଦ, ସୁମିତ୍ରା ନଂଦନ ପନ୍ଥ ଓ ସିୟାରାମ ଶରଣ ଗୁପ୍ତ) ମାନଙ୍କ ସଂପର୍କରେ ତାଙ୍କ ବ୍ୟକ୍ତିଗତ ସ୍ମୃତି ଅନୁଭୂତି ଲିପିବଦ୍ଧ କରିଛନ୍ତି ।

## ୨.୮ ନିଷ୍କର୍ଷ

ହିନ୍ଦୀ ବାଙ୍ମୟ ପରଂପରାରେ ଜଣେ କେବଳ ଜନପ୍ରିୟ ଶ୍ରଦ୍ଧେୟ କବି ଭାବରେ ଡକ୍ଟର ମହାଦେବୀ ବର୍ମାଙ୍କ କୃତିତ୍ୱ ଅସପନ୍ ସେପରି ନୁହେଁ ବରଂ ସେ ହେଉଛନ୍ତି ଜଣେ ଅସାମାନ୍ୟ ଅନନ୍ୟସାଧାରଣ କଳାକାର । ଲଳିତ କଳାର ପ୍ରାୟ ସମସ୍ତ ପ୍ରତିଭା ତାଙ୍କ ଲେଖନୀ ଓ ତୂଳୀରେ ଅତୁଟ ରହିଥିଲା । କବିତ୍ୱ କର୍ମ ସହିତ ଗଦ୍ୟ ଲେଖିକା ଭାବେ ମଧ୍ୟ ସୁନିପୁଣା । ଜଣେ ଆଦର୍ଶସ୍ଥାନୀୟ ଚିତ୍ରକର ସହିତ ରହସ୍ୟ-ଦାର୍ଶନିକା । ତାଙ୍କର ସାମଗ୍ରିକ କୃତି ଉପରେ ଏକ ବିହଂଗାବଲୋକନ କରି ଏତିକି ନିଃସନ୍ଦେହରେ କୁହାଯାଇପାରେ ଯେ ସେ ଥିଲେ ଜଣେ ସମାଜ ସଚେତନ ମହିଳା ବ୍ୟକ୍ତିତ୍ୱ, ଜଣେ ଦେଶଭକ୍ତ, ସମାଜସେବୀ ଓ ପ୍ରଗତିଶୀଳ ଲେଖିକା । ଜଣେ ଉଚ୍ଚମାନର କବି ହୋଇଲେ ହେଁ ପରିମାଣାତ୍ମକ ଦୃଷ୍ଟିରୁ ରଚନାବଳୀ ତାଙ୍କର ସ୍ୱଳ୍ପ ନିଶ୍ଚିତ । ଉଭୟ ଗଦ୍ୟ ଓ ପଦ୍ୟ ସାହିତ୍ୟରେ ରହିଥିଲା ତାଙ୍କର ଅସାଧାରଣ ଦକ୍ଷତା ସାଂଗକୁ ଅସାମାନ୍ୟ ପ୍ରବେଶ । ଛାୟା ବାଦୀ ଯୁଗର ଅନ୍ୟତମ ବରେଣ୍ୟ ସାଧିକା । ସେ ସମୟର ଯେ କୌଣସି ଆଗଧାଡ଼ିର ଲେଖକଙ୍କ ସହିତ ତାଙ୍କୁ ସମାସ୍କନ୍ଦ ବୋଲି କୁହାଯାଇପାରେ । ଏହି ଯୁଗର କବି ଲେଖନୀରେ କବିତାର ଭାବପକ୍ଷରେ ବ୍ୟକ୍ତିବାଦ, ଅତୃପ୍ତ ପ୍ରେମ, ନିରାଶା ଓ ବେଦନା, ପ୍ରକୃତିର ମାନବାୟିତ ରୂପ, ରାଷ୍ଟ୍ରବାଦ ସାଂଗକୁ ମାନବବାଦ, ସୂକ୍ଷ୍ମ କୋମଳ ଭାବ ଗୁଡ଼ିକର ଅଭିବ୍ୟକ୍ତି, ଜିଜ୍ଞାସା, ରହସ୍ୟବାଦ ଉପରେ ପର୍ଯ୍ୟବସିତ ଭାବାନାରାଜିର ଅଫୁରନ୍ତ ପ୍ରବାହ ଦେଖିବାକୁ ମିଳେ । ଏହି ସବୁ ନୂତନତା ବ୍ୟତୀତ କଳାପକ୍ଷରେ ନୂତନ ଛନ୍ଦ ବିନ୍ୟାସ, ଅଳଙ୍କାର ବିଧାନ ନବୀନ ଲାକ୍ଷଣିକ ଶବ୍ଦାବଳୀ ଓ ନୂଆ ପ୍ରତୀକ ଇତ୍ୟାଦିର ସମୁଜ୍ଜ୍ୱଳ ବ୍ୟବହାର ମଧ୍ୟ ଦେଖାଯାଏ । କବିତାରେ ଅନେକତ୍ର ସେ ଯେତେ ବ୍ୟକ୍ତିଗତ, ସେହି ପରିମାଣରେ ନିରାଶାବାଦୀ, କେବେ କେବେ ବେଦନବିଧୂରା । ତାଙ୍କ ରଚିତ କବିତାବଳୀ ଏହାର ପ୍ରତିନିଧିତ୍ୱ କରେ ।

ପ୍ରକୃତି କବୟିତ୍ରୀ ମହାଦେବୀଙ୍କ ପାଇଁ ଏକ ବାହ୍ୟ ସୌନ୍ଦର୍ଯ୍ୟ ମାତ୍ର ନୁହେଁ । ଏହାର ଅନ୍ତରୀଣ ସମ୍ବେଦନଶୀଳତା କବି ଚେତନାକୁ ବହୁ ସୁଦୂର ପ୍ରସାରୀ କରିବାରେ ଅତ୍ୟନ୍ତ ସାହାଯ୍ୟ କରିଛି । ଜଡ ଓ ଚେତନ ଉଭୟ ପ୍ରକୃତିର କ୍ରିୟାଶୀଳତା ସଂପର୍କରେ କବି ବେଶ ସଚେତନା କବି ଲେଖନୀରେ ଏହି ପ୍ରକୃତି କେତେବେଳେ ଆଶା, ଆନନ୍ଦ ବ୍ୟତୀତ ଜୀବନର ଆଧାରଶିଳା ତ ଆଉ କେବେ ମାନବବାଦର ସାକାର ବିଗ୍ରହ । ଏହା ତାଙ୍କ ପାଇଁ ନିଷ୍କ୍ରିୟ ବା ନୀରବଦ୍ରଷ୍ଟା ଟିଏ ନୁହେଁ, ଅଥଚ ଚଳଚଞ୍ଚଳ, ଦରଦୀ, ସହାନୁଭୂତିଶୀଳ ସାଥୀଟିଏ ।

ରହସ୍ୟବାଦ କବି ବର୍ମାଙ୍କର ଅନ୍ୟତମ ମୁଖ୍ୟ ବିଭବ । ପୂର୍ବରୁ ଆଲୋଚନା ପ୍ରସଂଗରେ କୁହାଯାଇଛି ଯେ କବୟିତ୍ରୀ ମହାଦେବୀ ହିନ୍ଦୀ ସାହିତ୍ୟରେ ଛାୟାବାଦ ରୂପେ ଚିହ୍ନିତ ସମୟର ଜଣେ ବିଶିଷ୍ଟ ସ୍ରଷ୍ଟା ମାତ୍ରନୁହନ୍ତି ବରଂ ତାର ଏକ ମଜଭୂତ ସ୍ତମ୍ଭ ଭାବରେ ସେ ଏହାକୁ ନାନା ମତେ ସମୃଦ୍ଧ କରିଛନ୍ତି । ଏହି ରହସ୍ୟବାଦ ରୋମାଣ୍ଟିସିଜମର ଏକ ପ୍ରମୁଖ ଅଂଶ ବିଶେଷ ହୋଇଥିବାରୁ ତା'ର ପୂର୍ଣ୍ଣ ପରିପ୍ରକାଶ ନିମନ୍ତେ କବି ପ୍ରକୃତିକୁ ମାଧ୍ୟମ ରୂପେ ଗ୍ରହଣ କରିଛନ୍ତି । ପ୍ରକୃତି ଦେଇ ଉଭୟ ଅସୀମ ଓ ସସୀମ ସହ ସଂପର୍କ ସ୍ଥାପନରେ ପ୍ରୟାସୀ ହୋଇଥିବା କବି ମହାଦେବୀ ବର୍ମା ଅନେକତ୍ର  ବହୁଭାବରେ ସଫଳତା ଗୋଟେଇଛନ୍ତି ।

ଛାୟାବାଦ କାବ୍ୟ ପରଂପରାର ଅନ୍ୟତମ ପ୍ରମୁଖ ବିନ୍ଧାଣୀ ଭାବରେ ଚିହ୍ନିତ କବି ମହାଦେବୀ ବର୍ମା ତାଙ୍କ ସମାସ୍କନ୍ଧ ଅନ୍ୟ ଛାୟାବାଦୀ କବିଙ୍କ ଭଳି ନିଜକାବ୍ୟ କବିତାରେ ସମାଜଚିତ୍ର ଅପେକ୍ଷା ବେଶି ଭାଗରେ ନିଜ ବ୍ୟକ୍ତିଗତ ହର୍ଷ, ବିଷାଦ,ସୁଖ-ଦୁଃଖକୁ ପ୍ରାଧାନ୍ୟ ଦେଇଛନ୍ତି । ସେ ନିଜ ବ୍ୟକ୍ତିଗତ ବେଦନାର ଜଗତକୁ ବିବିଧ ରଂଗରେ ସଜାଇବାର ପ୍ରଯତ୍ନ କରିଛନ୍ତି । ସେ ନିଜ କାବ୍ୟ କବିତାରେ ଦୁଃଖକୁ ଆପଣେଇ ନେବାର ଭୁରି ଭୁରି ଦୃଷ୍ଟାନ୍ତ ରହିଛି ।

ନିରାଶା, ବେଦନା, ଦୁଃଖବାଦ ଓ କରୁଣାର ବିବୃତିର ଅଭିବ୍ୟକ୍ତି ମହାଦେବୀୟ ପ୍ରତିଭାର ଅନ୍ୟତମ ଆଲୋଚ୍ୟ ଆଭିମୁଖ୍ୟ । ନିଜ କାବ୍ୟ କବିତାରେ ତେଣୁ ସେ ଦୁଃଖକୁ ଜୀବନର ସ୍ୱର୍ବସ୍ୱ ତଥା ଉପକାରକ ବୋଲି ମନେ କରିଥିବା ଜଣାଯାଏ । ସୁଖ ଅପେକ୍ଷା ଦୁଃଖ ତାଙ୍କର ଅତିପ୍ରିୟ । ଏହି ଦୁଃଖ ତାଙ୍କୁ ଅକର୍ମଣ୍ୟ କରିନାହିଁ । ବ୍ୟକ୍ତିଗତ ବିଷାଦ ଭାବନା ତାଙ୍କୁ ତ୍ୟାଗ ଓ ସଂଯମର ପ୍ରେରଣା ପ୍ରଦାନ କରିଛ ।

ଏହାବ୍ୟତୀତ ମହାଦେବୀଙ୍କ ଆରାଧନା ଏତେ ମାତ୍ରାରେ ତଲ୍ଲୀନ ପର୍ଯ୍ୟାୟର ଯେ ସେ ସ୍ଥଳବିଶେଷରେ ମିଳନ ଓ ବିରହ ମଧ୍ୟରେ କୌଣସି ପ୍ରଭେଦ ଦେଖିପାରିନାହାନ୍ତି । ମହାଦେବୀୟ ଲେଖନୀରେ ତୃଷ୍ଣା ହିଁ ଜୀବନ, ତୃପ୍ତି କେବେ ତା'ରି ସ୍ଥାନ ନେଇ ପାରେନା । ତେଣୁ ସେ ଇଚ୍ଛାକରି ଚିର ଅତୃପ୍ତିର କାମନା କରିଛନ୍ତି । ଅପରନ୍ତୁ ମହାଦେବୀଙ୍କ ପ୍ରଣୟାନୁଭୂତିକୁ ନିରେଖି ଦେଖିଲେ ମନେହୁଏ ନା ଏହା ଲୌକିକ ପଯ୍ୟାୟର ନା ସର୍ବୋପରି ଆଧାତ୍ମିକ ପର୍ଯ୍ୟାୟର ।

ମାନବତାବାଦୀ ମନୋଭାବ ପୋଷଣ କରିବା, ପ୍ରତ୍ୟେକ ମାନବ ସେବାକୁ ମାଧବଜ୍ଞାନ କରି ଜୀବନକୁ ବଞ୍ଚିବା ଅଥବା ନବୀନ ମାନବତାବାଦୀ ଜୀବନ ଦର୍ଶନର ବୟାନ କରିବାରେ ମହାଦେଶ ବର୍ମା ଏକ କୃତବିଦ୍ୟ କଳାକାର ।

ମହାଦେବୀ ବର୍ମା ଏକ ପକ୍ଷରେ ପ୍ରକୃତି ଭିତରେ ଏକ ବିରାଟ ସତ୍ତାଙ୍କର ଛାୟାକୁ ଦେଖିଛନ୍ତି, ପୁଣି ଅନ୍ୟପକ୍ଷରେ ନିଜର ଛାୟାକୁ ମଧ୍ୟ ଦେଖିଛନ୍ତି । ସେ ନିଜର ରଚନାବଳୀରେ ଛାୟାବାଦୀ ପ୍ରଭାବକୁ ଅତ୍ୟନ୍ତ ବିଶ୍ୱସ୍ତତାର ସହ ଚିତ୍ରଣ କଲାବେଳେ ଠାଏ ଠାଏ ନିଜର ଛାୟାକୁ ମଧ୍ୟ ଦେଖିଛନ୍ତି । ସେ ନିଜେ ଏ ସଂପର୍କରେ କହିଛନ୍ତି :- "ଛାୟାବାଦୀ କବିଏ ମନୁଷ୍ୟର ହୃଦୟ ଓ ପ୍ରକୃତିର ସେହି ସଂପର୍କକୁ ସଜୀବ କରିଦେଇଛନ୍ତି ଯାହା କବିମାନେ ପ୍ରାଚୀନକାଳରୁ ବିମ୍ବ-ପ୍ରତିବିମ୍ବ ରୂପେ ଚଳି ଆସୁଥିଲା ଯାହାଦ୍ୱାରା ମନୁଷ୍ୟକୁ ନିଜ ଦୁଃଖରେ ପ୍ରକୃତି ଉଦ୍ଦାମ ଓ ସୁଖରେ ପୁଲକିତ ଜଣାପଡୁଥିଲା । ଛାୟାବାଦର ପ୍ରକୃତି ଘଟ, କୂପ ଆଦିରେ ଭରା ହୋଇଥିବା ଜଳର ଏକରୂପତା ପରି ଅନେକ ରୂପରେ ପ୍ରକଟ ହେଉଥିବା ଏକ ପ୍ରାଣ ପାଲଟିଗଲା । ଅତଏବ, ଏବେ ମଣିଷ ଅଶ୍ରୁ ମେଘର ଜଳକଣା ଓ ପୃଥିବୀର କାକରବିନ୍ଦୁର କାରଣ ଗୋଟିଏ, ମୂଲ୍ୟ ମଧ୍ୟ ଗୋଟିଏ । ପ୍ରକୃତିର ଲଘୁତୃଣ ଓ ମହାନବୃକ୍ଷ, କୋମଳ କଳିକା ଓ କଠୋର ଶିଳା ସମୂହ, ଅସ୍ଥିର ଜଳରାଶି ଓସ୍ଥିର ପର୍ବତ, ନିବିଡ ଅନ୍ଧକାର ଓ ଉଜ୍ଜ୍ୱଳ ବିଦ୍ୟୁତରେଖା, ମଣିଷର କ୍ଷୁଦ୍ରତା- ବିଶାଳତା, କୋମଳତା-କଠୋରତା, ଚଞ୍ଚଳତା ନିଶ୍ଚଳତା ଓ ମୋହ-ଜ୍ଞାନ ବିରାଟର କେବଳ ପ୍ରତିବିମ୍ବ ରୂପେ ନ ରହି ଗୋଟିଏ ହିଁ ବିରାଟ ସତ୍ତାରୁ ଉତ୍ପନ୍ନ ମନେ ହେଲା । ଯେତେବେଳେ ପ୍ରକୃତିର ବହୁରୂପତାରୁ ପରିବର୍ତ୍ତନ ଶୀଳ ବିଭିନ୍ନତାରେ କବି ଏଭଳି ତାରତମ୍ୟ ଖୋଜିବାର ପ୍ରୟାସ କଲା ଯାହାର ଏକ ପକ୍ଷ କୌଣସି ଅସୀମ ଚେତନା ଓ ଅନ୍ୟପକ୍ଷ ତା'ର ଅସୀମ ହୃଦୟରେ ବୁଡି ରହିଥିବ, ସେତେବେଳେ ପ୍ରକୃତିର ଏକ ଏକ ଅଂଶ ଏକ ଅଲୌକିକ ବ୍ୟକ୍ତିତ୍ୱକୁ ନେଇ ସଜାଗ ହୋଇଉଠିଲା ।"

କବିଙ୍କ ଏହି ବକ୍ତବ୍ୟରୁ ଏହା ସ୍ପଷ୍ଟ ପ୍ରତିପନ୍ନ ହୁଏ ଯେ ଗୋଟିଏ ପଟେ ପ୍ରକୃତି ମଧ୍ୟରେ ବିରାଟ ସତ୍ତାର ଛାୟା ଦେଖିଛନ୍ତି, ଅନ୍ୟ ପଟେ ତାରି ଭିତରେ ନିଜର ଛାୟାକୁ ମଧ୍ୟ ଅବଲୋକନ କରିବା ପାଇଁ ବିସ୍ମରି ଯାଇ ନାହାନ୍ତି- ଏହା ନିଃସନ୍ଦେହରେ କୁହାଯାଇପାରେ । ଅବଶ୍ୟ ସେ ବେଳେ ବେଳେ ପ୍ରକୃତି ସହିତ ତଦାତ୍ମ୍ୟ ସ୍ଥାପନ ପାଇଁ ପ୍ରୟାସ କରିଥିବା ବେଳେ ଆଉ କେବେ କେବେ ସେ ନିଜର ବିଶାଳତା ଓ ଅଭାବହୀନତାର ପରିଚୟକୁ ପ୍ରକୃତିର ବିରୋଧୀ ତତ୍ତ୍ୱ ସମୂହ ମାଧ୍ୟମରେ ପ୍ରକାଶ କରିବାକୁ ଭୁଲିନାହାନ୍ତି ।

## ୨.୯ କୁନ୍ତଳା କୁମାରୀ ଓ ମହାଦେବୀ ବର୍ମା : ଏକ ତୁଳନାତ୍ମକ ଅଧ୍ୟୟନ

କୁନ୍ତଳା କୁମାରୀ ସାବତ ଓ ମହାଦେବୀ ବର୍ମାଙ୍କ କାବ୍ୟ କବିତା ଭିତରେ ଉଲ୍ଲେଖନୀୟ ସାମ୍ୟ ରହିଛି । ଜଣେ ଓଡିଆ ଭାଷାର ନାରୀକବି ଓ ଅନ୍ୟଜଣେ ହିନ୍ଦୀ ଭାଷାର ପ୍ରସିଦ୍ଧ ନାରୀ କବି । ଦୁଇ ପ୍ରାଦେଶିକ ସାହିତ୍ୟ ଧାରରେ ଏହି ଦୁଇ ବିଶିଷ୍ଟ ନାରୀକବିଙ୍କ ରଚନାବଳୀ, ମୁଖ୍ୟତଃ କାବ୍ୟ କବିତାଗୁଡିକର ଭାବକୁ ଦୃଷ୍ଟିପାତ କଲେ ଦେଖାଯିବ ଯେ ଦୁହିଁଙ୍କ ରଚନାର ଅନେକ ସ୍ଥାନରେ ଆତ୍ମିକ ସମାନତା ରହିଛି । କବି କୁନ୍ତଳା କୁମାରୀ ଆଧୁନିକ ଓଡିଆ କବି ତାର ସବୁଜ ଯୁଗ ସମୟରେ କାବ୍ୟ ରଚନା କରୁଥିବା ବେଳେ ମହାଦେବୀ ବର୍ମା ହିନ୍ଦି ସାହିତ୍ୟର ପ୍ରସିଦ୍ଧ ଛାୟାବାଦୀ ଯୁଗରେ କାବ୍ୟ ସାଧନା କରୁଥିଲେ । ସବୁଜ ଯୁଗର ରୋମାଣ୍ଟିକ ଚେତନା କୁନ୍ତଳାଙ୍କୁ ଅନ୍ୟ ଭାବରେ ପ୍ରଭାବିତ କରିଛି । ସବୁଜ କବିଙ୍କ ମଧ୍ୟରୁ ତେଣୁ ତାଙ୍କୁ ଗଣାନଯାଇ ସେହି ଯୁଗର ଜଣେ ବ୍ୟତିକ୍ରମ କାବ୍ୟସ୍ରଷ୍ଟାଙ୍କ ରୂପରେ ତାଙ୍କୁ ସବୁବେଳେ ଆଲୋଚନା ପ୍ରସଙ୍ଗରେ ଅଣାଯାଇଥାଏ । ସବୁଜ କବିଙ୍କ ରୋମାଣ୍ଟିକ୍ ଚେତନା ସମେତ ପଳାୟନବାଦୀ ଚିନ୍ତାଧାରାରେ ସେ ସାମିଲ ହୋଇନାହାନ୍ତି । ବରଂ ପ୍ରକୃତି

ଭିତରେ ମଣିଷକୁ ଥୋଇ ଦେଖିବାର ସୁନ୍ଦର ସୃଷ୍ଟି ତାଙ୍କର ରହିଛି । ଅପର ପକ୍ଷରେ ସେ ମଧ୍ୟ ତତ୍‌କାଳୀନ ଓଡିଆ ଜାତୀୟତା ବାଦୀ କାବ୍ୟ ସ୍ରୋତ ଭିତରେ ନିଜକୁ ସାମିଲ କରାଇ ଦେଇଛନ୍ତି । ଦେଶ ଓ ଜାତିର ଉନ୍ନତି ପାଇଁ ତଥା ଦେଶବାସୀଙ୍କୁ ପ୍ରେରଣା ଯୋଗାଇଛନ୍ତି । ଅପରପକ୍ଷରେ ମହାଦେବୀଙ୍କୁ ହିନ୍ଦୀ ସାହିତ୍ୟର ଛାୟାବାଦୀ ଯୁଗର ଅନ୍ୟତମ କାବ୍ୟ ସ୍ରଷ୍ଟା ରୂପେ ଚିତ୍ରଣ କରାଯାଇଥାଏ । ଏହି ଯୁଗର କବିତା ଭାବପକ୍ଷରେ ବ୍ୟକ୍ତିବାଦ, ଅତୃପ୍ତ ପ୍ରେମ ନିରାଶା ଓ ବେଦନା, ପ୍ରକୃତିର ମାନବାତ୍ମକରଣ, ମାନବବାଦ, ରାଷ୍ଟ୍ରପ୍ରେମ, ସୂକ୍ଷ୍ମ କୋମଳ ଭାବଗୁଡିକର ଅଭିବ୍ୟକ୍ତି, ଜିଜ୍ଞାସାୟକ ରହସ୍ୟ ଭାବନା ଆଦି ଦେଖିବାକୁ ମିଳେ । ହିନ୍ଦୀ କବିତାର ଭାବପକ୍ଷରେ ଏହି ସବୁ ନୂତନତା ସମେତ କଳାପକ୍ଷରେ ନୂତନ ଛନ୍ଦ ବିନ୍ୟାସ, ଅଳଙ୍କାର ବିଧାନ, ନବୀନ ଲାକ୍ଷଣିକ ଶବ୍ଦାବଳୀ ଓ ନବୀନ ପ୍ରତୀକର ପ୍ରୟୋଗ ମଧ୍ୟ ଅନୁରୂପ ଭାବେ ଦେଖିବାକୁ ମିଳେ । ଏହି ଯୁଗର କବିତାର ପ୍ରାୟ ସମସ୍ତ ଗୁଣାବଳୀ ମହାଦେବୀଙ୍କ କବିତାରେ ପରିଦୃଶ୍ୟ ହୁଏ । କବିତାରେ ସେ ଯେତେ ବ୍ୟକ୍ତିଗତ, ସେତେ ମଧ୍ୟ ନିରାଶାବାଦୀ । ଅନେକତ୍ର ବେଦନାବିଧୂରା । ପ୍ରକୃତିର ମାନବୀକରଣ ଦିଗରେ ମଧ୍ୟ ତାଙ୍କ କବିତାରାଜି ମୁଖର। ରାଷ୍ଟ୍ରପ୍ରେମ ମଧ୍ୟ ଅନେକ କବିତାରେ ନିହିତ । ଏହା ବ୍ୟତୀତ ମହାଦେବୀ ଥିଲେ ପ୍ରଚଣ୍ଡ ରହସ୍ୟବାଦୀ । ତାଙ୍କର ରାଶି ରାଶି କବିତା ଏହାର ଉଦାହରଣ ।

ପ୍ରକୃତିଚତ୍ରଣରେ କୁନ୍ତଳାକୁମାରୀ ଓ ମହାଦେବୀଙ୍କ କବିତାରାଜି ଅତ୍ୟନ୍ତ ଆକର୍ଷଣୀୟ ଭୂମିକା ନିର୍ବାହ କରିଛି । ଏହି ଦୁଇ କବିଙ୍କ ପାଇଁ ପ୍ରକୃତି କେବଳ ଏକ ବାହ୍ୟ ସୌନ୍ଦର୍ଯ୍ୟ ମାତ୍ର ନୁହେଁ । ପ୍ରକୃତିର ଅନ୍ତରୀଣ ସମ୍ବେଦନଶୀଳତା ଏମାନଙ୍କ କବି ଚେତନାରେ ଅପ୍ରତିହତ ପ୍ରଭାବ ବିସ୍ତାର କରିଛି । ଜଡ ଓ ଚେତନା ଉଭୟ ପ୍ରକୃତିର କ୍ରିୟଶୀଳତା ସମ୍ପର୍କରେ ଉଭୟ କୁନ୍ତଳା କୁମାରୀ ଓ ମହାଦେବୀ ସଚେତନ । ସେମାନଙ୍କ ଲେଖନୀ ମୂନରେ ପ୍ରକୃତି କେତେବେଳେ ଆଶା, ଆନନ୍ଦର ଦ୍ୟୋତକ ତ ଆଉ କେତେବେଳେ ଜୀବନର ଆଧାର । ପୁଣି ଅନ୍ୟ କେତେବେଳେ ମାନବବାଦର ସାକାର ବିଗ୍ରହ । ପ୍ରକୃତି ଏହି ଦୁଇ ନାରୀକବିଙ୍କ ପାଇଁ ନିଷ୍କ୍ରିୟ ବା ନିରବଦ୍ରଷ୍ଟା ମାତ୍ର ନୁହେଁ, ବରଂ ଚଳଚଞ୍ଚଳ, ଦରଦୀ, ସହାନୁଭୂତିଶୀଳ ସାଥୀଟିଏ ।

କୁନ୍ତଳା କୁମାରୀ ଓ ମହାଦେବୀ ପ୍ରକୃତିର ବିଶାଳତାରେ ମୁଗ୍ଧ ହୋଇଛନ୍ତି । ଏହି ଅତିରିକ୍ତ ସେମାନେ ମଧ୍ୟ ପ୍ରକୃତି ଭିତରେ ନିଜ ନିଜ ପ୍ରତିବିମ୍ବ ଦେଖିଛନ୍ତି । ପ୍ରକୃତି ସେମାନଙ୍କ ହୃଦୟ – ବ୍ୟତୀତ ନହୋଇ ସେମାନଙ୍କ ଜୀବନର ଏକ ଅଂଶ ଭଳି ମନେହେଉଛି । ଏହାକୁ ପ୍ରକୃତି ସହ କବିଙ୍କ 'ତଦାତ୍ମ୍ୟ' ବୋଲି କୁହାଯାଇପାରେ। ମହାଦେବୀଙ୍କ "ମୈଁ ବନୀ ମଧୁମାସ୍ ଆଲୀ", "ମୈଁ ନୀର୍ ଭରୀ ଦୁଃଖକୀ ବଦ୍‌ଲୀ", "ବିରହ କା ଜଲ୍‌ଜାତ୍ ଜୀବନ", "ରାଉସୀ ନୀରବ୍ ବ୍ୟଥା" ତଥା "ତମ୍ ଶ୍ରୀ ଅଗମ୍ ମୈଁରୀ କହାନୀ" ଆଦି କବିତାରେ ଏହି ପ୍ରକୃତି ସହ ଏକ ହେବାର ଭାବଧାରା ମିଳେ । ଅପର ପକ୍ଷରେ କୁନ୍ତଳାଙ୍କ "ଶେଫାଳୀ ପ୍ରତି", "ଚନ୍ଦ୍ରପ୍ରତି", "କାମିନୀ ପ୍ରତି", "କମଳ ପ୍ରତି", "ତାରା ପ୍ରତି"ଓ "ସହକାର ପ୍ରତି" ଆଦି ବିଶିଷ୍ଟ ସମ୍ବୋଧନ ଗୀତିଗୁଡିକ ଏହି ଭାବଧାରାର ପ୍ରମାଣ ବହନ କରନ୍ତି । ପ୍ରକୃତିର ପ୍ରତ୍ୟେକ ପ୍ରାକୃତିକ ଅନୁଷଙ୍ଗ ମଧ୍ୟରେ ନିଜକୁ ଆତ୍ମିକ ପ୍ରବୃତ୍ତିର ସନ୍ଦର୍ଶନ କରି ଜୀବନକୁ ତା'ରି ମାଧ୍ୟମରେ ମହୀୟାନ ଓ ଦୁର୍ଲଭ କରି ତୋଳିବାର ଆଶାୟୀ ହେଉଛନ୍ତି କବି କୁନ୍ତଳା କୁମାରୀ । ମହାଦେବୀଙ୍କ ପରି ସେ ମଧ୍ୟ ବୃକ୍ଷର ଉଦାରତା, ପୁଷ୍ପର କୋମଳତା, ଚନ୍ଦ୍ର ତାରର ବିମଳତା, ସୂର୍ଯ୍ୟର ଉଜ୍ଜ୍ୱଳତା, ମେଘର କରୁଣାମୟତାରେ ନିଜ ଜୀବନକୁ ଅଭିଷିକ୍ତ କରିବାକୁ ଚାହିଁଛନ୍ତି ।

ପ୍ରକୃତି ହେଉଛି ବିଶାଳ । ପ୍ରକୃତିର ଏକ କ୍ଷୁଦ୍ର ଅଂଶ ମାତ୍ର ହେଉଛି ମଣିଷ । ଏହି ପ୍ରକୃତିଠାରୁ ଆହୁରି ବିଶାଳ ଓ ବିରାଟ ହେଉଛି ପ୍ରକୃତିର ସ୍ରଷ୍ଟା ନିଜେ । ମହାଦେବୀ ଓ କୁନ୍ତଳା କୁମାରୀଙ୍କ ପାଇଁ ପ୍ରକୃତି ଏହିଭଳି ଏକ ମାଧ୍ୟମ, ଯେଉଁଥିରେ ସେହି ମହା ବିଶାଳତାର ସନ୍ଧାନ ପାଇହେବ । କୁନ୍ତଳା କୁମାରୀଙ୍କ କବିତାରେ ମଧ୍ୟ ଏହାର ପ୍ରମାଣ ମିଳିବ ।

ଉଭୟ କବିଙ୍କ ପ୍ରକୃତିମୂଳକ ମାନବୀୟ ବ୍ୟାପାରର ପ୍ରାର୍ଥନା ରହିଛି । ମୃଦୁମନ୍ଦ ପବନର ସ୍ପର୍ଶରେ ପୁଷ୍ପ ପ୍ରସ୍ଫୁଟିତ ହେବାର ଦୃଶ୍ୟ ଅବଲୋକନ କରି କୁନ୍ତଳା କୁମାରୀ ପ୍ରେମିକ, ପ୍ରେମିକାଙ୍କ ଅନୁରାଗମୟ ମୂହୁର୍ତ୍ତର ଏକ ସୁନ୍ଦର ବର୍ଣ୍ଣନା କରିଛନ୍ତି । ପ୍ରେମିକ ପୁରୁଷ ମୃଦୁ କରସ୍ପର୍ଶରେ ଲଜ୍ଜାଶୀଳା ମୂହୁର୍ତ୍ତର ନାୟିକାର ମୁଗ୍ଧ ଚକିତ ଭାବର ବର୍ଣ୍ଣନା ତାଙ୍କର ଏକ କବିତାରେ ରହିଛି । ଅନୁରୂପ ବର୍ଣ୍ଣନା ମଧ୍ୟ ମହାଦେବୀଙ୍କ କବିତାରେ ପରିଦୃଷ୍ଟ ହୁଏ । ପ୍ରକୃତିରେ ଚେତନା ଆରୋପ କରିବାରେ ଉଭୟ କୁନ୍ତଳା କୁମାରୀ ଓ ମହାଦେବୀ ସଫଳ ମନେ ହୁଅନ୍ତି । କୁନ୍ତଳା କୁମାରୀ ଓ ମହାଦେବୀଙ୍କ ପ୍ରକୃତି ଚିତ୍ରଣ ମୂଳକ କବିତାରେ ଆଉ ଏକ ସାଦୃଶ୍ୟ ପରିଲକ୍ଷିତ ହୁଏ ତାହା ହେଉଛି ପ୍ରକୃତିର ମାନବୀକରଣ । ସେମାନେ ବିରାଟ ସତ୍ତାକୁ ମଧ୍ୟ ନିଜ ଅନ୍ତର୍ଗତ କରି ନେଇଛନ୍ତି । ଏହି ପରି ଭାବରେ ସାରସ୍ୱତ ସତ୍ତା ନାରୀ ରୂପ ଗ୍ରହଣ କରିଥିବାର ଲକ୍ଷ୍ୟ କରାଯାଏ । ସେହିପରି ପ୍ରକୃତି ଏହି ଦୁଇ କବିଙ୍କ ଆରାଧ୍ୟ ଦେବତା ଅଥବା ପ୍ରିୟତମର ପ୍ରତିବିମ୍ବ ଭଳି ଅନେକତ୍ର ପ୍ରତିଭାତ ହୁଏ । ଏହି ଅଭିନ୍ନତାର ଅନୁଭୁତି ଫଳସ୍ୱରୂପ ସେମାନେ ପ୍ରକୃତିର ବିବିଧ ଉପକରଣରେ ସୁସଜ୍ଜିତ ହୋଇ ପ୍ରୟତମଙ୍କ ପ୍ରତି ସମର୍ପିତ ହେବାର କାମନା ମଧ୍ୟ କରିଛନ୍ତି । "ଉଚ୍ଛ୍ୱାସ" କବିତା ସଂକଳନର "ଶେଫାଳି ପ୍ରତି" କବିତାରେ କୁନ୍ତଳା କୁମାରୀ ସେହିପରି ନିଜକୁ ଫୁଲ ମନେ କରିଛନ୍ତି । ଉଦ୍ଦେଶ୍ୟ ଫୁଲ ସାଜି ତା'ରି ସୁବାସରେ ସେ ପ୍ରାଣପ୍ରିୟ ଦେବତାକୁ ମୋହିବେ ।

ଉଭୟ କୁନ୍ତଳା କୁମାରୀ ଓ ମହାଦେବୀଙ୍କ କବିତାର ଏକ ମୁଖ୍ୟ ବିଭବ ହେଉଛି ରହସ୍ୟବାଦ । ରହସ୍ୟବାଦର ପରିପ୍ରକାଶ ପାଇଁ ଏହି ଦୁଇ କବି ପ୍ରକୃତିର ସହାୟତା ନେଇଛନ୍ତି । ଏହି ରହସ୍ୟବାଦୀ ଭାବନା ଅନ୍ତର୍ଗତ ପ୍ରକୃତି ଚିତ୍ରଣର ଦୁଇଗୋଟି କାରଣ ଦର୍ଶାଯାଇ ପାରେ । ପ୍ରଥମତଃ, ପ୍ରକୃତିର ଅସୀମ ବିଷୟଗୁଡ଼ିକ ପ୍ରତି ଜିଜ୍ଞାସାର କାରଣରୁ ଏହି କବି ଦ୍ୱୟଙ୍କ ଭାବନାରେ ଦାର୍ଶନିକତାର ପ୍ରାଧାନ୍ୟ ଲାଭ କରିଛି । ଦ୍ୱିତୀୟତଃ, ଏମାନେ ପ୍ରକୃତି ମାଧ୍ୟମରେ ଅସୀମ ଓ ସସୀମ ସହ ସମ୍ପର୍କ ସ୍ଥାପନରେ ପ୍ରୟାସୀ ହୋଇଛନ୍ତି, ନିଜ ନିଜ କବିତା ମାଧ୍ୟମରେ ।

ମହାଦେବୀ ଓ କୁନ୍ତଳାକୁମାରୀଙ୍କ କାବ୍ୟ କବିତାର ପ୍ରକୃତି ଚିତ୍ରଣରେ ଆଉ ଏକ ସମାନତା ରହିଛି । ତାହା ହେଉଛି, ଏହି ଦୁଇ କବି ସେମାନଙ୍କ ନିଜସ୍ୱ ଭାବନାଗୁଡ଼ିକର ଆରୋପ ପ୍ରକୃତି ଉପରେ କରି ତା'ର ଅଭିବ୍ୟକ୍ତି ପ୍ରକାଶ କରିଛନ୍ତି । ଏହା ଯଥାଯଥ ଚିତ୍ରଣର ସମୀପ ମନେହୁଏ । ଉଭୟ କବି ପ୍ରକୃତିର ଆଲମ୍ବନର ରୂପ ସଂପର୍କରେ ସଚେତନ ଅଛନ୍ତି । ମହାଦେବୀଙ୍କ "ଦୀପଶିଖା" କବିତା ସଂକଳନରେ ସ୍ଥାନୀତ "ହିମାଳୟ" କବିତାକୁ ଓ କୁନ୍ତଳା କୁମାରୀଙ୍କ "ଉଚ୍ଛ୍ୱାସ" ସଂକଳନର "କମଳା ପ୍ରତି" କବିତାକୁ ଏହାର ଉଦାହରଣ ଭବେ ନିଆଯାଇପାରେ ।

ମହାଦେବୀ ଓ କୁନ୍ତଳାକୁମାରୀ ପରମ୍ପରାଗତ ଭବେ ଉଦ୍ଦୀପନ ପ୍ରଣାଳୀକୁ ମଧ୍ୟ ଚିତ୍ରଣରେ ମାନ୍ୟତା ପ୍ରଦାନ କରିଛନ୍ତି । ମୁକ୍ତ ବିରହାବସ୍ଥା ବର୍ଣ୍ଣନା ପାଇଁ ଏଭଳି ପ୍ରଣାଳୀର ପ୍ରୟୋଗ କରାଯାଇଥାଏ । ମହାଦେବୀଙ୍କ ପ୍ରକୃତି ଚିତ୍ରଣରେ ବିରହ ଆବେଗ ପ୍ରାୟ ଦେଖିବାକୁ ମିଳେ । ପ୍ରକୃତିର ମାଦକ ତଥା ଉତ୍ତେଜକ ରୂପ ଦେଖି

ବିରହିଣୀକୁ ନିଜ ପ୍ରିୟତମଙ୍କ କଥା ମନେପଡେ । କୁନ୍ତଳା କୁମାରୀଙ୍କ କବିତାରେ ମଧ୍ୟ ଅନୁରୂପ ବର୍ଣ୍ଣନା ଦେଖିବାକୁ ମିଳେ । ସେ ତ ବିରହ ସନ୍ତାପିତ ପ୍ରାଣ ନେଇ ପ୍ରିୟତମଙ୍କୁ ଅନ୍ୱେଷଣ କରିବା କଥା କହିଛନ୍ତି । ସେମାନେ ମଧ୍ୟ ପ୍ରକୃତିର କତିପୟ ତତ୍ତ୍ୱରାଜିକୁ ବିଷାଦ ପ୍ରେରିତ ଅଭିବ୍ୟକ୍ତ ପ୍ରଦାନ କରିବାରେ ସଫଳ ହୋଇଛନ୍ତି । ଏହି ଦୁଇ କବି ପ୍ରକୃତି ଚିତ୍ରଣରେ କେତେକ ନୂତନ ଦିଗ ଉନ୍ମୋଚନ କରିଛନ୍ତି ଅଥବା ପାରମ୍ପରିକ ପ୍ରକୃତି ବର୍ଣ୍ଣନାଠାରୁ ଭିନ୍ନ ଭାବରେ ପ୍ରକୃତି ଚିତ୍ରଣ ମନସ୍କ ହୋଇଛନ୍ତି । ଉଭୟେ ପ୍ରକୃତି ଭିତରେ ନାରୀର ସୌନ୍ଦର୍ଯ୍ୟ ଓ କୋମଳତାର ସନ୍ଧାନ କରିଛନ୍ତି । ତେଣୁ ସେମାନଙ୍କ କବିତାରେ ସମାନ ପରିମାଣରେ ପ୍ରକୃତିରେ ନାରୀ-ରୂପର ଆରୋପ କରାଯାଇଛି । ଏହି ନାରୀର ପୁଣି ରହିଛି ଅନେକ ରୂପ । ମହାଦେବୀ ଓ କୁନ୍ତଳାଙ୍କ କବିତାରେ ପ୍ରକୃତିର କେତେକ ଚିତ୍ର ମିଳେ, ଯେଉଁଗୁଡିକରେ ପ୍ରକୃତି ବ୍ରହ୍ମ ଓ ଆତ୍ମାର ମିଳନର ପ୍ରତ୍ୟକ୍ଷ ବା ପରୋକ୍ଷ ସହାୟିକା ଭଳି ମନେହୁଏ । ଏହି ଦୁଇ କବି ପ୍ରକୃତି ମାଧ୍ୟମରେ ପରମ ସତ୍ତାର ବର୍ଣ୍ଣନା କରିବାର ପ୍ରୟାସ କରିଛନ୍ତି । ମହାଦେବୀଙ୍କ ଭଳି କୁନ୍ତଳାକୁମାରୀ ମଧ୍ୟ ପ୍ରକୃତିର ସମସ୍ତ ସୌନ୍ଦର୍ଯ୍ୟକୁ ସେହି ପରମ ସତ୍ତାର ଅଭାର ପ୍ରତିବିମ୍ବ ମନେ କରିଛନ୍ତି । ଉଭୟ କବି ପୁଣି ପ୍ରକୃତି ସହ ଘନିଷ୍ଠ ଆତ୍ମୀୟତାର ଅନୁଭ କରିଛନ୍ତି । ଏହି ଆତ୍ମୀୟତା ତଲ୍ଲୀନତା ପର୍ଯ୍ୟାୟବାଚୀ ।

କୁନ୍ତଳା କୁମାରୀ ସାବତ ଓ ମହାଦେବୀ ବର୍ମାଙ୍କ କାବ୍ୟ ସାହିତ୍ୟରେ ସାମ୍ୟ ପରିପ୍ରେକ୍ଷୀରେ ରହସ୍ୟବାଦ ଦୃଷ୍ଟିକୋଣରୁ କେତେକ ସାମ୍ୟ ଦେଖାଯାଏ । ଗୋଟିଏ ପଟେ ମହାଦେବୀ ବର୍ମା ହିନ୍ଦୀ ସାହିତ୍ୟର ଛାୟାବାଦ ଯୁଗର ଅନ୍ୟତମ ପ୍ରମୁଖ କବି ହୋଇଥିବାରୁ ତାଙ୍କ କବିତାରେ ରହସ୍ୟବାଦର ସଂପୂର୍ଣ୍ଣ ପ୍ରଭାବ ଥିବା ସ୍ୱତଃସିଦ୍ଧ । ପୁନଶ୍ଚ ସେ ନିଜେ ରହସ୍ୟବାଦ ସମ୍ପର୍କରେ କେତେକ ମୌଳିକ ଦୃଷ୍ଟିକୋଣ ପ୍ରସ୍ତୁତ କରି ଯାଇଛନ୍ତି । ଏଥି ସହିତ ସେ ରହସ୍ୟମୟ ଅନୁଭୂତିକୁ ଭାରତୀୟ ପରମ୍ପରା ବୋଲି ମଧ୍ୟ ମାନୁଥିଲେ ଓ କବିତାରେ ତା'ର ପ୍ରୟୋଗ କରୁଥିଲେ । ଅନ୍ୟପକ୍ଷରେ ଓଡିଆ କାବ୍ୟ ଯୁଗର ନବ୍ୟ-ରୋମାଣ୍ଟିକଚେତନାର ବିକାଶ କାଳରେ କୁନ୍ତଳା କୁମାରୀଙ୍କ ଆର୍ବିଭାବ ଘଟିଥିଲା । ରାଧାନାଥ ରାୟଙ୍କ ରୋମାଣ୍ଟିକ କାବ୍ୟସ୍ୱରଜଡିତ ଆତ୍ମ-ଅନୁଭୂତି ପ୍ରବଣତା ଅନ୍ୟପଟେ ଭକ୍ତକବି ମଧୁସୁଦନଙ୍କ ବିଭୂପ୍ରେମର ଶୁଦ୍ଧତା ଓଡିଆ କାବ୍ୟ କବିତାକୁ ପ୍ରଭାବିତ କରିଥିଲା । ଏଥି ସହିତ ପ୍ରତିବେଶୀ ବଙ୍ଗଳା ସାହିତ୍ୟର ବିଶିଷ୍ଟ କବି ରବୀନ୍ଦ୍ରନାଥଙ୍କ ଉପନିଷଦୀୟ ଭାବମାନସ ଓ ବୈଷ୍ଣବୀୟ ସ୍ୱରର ପ୍ରୀତି ରସାଣିତ କାବ୍ୟକବିତା ଓଡିଆ କବିତାର ଧାରାକୁ ମଧ୍ୟ ଛୁଇଁଥିଲା । ଏହି ସବୁର ପ୍ରଭାବ ସମେତ କୁନ୍ତଳାଙ୍କ ବ୍ୟକ୍ତିଗତ ଜୀବନର ଅନୁଭୂତିରୁ ହିଁ କୁନ୍ତଳା କୁମାରୀଙ୍କ କବିତାରେ ରହସ୍ୟବାଦର ଧାରା ପ୍ରବାହିତ ହୋଇଥିଲା ।

ଭାରତୀୟ ଦର୍ଶନରେ ରହସ୍ୟ ଭାବନାର ମୂଳମନ୍ତ୍ର ହେଉଛି ବ୍ରହ୍ମ ଓ ଜୀବ ଏକ ଶରୀର ଭିତରେ ବ୍ରହ୍ମ ନିବାସ କରନ୍ତି ଓ ଶରୀର ଦେଇ ହିଁ ତାଙ୍କୁ ପ୍ରାପ୍ତ କରାଯାଇପାରେ । ସହଜ ଜ୍ଞାନ ସହଜାନୁଭୁତି ଓ ସହଜ ପ୍ରେମ ସାଧନା ଦ୍ୱାରା ଏହି ତତ୍ତ୍ୱ ପ୍ରବେଶ ସମ୍ଭବପର । ତେଣୁ ବ୍ରହ୍ମ ଜିଜ୍ଞାସୁ ଉପନିଷଦର ଏକ ପ୍ରମୁଖ ପ୍ରତିପାଦ୍ୟ ବିଷୟ ଅଟେ । ମହାଦେବୀ ଓ କୁନ୍ତଳା କୁମାରୀ ଉଭୟେ ଜୀବ ଓ ବ୍ରହ୍ମାଙ୍କ ସମ୍ପର୍କକୁ ଅଦ୍ୱୈତ-ଦ୍ୱୈତ ଭାବ ରହିତ କରି ଦେଖିଛନ୍ତି । ଏହି ଦୁଇ କବି ପରମାତ୍ମା ସହିତ ନିଜ ନିଜ ଅଭିନ୍ନତ୍ୱକୁ ବ୍ୟକ୍ତ କରିବା ପାଇଁ ନବୀନ ରୂପକ ଯୋଜନା ମଧ୍ୟ କରିଥିବାର ଜଣାପଡେ । ଯେଉଁ ରୂପକଗୁଡିକ ସହ ସେମାନଙ୍କ ହାର୍ଦ୍ଦିକ ଅନୁଭୁତିର ଯୋଗ ଫଳରେ ଅଧିକ ସଜୀବ ହୋଇ ଉଠିଛନ୍ତି । ଆତ୍ମା ଓ ପରମାତ୍ମାର ଏହି ଅଦ୍ୱୈତି ସ୍ଥିତିର ଭାବୁକତାପୂର୍ଣ୍ଣ ଚିତ୍ରଣ କରିବାରେ କବି ସମାନ ଆଗ୍ରହ ପ୍ରଦର୍ଶନ କରିଛନ୍ତି ।

ଭାରତୀୟ କାବ୍ୟ ପରମ୍ପରାରେ ନିର୍ଗୁଣ ଉପାସକ ସନ୍ଥକବି ମାନଙ୍କ ପରମ୍ପରା ଖୁବ ବିଶାଳ ଓ ବିସ୍ତୃତ। ଏହି କବିମାନଙ୍କ ରହସ୍ୟ - ଭାବନାର ତିନୋଟି ପ୍ରମୁଖ ଦିଗ ହେଉଛି - ଦାର୍ଶନିକ ସିଦ୍ଧାନ୍ତର ପ୍ରଚାର, ଦାମ୍ପତ୍ୟଭାବ ଓ ବିରହ ନିବେଦନ । ଏସବୁର ସଜୀବ ଅଭିବ୍ୟକ୍ତି ଉପଲବ୍ଧ ହୋଇଛି । ସନ୍ଥ କବିମାନଙ୍କର ଭଳି ଏହି ଦୁଇଟି ନାରୀକବି ମଧ୍ୟ ଅଦ୍ୱୈତ ଦର୍ଶନ ଦ୍ୱାରା ପ୍ରଭାବିତ ମନେ ହୁଅନ୍ତି । ମହାଦେବୀ ଓ କୁନ୍ତଳା କୁମାରୀ ରହସ୍ୟାବାଦଧର୍ମୀ କବିତାଗୁଡ଼ିକୁ ପର୍ଯ୍ୟାଲୋଚନା ଜଣାପଡେ ଯେ ଏହି ଦୁଇ କବି ସେମାନଙ୍କ କାବ୍ୟକବିତା ରାଜିରେ ଦାମ୍ପତ୍ୟ ଭାବର ସ୍ୱାଭାବିକ ଓ ସଫଳ ଚିତ୍ରଣ କରିଯାଇଛନ୍ତି ।

ଭାରତୀୟ ସନ୍ଥ କବିମାନେ ବ୍ରହ୍ମ-ଜୀବନରେ ବିୟୋଗକୁ ସନାତନ ବିରହର ମଧୁର ଓ ମର୍ମସ୍ପର୍ଶୀ ଚିତ୍ର ଅଙ୍କନ କରିଛନ୍ତି । ସାଂସାରିକ ଜଞ୍ଜାଳରେ ବ୍ୟସ୍ତ ରହି ସେହି ସତ୍ୟ ଅନୁରକ୍ତ ପଥରୁ ବଞ୍ଚିତ ହେବା କେତେକ କ୍ଷେତ୍ରରେ ଏହି ବିରହର ହେତୁ ଭଳି ମନେହୁଏ । ଉଭୟ କବିଙ୍କ ରହସ୍ୟବାଦୀ କବିତାରେ ଆମେ ଏହାର ଆଭାସ ପାଇ ପାରିବା । ଏଭଳି ବିରହାବସ୍ଥା ବର୍ଣ୍ଣନା କ୍ଷେତ୍ରରେ କୁନ୍ତଳା କୁମାରୀ ଓ ମହାଦେବୀ ଆଉ ଏକ ବିନ୍ଦୁରେ ସାମ୍ୟ ମନେ ହୁଅନ୍ତି । ତାହା ହେଉଛି, ବିରହ କୁ ଭଲପାଇବା । ପ୍ରିୟତମଙ୍କୁ ଅନେକ ପ୍ରତୀକ୍ଷା କରିବା ପରେ ସେମାନେ କବିତାରେ ଆଉ ତାଙ୍କ ମିଳନକୁ ଅପେକ୍ଷା ନକରି ଚିର ବରହିଣୀ ହେବାର କାମନା କରିଛନ୍ତି। ମହାଦେବୀ ସେହି ପ୍ରିୟତମଙ୍କ ପାଇଁ ମେଘ ସାଜି ସାରା ଜୀବନ ଝରିବାକୁ ଚାହିଁଥିବା ବେଳେ କୁନ୍ତଳା କୁମାରୀ ସାରା ଜୀବନ ସେହି ପ୍ରିୟତମଙ୍କୁ ଆରାଧନା କରିବାର ଆଶା ରଖିଛନ୍ତି । ଏହି ଦୁଇ ନାରୀକବି ସେମାନଙ୍କ ରହସ୍ୟବାଦୀ କବିତା ଗୁଡିକୁରେ ପ୍ରେମର ତୀବ୍ରତାକୁ ପ୍ରଗାଢ ବେଦନା ମାଧ୍ୟମରେ ଅଭିବ୍ୟକ୍ତ କରିଛନ୍ତି । ଦୀପ ଭଳି ସାରାଜୀବନ ଜଳିବାକୁ ଚାହିଁଛନ୍ତି ନିଜେ ନିଜେ ଅଥବା ସାରା ଜୀବନ ଜାଗର ଜାଳି ପ୍ରତୀକ୍ଷା କରିବାକୁ ଚାହିଛନ୍ତି ।

ରହସ୍ୟବାଦ, ଆତ୍ମା ଓ ପରମାତ୍ମାଙ୍କ ମିଳନର ସାଧନ ଅଟେ । ଆତ୍ମା, ପରମାତ୍ମା ଯାଏ ପହଞ୍ଚିବା ପାଇଁ କେତେକ ସୋପାନ ଦେଇ ତାକୁ ଯିବାକୁ ପଡିଥାଏ । ଏହି ମାର୍ଗ ସମ୍ପର୍କରେ ବହୁ ସାଧୁ ସନ୍ଥ ଓ ମହାତ୍ମାଙ୍କ ସମେତ ଭକ୍ତକବିମାନେ ବିଭିନ୍ନ ପ୍ରସଙ୍ଗରେ ସୂଚନାମାନ ଦେଇଯାଇଛନ୍ତି । ସେହି ମାର୍ଗ ବା ପଥକୁ ଖୁବ୍ ଜଟିଳ ବୋଲି ଉଲ୍ଲେଖ କରାଯାଇଛି, ଯେଉଁ ଜଟିଳତା ଭେଦ କରି ସାଧକଟିଏ ଭଳି ଆତ୍ମା ପୁରୁଷ ତାର ଗନ୍ତବ୍ୟସ୍ଥଳୀ ପରମାତ୍ମାଙ୍କ ସହ ମିଳିବ ହେବାର ସୌଭାଗ୍ୟ ହାସଲ କରିଥାଏ । କୁନ୍ତଳା କୁମାରୀ ଓ ମହାଦେବୀଙ୍କ ରହସ୍ୟବାଦୀ କାବ୍ୟ କବିତାଗୁଡ଼ିକରେ ଏହି ମାର୍ଗ ବା ସୋପାନ ରାଜିର ଉଲ୍ଲେଖ ମିଳେ । ସେହି କ୍ଷେତ୍ରରେ ମଧ୍ୟ ଉଭୟ କବିଙ୍କ ମଧ୍ୟରେ ଉଲ୍ଲେଖନୀୟ ସାମଞ୍ଜସ୍ୟ ବାରିହୁଏ ।

ମହାଦେବୀ ନିଜ କାବ୍ୟ କବିତାରେ ଆଧ୍ୟାତ୍ମ୍ୟ ତତ୍ତ୍ୱକୁ ପ୍ରଦାନ କରିଛନ୍ତି । ଅନୁରୂପ ଭାବେ କୁନ୍ତଳାକୁମାରୀଙ୍କ କାବ୍ୟକବିତାରେ ମଧ୍ୟ ଆଧାତ୍ମ୍ୟ ଭାବଧାରା ପରିଚୟ ମିଳେ । ଏହି ଦୁଇ କବିଙ୍କ କବିତାରେ ବିଭିନ୍ନ ଦର୍ଶନର ପ୍ରଭାବ ରହିଛି । ସେମାନେ ନିଜ ନିଜ କବିତାରେ ଯେତେ ସୁଗୁଣ ସାଧିକା ମନେ ହୁଅନ୍ତି, ସେତେ ନିର୍ଗୁଣ ମତାବଲମ୍ବୀ ଭଳି ମଧ୍ୟ ପ୍ରତେ ହୁଅନ୍ତି । ପୁଣି ଅଦ୍ୱୈତ ଦର୍ଶନର ବିଚାର ମଧ୍ୟ ସେଥିରେ ପ୍ରତିଫଳିତ ହୋଇଥିବାର ଦେଖିବାକୁ ମିଳେ । ଏଥି ସହିତ ମହାଦେବୀ ଓ କୁନ୍ତଳା କୁମାରୀଙ୍କ କବିତାବଳୀ ଅଧ୍ୟୟନ କଲେ

ଜାଣିହୁଏ ଯେ ସେଥିରେ ବୈରାଗ୍ୟ-ଭାବନା ଏକ ପ୍ରକାର ପ୍ରାଧାନ୍ୟ ଲାଭ କରିଛି । ଏଏହିଭଳି ଦାର୍ଶନିକ ବିନ୍ଦୁଗୁଡିକରେ ଏହି ଦୁଇ କବି ସମାନ ମନେହୁଅନ୍ତି । ମହାଦେବୀ ଓ କୁନ୍ତଳା କୁମାରୀଙ୍କ କବିତାର ଦାର୍ଶନିକ ପୃଷ୍ଠଭୂମି ମୂଳତଃ ରହସ୍ୟବାଦ । ରହସ୍ୟବାଦ କାବ୍ୟ ପରମ୍ପରାର ପ୍ରଥମ ସିଡି ହେଉଛି ବିଶ୍ୱ ସୁନ୍ଦରୀ ପ୍ରକୃତିରେ ଚେତନାର ଆରୋପ କରିବା । ଦୁଇ କବି ପ୍ରକୃତିର ମୁଗ୍ଧ ସାଧିକା । ପୁଣି ଦୁହେଁ ନିଜ ନିଜର ଅନ୍ତର୍ଗତ ଓ ସୁଖ ଦୁଃଖର ସାମଞ୍ଜସ୍ୟ ଆଣିପାରିଛନ୍ତି ।

ଇଂରାଜୀ ଭାଷାର କବିମାନଙ୍କ ଭଳି ତଥା କବିଗୁରୁ ରବୀନ୍ଦ୍ରନାଥଙ୍କ ଭଳି କୁନ୍ତଳା କୁମାରୀ ଓ ମହାଦେବୀ ମୃତ୍ୟୁକୁ ଦେଖିଛନ୍ତି । ଉଭୟଙ୍କ ପାଇଁ ମୃତ୍ୟୁ ଏକ ପୂର୍ଣ୍ଣତା । ଏହାକୁ ସ୍ପଷ୍ଟ କରିବାକୁ ଯାଇ ମହାଦେବୀ ଲେଖିଛନ୍ତି ଯେ ମୃତ୍ୟୁ ହେଉଛି ଜୀବନର ଚରମ ବିକାଶ । ସେହିଭଳି କୁନ୍ତଳା, ମୃତ୍ୟୁ ପ୍ରିୟତମ ଭଳି ଆସିଲେ ତାକୁ ବରଣ କରିନେବାକୁ ପ୍ରସ୍ତୁତ ବୋଲି କହିଛନ୍ତି । ଆଉ ଏକ ଉଲ୍ଲେଖନୀୟ ବିଷୟ ହେଉଛି ଯେ, ଏହି ଦୁଇ କବିଙ୍କ କବିତାରେ ପରିଦୃଷ୍ଟ ହେଉଥିବା ଉତ୍ସର୍ଗ ଭାବନାରେ ସମତା । ଦୁହିଁଙ୍କ ଉତ୍ସର୍ଗ ଭାବନାରେ ରହିଛି ସଗୁଣ ସାଧକ ବା ସଗୁଣ ଭକ୍ତକବିମାନଙ୍କ ଭଳି ଉତ୍ସର୍ଗ ଭାବନାରେ ଆବେଗ ଓ ତନ୍ମୟତା ।

ଉପନିଷଦ୍ ପଦ୍ଧତିରେ ମହାଦେବୀ ଓ କୁନ୍ତଳା କୁମାରୀ ଆତ୍ମା-ପରମାତ୍ମାର ସମ୍ପର୍କ ତଥା ଏକାତ୍ମ୍ୟ ପ୍ରତିପାଦିତ କରିଛନ୍ତି । ଆତ୍ମା-ପରମ୍ଆର ସମ୍ପର୍କ ପରିପ୍ରେକ୍ଷୀରେ ଉପନିଷଦରେ ଯେଉଭଳି ସୂର୍ଯ୍ୟ କିରଣର ସଂକେତ ଦିଆଯାଇଛି, ସେହିପରି ମହାଦେବୀ ଚନ୍ଦ୍ର ଓ ଜ୍ୟୋସ୍ନାର ପ୍ରତୀକ ଉଲ୍ଲେଖ କରିଛନ୍ତି । ଅପର ପକ୍ଷରେ କୁନ୍ତଳା କୁମାରୀ ନଦୀ-ସାଗର, ବୃକ୍ଷ-ଲତା, ଦୀପ-ଅନଳ ଶିଖା, ହେମ-ହୀରା ଆଦି ପ୍ରତୀକର ଉଲ୍ଲେଖ କରିଛନ୍ତି ।

ଉଭୟ କବି ସସୀମକୁ ଅସୀମର ବ୍ୟାପକ ରୂପ ଭାବେ କଳ୍ପନା କରିଛନ୍ତି । ସମଗ୍ର ପ୍ରକୃତିରେ ସେମାନେ ପ୍ରିୟତମ ପୁରୁଷଙ୍କ ସଂକେତ ପାଆନ୍ତି । ତେଣୁ ଦୁହେଁ ଜୀବନର ଅନ୍ୟ ଏକ ସତ୍ୟ, ପ୍ରତ୍ୟେକ ନିଜ ବିକାଶ ସ୍ତର ଅନୁରୂପ ସାଧନ ପଥ ଗ୍ରହଣ କରିଛନ୍ତି । ମହାଦେବୀ ଓ କୁନ୍ତଳା କୁମାରୀ ଜ୍ଞାନର ସୂକ୍ଷ୍ମତମ ପଥ ନିର୍ବାଚନ କରିଛନ୍ତି। ସେ ମାର୍ଗ ମଧ୍ୟ ଦମନର ନୁହେଁ, ଉନ୍ନୟନର । ଏହି ସାଧନା ବିଶ୍ୱ ପ୍ରେମ ଆଡକୁ ପବୃତ୍ତ କରିଥାଏ ଓ ଏହି ଦୁଇ କବିଙ୍କ କ୍ଷେତ୍ରରେ ତାହା ହିଁ ଘଟିଛି । ସେମାନଙ୍କ ଜ୍ଞାନ ଅଖିଳ ବିଶ୍ୱରେ ବ୍ରହ୍ମର ପ୍ରବୃତ୍ତିକୁ ସରସ ଆଭାସ ପ୍ରଦାନକାରୀ ଜ୍ଞାନ ଅଟେ ।

ଉଭୟ ମହାଦେବୀ ବର୍ମା ଓ କୁନ୍ତଳା କୁମାରୀଙ୍କ କାବ୍ୟ ସାହିତ୍ୟ ଅଧ୍ୟୟନ କଲେ ମନେହୁଏ ଯେ ଉଭୟ କବି ସେମାନଙ୍କ କାବ୍ୟ ରାଜିରେ ବେଦନାବୋଧର ସଫଳ ପରିସ୍ଫୁଟନ ଖଟାଇଛନ୍ତି । ଦୁଃଖ ମଣିଷ ଜୀବନର କେ ସ୍ୱାଭାବିକ ଅନୁଭବ । ଦୁଃଖର ତୀବ୍ର ଦହନ ମଧ୍ୟରେ ମନୁଷ୍ୟତ ପରୀକ୍ଷିତ ଓ ମାର୍ଜିତ ହୋଇଥାଏ । ସୁଖର ମିଳନ ପର୍ବରେ ହାର୍ଦ୍ଦିକତା ଥିଲେ ମଧ୍ୟ ସୁଖ ହେଉଛି କ୍ଷଣିକ ମାତ୍ର । ହେଲେ ଦୁଃଖର ବିଚ୍ଛେଦ ପର୍ବରେ ଆତ୍ମାର ବନ୍ଧନ ବେଶି ବେଶି ଦୃଢୀଭୂତ ଓ ଘନବଦ୍ଧ ହୋଇଥାଏ । ଦୁଃଖ ଅତି ତୀବ୍ର । ଏହି କାରଣ ଯୋଗୁଁ ହିଁ ସୁଖ ଅପେକ୍ଷା ଦୁଃଖ ଅତି ତୀବ୍ର । ତେଣୁ କ୍ଷଣିକ ସୁଖର ସ୍ରୋତରେ ଭାସି ନଯାଇ ଉଭୟ କବି କୁନ୍ତଳା କୁମାରୀ ଓ ମହାଦେବୀ ଦୁଃଖର ଶାଶ୍ୱତ ଦର୍ଶନକୁ ଉଦ୍‌ଘାଟନ କରିଛନ୍ତି ।

କୁନ୍ତଳାକୁମାରୀ ଓ ମହାଦେବୀଙ୍କ କାବ୍ୟ କବିତାରେ ବେଦନାବୋଧର ଉଲ୍ଲେଖନୀୟ ପରିସ୍ଫୁଟନ ଘଟିଛି । ମହାଦେବୀଙ୍କ ଏହି ବେଦନାର କାରଣ କେତେକ ଆଲୋଚକ ଭୌତିକ କହିଥିବା ବେଳେ ଆଉ କେତେ ଜଣ ଏହି ବେଦନା ବୋଧର ହେତୁ ଅଧ୍ୟାତ୍ମିକ ବୋଲି କହିଛନ୍ତି । ଶ୍ରୀମତୀ ଶଚୀରାନୀ ଚୁଟୁଙ୍କ ମତରେ, ମହାଦେବୀଙ୍କ ବେଦନାନୁଭୂତିର କାରଣ ତାଙ୍କ ଅସଫଳ ବୈବାହିକ ଜୀବନ ଓ ଯୁବତୀ ନାରୀର ହୃଦୟର ରଂଗୀନ ସମୂହର ବିଫଳତା । ଅପରପକ୍ଷରେ ଆଚାର୍ଯ୍ୟ ବିଶ୍ୱମୋହନ ଶର୍ମା ମହାଦେବୀଙ୍କ ବେଦନାନୁଭୂତିର ବ୍ୟାଖ୍ୟା କରିବାକୁ ଯାଇ କହିଛନ୍ତି ଯେ ତାଙ୍କ କାବ୍ୟ ବ୍ୟକ୍ତିଗତ ମାନସିକ ସଂଘର୍ଷ, ଅଭାବ ଓ ଦୁଃଖବାଦ ଦ୍ୱାରା ପ୍ରଭାବିତ । ଏହି ପରିପ୍ରେକ୍ଷୀରେ ଏହା ସର୍ବମାନ୍ୟ ଯେ କୁନ୍ତଳାକୁମାରୀଙ୍କ ବେଦନାବୋଧର କାରଣ ବ୍ୟକ୍ତିଗତ ଜୀବନ ଭିତରେ ହିଁ ଆମେ ପାଇପାରିବା । ବ୍ୟକ୍ତିଗତ ଜୀବନରେ ସେ ଜଣେ ଅସଫଳ ପ୍ରେମିକା ଓ ଦୁଃଖିନୀ ପତ୍ନୀ ଥିଲେ । ଏହା ତାଙ୍କର ସାମଗ୍ରିକ କାବ୍ୟ ଜୀବନକୁ ଆଂଦୋଳିତ କରିଛି । ତେବେ ଏହି ଦୁଇ କବିଙ୍କ ବେଦନାବୋଧ ପରିପ୍ରକାଶରେ ଅନେକ ସାମ୍ୟ ରହିଛି । ଉଭୟ ମହାଦେବୀଙ୍କ ଓ କୁନ୍ତଳାକୁମାରୀ ପ୍ରେୟସୀର ଭୂମିକାରେ ନିଜ ନିଜକୁ ଅଧିଷ୍ଠିତ କରାଇଛନ୍ତି, ଯେଉଁ ପ୍ରେୟସୀ କି ସର୍ବଦା ନିଜ ପ୍ରିୟତମ ମଣିଷଟି ପାଇଁ ଅହର୍ନିଶ ଆତୁର ।

ଏହି ଦୁଇ କବିଙ୍କ ବେଦନାବୋଧରେ ହେତୁ ଅନେକତ୍ର ସାମ୍ୟ ମନେ ହୁଏ । ଯଥା ଆଧ୍ୟତ୍ମିକ, ବ୍ୟକ୍ତିଗତ ଜୀବନର ଫଳ, ଆତ୍ମା ସୌନ୍ଦର୍ଯ୍ୟ ଓ ନାରୀ ସ୍ୱଭାବ ଇତ୍ୟାଦି । ଉଭୟଙ୍କ କାବ୍ୟ କବିତାରେ ଏକ ସମତା ଖୋଜିବାକୁ ଗଲେ ବେଦନାନୁଭୂତିର ତିନି ଗୋଟି ତତ୍ତ୍ୱ ଆମେ ପାଇପାରିବା ।

୧. ଚିରନ୍ତନ ପ୍ରିୟଙ୍କ ପ୍ରତି ଆକୁଳତାପୂର୍ଣ୍ଣ ବିରହ ନିବେଦନ ।

୨. ମଣିଷର କ୍ଷଣଭଙ୍ଗୁରତାକୁ ନେଇ ବିଷାଦଧର୍ମୀ ଚିନ୍ତନ ।

୩. ଜଗତର ଦୁଃଖ ସଂଦର୍ଶନରେ କରୁଣାମୟ ଭାବନା ଜନିତ ଦୁଃଖ ।

ମହାଦେବୀ ଓ କୁନ୍ତଳାଙ୍କ କ୍ଷେତ୍ରରେ ସେମାନଙ୍କ ବିରହ-ପୀଡାଟି ରହସ୍ୟଧର୍ମୀ ଓ ଆଧାତ୍ମିକ ପୀଡା । ତାହା ପୁଣି ଅନେକ ସ୍ଥଳରେ ଉତ୍କଣ୍ଠାପୂର୍ଣ୍ଣ ବିରହାନୁଭୂତି ପର୍ଯ୍ୟାୟରେ । ପ୍ରଣୟ, ପ୍ରେମ, ଆସକ୍ତି, ଅନୁରାଗ ଓ ସ୍ନେହ ବ୍ୟଞ୍ଜିତ ଏହି ଅନୁଭୁତି ଉଭୟ କବିଙ୍କ କବିତାକୁ ରସସିକ୍ତ କରି ତୋଳିଛି ।

ମହାଦେବୀ ଓ କୁନ୍ତଳା କୁମାରୀଙ୍କ ବିରହାନୁଭୂତିରେ ଆଉ ଏକ ସାଦୃଶ୍ୟ ପରିଲକ୍ଷିତ ହୁଏ । ତାହା ହେଉଛି, ଏହି କବିଦ୍ୱିୟଙ୍କର କାବ୍ୟ ବ୍ୟକ୍ତିଗତ ମାନସିକ ସଂଘର୍ଷ ଓ ବୁଦ୍ଧଙ୍କ ଦୁଃଖବାଦ ଦ୍ୱାରା ଅନେକତ୍ର ପ୍ରଭାବିତ ମନେହୁଏ । ସେମାନଙ୍କ ବିରହ - ବେଦନାରେ ପ୍ରେୟସୀର ଭୂମିକା ଅଛି, ଯାହା ପ୍ରାଣପ୍ରିୟଙ୍କ ପାଇଁ ଅହର୍ନିଶ ଆତୁର । ପ୍ରିୟ ତଥା ପ୍ରିୟତମଙ୍କ ଏହି କଳ୍ପିତ ଖେଳରେ କାବ୍ୟ ଯେମିତି କ୍ରୀଡାମୟ ହୋଇଉଠିଛି । ମହାଦେବୀ ବର୍ମା ଓ କୁନ୍ତଳା କୁମାରୀ ସାବତ - ଏହି ଦୁଇ କବିଙ୍କ କବିତାବଳୀକୁ ଅଧ୍ୟୟନ କଲେ ଆମେ ଜାଣିପାରିବା ଯେ ଏହି କବିଦ୍ୱୟ ଜୀବନକୁ ବିରହ ଅପତ୍ୟ ମନେ କରିଛନ୍ତି । ସେମାନଙ୍କ ବେଦନାପୂର୍ଣ୍ଣ ଜୀବନର ସାର୍ଥକତା ହେଉଛି ସେହି ପ୍ରିୟତମଙ୍କ ଅଧରରେ ସ୍ମିତ ହାସ୍ୟରେଖା ଉକୁଟାଇବା । ତାହା ସେତେବେଳେ

ସମ୍ଭବପର ଯେତେବେଳେ ଆମେ ବିଶ୍ୱର ବେଦନାରେ ନିଜକୁ ଏକୀଭୂତ କରି ଦେଇପାରିବା, ନିଜକୁ ଭୁଲାଇ ଦେଇପାରିବା । ମହାଦେବୀ କହିଛନ୍ତି "ଜୀଓ୍ୱନ୍ ବିରହ କା ଜଲଜାତ୍" । କୁନ୍ତଳା କୁମାରୀ ସ୍ପଷ୍ଟ ଭାବରେ ଏହା କହିନଥିଲେ ହେଁ ତାଙ୍କ ଜୀବନ ହିଁ ଥିଲା ବିରହର ଏକ ଆଧାର ଓ ଏହି ସତ୍ୟ ତାଙ୍କର ଅନେକ କବିତାରେ ମୂର୍ତ୍ତୀମନ୍ତ ହୋଇଉଠିଛି । ଏହି ସାମ୍ୟ ସହିତ ଆହୁରି ବି ଏକ ସାମ୍ୟ ଉଭୟ କବିଙ୍କ କବିତାରେ ପରିଦୃଷ୍ଟ ହୁଏ ଓ ତାହା ହେଲା, ଉଭୟ କବିଙ୍କ ସମାଜ ସଚେତନତା । ତତ୍କାଳୀନ ପରାଧୀନ ଓଡିଶା ତଥା ଭାରତର ସାମାଜିକ ଦୁଃଖ ଦୁର୍ଦ୍ଦଶା କୁନ୍ତଳା କୁମାରୀଙ୍କୁ ଯେତେ ବ୍ୟଥିତ ଓ ବିବ୍ରତ କରିଛି, ସ୍ୱାଧୀନ ଭାରତର ସାମାଜିକ ବିସଙ୍ଗତିମାନ ଅନୁରୂପଭାବେ ମହାଦେବୀଙ୍କୁ ଦୁଃଖ ଦେଇଛି । ସେହି ବିନ୍ଦୁରେ ଉଭୟେ ସମାନ ମନେ ହୁଅନ୍ତି ।

## ଦୁଇ କବିଙ୍କ କବିତାରେ ବୈଷମ୍ୟ :

ମହାଦେବୀଙ୍କ ଜୀବନ ଓ କୁନ୍ତଳାଙ୍କ ଜୀବନ ଭିତରେ ସେଭଳି କୌଣସି ସମତା ନଥିଲା । ମହାଦେବୀ ଏକ ସମୃଦ୍ଧ ପରିବାରରେ ଜନ୍ମଗ୍ରହଣ କରିଥିଲେ, ସାରା ଜୀବନ ତାଙ୍କୁ ଦାରିଦ୍ର୍ୟ ଛୁଇଁପାରି ନଥିଲା । ଅପରପକ୍ଷରେ କୁନ୍ତଳା କୁମାରୀଙ୍କ ଜୀବନ ଥିଲା ସଂଘର୍ଷ ଓ ସଂଘାତ ପୂର୍ଣ୍ଣ । ବ୍ୟକ୍ତିଗତ ଭାବରେ ମଧ୍ୟ ସେ ଅନେକ ଦୁଃଖଭୋଗ କରିଛନ୍ତି । କବିର ବ୍ୟକ୍ତିଗତ ଜୀବନ, ପ୍ରତ୍ୟୟ ଓ ଜିଜ୍ଞାସା, ସାହିତ୍ୟ ଉପରେ ପ୍ରଭାବ ବିସ୍ତାର କରିବା ସ୍ୱାଭାବିକ ଓ ଏକ ଦୃଷ୍ଟିରୁ ଏହି ଦୁଇ କବିଙ୍କ ରଚନାବଳୀରେ ସାମ୍ୟ ଯେତେ ଥିଲେ ହେଁ ବୈଷମ୍ୟ ମଧ୍ୟ ଅନୁରୂପ ଭାବେ ରହିଛି । ପୁଣି ମହାଦେବୀ ଥିଲେ ହିନ୍ଦୀ ସାହିତ୍ୟ ଜଗତର କବି ଓ କୁନ୍ତଳା କୁମାରୀ ଓଡିଆ ସାହିତ୍ୟ ଜଗତର । ଉଭୟଙ୍କ ବସତି-ପରିବେଶ ଭିନ୍ନ ଭିନ୍ନ ଥିଲା । ସାହିତ୍ୟକୁ ଭୂଗୋଳ ମଧ୍ୟ ଅନେକ ପରିମାଣରେ ପ୍ରଭାବିତ କରିଥାଏ । ଏଥି ସହିତ ଇତିହାସ ମଧ୍ୟ । ଉଭୟ କବି ଭିନ୍ନ ଭିନ୍ନ ଅଞ୍ଚଳର ଓ ଭିନ୍ନ ଭିନ୍ନ ଇତିହାସର ଉତ୍ତର ପୁରୁଷ ହୋଇଥିବାରୁ ସେମାନଙ୍କ ଦୃଷ୍ଟିରାଜିରେ ଭିନ୍ନତା ପରିଦୃଶ୍ୟ ହେବା ସ୍ୱାଭାବିକ ।

ସ୍ଥଳ ବିଶେଷରେ ତଥା ସ୍ୱତନ୍ତ୍ର ରୂପରେ ଅନ୍ୟ କେତେକ ବିନ୍ଦୁରେ ଏହି ଦୁଇ ଲେଖିକାଙ୍କ ରଚନାବଳୀରେ ବୈଷମ୍ୟ ପରିଦୃଶ୍ୟ ହୁଏ । ଉଭୟ କବି ପ୍ରକୃତିର ଉପାସିକା ହୋଇଥିଲେ ହେଁ ଉଭୟେ ପ୍ରକୃତିକୁ ସମଦୃଷ୍ଟି ଦେଖି ନାହାନ୍ତି । ପ୍ରକୃତିର ବିବିଧ ରୂପଛଟାରେ ବିମୋହିତ ହେବା, ତାକୁ ମାନବୀକରଣ କରି ଦେଖିବା, ପ୍ରକୃତି ସହିତ ଏକାତ୍ମ୍ୟ ହେବା ଭିତରେ ମଧ୍ୟ ଉଭୟେ ଅଲଗା ଅଲଗା ଭାବ ପୋଷଣ କରିଛନ୍ତି । ସେହିଭଳି ଏହି ଦୁଇ କବି ରହସ୍ୟବାଦକୁ ଉପଜୀବ୍ୟ କରି ମୁଖ୍ୟତଃ କାବ୍ୟ କବିତା ରଚନା କରିଥିଲେ ହେଁ ସେହି ରହସ୍ୟବାଦ ଉଭୟଙ୍କୁ ସମପରିମାଣରେ ଆଚ୍ଛନ୍ନ କରି ରଖିନାହିଁ । ସେମାନଙ୍କ କାବ୍ୟ କବିତାର ଆତ୍ମା ଭିତରକୁ ନିରୀକ୍ଷଣ କଲେ ଆହୁରି ମଧ୍ୟ ଜଣାପଡେ ଯେ ସେ ଦିହେଁ ସମପରିମାଣରେ ବେଦନାବୋଧକୁ ଉପଜୀବ୍ୟ କରିନାହାନ୍ତି । ସେହିଭଳି ମଣିଷର ଦୁଃଖ କଷଣ ତଥା ଜଗତର ଲୁହ, ହସ, କାନ୍ଦକୁ ସମାନ ଭାବରେ ଉଭୟେ ପରିବେଷଣ କରି ନାହାନ୍ତି । ସେମାନେ ଯେଉଁସମୟରେ କାବ୍ୟ କବିତା ରଚନାରେ ବ୍ରତୀ ଥିଲେ, ସେ ସମୟର ଦେଶ ବର୍ଣ୍ଣନା ଉଭୟଙ୍କ କାବ୍ୟ କବିତାରେ ସମଭାବରେ ଦେଖିବାକୁ ମିଳେ ନାହିଁ । ନିଜ ସ୍ୱଳ୍ପ ଜୀବନକାଳ ମଧ୍ୟରେ କୁନ୍ତଳା କୁମାରୀ ପରାଧୀନ ଭାରତବର୍ଷ, ବିଶେଷତଃ ଓଡିଆ ଜାତିର ଦୁର୍ଦ୍ଦିନ ବିଷୟରେ ନିଜ କବିତାରେ ପ୍ରକାଶ କରିଛନ୍ତି ।

ଅପରପକ୍ଷରେ ମହାଦେବୀ ସ୍ୱାଧୀନତାର ସ୍ୱାଦ ଚାଖିଛନ୍ତି । ସେ ଦେଶ ସ୍ୱାଧୀନତା ପରବର୍ତ୍ତୀ ଦେଶର ଯାବତୀୟ ଆହ୍ୱାନକୁ ଅନୁଭବ କରିଛନ୍ତି । ଉଭୟ କବି ଜୀବନ ଓ ଜଗତରେ ବ୍ରହ୍ମର ଉପଲବ୍ଧି କରିଥିଲେ ହେଁ ସେହି ଉପଲବ୍ଧିରେ ମଧ୍ୟ କେତେକ ଭିନ୍ନତା ଆମେ ଦେଖି ପାରିବା ।

ମହାଦେବୀଙ୍କୁ ହିନ୍ଦୀ ସାହିତ୍ୟ ଜଗତର ଛାୟାବାଦୀ କାବ୍ୟ ପରମ୍ପରାର ଅନ୍ୟତମ ପ୍ରମୁଖ ସ୍ୱର ରୂପେ ଗ୍ରହଣ କରାଗଲେ ଏହା ସ୍ୱାଭାବିକ ଯେ ସେ ଅନ୍ୟ ଛାୟାବାଦୀ କବିଙ୍କ ଭଳି ନିଜ କାବ୍ୟ କବିତାରେ ସମାଜ ଚିତ୍ରଣ ଅପେକ୍ଷା ନିଜ ବ୍ୟକ୍ତିଗତ ହର୍ଷ ବିଷାଦ, ସୁଖ ଦୁଃଖକୁ ପ୍ରାଧନ୍ୟ ଦେଇଛନ୍ତି । ସେ ନିଜ ବ୍ୟକ୍ତିଗତ ବେଦନାର ଜଗତକୁ ବିବିଧ ରଙ୍ଗରେ ସଜାଇବାର ପ୍ରଯତ୍ନ କରିଛନ୍ତି । ତାଙ୍କ କାବ୍ୟ କବିତାରେ ମହାଦେବୀ ନିଜ ମନ ତଳର  କୋମଳ, ସ୍ନିଗ୍ଧ ଓ ଉଲ୍ଲାସମୟୀ ଭାବନାଗୁଡିକୁ ବ୍ୟକ୍ତ କରିଛନ୍ତି । "ନୀରଜା" ତାଙ୍କ ଅକମ୍ପ ବିଶ୍ୱାସର ଅଭିବ୍ୟକ୍ତି । ଅପର ପକ୍ଷରେ କୁନ୍ତଳା କୁମାରୀ ନିଜ ବ୍ୟକ୍ତିଗତ ଜୀବନର ବେଦନାବୋଧକୁ ସ୍ପଷ୍ଟଭାବରେ ବୟାନ କରିବା ବେଳେ ସେହି ଲକ୍ଷ୍ୟଟିକୁ ଏକ ଦେହର ନିଗଡ ଭିତରୁ ବାହାର କରିଦେଇ ତାକୁ ଦେହାତୀତ କରିଦେଇଛନ୍ତି । ଏଥି ସହିତ ପୁଣି ସମଜ୍ଞାନରେ ସମାଜ ଚିତ୍ର ଯଥାସାଧ୍ୟ ଫୁଟାଇଛନ୍ତି । କବିର କର୍ତ୍ତବ୍ୟ ଯେ ନିଜ ବ୍ୟକ୍ତିଗତ ଜୀବନର ହସକାନ୍ଦକୁ କାବ୍ୟ କବିତା ଭିତରେ ଫୁଟାଇବ, ସେତିକି ନୁହେଁ, ସମକାଳର ରାଜନୀତି ଓ ସମାଜ ଭିତରେ ବଞ୍ଚୁଥିବା ମଣିଷମାନଙ୍କ ଦୁଃଖ ବେଦନାକୁ ମଧ୍ୟ ପ୍ରକାଶ କରିବା - ଏହି ସତ୍ୟ ଉପରେ ସେ ବିଶ୍ୱାସ ରଖିଥିବା ଅନୁମିତ ହୁଏ । କୁନ୍ତଳା କୁମାରୀ କେବଳ ବ୍ୟକ୍ତିଗତ ଜୀବନର ଆଖ୍ୟାୟିକା ଦେଇ ନାହାନ୍ତି ତାଙ୍କ କାବ୍ୟ କବିତାରେ, ସେ ମଧ୍ୟ ପରାଧୀନ ଓଡିଶାର ଦୁର୍ଗତିର ବିଷୟ ବର୍ଣ୍ଣନା କରିଛନ୍ତି । ଏଥି ସହିତ ମଧ୍ୟ ଦେଶ ଜନନୀର ଦୁଃଖବେଳେ ଜନ ସାଧାରଣ ତଥା ସମାଜ ଆଗେଇ ଆସିବାକୁ ଆହ୍ୱାନ ଦେଇଛନ୍ତି ।

ନିରାଶା, ବେଦନା, ଦୁଃଖବାଦ ଓ କରୁଣାର ବିବୃତିର ଅଭିବ୍ୟକ୍ତି ଉଭୟ ମହାଦେବୀ ଓ କୁନ୍ତଳା କୁମାରୀଙ୍କ କାବ୍ୟ କବିତାରେ ମିଳିଥାଏ । ତେବେ ଜଣେ ପ୍ରମୁଖ ଛାୟାବାଦୀ କବି ଭାବରେ ମହାଦେବୀ ତାଙ୍କ କାବ୍ୟ କବିତାରେ ବେଦନା ଓ ଦୁଃଖକୁ ଜୀନର ସର୍ବସ୍ୱ ତଥା ଉପକାରକ ମନେ କରିଥିବାର ପ୍ରତୀୟମାନ ହୁଏ । ତାଙ୍କ ପାଇଁ ସୁଖ ଅପେକ୍ଷା ଦୁଃଖ ଅଧିକ ପ୍ରିୟ । ତେବେ ଏହି ଦୁଃଖ ତାଙ୍କୁ ଅକର୍ମଣ୍ୟ କରିଦେଇନାହିଁ । ବିଷାଦ ତାଙ୍କୁ ସଞ୍ଜମ ଓ ତ୍ୟାଗର ପ୍ରେରଣା ପ୍ରଦାନ କରିଛି ।

ତେବେ କୁନ୍ତଳା ଦୁଃଖ ଓ ବେଦନାର ଯେତେ ବୟାନ୍ କଲେହେଁ ସେ ଦୁଃଖ ସର୍ବସ୍ୱ ମନେହୁନ୍ତି ନାହିଁ। ତାଙ୍କପାଇଁ ଦୁଃଖ ଜୀବନର ସବୁକିଛି ନିହେଁ । ଦୁଃଖ ତେଣୁ ତାଙ୍କୁ ଭାରାକ୍ରାନ୍ତ କରି ରଖିନାହିଁ । ବ୍ୟକ୍ତିଗତ ବେଦନା କବିତାକୁ ଆଚ୍ଛନ୍ନ କରି ରଖିଥିଲେ ହେଁ ତାହା ବ୍ୟକ୍ତିର ବେଦନା ଆଡକୁ ଜୀବନଯାତ୍ରା ସହ ତାଳ ଦେଇ ଚାଲି ଆସିଛି ।

ପ୍ରକୃତ ପ୍ରେମ ଉଭୟ ଛାୟାବାଦୀ କବିମହାଦେବୀ ଓ ନବ୍ୟ-ରୋମାଣ୍ଟିକ ଧାରାର ସମସାମୟିକ କବି କୁନ୍ତଳାକୁମାରୀଙ୍କ କବିତାବଳୀରେ ଦୃଷ୍ଟିଗୋଚର ହୁଏ । ବିବଧ ଶୈଳୀରେ ଏହି ଦୁଇ କବି ପ୍ରକୃତିର ବର୍ଣ୍ଣନା କରିଛନ୍ତି । ତେବେ ପ୍ରକୃତି ଉପରେ ଚେତନାର ଆରୋପ କରିବାରେ ତଥା ପ୍ରକୃତିର ମାନବୀକରଣ କ୍ଷେତ୍ରରେ ମହାଦେବୀ ଅଧିକ ଅଧିକ ମନୋନିବେଶ କରିଥିବାର ଦେଖାଯାଏ ।

ମହାଦେବୀଙ୍କ ପ୍ରକୃତି ମାନବୀକରଣ ପଦ୍ଧତିରେ କଳ୍ପନା ପ୍ରାବଲ୍ୟ ଅଧିକ ରହିଥିବାର ଅନୁମାନ କରାଯାଇପାରେ । ଅନ୍ୟପକ୍ଷରେ କୁନ୍ତଳା କୁମାରୀ ପ୍ରକୃତି ଭିତରେ ଚେତନାର ଅନୁରୂପ ଆବିଷ୍କାର କରିଥିଲେ ହେଁ ସେଥିରେ କଳ୍ପନାର ପ୍ରାବଲ୍ୟ ସେତ ଦୃଷ୍ଟିଗୋଚର ହୁଏ ନାହିଁ । ମହାଦେବୀ ଉପରୋକ୍ତ ଯେଉଁ କବିତାରେ ରାତିର ମାନବୀକରଣ କରିଛନ୍ତି, ସେଥିରେ ଲେଖିଛନ୍ତି ଯେ 'ଆଲୋକ କାନ୍ଦୁଛି' । ଏଭଳି ଆତିଶଯ୍ୟ-କଳ୍ପନା କୁନ୍ତଳା କୁମାରୀଙ୍କ କବିତାରେ ନାହିଁ । ତାଙ୍କ କବିତାରେ କାମିନୀ ଫୁଲ ପବିତ୍ରତା ନାରୀ ଭଳି ପ୍ରିୟଗତପ୍ରାଣ ରୂପରେ ଉଭା ହୋଇଛି, ପଦ୍ମଫୁଲ ସୂର୍ଯ୍ୟଙ୍କ ପ୍ରତି ଅନୁଗତି ପ୍ରକାଶ କରୁଛି । ହେଲେ ସୌନ୍ଦର୍ଯ୍ୟ ଭାବନାର ପ୍ରତିକୂଳ ଭଳି ସେସବୁ ପ୍ରତେ ହେଉ ନାହିଁ । ତେଣୁ କୁହାଯାଇପାରେ ଯେ ପ୍ରକୃତି ଉପରେ ଚେତନାର ଆରୋପ କ୍ଷେତ୍ରରେ ମହାଦେବୀ କ୍ଲିଷ୍ଟ କଳ୍ପନା ସାହାଯ୍ୟ ନେଇଥିବା ସ୍ଥଳେ କୁନ୍ତଳା କୁମାରୀ ସହଜ ତଥା ପରମ୍ପାରିକ କଳ୍ପନାର ସାହାଯ୍ୟ ନେଇଛନ୍ତି ।

କୁନ୍ତଳା କୁମାରୀ ଓ ମହାଦେବୀଙ୍କ କାବ୍ୟ କବିତାର ଏକ ପ୍ରମୁଖ ସ୍ୱର ହେଉଛି  ରହସ୍ୟ ଭାବନା । ତେବେ ଏହି ପରିପ୍ରେକ୍ଷୀରେ ଉଭୟଙ୍କ କାବ୍ୟ କବିତାକୁ ତର୍ଜମା କଲେ ଏହା ସ୍ପଷ୍ଟ ହୁଏଯେ, କୁନ୍ତଳା ସାଧିକା ଭଳି ମନେହୁଅନ୍ତି ଓ ମହାଦେବୀ ଆରାଧିକା ଭଳି । ଜଣେ ଭକ୍ତ ହେଲା ବେଳକୁ ଆଉ ଜଣେ ସମ୍ପୂର୍ଣ୍ଣ ରହସ୍ୟବାଦିନୀ । ଜଣେ ନିରପେକ୍ଷ ଭାବେ ତନ୍ମୟ ତ ଆଉ ଜଣେ ଆତ୍ମବିସ୍ମୃତ । ଏହିଭଳି ଉଭୟଙ୍କ ରହସ୍ୟ ଭାବନାରେ ବୈଷମ୍ୟ ଦେଖା ଯାଇପାରେ । କୁନ୍ତଳ କୁମାରୀ ସାକାର ଈଶ୍ୱରଙ୍କ ଉପାସିକା ଭଳି ଲାଗିଲା ବେଳେ ମହାଦେବୀଙ୍କ ପ୍ରେମଧାରା ସଂପୂର୍ଣ୍ଣ ନିରାକାର, ଅଲୌକିକ ଓ ଅଜ୍ଞାତ ମନେ ହୁଅନ୍ତି ।

ରହସ୍ୟ ଭାବନା ପରିପ୍ରେକ୍ଷୀରେ ପାରମ୍ପରିକ ଭାବେ ଆତ୍ମା-ପରମାତ୍ମା ସମ୍ପର୍କ ବିଷୟ ଆମ ସାମ୍ନାରେ ଉଦଭାସିତ ହୋଇଉଠେ । ଏହି ବିଶୁଦ୍ଧ ସମ୍ପର୍କର ଅଭିବ୍ୟକ୍ତି କରିବା ନେଇ ମଧ୍ୟ ଉଭୟ କବି ଭିନ୍ନ ଭିନ୍ନ ଭାବଧାରା ସୃଷ୍ଟି କରିଛନ୍ତି । ମହାଦେବୀ ଆତ୍ମା-ପରମାତ୍ମାର ପାରମ୍ପରିକ ସମ୍ପର୍କ ଅବବୋଧକୁ ପ୍ରତୀକ ତଥା ବିମ୍ବ ମାଧ୍ୟମର ଉତ୍ଥାପିତ କରିବା ବେଳେ କୁନ୍ତଳା କୁମାରୀ ସ୍ପଷ୍ଟ ଭାବରେ ତା'ର ବୟାନ କରିଛନ୍ତି ।

ମହାଦେବୀ ଆତ୍ମ-ପରମାତ୍ମା ସମ୍ପର୍କକୁ ଏହିପରି ବିଭିନ୍ନ ଚିତ୍ରକଳ୍ପ ମାଧ୍ୟମହେ ପ୍ରକାଶ କରିଛନ୍ତି । ଏଥିରେ ସମର୍ପଣ ଭାବ ମଧ୍ୟ ସ୍ପଷ୍ଟ ବାରି ହୁଏ । ଅନ୍ୟ ପକ୍ଷରେ କୁନ୍ତଳା କୁମାରୀ ଏହି ସମ୍ପର୍କକୁ ଦର୍ଶାଇବାକୁ କୌଣସି ଚିତ୍ରକଳ୍ପର ସାହାଯ୍ୟ ନେଇ ନାହାନ୍ତି ।

ସୌନ୍ଦର୍ଯ୍ୟ ଓ ଶୃଙ୍ଗାର ଚେତନା ଚିତ୍ରଣ କ୍ଷେତ୍ରରେ ମଧ୍ୟ ମହାଦେବୀ ଓ କୁନ୍ତଳା କୁମାରୀ କବିତାରେ ବୈଷମ୍ୟ ପରିଲିକ୍ଷିତ ହୁଏ । ଉଭୟ କବି ନିଜ ନିଜ ସୃଷ୍ଟିରାଜିର ଲୌକିକ ଓ ପରଲୌକିକ ଦୁଇ ପ୍ରକାର ପ୍ରେମର ଅଭିବ୍ୟକ୍ତି କରିଛନ୍ତି ।  ତେବେ କୁନ୍ତଳା କୁମାରୀଙ୍କ ପ୍ରେମ ପ୍ରାୟତଃ ଲୌକିକ ଭଳି ମନେହୁଏ । ଲୌକିକ ପ୍ରେମ ନିର୍ଦ୍ଦିଷ୍ଟ ପର୍ଯ୍ୟାୟକୁ ଉନ୍ନୀତ ହୋଇ ପରଲୌକିକ ପ୍ରତେ ହୁଏ କୁନ୍ତଳାଙ୍କ କ୍ଷେତ୍ରରେ । ଅନ୍ୟପକ୍ଷରେ ମହାଦେବୀ ଅଧିକତର ପରଲୌକିକ ପ୍ରେମର ବୟାନ ହିଁ କରିଛନ୍ତି । ମହାଦେବୀ ଉଭୟ ମିଳନ ଓ ବିଚ୍ଛେଦର ଆବତାରଣା କରିଥିବା ବେଳେ କୁନ୍ତଳା କୁମାରୀ ପ୍ରାୟତଃ ବିଚ୍ଛେଦର ସ୍ୱର ଶୁଣାଇଛନ୍ତି । ଏକ୍ଷେତ୍ରରେ ମିଳନ, ସୁଖର ସଂକେତ ନେଇ ଆସିଥିବା ବେଳେ ବିରହ, ଦୁଃଖ ନେଇ ଆସୁଛି । ତେଣୁ କୁନ୍ତଳା କୁମାରୀ ଅଧିକତର ଦୁଃଖ ଓ ବେଦନାର ଭାବ ପ୍ରକଟ କରିଛନ୍ତି ।

ମହାଦେବୀ ବର୍ମା, ପ୍ରକୃତିର ମାନବୀକରଣ କଲାବେଳକୁ ସ୍ଥିର ବିଶେଷରେ ପ୍ରକୃତିର ଉପାଦାନଗୁଡିକୁ ନେଇ ବିରାଟ ସତ୍ତାର ଚିତ୍ରଣ କରିବାକୁ ପଛେଇ ନାହାନ୍ତି । ଅନ୍ୟ ପକ୍ଷରେ କୁନ୍ତଳା କୁମାରୀଙ୍କ ପ୍ରକୃତିକୁ ବିରାଟ ସତ୍ତାର ଏକ ଅଂଶ ରୂପେ ହିଁ ସର୍ବତ୍ର ବର୍ଣ୍ଣନା କରିଛନ୍ତି ।

ମହାଦେବୀ ଓ କୁନ୍ତଳା କୁମାରୀଙ୍କ ପ୍ରକୃତି ଚିତ୍ରଣମୂଳକ କବିତାରେ ଆହୁରି ଏକ ବୈଷମ୍ୟ ଦୃଷ୍ଟିଗୋଚର ହୋଇଥାଏ । ତାହା ହେଉଛି, ମହାଦେବୀ ତାଙ୍କ କାବ୍ୟ କବିତାରେ ପ୍ରକୃତିର ଉଭୟ କୋମଳ ଓ ଉଗ୍ର ରୂପର ବର୍ଣ୍ଣନା କରିଥିବା ବେଳେ କୁନ୍ତଳା କୁମାରୀଙ୍କ ପ୍ରକୃତି ସର୍ବଦା ଶାଂତ, ଶୀତଳ ଓ ଅମୃତସ୍ରାବୀ । ଏହି ଦୁଇ କବି ଆଲମ୍ବନ ରୂପରେ ପ୍ରକୃତି ଚିତ୍ରଣ କଲାବେଳେ ଏହି ବୈଷମ୍ୟ ସ୍ପଷ୍ଟ ବାରି ହୋଇପଡିଛି । ତେବେ କୁନ୍ତଳାଙ୍କ ପାଇଁ ପ୍ରକୃତି ଏତେ ଭୀମ ଭୟଙ୍କର ନୁହେଁ । ତାହା ସବୁବେଳେ ଶାନ୍ତ ଓ କାନ୍ତ ।

ମହାଦେବୀ ଓ କୁନ୍ତଳା କୁମାରୀଙ୍କ କାବ୍ୟ କବିତା ମଧ୍ୟରେ ଅଭିବ୍ୟକ୍ତ ହୋଇଥିବା ପ୍ରକୃତି ଚିତ୍ରଣରେ ଆଉ ଏକ ବୈଷମ୍ୟ ଆମ ନଜରକୁ ଆସିଥାଏ । ସେହି ବୈଷମ୍ୟ ହେଉଛି, ଜଣେ କବି ପ୍ରକୃତି ଚିତ୍ରଣ ପରିପ୍ରେକ୍ଷୀରେ ଅଳଙ୍କରଣ ରୂପରେ ପ୍ରକୃତିର ଚିତ୍ର ଦେଖିବାକୁ ମିଳେ ନାହିଁ । ଏହି ପରିପ୍ରେକ୍ଷୀରେ ଅଳଙ୍କରଣ ରୂପରେ ପ୍ରକୃତି ଚିତ୍ରଣକୁ ବୁଝାଯାଇପାରେ । ଯେଉଁପରି ଭାବରେ ଅଧିକ ତୀବ୍ରତା ଓ ପ୍ରଭାବସ୍ଥତା ଆଣିବା ପାଇଁ କାବ୍ୟାଳଙ୍କାରର ପ୍ରୟୋଗ କରାଯାଇଥାଏ । ସେହିପରି ଅଭିବ୍ୟକ୍ତିର ସବଳତା ପାଇଁ ପ୍ରକୃତିର ଅଳଙ୍କାର ରୂପରେ ପ୍ରୟୋଗ ହୋଇଥାଏ । ମହାଦେବୀଙ୍କ ପ୍ରକୃତି ଚିତ୍ରଣମୂଳକ କେତେକ କବିତାରେ ଅଳଙ୍କରଣ ରୂପରେ ପ୍ରକୃତି ଚିତ୍ରଣର ଆଭାସ ମିଳିଥାଏ ।

ପ୍ରକୃତି ଚିତ୍ରଣମୂଳକ ଏହି ଦୁଇ କବିଙ୍କ କବିତାବଳୀକୁ ଅଧ୍ୟୟନ କଲେ ଆମେ ଆଉ ଏକ ବୈଷମ୍ୟ ଦେଖିବାକୁ ପାଇବା । ତାହା ହେଉଛି ପୃଷ୍ଠଭୂମି ରୂପର ପ୍ରକୃତି ଚିତ୍ରଣ । ଭାବାଭିବ୍ୟକ୍ତିକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ କବିମାନେ ପୃଷ୍ଠଭୂମି ରୂପରେ ପ୍ରକୃତି ଉପଯୋଗ କରିଥାନ୍ତି ଓ ଭାରତୀୟ କାବ୍ୟ ପରଂପରାରେ ଏହା ଏକ ସମୃଦ୍ଧ ବିଭବ । ଏହି ପରଂପରାରେ ମହାଦେବୀ ପ୍ରକୃତିକୁ ପୃଷ୍ଠଭୂମି ରୂପରେ ପ୍ରୟୋଗ କରିଛନ୍ତି, ତାଙ୍କର କାବ୍ୟ କବିତାରେ ।

ଉଭୟ ମହାଦେବୀ ଓ କୁନ୍ତଳା କୁମାରୀଙ୍କ ଏ ଧରଣର କବିତାରେ ଆଉ ଏକ ବୈଷମ୍ୟ ହେଉଛି ପ୍ରତୀକ ରୂପରେ ପ୍ରକୃତି ଚିତ୍ର । ଛାୟାଦେବୀ ହିନ୍ଦୀ କାବ୍ୟ କବିତାରେ ଏ ଧରଣର ଯଥେଷ୍ଟ ପ୍ରୟୋଗ ହୋଇଥିବା ହେତୁ ମହାଦେବୀ ସେହି କାବ୍ୟ ପରଂପରାରେ କବି ଭାବେ ନିଜ ଲେଖାରେ ଅନୁରୂପ ପ୍ରୟୋଗ କରିଛନ୍ତି । ଅପର ପକ୍ଷରେ କୁନ୍ତଳା କୁମାରୀ ପ୍ରତୀକ ରୂପରେ ପ୍ରକୃତି ଚିତ୍ରଣ ମହାଦେବୀଙ୍କ ଅନୁରୂପ କରିନାହାନ୍ତି । ମହାଦେବୀ ତାଙ୍କର ଅଧିକାଂଶ ପ୍ରତୀକ ପ୍ରକୃତିରୁ ନେଇଛନ୍ତି । ଏପରିକି ସେ ପ୍ରକୃତି ମାଧ୍ୟମରେ ନିଜ ବ୍ୟକ୍ତିତ୍ୱର ସ୍ପଷ୍ଟୀକରଣ ମଧ୍ୟ କେତେକ କବିତାରେ ଦେଇଛନ୍ତି ।

ଏହି ଦୁଇ କବିଙ୍କ ପ୍ରକୃତି ଚିତ୍ରଣମୂଳକ କାବ୍ୟ କବିତାରେ ଆଉ ଏକ ବୈଷମ୍ୟ ମଧ୍ୟ ଦୃଷ୍ଟିଗୋଚର ହୁଏ । ତାହା ହେଉଛି ଗୋଟିଏ ପକ୍ଷରେ ମହାଦେବୀଙ୍କ ପାଇଁ ପ୍ରକୃତିର ସୁଷମା ପ୍ରିୟତମଙ୍କ ସନ୍ଦେହ ବେଦନା ଏକ

ମାଧ୍ୟମ ରୂପେ ପ୍ରକଟିତ ହୋଇଛି । କୁନ୍ତଳା କୁମାରୀଙ୍କ ପାଇଁ କିନ୍ତୁ ପ୍ରକୃତି ସେଭଳି ମାଧ୍ୟମ ନୁହେଁ । ଏହା ବିରାଟ ସତ୍ତାଙ୍କ ଅନ୍ୱେଷାର ଏକ ସୁମଧୁର ମାଧ୍ୟମ । ଆହୁରି ମଧ୍ୟ ମହାଦେବୀଙ୍କ ପାଇଁ ପ୍ରକୃତି ତାଙ୍କ ଅନୁଭୂତିର ଏକ ଅଂଶ ହୋଇଥିବା ବେଳେ କୁନ୍ତଳାଙ୍କ ପାଇଁ ଏହା ତାଙ୍କ ଅନୁଭୂତି ନୁହେଁ, ତାଙ୍କ ଆରାଧନାର ଏକ ଅଂଶ ।

କୁନ୍ତଳାଙ୍କ ପାଇଁ ପ୍ରକୃତି ହେଉଛି ମଣିଷର ଅଭ୍ୟନ୍ତରୀଣ ଜଗତକୁ ଚିହ୍ନି ଚିହ୍ନାଇବାର ଏକ ମାଧ୍ୟମ । ପ୍ରକୃତି ଭିତରେ ଇପ୍‌ସିତ ସତ୍ତାକୁ ଠାବ କରିବା ପାଇଁ କୁନ୍ତଳା କୁମାରୀ ବ୍ୟଗ୍ର ହୋଇ ଉଠିଲାବେଳେ ମହାଦେବୀଙ୍କ ପାଇଁ ପ୍ରକୃତି ହେଉଛି ଶୃଙ୍ଗାରର ବସ୍ତୁ, ପ୍ରିୟତମ ସଂକେତ ବହନକାରୀ ଉଭୟ କବିଙ୍କ ପାଇଁ ପ୍ରକୃତି ହେଉଛି ମାନବିକ ଆତ୍ମାର ଛାୟା ବ୍ରହ୍ମର ଛାୟା । ମଣିଷ ଜୀବନର ଅପରିହାର୍ଯ୍ୟ ଅଂଗ ବିଶେଷ । ଏହି କବିଦ୍ୱୟ ସମପରିମାଣରେ ପ୍ରକୃତିର ଉପାସିକା ହୋଇଥିଲେ ହେଁ ପ୍ରକୃତିକ ବିଭିନ୍ନ ବାଗରେ ଦେଖିବାର ଦୃଷ୍ଟିଭଙ୍ଗୀ ସଂପର୍କରେ ଆଲୋଚନା କଲେ ଜଣାପଡେ ଉଭୟଙ୍କ ଦୃଷ୍ଟିରେ ସ୍ଥଳ ବିଶେଷର ପ୍ରକୃତି ଏକ ପ୍ରକାର ନୁହେଁ । ମହାଦେବୀ ବର୍ମା ଅସୀମସତ୍ତାଙ୍କ ଆଡକୁ ଅଗ୍ରସର ହେବା ସମୟରେ ପ୍ରକୃତିର ପ୍ରତିଟି ଅଣୁ ପରମାଣୁ ସହ ପରିଚିତ ହେବାକୁ ଚାହିଁଛନ୍ତି । ଅନ୍ୟ ପକ୍ଷରେ କୁନ୍ତଳା କୁମାରୀ ଏକ ନିର୍ଦ୍ଦିଷ୍ଟ ବଳୟ ଭିତରେ ଆତ୍ମମଗ୍ନ ହୋଇ ତା'ରି ଭିତରେ ପରମ ସତ୍ତାକୁ ଠାବ କରିଛନ୍ତି କିମ୍ବା ପ୍ରକୃତି ସହ ନିଜ ଜୀବନର ଅନ୍ତଃ ସଂପର୍କରେ ଅନ୍ୱେଷଣ କରିଛନ୍ତି । ପ୍ରକୃତି ବର୍ଣ୍ଣନାରେ ମହାଦେବୀଙ୍କ ଦୃଷ୍ଟି ଗଭୀର ବିଶାଳ । ଅନ୍ୟ ପକ୍ଷର କୁନ୍ତଳା କୁମାରୀ ପ୍ରକୃତିରେ ଏକ ବିନ୍ଦୁ ଆତ୍ମବିମୁଗ୍ଧା ହୋଇଛନ୍ତି । ମହାଦେବୀଙ୍କ ପାଇଁ ପ୍ରକୃତି ଏକ ମାଧ୍ୟମ । ଏକ ଅବଲମ୍ବନ; ଅନ୍ୟ ପକ୍ଷରେ କୁନ୍ତଳା କୁମାରୀଙ୍କ ପାଇଁ ପ୍ରକୃତି, ନିଜଠୁ ଭିନ୍ନ ଏକ ସତ୍ତା ନୁହେଁ ।

ମହାଦେବୀ ଏକ ପକ୍ଷରେ ପ୍ରକୃତି ଭିତରେ ଏକ ବିରାଟ ସତ୍ତାଙ୍କର ଛାୟାକୁ ଦେଖିଛନ୍ତି, ପୁଣି ଅନ୍ୟପକ୍ଷରେ ନିଜର ଛାୟାକୁ ବି ଦେଖିଛନ୍ତି । ସେ ନିଜର ଏକ ରଚନାରେ ତାଙ୍କ ଛାୟାବାଦୀ କାବ୍ୟ କବିତା ସହ ପ୍ରକୃତିର ସଂପର୍କ ବିଷୟରେ ସ୍ପଷ୍ଟିକରଣ ଦେବାକୁ ଯାଇ ସେ ଏକ ସ୍ଥାନରେ ଲେଖିଛନ୍ତି: "ଛାୟାବାଦୀ କବିଏ ମନୁଷ୍ୟର ହୃଦୟ ଓ ପ୍ରକୃତିର ସେହି ସଂପର୍କକୁ ସଜୀବ କରି ଦେଇଛନ୍ତି ଯାହା କବିଏ ପ୍ରାଚୀନ କାଳରୁ ବିମ୍ବ-ପ୍ରତିବିମ୍ବ ରୂପରେ ଚାଲିଆସୁଥିଲା ଯାହାଦ୍ୱାରା ମନୁଷ୍ୟକୁ ନିଜ ଦୁଃଖରେ ପ୍ରକୃତି ଉଦାମ ଓ ସୁଖରେ ପୁଲକିତ ଜଣାପଡୁଥିଲା । ଛାୟାବାଦର ପ୍ରକୃତି ଘଟ, କୂପ ଆଦିରେ ଭରା ହୋଇଥିବା ଜଳର ଏକରୂପତା ଭଳି ଅନେକ ରୂପରେ ପ୍ରକଟ ହେଉଥିବା ଏକ ପ୍ରାଣ । ଅତଏବ୍, ଏବେ ମଣିଷ ଅଶ୍ରୁ ମେଘର ଜଳକଣା ଓ ପୃଥିବୀର କାକର ବିନ୍ଦୁର କାରଣ ଗୋଟିଏ, ମୂଲ୍ୟ ମଧ୍ୟ ଗୋଟିଏ । ପ୍ରକୃତିର ଲଘୁତୃଣ ଓ ମହାନ୍ ବୃକ୍ଷ କୋମଳ କଳିକା ଓ କଠୋର ଶିଳା ସମୂହ, ଅସ୍ଥିର ଜଳରାଶି ଓ ସ୍ଥିର ପର୍ବତ, ନିବିଡ ଅଂଧକାର ଓ ଉଜ୍ଜ୍ୱଳ ବିଦ୍ୟୁତରେଖା ମଣିଷର କ୍ଷୁଦ୍ରତା-ବିଶାଳତା କୋମଳତା କଠୋରତା, ଚଞ୍ଚଳତା-ନିଶ୍ଚଳତା ଓ ମୋହ-ଜ୍ଞାନ ବିରାଟର ପ୍ରତିବିମ୍ବ ରୂପେ ଗୋଟିଏ ବିରାଟ ସତ୍ତାକୁ ଉତ୍ପନ୍ନ ମନେହେଲା । ଯେତେବେଳେ ପ୍ରକୃତିର ବହୁରୂପତାରୁ ପରିବର୍ତ୍ତନଶୀଳ ବିଭିନ୍ନତାରେ କବି ଏଭଳି ତାରତମ୍ୟ ଖୋଳିବାର ପ୍ରୟାସ କଲା ଯାହାର ଏକ ପକ୍ଷ କୌଣସି ଅସୀମ ଚେତନା ଓ ଅନ୍ୟ ପକ୍ଷ ତା'ର ଅସୀମ ହୃଦୟରେ ବୁଡି ରହିଥିଲା, ସେତେବେଳେ ପ୍ରକୃତିର ଏକ ଏକ ଅଂଶ ଏକ ଅଲୌକିକ ବ୍ୟକ୍ତିତ୍ୱକୁ ନେଇ ସଜାଗ ହୋଇଉଠିଲା ।

ଅନ୍ୟ ପକ୍ଷରେ କୁନ୍ତଳା କୁମାରୀ ପ୍ରକୃତିର ଦର୍ଶନ ବିମୁଗ୍ଧ ହୋଇ ସୃଷ୍ଟି ଓ ରହସ୍ୟରେ ନିଜକୁ ହଜାଇ ଦେଇଛନ୍ତି । ସେ ମଧ ନିଜକୁ ପ୍ରକୃତି ସହିତ ତୁଳନା କରିଛନ୍ତି, ମହାଦେବୀଙ୍କ ଭଳି । ହେଲେ କୁନ୍ତଳା କୁମାରୀଙ୍କ ପାଇଁ ପ୍ରକୃତି ବିରାଟ ସତ୍ତା ନୁହେଁ । ଏହା ସେହି ବିରାଟ ସତ୍ତାଙ୍କ ଅନ୍ୱେଷାର ଏକ ମାଧମ । ପ୍ରକୃତି ଯେଉଁଭଳି ଏହି ସତ୍ତାଙ୍କ ନିର୍ଦ୍ଦେଶିତ ପଥର ଯାତ୍ରୀ ହୋଇଥାଏ, ଯେଉଁଭଳି ସତ୍ତାଙ୍କୁ ପାଇବ ପାଇଁ ନିଜକୁ ପ୍ରସ୍ତୁତ କରି ରଖିଥାଏ ତଥା ନିଜ ସୁଗୁଣାବଳୀ ଦ୍ୱାରା ବିଶାଳ ସତ୍ତାଙ୍କୁ ମର୍ମେ ମର୍ମେ ଅନୁଭବ କରିଥାଏ, ସେସବୁକୁ ପ୍ରକୃତି ଠାରୁ ଆହରଣ କରିବା କଥା କୁନ୍ତଳାଙ୍କ କାବ୍ୟ କବିତାରେ ଦେଖିବାକୁ ମିଳେ । କୁନ୍ତଳା କୁମାରୀଙ୍କ ଶେଫାଳୀ ପ୍ରତି, ଚନ୍ଦ୍ର ପ୍ରତି, କାମିନୀ, ତାରା ପ୍ରତି, ଇତ୍ୟାଦି କବିତାରେ ଏହାର ରାଶି ରାଶି ଉଦାହରଣ ମିଳେ ।

ଆତ୍ମା ଓ ବ୍ରହ୍ମର ମିଳନକୁ ଯଦି ଯୋଗ ବୋଲି କୁହାଯିବ, ତେବେ ମହାଦେବୀଙ୍କ ରହସ୍ୟବାଦଧର୍ମୀ କାବ୍ୟକବିତା ଅନୁଯାତ୍ରୀ, ତାହା ହେଉଛି ଭାବଯୋଗ । ଯେ ହୃଦୟ ଭାବନା ଆଧାରରେ ସେହି ପ୍ରିୟମତଙ୍କୁ ପ୍ରତ୍ୟକ୍ଷ କରିବାରେ କାମନା କରିଛନ୍ତି ଓ ତା'ରି ମାଧ୍ୟମରେ ସିଦ୍ଧିର ଅଭିଳାଷ ରଖିଛନ୍ତି । ସେ ସେହି ବ୍ରହ୍ମଙ୍କୁ ଜଗତର ମାଦ୍ୟମରେ ପାଇବାର ଆଶା ରଖିଛନ୍ତି । କୁନ୍ତଳା କୁମାରୀ କିନ୍ତୁ ଭାବଯୋଗୀ ନୁହନ୍ତି, ସେ ଅନେକତ୍ର କର୍ମଯୋଗୀ । ସେ ଜଗତର ମାଧ୍ୟମରେ ବ୍ରହ୍ମଙ୍କୁ ପାଇବାର କାମନା କରିନାହାନ୍ତି ବରଂ ନିଜ ମାଧ୍ୟମରେ ବ୍ରହ୍ମଙ୍କୁ ଉପଲବ୍‌ଧ କରିବା ବିଷୟ ଉତ୍‌ଥାପିତ କରିଛନ୍ତି ।

ରହସ୍ୟବାଦ ଆତ୍ମା-ପରମାତ୍ମାର ପାରସ୍ପରିକ ପ୍ରଣାୟାନୁଭୂତିକୁ କୁହାଯାଇଥାଏ । ଏହି ଦୃଷ୍ଟିରୁ ଦେଖିଲେ । ମହାଦେବୀଙ୍କ ରଚନାରେ ବହ୍ମ ବା କବିଙ୍କ ଅଭିଳାଷିତ ପ୍ରିୟତମଙ୍କ ପ୍ରତି ଆତ୍ମ-ନିବେଦନ ଭାବ ଦେଖିବାକୁ ମିଳେ । କବିଙ୍କ ପାଇଁ ଏହି ବ୍ରହ୍ମ ହିଁ ସୃଷ୍ଟିକର୍ତ୍ତା ଓ କବିଙ୍କ ପରମପୁରୁଷ । ମହାଦେବୀଙ୍କ ଏହି ପ୍ରେମୀ ଅନନ୍ତ ମହିମାମୟ ଓ ଅନନ୍ତ କରୁଣାମୟ ହେବା ସହ ଅନନ୍ତ ସୁଷମାମୟ ବି ଅଟନ୍ତି । ସେ ପରମ ସୁଂଦର, କାରଣ ସମଗ୍ର ସୃଷ୍ଟି ତାଙ୍କ ସୌନ୍ଦର୍ଯ୍ୟ ଛାୟାମାତ୍ର ଅଟେ । କବିଙ୍କ ହୃଦୟ ଏଥି ପାଇଁ ସଦା ବ୍ୟାକୁଳ । ସେ ପ୍ରକୃତିରେ ତାଙ୍କ ରୂପର ଛାୟାକୁ ଦେଖନ୍ତି ତାଙ୍କର ପ୍ରତୀକ୍ଷା କରନ୍ତି । ତାଙ୍କୁ ପ୍ରିୟବୋଲି ବି ସମ୍ବୋଧନ କରନ୍ତି ଓ ନିଷ୍ଠୁର ବୋଲି ମଧ୍ୟ । ତେବେ କୁନ୍ତଳା କୁମାରୀଙ୍କ ପ୍ରିୟତମା ପୁରୁଷ (ବ୍ରହ୍ମ) ନିଷ୍ଠୁର ନୁହନ୍ତି । ସେ ବିରାଟ ଓ ସୁନ୍ଦର । କାରଣ ଆଲୋଚକମାନଙ୍କ ମତରେ କୁନ୍ତଳାକୁମାରୀଙ୍କ ରହସ୍ୟବାଦ ଧର୍ମୀ କବିତାଗୁଡିକ ତାଙ୍କ ଲୌକିକ ପ୍ରେମାନୁଭୂତିର ଉଦାତ୍ତୀକରଣର ପ୍ରୟାସ ।

ମହାଦେବୀଙ୍କ ରହସ୍ୟବାଦ କବିତାରେ ଆତ୍ମା, ପରମାତ୍ମାଙ୍କ ଗୁଣାବଳୀର ପ୍ରତିନିଧିତ୍ୱ କରୁଥିବା ତାଙ୍କର ଏକ ଅଂଶ । ଏହାକୁ ପ୍ରତୀକାତ୍ମକ ଭାବେ ମହାଦେବୀ ପରମାତ୍ମାଙ୍କୁ ପରମାତ୍ମାଙ୍କୁ ସାଗର ଚନ୍ଦ୍ରସହ ତଥା ଆତ୍ମାକୁ (ନିଜକୁ) ଯଥାକ୍ରମେ ଢ଼େଉ ଓ ଜୋସ୍ନା ସହ ତୁଳନା କରିଛନ୍ତି । ଅପର ପକ୍ଷର କୁନ୍ତଳା କୁମାରୀ ଭାବରାଜ୍ୟରେ ସେହି ସତ୍ତା (ପରମାତ୍ମା) ଙ୍କର ପ୍ରେମର ଆନନ୍ଦ ଚାହାନ୍ତି । ଏହି ଆନନ୍ଦ ଜନିତ ବ୍ୟଥାପାଇବାର ବ୍ୟଥା) ହିଁ ତାଙ୍କର ପ୍ରେମର ଆଧ୍ୟାତ୍ମ୍ୟରୂପ ଅନ୍ୱେଷଣ । ଏଥିରେ ଭଗବାନ୍ ଓ ଲୌକିକ ପ୍ରେମ-ସ୍ୱରୂପ ଅନେକତ୍ର ଅଭିନ୍ନ ମନେହୁଏ । ସେ  ମହାଦେବୀଙ୍କ ଭଳି ଏକ ବିରାଟ ସତ୍ତାର ଅଂଶୀଦାର । (କ୍ଷୁଦ୍ରତା ସତ୍ତ୍ୱେ ଏହା କିନ୍ତୁ ତାଙ୍କ ପ୍ରେମର ପ୍ରତ୍ୟୟ-ଭିତ୍ତି ରୂପେ ଉପସ୍ଥାପିତ । ସେ ସବୁବେଳେ ଆରାଧିକା ।)

ଅନ୍ୟ ରହସ୍ୟବାଦୀ କବିମାନଙ୍କ ଭଳି କୁନ୍ତଳା କୁମାରୀ ଓ ମହାଦେବୀଙ୍କ କବିତାରେ ମଧ୍ୟ ଦୁଃଖବାଦର ପ୍ରାଧାନ୍ୟ ଦେଖିବାକୁ ମିଳେ । ମହାଦେବୀଙ୍କ କବିତାର ପ୍ରତି ପଂକ୍ତିରେ 'ରୋଦନ' ଅଛି ବୋଲି କେତେକ ସମାଲୋଚକ ମତପ୍ରକାଶ କରିଥାନ୍ତି । ଏହାର କାରଣ ହେଉଛି ଆଧ୍ୟାତ୍ମିକ ଅସନ୍ତୋଷ ମହାଦେବୀଙ୍କ ଦୁଃଖବାଦ ତେଣୁ ଆଧ୍ୟାତ୍ମିକ । ଦର୍ଶନର ଗଭୀର ଆଧ୍ୟୟନ, ସ୍ତ୍ରୀ,-ସ୍ୱଭାବ ଓ ସାହିତ୍ୟକ-ପରଂପରା ମହାଦେବୀଙ୍କୁ ଆଧ୍ୟାତ୍ମିକ ଦୁଃଖବାଦୀ କରି ଗଢ଼ି ତୋଳିଛି । ତେଣୁ ତାଙ୍କ ରହସ୍ୟଧର୍ମୀ କାବ୍ୟ କବିତାରେ ପରମାତ୍ମାଙ୍କ ପ୍ରତି ଆକୁଳ ପ୍ରଣୟ ନିବେଦନ ଅଧିକ ମାତ୍ରରେ ସ୍ଥାନ ପାଇଛି । କବିଙ୍କ ଆତ୍ମା ଯେମିତି ଏହି ପୃଥିବୀରୁ ବିଯୁକ୍ତ ଜଣେ ପ୍ରଣୟିନୀର ଆତ୍ମା ।

ସନ୍ଥ କବୀଙ୍କର ପରି ମହାଦେବୀ ଆତ୍ମା ର ସାଧନାରେ ବିଶ୍ୱାସ ରଖିଛନ୍ତି । ଆତ୍ମା ନିଜ ଇଷ୍ଟ-ପ୍ରାପ୍ତି ପାଇଁ କଠିନ ସାଧନା କରିବା କଥା ସେ କହିଛନ୍ତି । ସେ ନିଜ ପାଇଁ ଜ୍ଞାନର ସୂକ୍ଷ୍ମତମ ପଥ ନିର୍ବାଚନ କରିଛନ୍ତି ତାଙ୍କ ସାଧନାର ମାର୍ଗ ବିବେକର ମାର୍ଗ । ସେ କୌଣସି ସ୍ଥୁଳପୂଜାରେ ବିଶ୍ୱାସ କରିନାହାନ୍ତି । ଅପର ପକ୍ଷରେ କୁନ୍ତଳାକୁମାରୀଙ୍କ ଲକ୍ଷ୍ୟ ଅଲକ୍ଷ୍ୟର ରୂପ ନିରନ୍ତର ଧ୍ୟାୟିବା କଥା କହିଛନ୍ତି ।

ମହାଦେବୀଙ୍କ ଭଳି କୁନ୍ତଳା କୁମାରୀ ନିରାଶାର କଥା ବେଶି କହିଛନ୍ତି ।

ମହାଦେବୀ ଅଦ୍ୱୈତବାଦୀ ଦର୍ଶନ ଦ୍ୱାରା ବିଶେଷ ପ୍ରଭାବିତ ହୋଇଥିବା ଅନୁମିତ ହୁଏ । ତାଙ୍କ ମତରେ ଏହି ଦୃଶ୍ୟମାନ ଜଗତ ହେଉଛି ମିଥ୍ୟା । ବ୍ରହ୍ମ ଅତିରିକ୍ତ ଆଉ କୌଣସି ବି ସତ୍ତାର ଉପସ୍ଥିତ ଅସମ୍ଭବ । ତାଙ୍କ ପାଇଁ ସାରା ଜଗତ ଭ୍ରମମୟ, ଯେଉଁଠି ମୃଗ୍ଧ-ମରୀଚିକା ମଣିଷକୁ ପ୍ରତାରିତ କରେ । ସାରା ସଂସାର ସ୍ୱପ୍ନପରି, ଯେଉଁ ସ୍ୱପ୍ନ ହେଉଛି କଳ୍ପନାର ହେତୁ । ଏହି ସ୍ୱପ୍ନକାଳକୁ ମହାଦେବୀ ଜାଗରଣ ମିଥ୍ୟାବୋଲି ଅଭିହିତ କରିଛନ୍ତି । କୁନ୍ତଳାକୁମାରୀଙ୍କ ପାଇଁ କିନ୍ତୁ ଜଗତ ମିଥ୍ୟାମୟ ନୁହେଁ । ଏହା ତାଙ୍କର ସାଧନାର କ୍ଷେତ୍ର, କର୍ମଭୂମି । ସଂସାର ସହ ଜଡିତ ରହି ତା'ରି ଭିତରେ ବ୍ରହ୍ମ ଅନ୍ୱେଷାର କଥା ସେ କହିଛନ୍ତି । ସେ ବୈରାଗ୍ୟ ନୁହନ୍ତି । ଅଦ୍ୱୈତ ଦର୍ଶନ ତାଙ୍କ ଜୀବନକୁ, ସାହିତ୍ୟ ସାଧନାକୁ ଏତେ ମାତ୍ରାରେ ପ୍ରଭାବିତ କରିନାହିଁ । ସେ ମଧ୍ୟ ବ୍ରହ୍ମଚାରିଣୀଙ୍କ ଭଳି ନିଜ କାବ୍ୟ କବିତାରେ ଏଭଳି ଦର୍ଶନକୁ ପ୍ରତିଷ୍ଠା କରିନାହାନ୍ତି, ଯେଉଁ ଦର୍ଶନ ଜଗତକୁ ଅସ୍ଥିର ଜଳ ବୁଦ୍ ବୁଦ୍ ବୋଲି ପ୍ରଚାର କରେ ।

ମହାଦେବୀ ଓ କୁନ୍ତଳା କୁମାରୀଙ୍କ କାବ୍ୟ କବିତାରେ ଦର୍ଶନ ସଂପର୍କରେ ଆଲୋଚନା କଲାବେଳେ ଆମେ ଆହୁରି ଏକ ବୈଷମ୍ୟ ପାଇବା । ତାହା ହେଉଛି ଦୁଃଖବାଦ କ୍ଷେତ୍ରରେ ବୈଷମ୍ୟ । ମହାଦେବୀ ବର୍ମାଙ୍କ ଅଧିକାଂଶ କବିତା ଦୁଃଖବାଦ ଦ୍ୱାରା ଓତପ୍ରୋତ । ଆମର ପ୍ରାଚୀନ ଦର୍ଶନ ଶାସ୍ତ୍ରଗୁଡିକ ଦୁଃଖରେ ଆଧାର ଶିଳା ମନେ କଲାପରି ମହାଦେବୀ ମଧ୍ୟ ଦୁଃଖବାଦକୁ ଗଭୀର ଭାବେ ଅଭିବ୍ୟକ୍ତ କରିଛନ୍ତି । ତାଙ୍କ ପାଇଁ ଦୁଃଖ ଓ ସୁଖ ମଣିଷ ସକାଶେ ଛାଇ ଓ ଖରାର ଖେଳ ପରି । ତେବେ ସୁଖ ଅପେକ୍ଷା ଦୁଃଖ ତାଙ୍କର ଅଧିକ ପ୍ରିୟ । ତାଙ୍କ କବିତା ପଢ଼ିଲେ ଲାଗେ, ସେ ଯେମିତି ଦୁଃଖ ଆପଣେଇ ନେବାକୁ ଅଧିକ ପସଂଦ କରିଛନ୍ତି । ଅପରପକ୍ଷରେ କୁନ୍ତଳା କୁମାରୀଙ୍କ ପ୍ରକୃତି, ମଣିଷର ନଶ୍ୱରତାର କଥା ସୂଚାଇ ଦେଉଥିଲେ ହେଁ ତାହା କର୍ମପ୍ରେରଣା ମଧ୍ୟ ଦେଇଥାଏ । ସେଠାରେ ପ୍ରକୃତି କେବଳ ଦୁଃଖର କଥା କୁହେନାହିଁ । ଦୁଃଖ ତ ଚିରନ୍ତନ ।

ମହାଦେବୀ ସଂସାରର ନଶ୍ୱରତା ସହ ଜନ୍ମ ମରଣ ପ୍ରଶ୍ନ ସାଂସାରିକ ମୋହ ମାୟାର ସଂପର୍କରେ ମଧ୍ୟ ବିରାଟ ପ୍ରକଟ କରିଛନ୍ତି । ତେଣୁ ସେ ପାର୍ଥିବ ମିଳନର ମହତ୍ତ୍ୱ ବିଷୟ ଉତ୍‌ଥାପନ କରିନାହାନ୍ତି । ଏହି କାରଣରୁ ସର୍ବତ୍ର ଓ ବିରହ ମିଳନ ସଂପର୍କରେ କହିଲାବେଳେ ଆତ୍ମା ଓ ପରମାତ୍ମାଙ୍କ ମିଳନ ଓ ବିରହ ଆଣିଛନ୍ତି । ଯେଉଁଠି ବିରହର ଅନ୍ୟ ଏକ ସ୍ୱରୂପ ହେଉଛି ମିଳନ । ଅପରପକ୍ଷରେ କୁନ୍ତଳା କୁମାରୀ ଈପ୍‌ସିତ ପରମପୁରୁଷଙ୍କ ସହ ମୃତ୍ୟୁ ସମୟରେ ହେଲେ ହେଁ ମିଳନ ଯେ ହେବ, ସେହି ଆକାଂକ୍ଷା ରଖିଛନ୍ତି । ତାଙ୍କ ଉଦ୍ଦେଶ୍ୟରେ ନିଜକୁ ସମର୍ପିତ କରିବାକୁ ସେ ସାଂସାରିକ କର୍ମର ମାନ୍ୟତାର ଦେଇଛନ୍ତି । ବିଷାଦର ସ୍ୱର ସେଭଳି କବିତାରେ ଥିଲେ ହେଁ ତା'ରି ଭିତରେ ଆଶା ହରାଇବାର ସଙ୍କେତ ନାହିଁ ।

ପ୍ରେମର ଲକ୍ଷ୍ୟ ଉଭୟଙ୍କର ଏକା ନୁହେଁ । ମହାଦେବୀ ଓ କୁନ୍ତଳାକୁମାରୀ ଉଭୟ ସେମାନଙ୍କ ପ୍ରେମାନୁରାଗଧର୍ମୀ କବିତାରେ ସାଧିକା ଭଳି ମନେହୁଅନ୍ତି । ଦିହିଁଙ୍କ ହୃଦୟର ସଂପୂର୍ଣ୍ଣ ଅନୁରାଗକୁ ସେମାନେ ପରମାତ୍ମା (ପରମ ପୁରୁଷ) ଙ୍କ ଚରଣରେ ଅର୍ପଣ କରିବା କଥା କବିତାରେ ଉଲ୍ଲେଖ କରିଛନ୍ତି । ହିହିଁଙ୍କ ପ୍ରଣୟର ଦୀପଶିଖା ଅଶ୍ରୁକଣାରେ ସୁସଜ୍ଜିତ । ରଚନାରେ ଉଭୟେ ଅସାମାନ୍ୟ । ପ୍ରେମିକା ତେବେ ସେମାନଙ୍କ ମଧ୍ୟର କେତେକ ବୈଷମ୍ୟ ମଧ୍ୟ ରହିଛି । କୁନ୍ତଳା କୁମାରୀଙ୍କ ପ୍ରିୟତମ ସଗୁଣ ସାକାର ଭଳି ମନେହେଲାବେଳେ ମହାଦେବୀଙ୍କ ପ୍ରିୟତମ ସଗୁଣ ନିରାକାର ମନେହୁଅନ୍ତି । ମହାଦେବୀ ଉଗ୍ର ରହସ୍ୟାବାଦିନୀ ହେଲାବେଳକୁ କୁନ୍ତଳା କୁମାରୀ ସାମାନ୍ୟ ରହସ୍ୟବାଦିନୀ । ମହାଦେବୀଙ୍କ ଉପରେ ଅଦ୍ୱୈତ ଦର୍ଶନର ପ୍ରଭାବ ପଡିଥିଲା ବେଳେ କୁନ୍ତଳା କୁମାରୀ ସହଜ ଭକ୍ତ ପର୍ଯ୍ୟାୟର । ମହାଦେବୀ, କୁନ୍ତଳା କୁମାରୀଙ୍କଭଳି ସ୍ୱକେନ୍ଦ୍ରିତ ବା ଆତ୍ମଲୀନ ମନେହୁଅନ୍ତି ନାହିଁ । କ୍ଷଣଭଂଗୁର ଜୀବନ ସାର୍ଥକତା କର୍ତ୍ତବ୍ୟ କର୍ମରେ ନିହିତ ଥିବା ବିଷୟ କୁନ୍ତଳା କୁମାରୀ ବର୍ଣ୍ଣନା କଲାବେଳକୁ ମହାଦେବୀ କେବଳ ବେଦନାର କଥା ଉତ୍‌ଥାପନ କରିଛନ୍ତି ।

କୁନ୍ତଳା କୁମାରୀ ଓ ମହାଦେବୀଙ୍କ ପ୍ରଣୟ ଭାବନାରେ ମଧ୍ୟବୈଷମ୍ୟ ଦେଖିବାକୁ ମିଳେ । କୁନ୍ତଳା କୁମାରୀଙ୍କ କବିତାରେ ଆତ୍ମ ସମର୍ପଣ ଭାବନା ପ୍ରବଳ ମାତ୍ରାରେ ରହିଛି । ହେଲେ ମହାଦେବୀ ନିଜ ଗାନ ଯେତେ ଗାଇଛନ୍ତି, ସେତେ ବୈରାଗ୍ୟ ଭାବନା ତାଙ୍କ କବିତାରେ ପ୍ରକଟିତ ହୋଇଛି । କୁନ୍ତଳାକୁମାରୀଙ୍କ ରଚନା ବଳୀରେ ସେହିଭଳି ଆତ୍ମାନୁଭୂତି ତତ୍ତ୍ୱ ଅପେକ୍ଷାକୃତ ବସ୍ତୁତ ଭାବେ ସ୍ଥାନିତ ହୋଇଛି । ଏହାର ବିପରୀତ ଭାବରେ ମହାଦେବୀ ବ୍ରହ୍ମକୁ ପ୍ରାଣ ଚେତନା ପ୍ରଦାନ କରିବା ସତ୍ତ୍ୱେ କୁନ୍ତଳାଙ୍କ ଭଳି ଆତ୍ମୀୟତା ସହକାରେ ଗ୍ରହଣ କରି ନାହାନ୍ତି ।

ପ୍ରେମର ବେଦନା ସଂପର୍କରେ ପ୍ରକାଶ କଲାବେଳେ ମଧ୍ୟ ଉଭୟ କବି ଭିନ୍ନତା ପ୍ରଦର୍ଶନ କରିଛନ୍ତି । କୁନ୍ତଳା କୁମାରୀଙ୍କ କବିତାରେ ଲୌକିକ ପ୍ରେମଜନିତ ବେଦନା ଆଧ୍ୟାତ୍ମିକ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଅନ୍ୟପକ୍ଷରେ ମହାଦେବୀ ଲୌକିକ ବିଷାଦକୁ ହିଁ ଚିତ୍ରିତ କଲାଭଳି ମନେହୁଅନ୍ତି । ତେଣୁ କୁହାଯାଇ ପାରେ ଯେ ଉଭୟ କବିଙ୍କ କବିତାରେ ଯେତେ ସାମ୍ୟ ରହିଛି, ସେତିକି ବୈଷମ୍ୟ ମଧ୍ୟ ରହିଛି ।

## ୨.୧୦ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### (୧) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।

(କ) ମହାଦେବୀ ବର୍ମାଙ୍କର କାବ୍ୟିକ ମନୋଭୂମି ଉପରେ ଏକ ସାରଗର୍ଭକ ଆଲୋଚନା କର ।

(ଖ) ହିନ୍ଦୀ ସାହିତ୍ୟ ଜଗତକୁ ପରିମାଣାତ୍ମକ ଦୃଷ୍ଟିରୁ ନ ହେଲେ ହେଁ ଗୁଣାତ୍ମକ ଦୃଷ୍ଟିରୁ ମହାଦେବୀ ବର୍ମାଙ୍କ ଅବଦାନ ନାନା କାରଣରୁ ଉଲ୍ଲେଖଯୋଗ୍ୟ-ସଯୁକ୍ତିକ ଆଲୋଚନା କର ।

(ଗ) ମହାଦେବୀ ବର୍ମାଙ୍କ ସ୍ୱଦେଶପ୍ରାଣତା ଓ ସଂସ୍କାରଶୀଳ ମନୋବୃତ୍ତିର ପରିଚୟ ତାଙ୍କ ରଚନା ଆଧାରରେ ଆଲୋଚନା କର ।

(ଘ) ଏକ ପ୍ରମୁଖ ଛାୟାବାଦୀ ଶିଳ୍ପୀ ମହାଦେବୀ ବର୍ମାଙ୍କର ମୂଲ୍ୟାଙ୍କନ କର ।

(ଙ) ବ୍ୟକ୍ତି ଜୀବନର ଉତ୍‌ଥାନ-ପତନ, ବ୍ୟଥା ଓ ବେପଥୁ, ଦ୍ୱନ୍ଦ୍ୱ ଓ ସଂଘର୍ଷ ମହାଦେବୀୟ କାବ୍ୟମାନସକୁ ଉର୍ଜସ୍ୱଳ କରିଛି - ସଦୃଷ୍ଟାନ୍ତ ଆଲୋଚନା କର ।

### (୨) କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ ।

(କ) କବିତା ଲେଖିବା ମହାଦେବୀ ବର୍ମାଙ୍କ ଜୀବନରେ ଏକାନ୍ତ ଆକସ୍ମିକ ଥିଲା କିପରି ?

(ଖ) ମହାଦେବୀ ବର୍ମାଙ୍କ ଶୈଶବାବସ୍ଥାର ସ୍ମୃତି ଗ୍ରନ୍ଥର ନାମ କ'ଣ ?

(ଗ) ମହାଦେବୀ ବର୍ମାଙ୍କ କବିତାଗ୍ରନ୍ଥ 'ସପ୍ତବର୍ଣ୍ଣା' କାହାକୁ କେଉଁ ଅବସରରେ ଉତ୍ସର୍ଗ କରାଯାଇଥିଲା ?

(ଘ) 'ସନ୍ଧିନୀ' କବିତାଗ୍ରନ୍ଥରେ କେତୋଟି କବିତା ସ୍ଥାନ ପାଇଛି ?

(ଙ) କେଉଁ ପ୍ରବନ୍ଧ ପାଇଁ ମହାଦେବୀ ବର୍ମା ଉତ୍ତରପ୍ରଦେଶ ସରକାରଙ୍କଠାରୁ ପୁରସ୍କୃତ ହୋଇଥିଲେ ?

(ଚ) ମହାଦେବୀ ବର୍ମା ଲେଖିଥିବା ନାଟକର ନାମ କ'ଣ ?

(ଛ) ହିନ୍ଦୀ ସାହିତ୍ୟକୁ ମହାଦେବୀ ବର୍ମାଙ୍କ ଅବଦାନକୁ କେତେ ଭାଗରେ ବିଭକ୍ତ କରାଯାଇପାରେ ?

(ଜ) 'ଦୀପଶିଖା' କବିତାଗ୍ରନ୍ଥରେ କବି ଜୀବନର କ'ଣ ଅଭିବ୍ୟକ୍ତି ଲାଭ କରିଛି ?

## ୨.୧୧ ସହାୟକ ଗ୍ରନ୍ଥସୂଚୀ


- ମହାଦେବୀଙ୍କ ସାମଗ୍ରିକ ରଚନାବଳୀ, ମହାଦେବୀ (ଆଲୋଚନାତ୍ମକ ଅଧ୍ୟୟନ) ଲେଖକ:ଡଃ ରାଜେଶ୍ୱର ପ୍ରସାଦ ଚତୁର୍ବେଦୀ
- ୟାମା, ଅପନୀବାତ୍ - ଲେଖିକା- ମହାଦେବୀ ବର୍ମା


❑❑❑